ପୃଷ୍ଠା–୮+୮

48

# ଧରିତ୍ରୀ

DHARITRI

୪୮

ସମ୍ବଲପୁର, ବୁଧବାର, ଡିସେମ୍ବର ୧/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Wednesday, December 1/2021 | ★★

୧୭ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅମିଷାଙ୍କ ନାଁରେ ୱାରେଣ୍ଟ**

ଏକ ଚେକ୍ ବାଉନ୍ସ ମାମଲାରେ ବଲିଉଡ ଅଭିନେତ୍ରୀ ଅମିଷା ପଟେଲଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି ହୋଇଛି।

୦୭

୦୮

**୪ ଗୋଲ ସ୍କୋର କଲେ ଅବ୍ଦୁଲ**

ଆମେରିକା ବିପକ୍ଷ ଜୁନିୟର ହକି ବିଶ୍ୱକପ୍ ମ୍ୟାଚରେ ୪ ଗୋଲ୍ ସ୍କୋର କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ପାକିସ୍ତାନ ଅଧିନାୟକ ଅବଦୁଲ ରାଣା।



# ୪ରେ ସ୍ଥଳଭାଗ ଛୁଇଁପାରେ ‘ଜୱାଦ’

**ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ମଧ୍ୟରେ ମାଡ଼ ହେବ**



- **୩ରୁ ପ୍ରବଳ ବର୍ଷା, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**
- **ସମସ୍ତ ଜିଲାପାଳଙ୍କୁ ସଜାଗ କଲେ ଏସ୍ଆର୍‌ସି**

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ଦକ୍ଷିଣ ଥାଇଲାଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ବାୟୁମଣ୍ଡଳର ମଧ୍ୟଭାଗ ଯାଏ ବ୍ୟାପିଛି। ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏହା ଆଣ୍ଡାମାନ ସାଗରରେ ପ୍ରବେଶ କରିବ। ଏହା ପଶ୍ଚିମ–ଉତ୍ତର–ପଶ୍ଚିମ ଦିଗକୁ ଗତି କରିବା ସହିତ ଡିସେମ୍ବର ୨ ବେଳକୁ ଘନୀଭୂତ ହୋଇ ଅବପାତର ରୂପ ନେବ। ଫଳରେ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ବଙ୍ଗୋପସାଗରର ମଧ୍ୟ ଭାଗରେ ଏକ ବାତ୍ୟା (ଜୱାଦ)ର ରୂପ ନେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଉତ୍ତର–ପଶ୍ଚିମ ଦିଗକୁ ଗତି କରିବା ସହ ଆହୁରି ତୀବ୍ର ହେବ। ୪ତାରିଖ ବେଳକୁ ଉତ୍ତର ଆନ୍ଧ୍ରପ୍ରଦେଶ–ଓଡ଼ିଶା ଉପକୂଳରେ ବାତ୍ୟା ପହଞ୍ଚିବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମଧ୍ୟ ୪ତାରିଖ ସକାଳେ ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ସୂଚନା ଦେଇଛନ୍ତି।

ବାତ୍ୟା ପ୍ରଭାବରେ ୨ ତାରିଖ ବେଳକୁ ଦକ୍ଷିଣ–ପୂର୍ବ ଏବଂ ତତ୍‌ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ପବନ ଘଣ୍ଟା ପ୍ରତି ୫୦ରୁ ୭୦କିମି ପର୍ଯ୍ୟନ୍ତ ବହିବାର ସମ୍ଭାବନା ରହିଛି। ୩ ତାରିଖ ଭୋର ପରଠାରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣି ପବନ ବୃଦ୍ଧି ପାଇ ଘଣ୍ଟା ପ୍ରତି ୬୫ରୁ ୭୫ କି.ମି. ତଥା ଝଟକା ପବନ ୮୫କିମି ବେଗରେ ବହିବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା ଆହୁରି ବୃଦ୍ଧି ପାଇଁ ୪ ତାରିଖ ସକାଳୁ ପରବର୍ତ୍ତୀ ୨୪ଘଣ୍ଟା ଯାଏ ଉତ୍ତର–ପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘଣ୍ଟା ପ୍ରତି ୯୦ରୁ ୧୦୦କିମି ତଥା ଝଟକା ପବନ ୧୧୦ ପର୍ଯ୍ୟନ୍ତ ବହିପାରେ। ତେବେ ଉତ୍ତର ଆନ୍ଧ୍ରପ୍ରଦେଶ ତଥା ଓଡ଼ିଶା ଉପକୂଳରେ ୩ ତାରିଖ ମଧ୍ୟରାତ୍ରୀରୁ ପବନର ଘଣ୍ଟା ପ୍ରତି ବେଗ ୪୫ରୁ ୫୫କିମି ସର୍ବାଧିକ ୬୫କିମି ହୋଇପାରେ। ପବନ ଧୀରେ ଧୀରେ ବୃଦ୍ଧି ପାଇ ୪ ତାରିଖ ଅପରାହ୍ଣଠାରୁ ପରବର୍ତ୍ତୀ ୧୨ଘଣ୍ଟା ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୭୦ରୁ ୮୦କିମି ଏବଂ ସର୍ବାଧିକ ୯୦କିମି ବହିପାରେ ବୋଲି ପାଣିପାଗ ବିଭାଗ କହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ, ୩ରୁ ୫ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ। ୩ରେ ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୪ତାରିଖରେ ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେବେ ଗଞ୍ଜାମ, ପୁରୀ, ଜଗତସିଂହପୁରର କିଛି ଜାଗାରେ ଅତି ପ୍ରବଳ ☞ପୃଷ୍ଠା–୪

## କମ୍ ମୂଲ୍ୟରେ ଆନ୍ଧ୍ରକୁ ଧାନ ବିକିଲେ ଚାଷୀ



ଜମିରୁ ଚାଷୀମାନେ ଦରପାଚିଲା ଧାନ କାଟି ନେଉଛନ୍ତି।

ପାରଳାଖେମୁଣ୍ଡି,୩୦।୧୧(ଡି.ଏନ୍.ଏ.)

**ବାତ୍ୟା ଭୟ**

ସମ୍ଭାବ୍ୟ ବାତ୍ୟାକୁ ନେଇ ଗଜପତି ଜିଲାରେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଜମିରୁ ପାଚିଲା ଓ ଦର ପାଚିଲା ଧାନକୁ କାଟି ନେଇ ବିକି ଦେବାକୁ ବାଧ୍ୟ ହେଉଛନ୍ତି। ବିଳମ୍ବିତ ରାତିରେ ଆନ୍ଧ୍ର ଦଲାଲମାନେ ଆସି ଶାଗମାଛ ଦରରେ ତାହାକୁ କିଣି ନେଉଛନ୍ତି। ବିଲରେ ଧାନ ପଚିଶଢ଼ି ନଷ୍ଟ ହେବା ଅପେକ୍ଷା ଯାହାକିଛି ମିଳୁ ଧାନ ବିକିଦେବା ଭଲ ବୋଲି ଚାଷୀମାନେ କହୁଛନ୍ତି।

ଜିଲାରେ ଚଳିତଥର ଖରିଫ ଧାନ ଫସଲ ଭଲ ହୋଇଥିଲା। ଗତ ପ୍ରାୟ ୧୫ ଦିନ ତଳେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ ବିଶେଷ ପ୍ରଭାବିତ ହୋଇଥିଲା। ଗଛ ସବୁ ପଡ଼ିଯାଇ ପାଣିରେ ବୁଡ଼ି ରହିଥିଲା। ଏବେ ବି ଅଧିକାଂଶ ଜମିରୁ ପାଣି ନିଷ୍କାସନ ହୋଇ ନ ଥିବା ବେଳେ ପୁଣି ବାତ୍ୟା ଭୟ ଘାରିଛି। ଭଲ ଅମଳ କରି ଚାଷୀ ଦୁଇ ପଇସା ପାଇବେ ବୋଲି ଯେଉଁ ଆଶା ରଖିଥିଲେ ତାହା ମଉଳି ଯାଇଛି। ଜିଲାର ଭାତହାଣ୍ଡି ☞ପୃଷ୍ଠା–୪






## ପେନ୍‌ସନଭୋଗୀଙ୍କ ଲାଇଫ ସାର୍ଟିଫିକେଟ ଦାଖଲ ଅବଧି ୩୧ ଯାଏ ବୃଦ୍ଧି

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ମହାମାରୀକୁ ଦୃଷ୍ଟିରେ ରଖି ପେନ୍‌ସନଭୋଗୀଙ୍କ ବାର୍ଷିକ ଜୀବିତ ପ୍ରମାଣପତ୍ର (ଲାଇଫ୍ ସାର୍ଟିଫିକେଟ୍) ଦାଖଲ ଅବଧିକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିବର୍ଷ ପେନ୍‌ସନଭୋଗୀମାନେ ନଭେମ୍ବର ୩୦ ମଧ୍ୟରେ ଏହି ପ୍ରମାଣପତ୍ର ଦାଖଲ କରିବାର ନିୟମ ରହିଛି। ଏହାଛଡ଼ା ସେମାନଙ୍କୁ ବିବାହ କରି ନ ଥିବା, ପୁନର୍ବିବାହ ଓ ଅନ୍ୟତ୍ର ନିୟୋଜନ ସମ୍ବନ୍ଧୀୟ ଘୋଷଣାନାମା ଦେବାକୁ ପଡ଼ିଥାଏ। ରାଜ୍ୟ ସରକାର କୋଭିଡ୍–୧୯ର ପ୍ରଭାବ ବଳବତ୍ତର ରହିଥିବାରୁ ଏଭଳି ନିଷ୍ପତ୍ତି ନେଇଛନ୍ତି।

**ଆଜିର ସମ୍ପାଦକୀୟ**

**ଟୁଇଟରରେ ଅଗ୍ରୱାଲ**

## ଦଶମ ସମେଟିଭ-୧ ପରୀକ୍ଷା ତାରିଖ ଘୁଞ୍ଚିଲା

### ଜାନୁୟାରୀ ୫ରେ ହେବ ପରୀକ୍ଷା

**କଟକ ଅଫିସ, ୩୦।୧୧:** ଦଶମ ଶ୍ରେଣୀର ସମେଟିଭ-୧ ପରୀକ୍ଷା ତାରିଖ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଘୁଞ୍ଚାଯାଇଛି। ପୂର୍ବରୁ ଏହି ପରୀକ୍ଷା ଡିସେମ୍ବର ୨୭ରେ ହେବାକୁ ଥିବାବେଳେ ଏବେ ଏହାକୁ ଜାନୁୟାରୀ ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏନେଇ ସୋମବାର ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁୟାରୀ ୫ ତାରିଖରୁ ଏହି ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ୫ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଚତୁର୍ଥ ପେପର ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧.୧୫ ପର୍ଯ୍ୟନ୍ତ ପଞ୍ଚମ ପେପର ପରୀକ୍ଷା ହେବ। ସେହିପରି ୬ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସପ୍ତମ ପେପର ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ ପର୍ଯ୍ୟନ୍ତ ଅଷ୍ଟମ ପେପର, ୭ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ପେପର ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ ପର୍ଯ୍ୟନ୍ତ ତୃତୀୟ ପେପର ପରୀକ୍ଷା ହେବ। ଶେଷରେ ୮ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରଥମ ପେପର ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦ୍ୱିତୀୟ ପେପର ପରୀକ୍ଷା ଅନୁଷ୍ଠିତ ହେବ।

## ତଦନ୍ତ ତଦାରଖ କରିବେ ଅବସରପ୍ରାପ୍ତ ଜିଲାଜଜ୍

**ମମିତା ମେହେର ହତ୍ୟା ଘଟଣା**



କଟକ ଅଫିସ,୩୦।୧୧

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ତଦନ୍ତ ତଦାରଖ କରିବାକୁ ହାଇକୋର୍ଟ ମଙ୍ଗଳବାର ଅବସରପ୍ରାପ୍ତ ଜିଲାଜଜ୍ ଏ.ବି.ଏସ୍. ନାଇଡୁଙ୍କୁ ନିଯୁକ୍ତ କରିଛନ୍ତି। ଏନେଇ ଉଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ମମିତା ହତ୍ୟା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାର ତଦନ୍ତରେ ସ୍ୱଚ୍ଛତା ଆଣିବାକୁ ହାଇକୋର୍ଟର କାର୍ଯ୍ୟରତ ବା ଅବସରପ୍ରାପ୍ତ ବିଚାରପତି କିମ୍ବା ଜିଲାଜଜ୍‌ଙ୍କ ଦ୍ୱାରା ତଦନ୍ତ ତଦାରଖ କରିବାକୁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସରକାର ଉଚ୍ଚ ଅଦାଲତରେ ପୂର୍ବରୁ ଅନୁରୋଧ କରିଥିଲେ।

ଗତ ୧୮ତାରିଖରେ ହାଇକୋର୍ଟ ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମମିତା ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟା କେତେଦୂର ଅଗ୍ରଗତି ହୋଇଛି ଏବଂ କେତେ ଦିନ ମଧ୍ୟରେ ଶେଷ ହେବ ସେନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ, ଏହି ମାମଲାର ଦ୍ରୁତ ଶୁଣାଣି ଓ ଫାଷ୍ଟ ଟ୍ରାକ କୋର୍ଟରେ ବିଚାର କରିବା ପାଇଁ ଗତ ୧୫ ତାରିଖରେ ମମିତାଙ୍କ ପରିବାର ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ସେହିପରି ଏହି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ମଧ୍ୟ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଗୃହ ☞ପୃଷ୍ଠା–୪




**ସଚେତନ ଓ ସତର୍କ ରୁହ:** ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ମଙ୍ଗଳବାର ‘ବନ୍ଦେ ମାତରମ୍’ ସଙ୍ଗଠନ ପକ୍ଷରୁ ଏଡ୍‌ସ ଏବଂ କରୋନା ସମ୍ପର୍କରେ ସଚେତନ କରାଯାଉଛି।

## ଚିକିତ୍ସା ପାଇଁ ଜମିବାଡ଼ି ବିକୁଛନ୍ତି କିଡ୍‌ନୀ ରୋଗୀ

- **ସୁବର୍ଣ୍ଣପୁର ଜିଲାରେ ନାହିଁ ଡାଏଲିସିସ୍ ସେଣ୍ଟର**
- **୫ମାସ ହେଲା ରୋଗୀଙ୍କୁ ମିଳୁନି ମାଗଣା ଔଷଧ**
- **ମାସିକ ୫ହଜାର ଟଙ୍କାରେ ବାହାରୁ ଔଷଧ କିଣୁଛନ୍ତି ରୋଗୀ**

ସୋନପୁର,୩୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର କିଡ୍‌ନୀ ରୋଗୀଙ୍କ ପାଇଁ ସରକାର ଆଖି ବୁଜି ଦେଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ଡାଏଲିସିସ୍ ସେଣ୍ଟର ସ୍ଥାପନ ହୋଇପାରିନି। ଗତ ୫ମାସ ହେଲା ରୋଗୀଙ୍କୁ ମିଳୁଥିବା ସରକାରଙ୍କ ମାଗଣା ଔଷଧ ବନ୍ଦ। ରୋଗୀ ହସ୍ପିଟାଲର ନିରାମୟ କେନ୍ଦ୍ରକୁ ଆସି ଔଷଧ ନ ପାଇ ଫେରୁଛନ୍ତି। ଗରିବ ଶ୍ରେଣୀର ରୋଗୀ ଚିକିତ୍ସା ଓ ଔଷଧ ସୁବିଧା ନ ପାଇ ମୃତ୍ୟୁମୁଖରେ ପଡୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ଡାକ୍ତରଖାନାରେ ନିରାମୟ ଯୋଜନାରେ ମାଗଣରେ ଔଷଧ ମିଳୁଥିବା ଓ କିଡ୍‌ନୀ ରୋଗୀଙ୍କୁ ମାଗଣାରେ ଡାଏଲିସିସ୍ କରାଯାଉଥିବା କୁହାଯାଉଛି। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କିଡ୍‌ନୀ ରୋଗୀଙ୍କୁ ମାସିକ ୫ ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବାକୁ ପଡୁଛି। ବାହାରେ ଡାଏଲିସିସ କରିବା ପାଇଁ ବହୁଳ ଖର୍ଚ୍ଚ ହେଉଥିବାରୁ ରୋଗୀଙ୍କୁ ଜମିବାଡି ବିକ୍ରି କରିବାକୁ ପଡୁଛି।




ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନିରାମୟ କେନ୍ଦ୍ର।

ଏହିଭଳି ଦେଖିବାକୁ ମିଳିଛି ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗାଁରେ। ଗାଁର ବସନ୍ତ ପାଣିଗ୍ରାହୀଙ୍କ ପୁଅ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ(୨୮)କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଠାରେ ଚିକିତ୍ସା ସୁବିଧା ନଥିବାରୁ ଜମି ବିକ୍ରି କରି ସେହି ଅର୍ଥରେ ବାହାରେ ପୁଅର ଚିକିତ୍ସା କରୁଥିଲେ। ହେଲେ ୨୦୨୧ ମାର୍ଚ୍ଚରେ ପୁଅର ମୃତ୍ୟୁ ହୋଇଯାଇଥିବା ବସନ୍ତ କହିଛନ୍ତି। ସେହିପରି ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ବୁଢୁଖମନ ଗାଁର ଅଭିରାମ ପ୍ରଧାନ(୪୫) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ଚିକିତ୍ସା ଖର୍ଚ୍ଚ ପାଇଁ ☞ପୃଷ୍ଠା–୪

## ୭୭ ଲକ୍ଷଙ୍କ ଏଡ୍‌ସରେ ମୃତ୍ୟୁ ଆଶଙ୍କା

- **ବିଶ୍ୱରେ ୩ କୋଟି ୮୦ ଲକ୍ଷ ସଂକ୍ରମିତ**
- **ଚିକିତ୍ସାକୁ ପ୍ରଭାବିତ କରିଛି କରୋନା**

ଜେନେଭା, ୩୦।୧୧

ଏଚ୍‌ଆଇଭି ବିଶ୍ୱସ୍ତରୀୟ ପ୍ରମୁଖ ସ୍ୱାସ୍ଥ୍ୟ ସଙ୍କଟ ପାଲଟିଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୭୭ ଲକ୍ଷ ଲୋକଙ୍କ ଏଡ୍‌ସ କିମ୍ବା ଏହାଜନିତ ରୋଗରେ ମୃତ୍ୟୁ ହେବାର ଆଶଙ୍କା ରହିଛି ବୋଲି ଏଚ୍‌ଆଇଭି ଏବଂ ଏଡ୍‌ସ (ୟୁଏନ୍ଏଡ୍‌ସ) ଉପରେ ଜାତିସଂଘ ପ୍ରୋଗ୍ରାମର ଏକ ରିପୋର୍ଟ ପ୍ରକାଶ ପାଇଛି। ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଥିବାବେଳେ ଏହି ବୈଶ୍ୱିକ ସଙ୍ଗଠନ ଏଭଳି ଚେତାବନୀ ଦେଇଛି।

ଏଚ୍‌ଆଇଭିର ଶିକାର ହୋଇ ଏ ପର୍ଯ୍ୟନ୍ତ ବିଶ୍ୱରେ ୩ କୋଟି ୬୬ ଲକ୍ଷ ଲୋକଙ୍କ ଜୀବନ ଯାଇଛି। କେବଳ ୨୦୨୦ରେ ପ୍ରାୟ ୬ ଲକ୍ଷ ୮୦ ହଜାର ଲୋକ ଏଚ୍‌ଆଇଭି ଏବଂ ଏ ସଂକ୍ରାନ୍ତ ରୋଗ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିବାବେଳେ ୧୫ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ବିଶ୍ୱରେ ପ୍ରାୟ ୩ କୋଟି ୮୦ ଲକ୍ଷ ଜଣ ଏଚ୍‌ଆଇଭି ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏଡ୍‌ସ ମଧ୍ୟ ଏକ ମହାମାରୀ ଏବଂ ଏହାକୁ ରୋକିବାକୁ ହୋଇଥିବା



ଯୋଜନା ସବୁ ଦିଶାହରା ହୋଇଛି। ଏହା କୋଭିଡ୍‌ଠାରୁ ମଧ୍ୟ ଭୟଙ୍କର ରୂପ ନେବାରେ ଲାଗିଛି। କରୋନା ଆସିବା ପରଠାରୁ ଏଡ୍‌ସ ଆକ୍ରାନ୍ତଙ୍କୁ ଅଣଦେଖା କରାଯିବା ସହ ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯିବାରେ ଅବହେଳା କରାଯାଉଛି। ବହୁ କମ୍ ସଂଖ୍ୟାରେ ଏଡ୍‌ସ ଆକ୍ରାନ୍ତ ଉପଯୁକ୍ତ ଚିକିତ୍ସା ପାଉଛନ୍ତି। ୧୩୦ ଦେଶରେ ଏଚ୍‌ଆଇଭି ଚିକିତ୍ସା ନିମନ୍ତେ ଆକ୍ରାନ୍ତଙ୍କ ନିକଟରେ ଡ୍ରଗ୍ସ ସେବା ୬୫ ପ୍ରତିଶତ ବାଧାପ୍ରାପ୍ତ ହୋଇଛି। ତେବେ କେତେକ ଦେଶରେ ଏଡ୍‌ସ ବିରୋଧୀ ଅଭିଯାନ ଅନେକାଂଶରେ ☞ପୃଷ୍ଠା–୪

## ଏମ୍ଭି-୭ ଗ୍ରାମରେ ଭାଲୁ ଆତଙ୍କ | ରାତି ହେଲେ ଘରେ ପଶିବାକୁ କରୁଛି ଉଦ୍ୟମ

**ମାଲକାନଗିରି,୩୦।୧୧ (ଡି.ଏନ୍.ଏ.)**

ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ରାତି ହେଲେ ଆଖପାଖ ଅଞ୍ଚଳରେ ଭାଲୁ ବୁଲୁଛି। ଘର ଉପରେ ଚଢି ଟିଣ ଭାଙ୍ଗି ଘର ଭିତରେ ପଶିବାକୁ ଉଦ୍ୟମ କରୁଛି। ଫଳରେ ଭାଲୁ ଭୟରେ ସନ୍ଧ୍ୟା ନ ହେଉଣୁ ଜନଶୂନ୍ୟ ହୋଇପଡୁଛି ଅଞ୍ଚଳ। ଏହା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ତମସା ପଞ୍ଚାୟତ ଏମଭି-୭ ଗ୍ରାମରେ। ଦୁଇଟି ଜଙ୍ଗଲି ଭାଲୁ ଉକ୍ତ ଅଞ୍ଚଳକୁ ଆସି ଆତଙ୍କ ଖେଳାଇଛନ୍ତି। ନିକଟସ୍ଥ ଜଙ୍ଗଲରୁ ଭାଲୁ ଦୁଇଟି ସନ୍ଧ୍ୟା ହେଲେ ଗ୍ରାମରେ ପଶି ଅନେକ ଲୋକଙ୍କ ଘର କାନ୍ଥ ଭାଙ୍ଗିବା ସହ ସହ ଘର ଉପରେ ଚଢି ଛପର ଭାଙ୍ଗି ଘର ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଏପରି କି ଲୋକେ ଘର ବାହାରେ ରଖିଥିବା କାର,ବାଇକ୍ ଉପରେ ଭାଲୁ ଚଢି ସେଗୁଡିକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଜଣାପଡିଛି। ଗାଡିମୋଟରରେ ଯାତାୟାତ କରୁଥିବା ଲୋକେ ମଧ୍ୟ ଭୟଭିତ ହୋଇପଡିଛନ୍ତି। ଜୟପୁରରୁ ମୋଟୁ ଏବଂ ଆନ୍ଧ୍ର ଓ ଛତିଶଗଡକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥରେ ଭାଲୁ ଭୟ ବଢିବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ଭାଲୁ ଏଭଳି ଗ୍ରାମମୁହାଁ ହେଉଥିବା ଅନୁମାନ କରାଯାଉଛି। ଭାଲୁକୁ କାବୁ କରିବାରେ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

## ଛିଣ୍ଡିଲା ବିଦ୍ୟୁତ୍ ତାର, ଘଣ୍ଟାଏ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

### ରେଳଫାଟକକୁ ଧକ୍କା ଦେଲା ମୁଢ଼ି ବୋଝେଇ ଭ୍ୟାନ

**ରୂପସା, ୩୦।୧୧(ଡି.ଏନ୍.ଏ.)**



ବିଭାଗ ପକ୍ଷରୁ ବିଦ୍ୟୁତ୍ ତାର ମରାମତି କରାଯାଉଛି।

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ରୂପସା ରେଳଷ୍ଟେଶନ ଉତ୍ତର କ୍ୟାବିନଠାରେ ପୁଣି ଦୁର୍ଘଟଣା ଘଟିଛି। ରେଳଫାଟକ ପଡୁଥିବା ବେଳେ ମଙ୍ଗଳବାର ଏକ ମୁଢ଼ି ବୋଝେଇ ପିକ୍ଅପ୍ ଭ୍ୟାନ୍ ଅତିକ୍ରମ କରି ଫାଟକକୁ ଧକ୍କା ଦେଇଥିଲା। ଫଳରେ ଫାଟକ ଭାଙ୍ଗିଯାଇଥିଲା। ଏହାସହ ବିଦ୍ୟୁତ ତାର ଛିଣ୍ଡି ପଡିବାରୁ ପ୍ରାୟ ୧ ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭୟରେ ଡ୍ରାଇଭର ପିକ୍ଅପ୍‌କୁ ରୂପସା ବସ୍‌ଷ୍ଟାଣ୍ଡ ଅଭିମୁଖେ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହି ରେଳପଥ ଦେଇ ଅଧିକ ଟ୍ରେନ ଚଳାଚଳ କରୁଥିବାରୁ କିଛି ସମୟ ଅନ୍ତରରେ ଫାଟକ ପଡୁଛି। ଫାଟକ ଥରେ ପଡ଼ିଲେ ୪୫ ମିନିଟ୍ ପର୍ଯ୍ୟନ୍ତ ରହୁଥିବାରୁ ରାସ୍ତାର ଉଭୟପାର୍ଶ୍ୱରେ ଯାନବାହନ ଜାମ୍ ହେଉଛି। ଦୀପାବଳି ବେଳେ ଏହି ଫାଟକକୁ ଏକ ପତ୍ର ବୋଝେଇ ଭ୍ୟାନ ଧକ୍କା ଦେଇ ଆର୍‌ପିଏଫ୍ ଥାନା ପୋଲିସ ହାତରେ ଧରାପଡ଼ିଥିଲା। ଏହି ରାସ୍ତା ମୟୂରଭଞ୍ଜ ୧୮ ନମ୍ବର ଜାତୀୟ ରାଜପଥଠାରୁ ବାଲେଶ୍ୱର ୬୦ନମ୍ବର ଜାତୀୟ ରାଜପଥକୁ ଯୋଗାଯୋଗ କରୁଥିବାରୁ ଏହି ଫାଟକ ପାଇଁ ଅନେକ ସମୟରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଅଟକି ରହିବା ସହ ରୋଗୀ, ପ୍ରସୂତି ଓ ଗର୍ଭବତୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେବେ ଏହି ଦୁର୍ଘଟଣା ପରେ ବାମଡା ଗ୍ରାମକୁ ନିଆଁ ଲିଭାଇବାକୁ ଯାଉଥିବା ଏକ ଦମକଳ ଅଟକି ରହିଥିବାରୁ ଉତ୍ତେଜନା ଦେଖାଦେଇଥିଲା। ବିଭାଗୀୟ ଇଞ୍ଜିନିୟର ପହଞ୍ଚି ଫାଟକ ମରାମତି କଲା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏଠାରେ ତୁରନ୍ତ ଓଭରବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି। ଆରପିଏଫ୍ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।


With Best Compliments From
Banpur-Balugaon Rotary Club

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ପୁରୀବାସୀଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଜଗନ୍ନାଥ ଆପଣଙ୍କର ମଙ୍ଗଳ କରନ୍ତୁ।
ଛବିନ୍ଦ୍ର ପଢ଼ିହାରୀ
ପୁରୀ ନଗର କଂଗ୍ରେସ ସଭାପତି

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ପାଠକପାଠିକା ଏବଂ ବାଲୁଗାଁ ଅଞ୍ଚଳର ଟିଭିଏସ୍ ଗ୍ରାହକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।
TVS
ସତ୍ୟନାରାୟଣ ଟିଭିଏସ୍ ମୋଟର୍ସ, ମେନ୍‌ରୋଡ୍, ବାଲୁଗାଁ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ପୁରୀବାସୀଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଜଗନ୍ନାଥ ଆପଣଙ୍କର ମଙ୍ଗଳ କରନ୍ତୁ।
ସ୍ୱାଧୀନ କୁମାର ପଣ୍ଡା
ସମ୍ପାଦକ, କୁମାର ଉତ୍ସବ ସମିତି,ପୁରୀ

With Best Compliments From
OKINAWA
Power the Change
Mahamayee OKINAWA E-BIKES
Main Road, Balugaon

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ବାଲୁଗାଁ ଅଞ୍ଚଳର ସମସ୍ତ ଗ୍ୟାସ୍ ଉପଭୋକ୍ତା ଏବଂ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା।
HP GAS
ମଡର୍ଣ୍ଣ ଲିଭିଙ୍ଗ୍ ଏଚ୍.ପି. ଗ୍ୟାସ୍ ଏଜେନ୍ସି
ସରଳାପଦର ଛକ, ବାଲୁଗାଁ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ଅଗଣିତ ପାଠକ ପାଠିକା ଏବଂ ବଡ଼କୁଳ ପଞ୍ଚାୟତର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ
ଭ୍ରମର ପାଇକରାୟ
ସମାଜସେବୀ, ବଡ଼କୁଳ ପଞ୍ଚାୟତ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ପାଠକପାଠିକା ଏବଂ ବାଲୁଗାଁ ଅଞ୍ଚଳର ସମସ୍ତ ସୁଜୁକି ଗ୍ରାହକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।
SUZUKI
ମା' ଭବାନୀ ମୋଟର୍ସ, ମେନ୍‌ରୋଡ୍, ବାଲୁଗାଁ

ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମ୍ପାଦକ ମଣ୍ଡଳୀ, ପାଠକ ପାଠିକା ଏବଂ ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନା
ଡ. ଲକ୍ଷ୍ମୀଧର ସୁବୁଦ୍ଧି
ଅଧ୍ୟାପକ, ବାଲୁଗାଁ ମହାବିଦ୍ୟାଳୟ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ପାଠକପାଠିକା ଏବଂ ବାଲୁଗାଁ ଅଞ୍ଚଳର ବ୍ୟବସାୟୀ ବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନା
ରବିନାରାୟଣ ନାୟକ
ସଭାପତି, ଶ୍ରୀ ଶ୍ରୀ ଉମାମହେଶ୍ୱର ବଣିକ ସଂଘ, ବାଲୁଗାଁ

See Career Appointment on every Wednesday & Saturday

STALWART PROJECTS PVT. LTD.
ଧରିତ୍ରୀର ୪୮ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ତାହାର ସମସ୍ତ ପାଠିକା ଓ ପାଠକ, ସଦସ୍ୟ ବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ କଳାମାଟିଆ ଗ୍ରା.ପ.ର ସମସ୍ତ ଜନସାଧାରଣ ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ
ରଶ୍ମିତା ପରିଡ଼ା
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆମର ଅନେକ ଅନେକ ଶୁଭେଚ୍ଛା। ଏହି ଅବସରରେ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।
ସୁକାନ୍ତ ପଣ୍ଡା
ସମ୍ପାଦକ, ଶିଶୁ ସମାଚାର, ଗୌଡବାଡ ସାହି, ପୁରୀ
Mob: 9938497304

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରମୋଦ କୁମାର ଶତପଥୀ
ଅଧ୍ୟକ୍ଷ
କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟ, କାଇପଡ଼ା

'ଧରିତ୍ରୀ'ର ୪୮ ତମ ସ୍ୱନକ୍ଷତ୍ର ଉତ୍ସବରେ ଅନେକ ଅନେକ ଶୁଭେଚ୍ଛା।
ରବିଶଙ୍କର ପ୍ରତିହାରୀ
ସାଧାରଣ ସମ୍ପାଦକ
ପୁରୀ ଜିଲା କ୍ରୀଡ଼ା ସଂସଦ

ବିଦଗ୍ଧ ମାଟି ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ
ମଳୟ କୁମାର ଜେନା
ଅଧ୍ୟକ୍ଷ
ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୨୬,୫୬,୦୬୩ | ୫୨,୧୮,୯୬୩ | ୨୩,୭୧,୮୬,୮୫୩ |
| ଭାରତ | ୩,୪୫,୮୭,୮୨୨ | ୪,୬୮,୯୮୦ | ୩,୪୦,୧୮,୨୯୯ |
| ଓଡ଼ିଶା | ୧୦,୪୯,୧୦୮ | ୮୪୧୧(+୫୩) | ୧୦,୩୮,୫୦୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଗଞ୍ଜାମରେ ୧୬,୯୨୧ ଆକ୍ରାନ୍ତ

ସୁବାସ ଚନ୍ଦ୍ର ପାଢ଼ୀ
ବ୍ରହ୍ମପୁର ଅଫିସ,୩୦।୧୧

**ଆଜି ବିଶ୍ୱ ଏଡ୍‌ସ ଦିବସ**
- ପୋଲସରାରେ ସର୍ବାଧିକ ୧୨୫୪ ଆକ୍ରାନ୍ତ
- ଜିଲାରେ ୯୬୦ ଗର୍ଭବତୀ ପଜିଟିଭ୍



ଏଡ୍‌ସ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନାନା ପଦକ୍ଷେପ ଗ୍ରହଣ କରାଯାଉଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ରହିଥିବା ନ୍ୟାଶନାଲ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି (ନାକୋ) ତରଫରୁ ବହୁ ଯୋଜନା ହାତକୁ ନିଆଯାଇଛି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ତରଫରୁ ରୋଗୀଙ୍କ ଚିକିତ୍ସା ସୁବିଧା ସହିତ ମାଗଣା ଔଷଧ ଦେବା ଲାଗି ବ୍ୟବସ୍ଥା କରାଯାଇଛି।

ବୁଧବାର ବିଶ୍ୱ ଏଡ୍‌ସ ଦିବସ। ଗଞ୍ଜାମ ଜିଲାରେ ଅଧିକ ଆକ୍ରାନ୍ତ ରହିଛନ୍ତି। ଜିଲାରେ ପୂର୍ବରୁ ଯାହା ସ୍ଥିତି ଥିଲା ସେଥିରେ ଧୀରେ ଧୀରେ ସୁଧାର ଆସୁଛି। ଚଳିତ ଅକ୍ଟୋବର ସୁଦ୍ଧା ମୋଟ ୧୬,୯୨୧ ରୋଗୀ ଚିହ୍ନଟ ହୋଇଥିବା ଜିଲା ଏଡ୍‌ସ ସେଲ୍ ସୂତ୍ରରୁ ପ୍ରକାଶ। ସେହିପରି ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ମୋଟ ୩୪୦ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରୁ ପ୍ରତିବର୍ଷ ହଜାର ହଜାର ଲୋକ କାମ କରିବାକୁ ସୁରଟ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ଚେନ୍ନାଇ ଆଦି ସ୍ଥାନକୁ ଯାଉଛନ୍ତି। ସେଠାରେ କୌଣସି ପ୍ରକାରେ ଏଚ୍‌ଆଇଭିରେ ସଂକ୍ରମିତ ହୋଇ ଫେରୁଛନ୍ତି। ବିଶେଷ କରି ଅସୁରକ୍ଷିତ ଯୌନସମ୍ପର୍କ ଯୋଗୁ ଏଡ୍‌ସ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି। ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ବିଜ୍ଞାପନ, ହୋର୍ଡିଂ ଓ ଖବରଦାତାଙ୍କ ମାଧ୍ୟମରେ ସଚେତନ କରାଯାଉଛି। ଫଳରେ ଏଡ୍‌ସକୁ ନେଇ ଜିଲାରେ ପୂର୍ବରୁ ଯେଉଁ ସ୍ଥିତି ଥିଲା ବର୍ତ୍ତମାନ ସେଥିରେ ଧୀରେ ଧୀରେ ସୁଧାର ଆସୁଛି। ୨୦୦୦ରୁ ୨୦୨୧ ଅକ୍ଟୋବର ସୁଦ୍ଧା ୧୫ଲକ୍ଷ ୫୪ ହଜାର ୧୬୦ ଜଣଙ୍କର କାଉନ୍‌ସେଲିଂ କରାଯାଇ ୧୩ଲକ୍ଷ ୯୫ହଜାର ୩୧୪ଜଣଙ୍କର ଏଚ୍‌ଆଇଭି ପରୀକ୍ଷା କରାଯାଇଛି। ସେଥିରୁ ମୋଟ ୧୬,୯୨୧ଜଣଙ୍କ ରକ୍ତ ନମୁନାରେ ଏଚ୍‌ଆଇଭି ପଜିଟିଭ୍ ଥିବା ଏଡ୍‌ସ ସେଲ୍ ଡିପିଏମ୍ ହେମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି।

୨୦୦୦ରୁ ୨୦୨୧ ଅକ୍ଟୋବର ସୁଦ୍ଧା ଜିଲାରେ ୩୯୭ ରୋଗୀଙ୍କର ମୃତ୍ୟୁ ଘଟିଛି। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରୁ ପୋଲସରା ବ୍ଲକରେ ସର୍ବାଧିକ ୧୨୫୪ ଜଣ ରହିଛନ୍ତି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ୨୪ ଗର୍ଭବତୀ ଏଡ୍‌ସ ରୋଗାକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୦୦ରୁ ଏଯାବତ ୯୬୦ ଏଡ୍‌ସ ପଜିଟିଭ୍ ଗର୍ଭବତୀ ରହିଛନ୍ତି। ଏମାନଙ୍କୁ ଚିକିତ୍ସା କରିବା ପାଇଁ ଏମ୍‌କେସିଜି ଓ ଭଞ୍ଜନଗର ମେଡିକାଲରେ ଏଆରଟି ସେଣ୍ଟର୍ ରହିଛି। ସେହିପରି ଆସିକା, ପୋଲସରା ଓ ଖଲ୍ଲିକୋଟରେ ଲିଙ୍କ୍ ଏଆରଟି ସେଣ୍ଟର୍ ରହିଛି।

୨୦୨୧ ଅକ୍ଟୋବର ସୁଦ୍ଧା ପୋଲସରା ବ୍ଲକରେ ସର୍ବାଧିକ ୧୨୫୪ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆସିକାରେ ୧୧୫୭, ବେଗୁନିଆପଡ଼ା ୧୧୪୩, ପୁରୁଷୋତ୍ତମପୁର ୧୦୮୨, ଖଲ୍ଲିକୋଟ ୮୯୮, ହିଞ୍ଜିଳିକାଟୁ ୮୧୧, କବିସୂର୍ଯ୍ୟନଗର ୭୭୬, ବେଲଗୁଣ୍ଠା ୭୨୪, ଶେରଗଡ଼ ୬୮୦, ଭଞ୍ଜନଗର ୬୨୯, ରଙ୍ଗେଇଲୁଣ୍ଡା ୬୦୧, ବୁଗୁଡା ୫୭୫, ଛତ୍ରପୁର ୫୬୧, ଦିଗପହଣ୍ଡି ୫୬୩, ଧରାକୋଟ ୫୨୨, ସାନଖେମୁଣ୍ଡି ୫୪୪ ଓ କୁକୁଡ଼ାଖଣ୍ଡି ବ୍ଲକରେ ୫୦୪ ଏଡ୍‌ସ ଆକ୍ରାନ୍ତ ରୋଗୀଙ୍କୁ ଚିହ୍ନଟ କରାଯାଇଛି।

**୫ବର୍ଷରେ ଚିହ୍ନଟ ହୋଇଥିବା ରୋଗୀ**

| ବର୍ଷ | ଏଚ୍‌ଆଇଭି ଟେଷ୍ଟ | ପଜିଟିଭ୍ |
|---|---|---|
| ୨୦୧୭ | ୧୩୪୦୧୬ | ୬୫୯ |
| ୨୦୧୮ | ୧୨୬୨୩୯ | ୬୭୧ |
| ୨୦୧୯ | ୧୨୫୮୯୨ | ୬୭୭ |
| ୨୦୨୦ | ୧୦୭୮୪୯ | ୩୯୮ |
| ୨୦୨୧(ଅକ୍ଟୋବର) | ୧୨୬୮୩୯ | ୩୪୦ |

## ଭିଜିଲାନ୍ସ ଜାଲରେ ଦୁଇ ପୋଲିସ ଅଧିକାରୀ

**ବରଗଡ଼ ଅଫିସ୍,୩୦।୧୧:** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନାଧିକାରୀ ବିନୋଦ ବିହାରୀ ନାୟକ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଥିବା ସୂଚନା ମିଳିଛି। ସେ ଏକ କାର୍‌ରେ ସମ୍ବଲପୁର ପଟକୁ ଯାଉଥିବା ବେଳେ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲପ୍ଲାଜା ନିକଟରେ ଭିଜିଲାନ୍ସ ଟିମ ଅତର୍କିତ ଚଢ଼ାଉ କରିଛନ୍ତି। ଚଢ଼ାଉ ବେଳେ ସେହି କାର୍‌ରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିଥିବା ବେଳେ ଥାନାଧିକାରୀ ନାୟକ ସେହି ଟଙ୍କାର ଠିକ୍ ହିସାବ ଦେଇ ପାରି ନ ଥିବା ଜଣାପଡ଼ିଛି। ସେହିପରି ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡିରେ କାର୍ଯ୍ୟରତ ପୋଲିସ କନଷ୍ଟେବଲ ରଞ୍ଜନ ପ୍ରଧାନ ଏକ ଜମି ବିବାଦର ସମାଧାନ ପାଇଁ ୭ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରୁଷୁଡ଼ା ଫାଣ୍ଡି ପଣ୍ଡକିପାଲି ଗ୍ରାମର ଚୈତନ୍ୟ କୁଦେଇଙ୍କଠାରୁ ଲାଞ୍ଚ ଟଙ୍କା ଧରୁଥିବାବେଳେ ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ଥାନାଧିକାରୀ ନାୟକ ଏବଂ କନଷ୍ଟେବଲ ପ୍ରଧାନଙ୍କୁ ସମ୍ବଲପୁର ଭିଜିଲାନ୍ସ ଅଫିସରେ ପଚରାଉଚୁରା କରାଯାଉଛି।

## ୩ ନାବାଳକଙ୍କ ହାତରେ ବନ୍ଧୁକ

**ବାଲେଶ୍ୱର ଅଫିସ, ୩୦।୧୧:** ବାଲେଶ୍ୱର ଟାଉନ ଥାନା ବାରବାଟୀସ୍ଥିତ ଆଖଡ଼ାପଦା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ୩ ନାବାଳକ ହାତରେ ବନ୍ଧୁକ ଧରି ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ଏ ସମ୍ପର୍କରେ ଲୋକେ ପୋଲିସକୁ ଖବର ଦେଇ ସେମାନଙ୍କୁ କାବୁ କରି ପକାଇଥିଲେ। ପୋଲିସ ପହଞ୍ଚି ୩ଜଣଙ୍କୁ ଥାନାକୁ ନେଇଯିବା ସହ ବନ୍ଧୁକ ଜବତ କରିଛି। ଏ ଦିଗରେ ପୋଲିସ ଅଧିକ ପଚରାଉଚୁରା କରୁଛି। କାର୍ତ୍ତିକଙ୍କ ମେଢ଼ ଭସାଣି ଯାଉଥିବା ବେଳେ ବାରବାଟୀ ଆଖଡ଼ାପଦା ନିକଟରେ ୩ଜଣ ୧୪ରୁ ୧୫ବର୍ଷୀୟ ନାବାଳକ ଗୋଟିଏ ବନ୍ଧୁକ ଧରିଥିବା ଲୋକେ ଦେଖିଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ କାବୁ କରି ତାଙ୍କଠାରୁ ବନ୍ଧୁକ ଛଡ଼ାଇ ନେଇଥିଲେ। ଉକ୍ତ ୩ଜଣ ନାବାଳକ କେଉଁ ଉଦ୍ଦେଶ୍ୟରେ ସେଠାରେ ବନ୍ଧୁକ ଧରି ଛିଡ଼ା ହୋଇଥିଲେ ଓ ସେମାନଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ ଜାରି ରହିଥିବାର ଟାଉନ ଥାନା ଅଧିକାରୀ କହିଛନ୍ତି।

## ଆଜିଠୁ ବିଧାନସଭା

- ଆଗତ ହେବ ଅତିରିକ୍ତ ବଜେଟ
- ୧୦ରେ ବ୍ୟୟମଞ୍ଜୁରୀ ବିଲ୍

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ):** ବିଧାନସଭାର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଏହା ୩୧ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୨୬ଟି କାର୍ଯ୍ୟ ଦିବସ ରହିଛି। ସେଥିରେ ୨୧ଟି ସରକାରୀ ଦିବସ ଥିବା ବେଳେ ୫ଟି ବେସରକାରୀ ଦିବସ ରହିଛି। ପ୍ରଥମ ଦିବସରେ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ କରାଯିବ। ୭ରୁ ୯ ତାରିଖ ମଧ୍ୟରେ ଅତିରିକ୍ତ ବଜେଟ ଉପରେ ଆଲୋଚନା ହେବ। ୧୦ରେ ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବ। ୨୫ ତାରିଖ ବଡ଼ଦିନ ଏବଂ ୨୬ ରବିବାର ପଡୁଥିବାରୁ ଦୁଇଦିନ ବିଧାନସଭା ବନ୍ଦ ରହିବ। ବିଧାନସଭା ୧୦ଟା ୩୦ରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏହାପରେ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଦିନକୁ ୫ ଘଣ୍ଟା ବିଧାନସଭା ଚାଲିବ। ପ୍ରଥମ ଦିବସ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ଅପରାହ୍ନ ୫ଟାରେ ଅତିରିକ୍ତ ବଜେଟ ଉପସ୍ଥାପନ ହେବ।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
MAINTENANCE ENGINEER MECHANICAL
Qualification: BE/B.Tech/DME
With experience of Web offset Printing Press Operation and maintenance. Should be aware of Preventive Maintenance practices and keeping scheduled maintenance log sheets.
MAINTENANCE ENGINEER ELECTRICAL/ELECTRONICS
Qualification: BE/B.Tech/DME
With experience of Web Offset Printing Press Operation and maintenance. Should possess knowledge of PLC, Digital Drives AC and DC.
ନିଯୁକ୍ତି ସ୍ଥାନ: ଭୁବନେଶ୍ୱର
Apply immediately to
Email: recruitment@dharitri.com

# ନୌକାୟନ ଅଭିଯାନ ଉଦ୍‌ଯାପିତ



ନୌକାୟନ ଅଭିଯାନରେ ସାମିଲ୍ ଏନ୍‌ସିସି କ୍ୟାଡେଟ୍।

କଟକ ଅଫିସ,୩୦।୧୧

କଟକ ଗ୍ରୁପ ୩(ଓଡ଼ିଶା) ନାଭାଲ ଏନ୍‌ସିସି ପକ୍ଷରୁ ଚିଲିକା ହ୍ରଦରେ ଚାଲିଥିବା ନୌକାୟନ ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଟକ ଗ୍ରୁପ୍ ଏନ୍‌ସିସିର ଗ୍ରୁପ କମାଣ୍ଡର କଲୋନେଲ ରଜିନିଶ୍ କପୁର ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ କରିଥିଲେ। ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୬୦ ଜଣ ଏନ୍‌ସିସି କ୍ୟାଡେଟ ଭାଗ ନେଇଥିଲେ। କ୍ୟାଡେଟ୍‌ମାନେ ବୋଟ୍‌ରେ କାଳିଜାଇ, ଗୁପ୍ତେଶ୍ୱର, ନଳବଣ, ରମ୍ଭା ଏବଂ କୃଷ୍ଣପ୍ରସାଦକୁ ଯାଇଥିଲେ। ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା କ୍ୟାଡେଟମାନଙ୍କ ମଧ୍ୟରେ ନେତୃତ୍ୱ, ଆତ୍ମବିଶ୍ୱାସ, ଅନୁଶାସନ, ଉତ୍ସାହ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବା। ଅଭିଯାନରେ କ୍ୟାମ୍ପ କମାଣ୍ଡାଣ୍ଟ କ୍ୟାପଟେନ ହିମାଂଶୁ ପୃଷ୍ଟି ଓ ଡେପୁଟି କମାଣ୍ଡାଣ୍ଟ କମାଣ୍ଡର ପ୍ରଦୀପ ବସାକ ପ୍ରମୁଖ ଉପସ୍ଥିତଥିଲେ।

# ଖସିଗଲେ ଅନ୍ତର୍ଜାତୀୟ ବ୍ରାଉନସୁଗାର ବେପାରୀ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

**ପଶ୍ଚିମବଙ୍ଗରେ ଓଡ଼ିଶା ଏସ୍‌ଟିଏଫ୍‌ର ଚଢ଼ାଉ**
**ଶୋଇବା ଘରୁ ମିଳିଲା ୪୦ ଲକ୍ଷର ବ୍ରାଉନସୁଗାର**

ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଶ୍ଚିମବଙ୍ଗ ପୋଲିସ ସହାୟତାରେ ଅନ୍ତର୍ଜାତୀୟ ବ୍ରାଉସୁଗାର ବେପାରୀଙ୍କ ଘରେ ଚଢ଼ାଉ କରିଛି। ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ଲାଲ୍‌ଗୋଲା ଥାନା ଚମକ୍‌ପୁର ଗ୍ରାମରେ ଅଭିଯୁକ୍ତ ସେଖ୍ ଇସ୍‌ମାଇଲ୍‌ଙ୍କ ଘର ଉପରେ ସୋମବାର ବିଳମ୍ବିତ ରାତିରେ ଚଢ଼ାଉବେଳେ ସେ ଖସି ପଳାଇଯିବାରେ ସମର୍ଥ ହୋଇଛନ୍ତି। ଇସ୍‌ମାଇଲ ଓଡ଼ିଶା ଏସ୍‌ଟିଏଫ୍ ପାଇଁ ୱାଣ୍ଟେଡ ଥିଲେ। ତାଙ୍କ ବେଡ୍ ରୁମ୍(ଶୋଇବା ଘରୁ)ରୁ ୩୯୦ ଗ୍ରାମର ବ୍ରାଉନସୁଗାର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଏନେଇ ଲାଲଗୋଲା ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୭୯୬/୨୧) ରୁଜୁ ହୋଇଛି। ତେବେ ଇସ୍‌ମାଇଲ କେତେଥର ଓଡ଼ିଶା ଆସିଛନ୍ତି, ତାଙ୍କ ଲିଙ୍କ୍‌ରେ ଓଡ଼ିଶାରେ କେଉଁମାନେ ଏଜେଣ୍ଟ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ସ୍ଥାନୀୟ ପୋଲିସ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୩ରେ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ପେଟ୍ରୋଲ ପମ୍ପ ପାଖରେ ଏସ୍‌ଟିଏଫ୍ ଚଢ଼ାଉ କରି ମନୋରଞ୍ଜନ ଦାସ ନାମକ ଏକ ବ୍ରାଉନ୍‌ସୁଗାର ଏଜେଣ୍ଟଙ୍କୁ ଗିରଫ କରିଥିଲେ। ତାଙ୍କଠୁ ୧କେଜି ୩୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏସ୍‌ଟିଏଫ୍ ତାଙ୍କୁ ପଚରାଉଚରା କରିବା ପରେ ସେ ଲାଲ୍‌ଗୋଲାର ଇସ୍‌ମାଇଲ୍‌ଙ୍କ ନିକଟରୁ ବ୍ରାଉନସୁଗାର ଆଣିଥିଲେ ବୋଲି କହିଥିଲେ। ମନୋରଞ୍ଜନଙ୍କ ନିକଟରୁ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କ ଘର ଠିକଣା ଏସ୍‌ଟିଏଫ୍ ଆଣି ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରିଥିଲା। ଏହି ମାମଲାରେ ଏସ୍‌ଟିଏଫ୍ ଉଭୟଙ୍କ ନାମରେ ମାମଲା (ନଂ. ୩୧/୨୧) ରୁଜୁ କରି ଇସ୍‌ମାଇଲ୍‌ଙ୍କୁ ଧରିବାକୁ ଏସ୍‌ଟିଏଫ୍ ନିୟମିତ ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରୁଥିବାବେଳେ ସେ ସୋମବାର ଘରେ ଥିବା ଜାଣିବାକୁ ମିଳିଥିଲା। ତୁରନ୍ତ ଏସ୍‌ଟିଏଫ୍‌ର ଏକ ଟିମ୍ ଲାଲ୍‌ଗୋଲା ପୋଲିସ ସହାୟତାରେ ସୋମବାର ବିଳମ୍ବିତ ରାତିରେ ତାଙ୍କ ଘରକୁ ଘେରିଯାଇଥିଲେ। ହେଲେ ଏହା ପୂର୍ବରୁ ସୂଚନା ପାଇ ଇସ୍‌ମାଇଲ୍ ଘରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏସ୍‌ଟିଏଫ୍ ଟିମ୍ ଘରେ ଚଢ଼ାଉ କରିବା ସହ ସ୍ଥାନୀୟ ଲୋକ ଓ ପରିବାର ଲୋକଙ୍କୁ ପଚରାଉଚରା କରି ଫେରି ଆସିଥିଲା।

# ଚାଷ ଜମିରେ ମାଈ ହାତୀର ମୃତ୍ୟୁ



ଆଠଗଡ଼ ବାଲିପଦା ଚାଷ ଜମିରେ ମରି ପଡିଥିବା ମାଈ ହାତୀ।

ଆଠଗଡ, ୩୦।୧୧(ସ୍ୱ.ପ୍ର.)

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ରାଜନଗର ଗ୍ରାମ ବାଲିପଦା ଗହୀର ମଧ୍ୟରେ ଏକ ମାଈ ହାତୀର ମୃତଦେହକୁ ବନ ବିଭାଗ ମଙ୍ଗଳବାର ଜବତ କରିଛି। ହାତୀଟିର ଆନୁମାନିକ ବୟସ ୧୦ ବର୍ଷରୁ କମ ହେବ ବୋଲି ବନ ବିଭାଗ ସୂତ୍ରରୁ କୁହାଯାଇଛି। ଅପରାହ୍ନ ୩ ଟାରେ ଚାଷ ଜମିକୁ ଧାନ କାଟିବାକୁ ଯାଇଥିବା ଚାଷୀଙ୍କଠାରୁ ଖବର ପାଇଁ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଘଟଣାସ୍ଥଳରେ ଆଠଗଡ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ସହକାରୀ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ଆଠଗଡ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର ପହଞ୍ଚି ହାତୀ ମୃତ୍ୟୁର ତଦନ୍ତ ଆରମ୍ଭ କରିଛନ୍ତି। ଆଠଗଡ ପ୍ରାଣୀ ଚିକିତ୍ସାଳୟର ସହକାରୀ ପ୍ରାଣୀ ଚିକିତ୍ସକ ଅନସୂୟା ଗିଡିକା ଘଟଣାସ୍ଥଳରେ ପହଞ୍ଚି ହାତୀଟିର ମୃତଦେହକୁ ପ୍ରାଥମିକ ପରୀକ୍ଷା କରି ଫେରି ଆସିଛନ୍ତି। ଅନ୍ଧାର ହୋଇଯିବାରୁ ହାତୀଟିର ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ବୁଧବାର ଓୟୁଏଟିରୁ ଏକ ଡାକ୍ତରୀ ଦଳ ଆସି ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ। ହାତୀଟିକୁ ସେହିଠାରେ ପୋତି ଦିଆଯିବ ବୋଲି ଆଠଗଡ ବନଖଣ୍ଡ ଅଧିକାରୀ ଯାଦବ କହିଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ, ଜମିରେ ପାଚିଲା ଧାନ ଥିବାରୁ କପିଳାସ ଅଞ୍ଚଳରୁ ଏକ ହାତୀ ଦଳ ୨ରୁ ୩ ଦିନ ତଳେ ଗହୀର ମଧ୍ୟରେ ପଶିଥିଲେ। ସେହି ହାତୀ ଦଳର ଏହି ହାତୀଟି ହୋଇଥାଇପାରେ। ହାତୀଟି ୨ରୁ ୩ଦିନ ତଳେ ମରିଥିବାରୁ ଦୁର୍ଗନ୍ଧ ବାହାରୁଛି।

# ୩ ଜଣଙ୍କୁ ୨୦, ଜଣଙ୍କୁ ୭ ବର୍ଷ ଜେଲ୍

ଛତ୍ରପୁର,୩୦।୧୧(ଡି.ଏନ୍.ଏ.)

**ଗଣବଳାତ୍କାର ମାମଲାରେ ୪ ଦୋଷୀ ସାବ୍ୟସ୍ତ**

ଗଞ୍ଜାମ ଜିଲା ଛତ୍ରପୁର ଏଡିଜେ ରାଜା ରଞ୍ଜନ ପାଢୀ ଏକ ଗଣବଳାତ୍କାର ମାମଲାର ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଗଞ୍ଜାମ ଥାନା ଅଞ୍ଚଳରେ ଘଟିଥିବା ଏହି ମାମଲାର ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଦଣ୍ଡାଦେଶ ଶୁଣାଇଛନ୍ତି। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଡି. ବୁଲେୟା, ଆର୍ ତ୍ରିଲୋଚନ ଓ ଆର୍ ଚିଟିଙ୍କୁ ୨୦ ବର୍ଷ ଜେଲ ଏବଂ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତମାନେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସେହିପରି ଅନ୍ୟ ଅଭିଯୁକ୍ତ ଆର୍.କେଶବଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟ ଶୁଣାଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ୨ଜଣ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ ବି.ଭୀମା ଓ ଡି.ରବି।

ସୂଚନାଯୋଗ୍ୟ, ୨୦୧୬ ଡିସେମ୍ବର ୩୧ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା। ଏ ନେଇ ଯୁବତୀ ଜଣକ ୨୦୧୭ ଜାନୁୟାରୀ ୪ରେ ଗଞ୍ଜାମ ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଓକିଲ ରମେଶ ଚନ୍ଦ୍ର ଚୌଧୁରୀ ଓ ଉମିନାଥ ସାହୁ ମାମଲା ପରିଚାଳନା କରୁଥିଲେ।

MIPS ESTD 2002
MITS Institute of Professional Studies
RECOGNIZED BY DHE, GOVT. OF ODISHA & AFFILIATED TO BERHAMPUR UNIVERSITY
LAST FEW VACANT SEATS IN
B.Sc AGRICULTURE BIOTECHNOLOGY | BCA


25 Nos Digital Classrooms
20 Acres Lush Green Campus
6000 Sqft Central Library
2.5 Lakhs Sqft Built-up Area
MITS has changed academics scenario by introducing Quality Education at affordable cost since 2002
1st Private Institute in Odisha to offer
Biotechnology & Agriculture




TOP RECRUITING PARTNERS
Cognizant Deloitte. Infosys Capgemini TATA BHARAT BIOTECH Biocon
OMICS International wipro IBM BT GPC Integrated Resources Inc. Parle Agro
Affordable Fees | SC/ST Scholarship | Hostel Available
Campus: RAYAGADA, ODISHA
7735737890 / 9861623243

**ଆଜିର ମନ୍ତବ୍ୟ**

"ଭାରତରେ ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ନୂଆ ଭାରିଆଣ୍ଟ ଉପରେ କେନ୍ଦ୍ରର ସତର୍କ ଦୃଷ୍ଟି ରହିଛି।

– ମନସୁଖ ମାଣ୍ଡବ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଳ ହେଜି କାର୍ଯ୍ୟ କରଇ ଭୋଗୀ**
**ଫଳ ତେଜି କାର୍ଯ୍ୟ କରଇ ଯୋଗୀ।**

ଆଜିର ବସ୍ତୁବାଦୀ ଦୁନିଆରେ ପ୍ରତ୍ୟେକ ବ୍ୟକ୍ତି ନିଜ ମନ ମଧ୍ୟରେ କିଛି ପାଇବାର ଆଶା ରଖି କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥାଏ। କିନ୍ତୁ ସଂସାରର ମୋହ ମାୟାରୁ ଦୂରେଇ ରହିଥିବା ବ୍ୟକ୍ତି ଜଣକ କୌଣସି ଫଳପ୍ରାପ୍ତିର ଆଶା ନ ରଖି ନିର୍ଲିପ୍ତ ମନରେ ନିଜର ସାଧନା ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫୁଲ ନାଇବ ବଉଳ**
**ମାଛ ଖାଇବ ଶେଉଳ।**

ବଉଳ ଫୁଲଟି ସାଧାରଣତଃ ବାସଯୁକ୍ତ ସୁନ୍ଦର ଫୁଲ ହୋଇଥାଏ। ଠିକ୍ ସେହିପରି ଶେଉଳ ମାଛ ଖାଇବାକୁ ବେଶ୍ ରୁଚିକର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ପ୍ରଥମ ପୃଷ୍ଠାରୁ...

### ତଦନ୍ତ ତଦାରଖ...

ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଆବେଦନ କରାଯାଇଛି। ଏଥିସହ ଉତ୍ତରାଞ୍ଚଳ ଡିଆଇଜି, ବଲାଙ୍ଗୀର ଏସ୍‌ପିଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ତେଣୁ ଏମାନଙ୍କ ପଲିଗ୍ରାଫ ଯାଞ୍ଚ କରାଯିବା ସହ ମମିତାଙ୍କ ଲାପ୍‌ଟପ, ପେନ୍‌ଡ୍ରାଇଭ ଓ ଫୋନ କଲ୍‌କୁ ତଦନ୍ତ ପରିସରଭୁକ୍ତ କରିବାକୁ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଅପିଲ କରିଛନ୍ତି।

ସୂଚନାଯୋଗ୍ୟ ମହାଲିଙ୍ଗ ସ୍କୁଲ୍ ମାଲିକ ଗୋବିନ୍ଦ ସାହୁଙ୍କ ଡାକରା କ୍ରମେ ମମିତା ଅକ୍ଟୋବର ୮ରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରୁ ବସ୍ ଯୋଗେ ମହାଲିଙ୍ଗ ଅଭିମୁଖେ ଆସିଥିଲେ। ହେଲେ ଏହା ପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ତାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଗୋବିନ୍ଦଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମ ମାଟି ତଳୁ ଏକ ଅର୍ଦ୍ଧଦଗ୍ଧ ମୃତ ଦେହ ଉଦ୍ଧାର କରାଯାଇଥିଲା। ଉକ୍ତ ମୃତଦେହ ମମିତାଙ୍କ ବୋଲି ଏଯାବତ୍ ପୋଲିସ ସ୍ପଷ୍ଟ କରି ନ ଥିଲେ ହେଁ ଅଭିଯୁକ୍ତ ଗୋବିନ୍ଦ ହତ୍ୟା କରି ମମିତାଙ୍କୁ ଷ୍ଟାଡିୟମରେ ମାଟି ତଳେ ପୋତିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗୋବିନ୍ଦ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘନିଷ୍ଠ ଏବଂ ମନ୍ତ୍ରୀ ମହାଲିଙ୍ଗ ସ୍କୁଲକୁ ବହୁବାର ଯିବା ଆସିବା କରିଥିବାରୁ ତାଙ୍କର ଏହି ଘଟଣାରେ ସମ୍ପୃକ୍ତି ରହିଥିବା ଅଭିଯୋଗ କରି ବିରୋଧୀ ରାଜନୈତିକ ଦଳଗୁଡ଼ିକ ମନ୍ତ୍ରୀଙ୍କ ବହିଷ୍କାର ଦାବି କରି ଆସୁଛନ୍ତି।

### ୪ରେ ସ୍ଥଳଭାଗ...

ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ୫ ତାରିଖରେ ୯ ଜିଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ। ଏ ସବୁ ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ସତର୍କ ସୂଚନା ଜାରି କରିଛନ୍ତି। ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ସେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅରେଞ୍ଜ, ୟେଲୋ ୱାର୍ନିଂ ଥିବା ଜିଲା ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ କହିଛନ୍ତି। ଜଳବନ୍ଦୀ, ବନ୍ୟା ଭଳି ସ୍ଥିତି ଓ ଭୂସ୍ଖଳନ ହେବା ନେଇ ସତର୍କ ସୂଚନା ଜାରି କରିଛନ୍ତି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଚାଲୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପରିପକ୍ୱ ଧାନ ଫସଲର ସମ୍ପୂର୍ଣ୍ଣ ଅମଳ କରି ନିଆଯିବା ସହିତ ଅମଳ ଧାନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ୩ ତାରିଖ ରାତିରୁ ସମୁଦ୍ର ଭୀଷଣ ଅଶାନ୍ତ ହେବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଫେରି ଆସିବାକୁ କୁହାଯାଇଛି। ମତ୍ସ୍ୟଜୀବୀଙ୍କୁ ଦିଆଯାଇଥିବା ପରାମର୍ଶ କଡ଼ାକଡ଼ି ପାଳନ ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

### କମ୍ ମୂଲ୍ୟରେ...

କୁହାଯାଉଥିବା ଗୋଷାଣୀ ଓ କାଶୀନଗର ବ୍ଲକରେ ଧାନ ଫସଲ ବିଶେଷ କ୍ଷତି ହୋଇଥିବାରୁ ଚାଷୀ ନିରାଶ ହୋଇପଡ଼ିଥିଲେ। ଆଗକୁ ଦୁଇ ଦିନ ପରେ ପୁଣି ଏକ ବାତ୍ୟା ସମ୍ଭାବନା ରହିଥିବାରୁ ଚିନ୍ତା ବଢ଼ିଯାଇଛି। ଗତ ବର୍ଷାରେ ଅନେକ ଜମିରେ ଧାନ ପାଣିରେ ବତୁରି ରଙ୍ଗ ପରିବର୍ତ୍ତନ ହୋଇଯାଇଛି। କେତେକ ଜମିରେ ଧାନ ଗଜା ମଧ୍ୟ ହୋଇଛି। ଯାହାକିଛି ରହିଥିଲା ତାକୁ କାଟି ଆଣି ଖଳାରେ ଅମଳ କରିବାରେ ଲାଗିଛନ୍ତି ଚାଷୀ। ଜିଲାରେ ମଣ୍ଡି ଖୋଲି ନ ଥିବାରୁ ସେସବୁକୁ ଆନ୍ଧ୍ର ବେପାରୀଙ୍କ ହାତକୁ ଟେକି ଦେଉଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଜିଲାର ସ୍ଥିତି ଉପରେ ନଜର ରଖିଛି। ଆଗାମୀ ଦିନରେ ଧାନ ଫସଲ ଯଦି ଅଧିକ କ୍ଷତିଗ୍ରସ୍ତ ହୁଏ, ତେବେ ରାଜସ୍ୱ ବିଭାଗ ଓ କୃଷି ବିଭାଗକୁ ନେଇ ମିଳିତ ଭାବେ ଏକ ଟିମ୍ ଗଠନ କରାଯିବ। ଉକ୍ତ ଟିମ୍ ଜମିକୁ ଯାଇ କ୍ଷୟକ୍ଷତିର ଆକଳନ କରିବ। ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ଜିଲାପାଳ ଲିଙ୍ଗରାଜ ପଣ୍ଡା କହିଛନ୍ତି।

### ଚିକିତ୍ସା ପାଇଁ...

ତାଙ୍କର ୨ଏକର ଜମି ବିକ୍ରି କରିଥିବା କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ୍ ସେଣ୍ଟର ଖୋଲିଛି। ମାତ୍ର ସୁବର୍ଣ୍ଣପୁରରେ ତାହା ନ ଥିବାରୁ ଅଧିକାଂଶ ରୋଗୀ ନିୟମିତ ଡାଏଲିସିସ୍ କରି ପାରୁନାହାନ୍ତି। ଆର୍ଥିକ ସ୍ୱଚ୍ଛଳ ବର୍ଗର ରୋଗୀ କଟକ, ବୁର୍ଲା ଓ ଭୁବନେଶ୍ୱର ଯାଇ ଚିକିତ୍ସିତ ହେଉଛନ୍ତି। ହେଲେ ଗରିବ ରୋଗୀମାନେ ଚିକିତ୍ସା ତଥା ଡାଏଲିସିସ୍ ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି କି ବାଧ୍ୟ ହୋଇ ସେମାନେ ସୁନାରୁପା ଗହଣା, ଜମିବାଡ଼ି ବିକ୍ରି କରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ଜିଲାର ସୋନପୁର ବ୍ଲକ ମୟୂରଉଡାନ, ଅର୍ଜୁନପୁର, ପ୍ରତାପପୁର, ରୁଗୁଡିପାଲି, କୀର୍ତ୍ତିପୁର, ବୀରମହାରାଜପୁର ବ୍ଲକର ଘଣ୍ଟପାଲି, କଦଳିପାଲି, କେନ୍ଝିରିଆପାଲି, ଅମରପାଲି, ଗୌଡଗାଡ, ବହଲପଦର, ଦାଦରପାଲି ଓ ଉଲୁଣ୍ଡା ବ୍ଲକର ଡାଲଡବା, ଝାରବାହାଲି ଓ ସୁନାପାଲି ଆଦି ଅନେକ ଗ୍ରାମରେ ୪ଶହରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ ଅଛନ୍ତି। ଅମ୍ଳଯୁକ୍ତ ପାଣି ପିଇବା ଓ ମଧୁମେହ ପାଇଁ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରେ ପାନୀୟ ଜଳର ନମୂନା ପରୀକ୍ଷା ନିୟମିତ ହେଉ ନ ଥିବାରୁ ଏହି ରୋଗ ବଢ଼ିବାରେ ଲାଗିଛି।

ଏ ସଂକ୍ରାନ୍ତରେ ଉଲୁଣ୍ଡା ବ୍ଲକ ଡାଲଡବା ଗ୍ରାମର ଗରିବ ନାଗ୍ କୁହନ୍ତି, ମୁଁ ଜଣେ କିଡ୍‌ନୀ ରୋଗୀ। ଜିଲା ମୁଖ୍ୟ ଚିକିତ୍ସାଳୟର ନିରାମୟ କେନ୍ଦ୍ରରୁ ଔଷଧ ନେଇ ଖାଉଥିଲି। ଗତ ୫ ମାସ ହେଲା ଔଷଧ ଦିଆଯାଉ ନାହିଁ। କେନ୍ଦ୍ରକୁ ଗଲେ କେବଳ ଏସିଡ୍ ଔଷଧ ଦିଆଯାଉଛି। ଏଣୁ କିଡ୍‌ନୀ ଔଷଧ ପାଇଁ ଧାରକରଜ କରି ଏବେ ମାସିକ ୫ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇବାକୁ ମୁଁ ସରକାରଙ୍କୁ ଲେଖି କରି ଜଣାଇଛି। କିନ୍ତୁ ଆମ ଦୁଃଖ କେହି ଶୁଣୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଏପିଡେମିଓଲୋଜିଷ୍ଟ ଡାକ୍ତର ବିଷ୍ଣୁଚରଣ ମାଝି କୁହନ୍ତି, କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ ସୁବିଧା ଯୋଗାଇ ଦେବା ପାଇଁ ସୁବର୍ଣ୍ଣପୁର ଜିଲାକୁ ବୌଦ୍ଧ ଜିଲା ସହିତ ସଂଯୋଗ କରାଯାଇଥିବାରୁ ସମସ୍ୟା ହେଉଛି। ସେହିପରି ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଟଉରିନ୍ ଔଷଧ ଜିଲାରେ ମହଜୁଦ୍ ନାହିଁ। ରାଜ୍ୟ ଔଷଧ ନିଗମ ଏହି ଔଷଧ ପ୍ରଦାନ କଲେ ହିଁ ନିରାମୟ ଯୋଜନାରେ ରୋଗୀଙ୍କୁ ଦିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତିରୁ ପାରିବାରିକ ପରିସ୍ଥିତିରେ ବ୍ୟତିକ୍ରମ ସୃଷ୍ଟିହେବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଭାଗ୍ୟସ୍ଥ ଶୁକ୍ରଙ୍କ ପ୍ରଭାବରୁ ଉନ୍ନତ ରହିବ। ଘରର ଆବଶ୍ୟକତା ଅନୁଯାୟୀ ଗୃହୋପକରଣ କ୍ରୟ କରିପାରନ୍ତି। ଅତୀତର ମନାନ୍ତରକୁ କେନ୍ଦ୍ରକରି ନିଜ ଲୋକମାନେ ଦାଉ ସାଧିପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ ଶୁଭପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ; ଯାହା କି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ଧନାଧିପ ଚନ୍ଦ୍ର କେନ୍ଦ୍ରସ୍ଥ ହେତୁ ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସି ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ। ପୁନଶ୍ଚ ଏହା ସଙ୍ଗକୁ କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। କିନ୍ତୁ ସତର୍କତା କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ**
ତୃତୀୟସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ବିଶେଷ ଭଲ ରହି ନ ପାରେ। ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଯାଇପାରେ।

**ସିଂହ**
ଧନକର୍ମାଧିପ ଯୁକ୍ତ ରାଶ୍ୟାଧିପ ପାପଗ୍ରହ ପ୍ରଭାବରେ କର୍ମକ୍ଷେତ୍ରରେ ଅର୍ଥସମ୍ପର୍କକୁ ନେଇ ବିବାଦ ବୃଦ୍ଧି ହୋଇପାରେ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା**
ଏକାଦଶାଧିପତି ରାଶିରେ ଥିବାରୁ ଆଜି ଯାହା କରିବେ ସେଥିରେ ସଫଳତା ନିଶ୍ଚିତ ପାଇବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁଁ ବ୍ୟସ୍ତ ରହିବାକୁ ପଡିପାରେ। ଦୀର୍ଘଦିନରୁ ଲାଗିରହିଥିବା ମାଲିମକଦ୍ଦମା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**
ଧନ ସପ୍ତମାଧିପ ରାଶିରେ ଥିବାରୁ ଅର୍ଥଲାଭ ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ; ଯାହା କି ଆପଣଙ୍କ କାମକୁ ଆସିବ।

**ବିଚ୍ଛା**
ଭାଗ୍ୟାଧିପ ଏକାଦଶସ୍ଥ ଯୋଗୁ ଆଗାମୀ ସମୟର କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। କିନ୍ତୁ ତୃତୀୟସ୍ଥ ହେତୁ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ସମସ୍ୟାକୁ ବଢାଇ ଦେବ। କର୍ମକ୍ଷେତ୍ରରେ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ**
ବ୍ୟୟଭାବରେ ପାପଗ୍ରହ ଏବଂ ପାପମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଅବସାଦ ବୃଦ୍ଧି ପାଇବାଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହେବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ରକ୍ଷା ପାଇଯିବେ। ଅର୍ଥାଭାବ ଯୋଗୁ ଅପୂରଣୀୟ ଦୁଃଖ ଦେଇପାରେ।

**ମକର**
ରାହୁଙ୍କ ସ୍ଥିତି ଭୁଲ୍ ବୁଝାମଣା ହେତୁ ସମ୍ପର୍କହାନି ସୃଷ୍ଟିକରିବ ଏବଂ ଭୁଲ୍ ନିଷ୍ପତ୍ତି ମଧ୍ୟ ନେଇପାରନ୍ତି। ଆଜି ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ**
ବୃହସ୍ପତିଙ୍କ ଶୁଭପ୍ରଭାବରେ କୌଣସି କାମ ଅଟକି ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ ଏବଂ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ମୀନ**
ସପ୍ତମ ଭାବ ଏବଂ ଦଶମ ଏକାଦଶସ୍ଥ ଗ୍ରହପ୍ରଭାବରେ କାର୍ଯ୍ୟସିଦ୍ଧି ଘଟିବ। କଳା,ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାଆନ୍ତାରେ ସୁଯୋଗ ପାଇବେ। କିନ୍ତୁ ଏହା ସଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ପ୍ରତ୍ୟେକ ସ୍ତରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

### ୭୭ ଲକ୍ଷଙ୍କ...

ସଫଳ ହୋଇଛି। ସମସ୍ତ ଦେଶ ଅସମାନତାକୁ ହଟାଇ କୋଭିଡ୍-୧୯କୁ ରୋକିବା ସହ ଏଡ୍‌ସ ଓ ଭବିଷ୍ୟତର ମହାମାରୀ ବିରୋଧରେ ଲଢ଼ିବା ପାଇଁ ପ୍ରସ୍ତୁତ ହେବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ବିଶ୍ୱ ନେତାଙ୍କ ସକ୍ରିୟ ପଦକ୍ଷେପ ବିନା ଏଡ୍‌ସକୁ ହରାଇବା ସହଜ ହେବନାହିଁ। ସମ୍ପ୍ରଦାୟ-ନେତୃତ୍ୱ ଏବଂ ସମ୍ପ୍ରଦାୟ ଭିତ୍ତିକ ଭିତ୍ତିଭୂମି, ଯଥେଷ୍ଟ ମାତ୍ରାରେ ଔଷଧ ଉପଲବ୍ଧ, ଟିକା, ବୈଷୟିକ ଜ୍ଞାନର ବ୍ୟବହାର ବ୍ୟାପକ ହେଲେ ଏଡ୍‌ସ ସହ ଲଢ଼େଇ ସହଜ ହୋଇପାରିବ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।



# classifieds Everyday

0674-2580101, 2549302



MATRIMONIAL

### BRIDE WANTED

ଚାକିରି କରି ଏକାକୀ ରହୁଥିବା 47 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର simple ଝିଅ ଆବଶ୍ୟକ। candidate. 8895608411. D-22401

ମାଟିବଂଶ ଅବଧାନ ଜାତିର ପୁଅ ପାଇଁ ପାତ୍ରୀ ଆବଶ୍ୟକ। ଫୋନ୍- 9937858319. D-22432

### GROOM WANTED

Beautiful carpenter girl 1992/ 5'4'' Nationalised Bank Grade A Officer. 9853366347. D-22399

47 ବର୍ଷର ମହିଳା, Food & Safety Departmentରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 7656973285. D-22407

Beautiful Brahmin girl 1992/5'6" MA (Economics) Ph.D. (Required Govt/ PSU/ Corporate). 9861078320. D-71011

Searching Kaibarta Groom for Very Fair Bride & Very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-22408



automobile

### HIRE

JCB Machine Excavators 22T,20T,12T,10T,8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email- kttbbsr@gmail.com. D-22404



real estate

### SALE

"2BHK 1326 sft sbp area ready to move flat at Suryatapa Apartment, Sunderpada for sale. Contact- 9437084495. D-22433

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668. D-71747

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/- ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117. D-71741

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452. D-71825

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

### PURCHASE

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। Only owners to Contact: 7978991126. D-71826



to-let

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

3 BHK first floor for family or residence cum office at BDA HIG Duplex Colony Baramunda, Excellent location available January 2022. Contact: 9437111632. D-22415

1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983. D-22285

A duplex bungalow with 3Bedroom, Drawing Room, Dining Hall with modular Kitchen, Puja Room and Garage with 24 hour Water supply and security at Shri Jagannath Villa, Radhakrushna Nagar, Garage Chhaka, Lewis Road, BBSR. Contact No.- 9437138889. D-22428

Rent for Godown purpose pichu road side at Jhinti Sashan 7km. from NH Uttara Chhak, BBSR. 7809525452. D-71827

### ACCOMMODATION

NCCF of (I) Ltd. requires commercial property for its Office premises (size 800 to 1000sqft.) at Bhubaneswar. Rent amount Rs. 12,000 to 15,000/-. Send your properties detail by e-mail: nccfbbsr@gmail.com within one week. Contact: 8895752465, 0674-2302256, 9438290815. D-71605



healthcare

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

Newly open SPA Offer Price @ 599/-, positively health benefits. 8455987557. D-71445

One hour any therapy by expert therapist @800 only. 9078484455. D-71443

Newly open full body massage ladies and gents. 8327740003. D-71824

Newly open SPA positively health benefit with expert. Contact: 7749976301. D-71914

Newly open SPA Offer Price @ 699/-, positively health benefits. 7846814019. D-71444

Refreshing your mind and body with the best therapy. 7873794731. D-71913

### AFFIDAVIT

I, Sarojini Pati, aged 50 yrs, D/o Late Chaturbhuj Pati, W/o Sri Niladri Patra, C/o Studio, Konark, College Road, Bhadrak, Dist. Bhadrak At Present residing at BJB Nagar, Bhubaneswar, Dist. Khurda have sworn affidavit on dated 24.11.2021 before THE EXECUTIVE MAGISTRATE, BHUBANESWAR, that subsequent to my marriage with Sri Niladri Patra, C/o Studio, Konark, College Road, Bhadrak, Dist. Bhadrak in some records such as i. PAN Card in respect of PAN Number ADAPP6485H, iii. Insurance Policies no. 434227942, 437040463, 584505751, 584901505, 588424211, iv. ROR in respect of land schedule at Nandipur, Bhadrak my name has been recorded as Sarojini Patra. I declare both Sarojini Pati, D/o Late Chaturbhuj Pati and Sarojini Patra, W/o Sri Niladri Patra are one and same person and I would continue to be known as Sarojini Pati only for all future purposes.

Sd./- SAROJINI PATI
D-22438

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ବିଧାନସଭା ପ୍ରକୋଷ୍ଠରେ ମଙ୍ଗଳବାର ବିଜେଡି ବିଧାୟକ ଦଳ ବୈଠକ। ଭର୍ଚୁଆଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରୁଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ।



କଂଗ୍ରେସ ଭବନରେ ବିଧାୟକ ଦଳର ବୈଠକ।

# ମମିତା ହତ୍ୟାକାଣ୍ଡ: ଘେରିବେ ଭାଜପା, କଂଗ୍ରେସ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ତେବେ ଏଥର ବିଧାନସଭାରେ ମମିତା ମେହେର ହତ୍ୟାକାଣ୍ଡକୁ ମୁଖ୍ୟ ପ୍ରସଙ୍ଗ କରି ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଘେରିବେ ବୋଲି ବିଧାୟକ ଦଳର ବୈଠକରେ ଘୋଷଣା କରିଛନ୍ତି।

ଅଧିବେଶନ ଆରମ୍ଭ ହେବା ଠାରୁ କେଉଁସବୁ ପ୍ରସଙ୍ଗରେ ଭାଜପା ଶାସକ ଦଳକୁ ଘେରିବ ସେନେଇ ବିଧିବଦ୍ଧ ଭାବେ ମଙ୍ଗଳବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଛି। ମମିତା ମେହେର ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିକରି ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗରେ ହୋହଲ୍ଲା କରିବାକୁ ଭାଜପା ସଦସ୍ୟମାନେ ଯୋଜନା କରିଛନ୍ତି।

ତେବେ ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ନାରୀ ନିର୍ଯ୍ୟାତନା ଦଳର ମୁଖ୍ୟ ପ୍ରସଙ୍ଗ ହେବ। ବହୁଚର୍ଚ୍ଚିତ ମମିତା ହତ୍ୟାକାଣ୍ଡ, ମହିଳା ନିର୍ଯ୍ୟାତନା, ଶିଶୁ ଅପହରଣ ଓ ହତ୍ୟା, ମଣ୍ଡି, ବେକାରି ସମସ୍ୟା, ବ୍ରାଉନସୁଗାର ଓ ଗଞ୍ଜେଇର ବ୍ୟାପକ କାରବାର, ଡବ୍ଲ୍ୟୁଓଡିସି କାଉନ୍‌ସିଲ ଅନିଶ୍ଚିତତା, ରାଜ୍ୟରେ କାମ୍ପା, ଡିଏମ୍‌ଏଫ୍ ଓ ଓଏମ୍‌ବିଏଡିସି ଫଣ୍ଡ ବାଟମାରଣା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡର ପ୍ରହେଳିକା, ୫-ଟି ଜରିଆରେ ବିଦ୍ୟାଳୟ ରୂପାନ୍ତରଣ ପ୍ରହସନ, ମାହାଙ୍ଗା ଡବଲ ମର୍ଡର ମାମଲାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି, ଏସିଏଫ୍ ସୌମ୍ୟରଞ୍ଜନଙ୍କ ରହସ୍ୟଜନକ ମୃତ୍ୟୁ, ପ୍ରଧାନମନ୍ତ୍ରୀ ଆବାସ ଘୋଟାଲା ଆଦି ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହେବ ବୋଲି ସେ କହିଛନ୍ତି। ସେହିପରି ଧାନମଣ୍ଡି ଓ ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଏବେ ମଧ୍ୟ ଲାଗିରହିଛି। ଡବ୍ଲ୍ୟୁଓଡିସି କାଉନ୍‌ସିଲ୍‌ର ଗଠନ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ଏବଂ ବିନା ଅନୁମୋଦନରେ ସମସ୍ତ ଅର୍ଥକୁ ଖର୍ଚ୍ଚ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲଥ୍ କାର୍ଡ ପାଇଁ ବଜେଟରେ ଅର୍ଥ ବରାଦ ହୋଇନାହିଁ, ରୋଗୀକୁ କୌଣସି ପ୍ରକାର ସୁବିଧା ମିଳୁନାହିଁ, ଚିକିତ୍ସା ନ ପାଇ ରୋଗୀ ଫେରୁଛନ୍ତି ହେଲେ ନିର୍ବାଚନ ପରିପ୍ରେକ୍ଷୀରେ ଚିକିତ୍ସା ମିଳିବ ବୋଲି ମିଛ ପ୍ରଚାର କରୁଛନ୍ତି। ୧୭୮ ସ୍କୁଲ ରୂପାନ୍ତରଣ ହୋଇଥିଲେ ମଧ୍ୟ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ଏହାସହ ପୌରାଞ୍ଚଳରେ ଉନ୍ନତୀକରଣ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଚାଲିଛି। ବାଚସ୍ପତି ଯଦି ନିରପେକ୍ଷତା ଅବଲମ୍ବନ କରି ଆଲୋଚନା ପାଇଁ ନିଷ୍ପତ୍ତି ନିଅନ୍ତି ତେବେ ଭାଜପା ଗୃହ ଚଳାଇବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ସମସ୍ତ ଆଲୋଚନାରେ ଭାଗନେବ ବୋଲି ମୋହନ ସୂଚନା ଦେଇଛନ୍ତି।

ଭାଜପା ଭଳି କଂଗ୍ରେସ ମଧ୍ୟ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ମମିତା ମେହେର ହତ୍ୟା ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ ଭବନଠାରେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସଙ୍ଗରେ କଂଗ୍ରେସ ଗୃହରେ ଯାହା ଦାବି କରିବ ତାହା ଯଦି ବାଚସ୍ପତି ଗ୍ରହଣ ନ କରନ୍ତି ତେବେ ଦଳର ସମସ୍ତ ସଦସ୍ୟ ହୋହଲ୍ଲା କରିବାକୁ ବାଧ୍ୟହେବେ ବୋଲି ସୂଚନା ଦେଇଛନ୍ତି।

ବୈଠକ ଶେଷ ହେବା ପରେ ନରସିଂହ କହିଛନ୍ତି, ମମିତା ହତ୍ୟାକାଣ୍ଡ ମୁଖ୍ୟ ପ୍ରସଙ୍ଗ ହେବ। ଏହି ଘଟଣାରେ କେଉଁମାନଙ୍କ ହାତ ରହିଛି ତାକୁ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବୁ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କଂଗ୍ରେସ ସବୁବେଳେ ଦୁର୍ନୀତି ବିରୋଧରେ ମୁକାବିଲା କରିଆସିଛି। ଗୃହରେ କଂଗ୍ରେସ ସଦସ୍ୟମାନେ ବିଶୃଙ୍ଖଳିତ ହେବେ ନାହିଁ। ହେଲେ ବାଚସ୍ପତି ଯଦି ଆମେ ଯାହା ଲେଖିକି ଦେବୁ ତାକୁ ଗ୍ରହଣ ନ କରି ଶାସକ ଦଳର କର୍ମୀ ଭାବେ କାର୍ଯ୍ୟ କରିବେ ତେବେ ଆମେ ବିଶୃଙ୍ଖଳିତ ହେବାକୁ ବାଧ୍ୟ ହେବୁ। କଂଗ୍ରେସର ଦାବି ରହିବ ମମିତା ମେହେରଙ୍କ ପରିବାରକୁ କୋଟିଏ ଟଙ୍କାର ସହାୟତା ପ୍ରଦାନ କରିବା ସହ ଏହି ଘଟଣାରେ ଏସ୍‌ଆଇଟି ତଦନ୍ତ ହେଉ। ସେହିପରି ଏହି ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଆସୁଥିବା ବେଳେ ତାଙ୍କୁ ବହିଷ୍କାରକରି ଗିରଫ କରିବାକୁ ଦାବି କରାଯିବ ବୋଲି ସେ କହିଛନ୍ତି। ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ମମିତା ମେହେର ଘଟଣାରେ ଏସ୍‌ଆଇଟି ତଦନ୍ତ ଦାବି କରାଯିବ। ସେହିପରି ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଧାନମଣ୍ଡି ଓ ଧାନ ସଂଗ୍ରହ ସମସ୍ୟା ଏବଂ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଦଳ ଗୃହରେ ଜୋର୍‌ଦାର ବିରୋଧ କରିବ ବୋଲି ମୋକିମ କହିଛନ୍ତି।

**ଆଜିଠୁ ଶୀତ ଅଧିବେଶନ**

# କେନ୍ଦ୍ର ଅବହେଳା ବିଜେଡିର ମୁଖ୍ୟ ପ୍ରସଙ୍ଗ

- ୪ ଦିନ ଧରି ରାଜଭବନ ଆଗରେ ଧାରଣା, ପ୍ରତିବାଦ ସଭା
- ଦରବୃଦ୍ଧି, ଏମ୍‌ଏସ୍‌ପି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କଥା ଉଠାଇ ଘେରିବ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ବିଧାନସଭା ଶୀତ ଅଧିବେଶନରେ ବିରୋଧୀଙ୍କ ପ୍ରସଙ୍ଗର ସମ୍ମୁଖୀନ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ପ୍ରସ୍ତୁତି ଶେଷ କରିଛି। ଲଗାତାର ୪ ଦିନ ପର୍ଯ୍ୟନ୍ତ କେନ୍ଦ୍ର ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ଏକାଠି କରି ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ। ଏଥିଲାଗି ଧାରଣା ସ୍ଥଳରେ ବିଜେଡି ପକ୍ଷରୁ ଟେଣ୍ଟ ମଧ୍ୟ ବନ୍ଧା ସରିଛି। ଗୃହ ଭିତରେ ବିରୋଧୀ ହୋହଲ୍ଲା କରିବା ମାତ୍ରେ ଶାସକ ଦଳର ବିଧାୟକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ଆବଶ୍ୟକ ଘର କେନ୍ଦ୍ର ଯୋଗାଇ ଦେଇ ନ ଥିବା ଦାବି ନେଇ ବିଧାନସଭାରୁ ଆସି ଧାରଣା ସ୍ଥଳରେ ଆନ୍ଦୋଳନ କରିବେ। ମୁଖ୍ୟତଃ କେନ୍ଦ୍ର ଅବହେଳା କଥାକୁ ବିଜେଡି ପ୍ରମୁଖ ଅସ୍ତ୍ର କରିବାକୁ ଯୋଜନା କରିଛି।

ମିଳିଥିବା ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ ଯୋଜନା ସମ୍ପର୍କରେ ବିଜେଡି ବିଧାୟକମାନେ ଗୃହରେ ମତ ରଖିବେ। ଯେପରି ଶ୍ରୀମନ୍ଦିର ପରିକ୍ରମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ରାଜ୍ୟରେ ୫-ଟି ଆଧାରରେ ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ ପ୍ରସଙ୍ଗ କଥାକୁ ବିଜେଡି ଗୃହରେ ଉପସ୍ଥାପିତ କରିବ। ଏହା ମଧ୍ୟରେ ଯଦି ବିରୋଧୀ ମମିତା ପ୍ରସଙ୍ଗରେ ଅଧିକ ହୋହଲ୍ଲା କରନ୍ତି ତେବେ ବିଜେଡି ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାର ବିଫଳତା, ରାଜ୍ୟରୁ ୧୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ କେନ୍ଦ୍ର ନ ଉଠାଇବା, କେନ୍ଦ୍ର ରାଜ୍ୟକୁ ଦେବାକୁ ଥିବା ୧୦ ହଜାର କୋଟି ଟଙ୍କା ପ୍ରଦାନ ନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ଏ ପର୍ଯ୍ୟନ୍ତ ଆବଶ୍ୟକ ଥିବା ୮ ଲକ୍ଷ ପକ୍କାଘର ପ୍ରଦାନ ନ କରିବା ଏବଂ ଏହି ଯୋଜନାରେ ଘର ପ୍ରଦାନ ଲାଗି ପ୍ରସ୍ତୁତ ପୋର୍ଟାଲ ନ ଖୋଲିବା, ଏମ୍‌ଏସ୍‌ପି ବୃଦ୍ଧି, ଏଲ୍‌ପିଜି ଦରବୃଦ୍ଧି, ବେକାରୀ ସମସ୍ୟା ଏବଂ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ର ବିରୋଧରେ ଗର୍ଜିବ ବୋଲି ଜଣାପଡ଼ିଛି।

ସେହିପରି ବୁଧବାର ଠାରୁ ଲଗାତାର ୪ ଦିନ ପର୍ଯ୍ୟନ୍ତ ବିଜେଡି ରାଜଭବନ ସମ୍ମୁଖରେ ଆନ୍ଦୋଳନ କରିବ। ଫନୀ କ୍ଷତିଗ୍ରସ୍ତ ଏବଂ ରାଜ୍ୟକୁ ଦେବାକୁ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ ଲକ୍ଷ ଘର ପ୍ରଦାନ ନ କରିବା ନେଇ ବିଜେଡି ବିଧାୟକମାନେ ରାଜଭବନ ଆଗରେ ଧାରଣା ଦେବେ। ଗୁରୁବାର ବିଜେଡି ଯୁବ, ଛାତ୍ର ପକ୍ଷରୁ ପେଟ୍ରୋଲ, ଡିଜେଲ ଦର କମାଇବା ଦାବିରେ ଧାରଣା ଓ ପ୍ରତିବାଦ କରାଯିବ। ଶୁକ୍ରବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଗ୍ୟାସ୍ ଦରବୃଦ୍ଧି ନେଇ ଆନ୍ଦୋଳନ କରାଯିବ। ସେହିପରି ଶନିବାର ବେକାରୀ ସମସ୍ୟା ନେଇ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜଭବନ ଆଗରେ ପ୍ରତିବାଦ ସଭା କରାଯିବାକୁ ନିଷ୍ପତ୍ତି ହୋଇଛି। ଏହିସବୁ ସଭାରେ ବିଧାୟକମାନେ ସାମିଲ ହେବାର ଯୋଜନା ରଖାଯାଇଥିବା ଜଣାପଡ଼ିଛି।



ପାର୍ଲାମେଣ୍ଟ ଶୀତ ଅଧିବେଶନ ବେଳେ ମଙ୍ଗଳବାର ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସହ ଫଟୋ ଉଠାଉଛନ୍ତି କଂଗ୍ରେସ ଏମ୍‌ପି ରମ୍ୟା ହରିଦାସ।

# କାହାର ରବର ଷ୍ଟାମ୍ପ୍ ହେବୁ ନାହିଁ: ଓ' ବ୍ରାଏନ୍

ନୂଆଦିଲ୍ଲୀ,୩୦।୧୧

କେନ୍ଦ୍ରକୁ ଘେରିବା ପାଇଁ ଆମେ ପାର୍ଲାମେଣ୍ଟରେ ବିରୋଧୀ ଏକତା ଚାହୁଁଛୁ। କିନ୍ତୁ କାହାର ରବର ଷ୍ଟାମ୍ପ୍ ହେବୁ ନାହିଁ। କଂଗ୍ରେସ ସହ ମୁହାଁମୁହିଁ ସ୍ଥିତିରେ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ମଙ୍ଗଳବାର ଏଭଳି ଜବାବ ଦିଆଯାଇଛି। ଟିଏମ୍‌ସି ଏମ୍‌ପି ଡେରେକ୍ ଓବ୍ରାଏନ୍ କହିଛନ୍ତି, ତାଙ୍କ ଦଳ କାହା ପ୍ରତି ଉତ୍ତରଦାୟୀ ନୁହେଁ। ଟିଏମ୍‌ସି ଚାହୁଁଛି ପାର୍ଲାମେଣ୍ଟରେ ଆଲୋଚନା ହେଉ। ଅଧିବେଶନରେ ଟିଏମ୍‌ସି ଏମ୍‌ପିମାନେ କକ୍ଷତ୍ୟାଗ କରିବାକୁ ଚାହୁଁନାହାନ୍ତି। ପ୍ରକାଶ ଯେ, ରାଜ୍ୟ ସଭାର ୧୨ ସଦସ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବିରେ ବିରୋଧୀଙ୍କ ପକ୍ଷରୁ ଜାରି ମିଳିତ ବିବୃତିରେ ଟିଏମ୍‌ସି ସ୍ୱାକ୍ଷର କରିନାହିଁ। ଏହା ପୂର୍ବରୁ ସୋମବାର କଂଗ୍ରେସ ପକ୍ଷରୁ ଆୟୋଜିତ ବିରୋଧୀଙ୍କ ବୈଠକକୁ ମଧ୍ୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ବର୍ଜନ କରିଥିଲା।



ଡେରେକ୍ ଓବ୍ରାଏନ୍

**କଂଗ୍ରେସ-ଟିଏମ୍‌ସି ଲଢ଼େଇ**

କାରଣ ପଶ୍ଚିମବଙ୍ଗରେ ଟିଏମ୍‌ସି ବିରୋଧରେ କଂଗ୍ରେସ ବାମପନ୍ଥୀଙ୍କ ସହ ମିଶି ଲଢ଼ିଥିଲା। ଇତିମଧ୍ୟରେ ଗୋଆ, ତ୍ରିପୁରା ଓ ମେଘାଳୟରେ କଂଗ୍ରେସର ତୁଙ୍ଗନେତାମାନେ ହାତ ଛାଡ଼ି ଟିଏମ୍‌ସିରେ ସାମିଲ ହେବାରେ ଲାଗିଛନ୍ତି। ଏହାକୁ ନେଇ ଦୁଇ ବିରୋଧୀ ଦଳ ମୁହାଁମୁହିଁ ସ୍ଥିତିରେ।

**PARADIP PORT TRUST**

**SECOND CORRIGENDUM TO e-Tender Call Notice (e-TCN) No: MD/ACCTS/WK-R-5/2021/1195 Dt. 25.10.2021 as amended after pre-bid meeting Dt. 10.11.2021**

Name of the Work : **"Supply of 01 no Pilot Launch on Hire for Three shifts operation per day along with operational crew for a period of five (05) years"**. Estimated cost:**Rs. 8,54,98,433/-** excluding fuel cost & GST. Last date & time of submission of tender through on-line bidding is **1530 hours on Dt. 14.12.2021**. Technical Bids shall be opened **at 1530 hours on Dt. 15.12.2021.** For details, please log on to the website: **https://eprocure.gov.in/eprocure/app.**

**Dy. Conservator**
**PPT/PR/124/2021-22, Dt.30.11.2021**

**PANCHAYAT SAMITI OFFICE**
**HEMGIR, DIST.- SUNDARGARH**
**TENDER CALL NOTICE 02/21-22**

**No. 1716** **Date: 30.11.2021**

Tender is hereby invited vide Tender Call Notice No. 02 of 2021-22 from eligible contractors of Class B & A for the following work. The details documents will be downloaded from district website **www.sundergarh.nic.in** w.e.f. 01.12.2021 to 10.12.2021.

| Sl. No. | Name of the G.P. | Name of the School | Estimated Cost in (Lakh) | Amount put to tender excluding GST (In Rs.) |
|---|---|---|---|---|
| 1 | Munderkhet | Chhatabar High School | 253.83 | 1,96,54,832/- |
| 2 | Taparia | Taparia High School | 195.15 | 1,69,24,655/- |

**Sd./- Block Development Officer, Hemgir**

**DISTRICT EDUCATION OFFICE**
**Paralakhemundi, Gajapati, Email: deogajapati10@gmail.com**
**No. 6151/DEO/21** **Dated: 29.11.2021**

**TENDER CALL NOTICE**

Sealed tenders are invited from reputed parties for good quality photograph, small video and documentation for 60 Nos. of Transformation High Schools selected under 5T initiative. The party can download the tender document from the Gajapati NIC website **www.gajapati.nic.in**.

**Sd./- District Education Officer, Gajapati**

# ନୀତୀଶଙ୍କ ଚାମ୍ବର ନିକଟରେ ମଦ ବୋତଲ



- ବିହାର ବିଧାନସଭାରୁ ୫୦ ମିଟର ଦୂର
- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ତେଜସ୍ୱୀ

ପାଟନା,୩୦।୧୧

ବିହାରରେ ମଦ ବନ୍ଦୀ ଘୋଷଣା କରାଯାଇଥିଲେ ହେଁ ବାସ୍ତବରେ ଏହା କାର୍ଯ୍ୟକାରୀ ହେଉନାହିଁ, ଯାହାର ପ୍ରମାଣ ମଙ୍ଗଳବାର ମିଳିଛି। ବିଧାନସଭାରେ ଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଚାମ୍ବର ନିକଟରେ ଏକ ଖାଲି ମଦ ବୋତଲ ମିଳିବା ପରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କ ଇସ୍ତଫା ଦାବି କରିଛନ୍ତି।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ କହିଛନ୍ତି, ସେ ବିହାର ବିଧାନସଭା ପରିସରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଚାମ୍ବର ଆଖପାଖରେ ଯାଞ୍ଚ କରିଥିଲେ। ଚାମ୍ବରରୁ ମାତ୍ର ୫୦ ମିଟର ଦୂରରେ ଏକ ଖାଲି ମଦ ବୋତଲ ମିଳିଥିଲା। ଏଥିରୁ ମଦ ନିଷିଦ୍ଧର ବାସ୍ତବ ସ୍ଥିତି ଜଣାପଡୁଛି। ବିଧାନସଭା ଭଳି କଡ଼ା ସୁରକ୍ଷା ବଳୟରେ ଥିବା ଅଞ୍ଚଳରେ ମଦ୍ୟପାନ କରାଯାଇଛି କିମ୍ବା କେହି ଜଣେ ଖାଲି ବୋତଲ ଧରି ସେଠାକୁ ଯାଇଛନ୍ତି। ନୀତୀଶ କୁମାର ମଦ ନିଷେଧ କରିଥିବା ଦର୍ଶାଇ ବାହାବା ନେଉଥିବାବେଳେ ମଦ୍ୟପାନକୁ ପୋଲିସ ଧରିପାରୁ ନାହିଁ। ମଦ ବୋତଲ ମିଳିଥିବା ସ୍ଥାନରୁ ଅଳ୍ପ କିଛି ମିଟର ଦୂରରେ ପୋଲିସ ମହାନିର୍ଦ୍ଦେଶକଙ୍କ ଅଫିସ ରହିଛି। ମୁଖ୍ୟମନ୍ତ୍ରୀ ଗୃହରେ ଥିବାବେଳେ ୫ରୁ ୬ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ବିଧାନସଭା ପରିସରରେ ମଦ୍ୟପାନ କରାଯାଉଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶୋଇଛନ୍ତି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଛନ୍ତି। ତେଜସ୍ୱୀ ଏହି ପ୍ରସଙ୍ଗ ବିଧାନସଭାରେ ମଧ୍ୟ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ଅନ୍ୟମାନଙ୍କୁ ମଦ୍ୟପାନ ନ କରିବା ପାଇଁ ଜବରଦସ୍ତି ଶପଥ ପାଠ କରାଉଛନ୍ତି। ଏହାର ଦିନକ ପରେ ତାଙ୍କ ଚାମ୍ବର ପାଖରୁ ମଦ ବୋତଲ ମିଳୁଛି। ସାରା ରାଜ୍ୟରେ ମଦ ଉପଲବ୍ଧ ହେଉଛି। ଲିକର ବ୍ୟାନ୍ କେବଳ ଧୂଆଁବାଣ ବୋଲି ତେଜସ୍ୱୀ ସମାଲୋଚନା କରିଛନ୍ତି। ଏହାର ଉତ୍ତରରେ ମଦ ନିରୋଧୀ ବିଭାଗ ମନ୍ତ୍ରୀ ସୁନୀଲ କୁମାର କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗ। ଏନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତକାରୀମାନେ ସିସିଟିଭି ଯାଞ୍ଚ କରିବା ପରେ ଖୁବ୍‌ଶୀଘ୍ର ସତ ପଦାକୁ ଆସିବ।




ବିହାର ବିଧାନସଭା ପରିସରରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଯାଞ୍ଚ ପାଇଁ ଯାଇଥିବାବେଳେ ମଦ ବୋତଲ ଗଡୁଛି।

ବ୍ୟାଙ୍କ ଅଫ୍ ଇଣ୍ଡିଆ
Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା / **ଋଣଗ୍ରହୀତା: ଶ୍ରୀ ଅଜିତ୍ କୁମାର ସ୍ୱାଇଁ,** ପିତା: ପାଣ୍ଡବ ସ୍ୱାଇଁ, **ସହ-ଋଣଗ୍ରହୀତା: ଶ୍ରୀମତୀ ତ୍ରିବେଣୀ ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅଜିତ୍ କୁମାର ସ୍ୱାଇଁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୬୨/୩୨୯୭, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା | ଟ.୧୬,୩୨,୩୨୧.୫୬ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୯.୨୦୨୧ / ୨୬.୧୧.୨୦୨୧ | ଶ୍ରୀ ଅଜିତ୍ କୁମାର ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୬/୪୨୮, ପ୍ଲଟ୍ ନଂ.: ୫୬୨/୩୨୯୭, ମୌଜା: ସୁନ୍ଦରପଦା, ଭୁବନେଶ୍ୱର ସହର (ୟୁନିଟ୍ ନଂ.: ୨୪), ଥାନା: ଏୟାରଫିଲ୍ଡ, ଥାନା ନଂ: ୬୯, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ: ଭୁବନେଶ୍ୱର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୭୨ ଡିସିମିଲି, ଦଲିଲ ନଂ: ୧୪୩୮, ତାରିଖ: ୦୮.୦୨.୨୦୦୬, ସମ୍ପତ୍ତିର ସମସ୍ତ ଅଂଶବିଶେଷ ତହସିଲ/ଡିଏସ୍‌ଆରଓ: ଭୁବନେଶ୍ୱର ଅନ୍ତର୍ଗତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୮, ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ.: ୬୩୬, ପୂର୍ବ: ୨୦ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ରେଭେନ୍ୟୁ ପ୍ଲଟ୍ ନଂ.: ୬୩୯ |
| ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା / **ଋଣଗ୍ରହୀତା: ମେସର୍ସ ବିଷ୍ଣୁ ପ୍ରିୟା ଫୁଡ୍ସ ଆଣ୍ଡ ବେଭେରେଜେସ୍ ପ୍ରାଇଭେଟ୍ ଲିମିଟେଡ୍,** ପ୍ଲଟ୍ ନଂ.: ୭୩୭/୫୫୪୫, କୈବଲ୍ୟ ବିହାର, କସ୍‌ମୋପଲିସ୍ ଆପାର୍ଟମେଣ୍ଟ ନିକଟ, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, ଓଡ଼ିଶା, **ପରିଚାଳନା ନିର୍ଦ୍ଦେଶକ /ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଭାକର ଭୁକ୍ତା,** ପିତା: ୰ ରାମା ରାଓ ଭୁକ୍ତା, ସା: ଅଳତିରି (ଅଂଶ), ଭାୟା: ପାଣିକୋଇଲି, କୋରେଇ, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୪୩, **ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଝରଣା ସାମଲ,** ସ୍ୱାମୀ: ଦିପ୍ତୀ ରଞ୍ଜନ ସ୍ୱାଇଁ, ଏଚ୍‌ଆଇଜି-୧୨/୨, ପଞ୍ଚଶଖା ନଗର, ଶିବ ମନ୍ଦିର ନିକଟ, ଡୁମୁଡୁମା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୯ | ଟ.୫୮,୪୦,୯୦୦.୧୩ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୯.୨୦୨୧ /୨୬.୧୧.୨୦୨୧ | **ଶ୍ରୀମତୀ ଝରଣା ସାମଲ (କମ୍ପାନୀର ନିର୍ଦ୍ଦେଶକ)**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୩୨/୩୪୨୪, ପ୍ଲଟ୍ ନଂ.: ୭୩୭/୫୫୪୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲିରୁ ଏକର ୦.୦୨୭ ଡିସିମିଲି (ସମୁଦାୟ ପ୍ଲଟ୍‌ର ଦକ୍ଷିଣ ପାର୍ଶ୍ୱରୁ), ଅନୁରୂପ ଖାତା ନଂ: ୧୫୫, ମୌଜା: ଡୁମୁଡୁମା, ଥାନା ନଂ.: ୦୪, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ: ଖଣ୍ଡଗିରି, ଭୁବନେଶ୍ୱର, କିସମ: ଘରବାରୀ, ଦଲିଲ ନଂ.: ୧୧୧୩୧୭୦୦୭୯୮, ତାରିଖ: ୦୬.୦୩.୨୦୧୭, ସମ୍ପତ୍ତିର ସମସ୍ତ ଅଂଶବିଶେଷ ଏସ୍‌ଆରଓ: ଖଣ୍ଡଗିରି, ଭୁବନେଶ୍ୱର ଅନ୍ତର୍ଗତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସ୍ୱର୍ଣ୍ଣଲତା ଖଣ୍ଡେଇ, ଦକ୍ଷିଣ: ଦିବାକର ପାତ୍ର ଏବଂ ଅନ୍ୟମାନେ, ପୂର୍ବ: ପୂର୍ଣ୍ଣ ଚନ୍ଦ୍ର ସୁନ୍ଦରାୟ, ପଶ୍ଚିମ: ରାସ୍ତା |
| ମହାନଦୀ ବିହାର ଶାଖା / **ଋଣଗ୍ରହୀତା: ମେସର୍ସ ଶ୍ରୀ ଚଣ୍ଡି ଜୁଏଲାରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୈତାରୀ ସାମଲ,** ପିତା: ବିଶ୍ୱନାଥ ସାମଲ, ସା: ରାଣୀହାଟ, ଗୋପାଳ ସାହି, ବକ୍ସିବଜାର ରୋଡ୍, ପୋ.: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ସଞ୍ଜୟ କୁମାର ନାୟକ,** ପିତା: ୰ ଶରତ ଚନ୍ଦ୍ର ନାୟକ, ବାଦାମବାଡି, ଓଲ୍ଡ ଏଲ୍‌ଆଇସି କଲୋନୀ, କଟକ-୭୫୩୦୧୦ | ଟ.୩୨,୫୦,୬୮୪.୫୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୭.୦୭.୨୦୨୧ / ୩୦.୧୧.୨୦୨୧ | **ଶ୍ରୀ ଦୈତାରୀ ସାମଲ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୦୫/୨୪୫, ପ୍ଲଟ୍ ନଂ.: ୪୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, ମୌଜା: ପୋପରଡା, ଥାନା: କଟକ ସଦର, ଥାନା ନଂ.: ୭୧, ଏସ୍‌ଆରଓ: କଟକ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭୈରବ ଛାଟୋଇ, ଦକ୍ଷିଣ: ପିତାମ୍ବର ସ୍ୱାଇଁ, ପୂର୍ବ: ରାସ୍ତା ଏବଂ ପଶ୍ଚିମ: କୃଷ୍ଣ ମୋହନ ପଣ୍ଡା |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୨.୨୦୨୧** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ଟୁଇଟରରେ ଅଗ୍ରୱାଲ

ବିଶ୍ୱବିଖ୍ୟାତ ଆମେରିକାର ମାଇକ୍ରୋ ବ୍ଲଗିଂ ଓ ସୋସିଆଲ୍ ନେଟ୍‌ୱର୍କିଂ ସର୍ଭିସ 'ଟୁଇଟର'ର ସହ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜ୍ୟାକ୍ ଡୋର୍ସି ୨୯ ନଭେମ୍ବରରେ ପଦବୀରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଭାରତୀୟ ବଂଶୋଦ୍ଭବ ତଥା ଟୁଇଟରର ମୁଖ୍ୟ ପ୍ରଯୁକ୍ତି ଅଧିକାରୀ (ସିଟିଓ) ପରାଗ ଅଗ୍ରୱାଲ ନୂଆ ସିଇଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଟି ବମ୍ବେରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ ଅର୍ଜନ କରିଥିବା ପରାଗ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏହି ବିଷୟରେ ଡକ୍ଟରେଟ୍ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ମାତ୍ର ୩୭ ବର୍ଷ ବୟସରେ ସେ ଏତେବଡ଼ କମ୍ପାନୀର ସିଇଓ ହେବା ନିଶ୍ଚିତ ଭାବେ ତାଙ୍କ ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ବିଶ୍ୱ ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟଙ୍କ ପ୍ରଦର୍ଶନ ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡାଲା, ଆଇବିଏମ୍ ସିଇଓ ଅରବିନ୍ଦ କ୍ରିଷ୍ଣା, ଆଡୋବ୍ ସିଇଓ ଶାନ୍ତନୁ ନାରାୟେନ୍ ଏବଂ ବହୁରାଷ୍ଟ୍ରୀୟ ସାଇବର ସିକ୍ୟୁରିଟି କମ୍ପାନୀ ପାଲୋ ଅଲ୍‌ଟୋ ନେଟ୍‌ୱର୍କସର ସିଇଓ ନିକେଶ ଆରୋରାଙ୍କଠାରେ ଦେଖିବାକୁ ମିଳିଛି।

ପରାଗ ଅଗ୍ରୱାଲ ଟୁଇଟର ସିଇଓ ହେବା ପରେ ତାଙ୍କୁ ବିଶ୍ୱବ୍ୟାପୀ ଶୁଭେଚ୍ଛା ମିଳୁଛି। ସ୍ପେସ୍‌ଏକ୍ସ ସିଇଓ ଏଲନ୍ ମସ୍କ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ପ୍ରତିଭାଙ୍କ ଦ୍ୱାରା ଆମେରିକା ଯଥେଷ୍ଟ ଲାଭବାନ୍ ହେଉଛି। ମସ୍କଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ହେଲେ ଭାରତରେ ପ୍ରତିଭାକୁ ଚିହ୍ନିବାରେ ସମାଜ ଓ ସରକାର ବିଫଳ ହେଉଛନ୍ତି। କୌଣସି ନୂଆ ଉଦ୍ଭାବନ କରିବାକୁ ଚାହୁଁଥିବା ଯୁବପ୍ରତିଭାଙ୍କ ପାଇଁ ଗବେଷଣାର ସେଭଳି ସୁଯୋଗ ନାହିଁ। ଏପରି କି ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉ ନ ଥିବାରୁ ମେଧାଯୁକ୍ତ ଛାତ୍ରୀଛାତ୍ର ବିଦେଶ ପଳାଇଯିବାକୁ ପସନ୍ଦ କରୁଛନ୍ତି। କେବଳ ପ୍ରଯୁକ୍ତି ଓ ବିଜ୍ଞାନ କ୍ଷେତ୍ରରେ ଗତାନୁଗତିକ ଭାବେ ଗବେଷଣା କରାଯାଉଛି। ସମ୍ଭବତଃ ସେଇଥିପାଇଁ ଏଠାରେ ନୂଆ ଅଧ୍ୟୟନ ବା ଚିନ୍ତାଧାରା ଫଳପ୍ରସୂ ହୋଇପାରୁ ନାହିଁ। ଇଂଲିଶରେ କୁହାଯାଏ 'ବ୍ରେନ୍ ଡ୍ରେନ୍ ବେଟର ଦ୍ୟାନ୍ ବ୍ରେନ୍ ଇନ୍ ଦି ଡ୍ରେନ୍'। ଅର୍ଥାତ୍ ନର୍ଦ୍ଦମାରେ ବୁଦ୍ଧି ପଡ଼ିଯିବାଠାରୁ ଭଲ ହେଉଛି ପ୍ରତିଭା ଦେଶାନ୍ତରଣ। ଉପଯୁକ୍ତ ନିଯୁକ୍ତି, ଉନ୍ନତ ଜୀବନ ଧାରଣର ମାନ, ଉଚ୍ଚସ୍ତରୀୟ ପ୍ରଯୁକ୍ତି, ସ୍ଥିର ରାଜନୈତିକ ଓ ଅର୍ଥନୈତିକ ସ୍ଥିତିର ଅଭାବ ଯୋଗୁ ଭାରତୀୟ ପ୍ରତିଭା ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ ଓ ସିଙ୍ଗାପୁର ଭଳି ରାଷ୍ଟ୍ର ପ୍ରତି ଆକର୍ଷିତ ହେଉଛନ୍ତି।

ଭାରତରେ ଉଦ୍ୟୋଗୀ ମାନସିକତାର ଅଭାବ ରହିଛି। ଏଥିପାଇଁ ଆମର ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଦାୟୀ। ଭାରତୀୟ ଶିକ୍ଷା ଲାଭ କରିଥିବା ବ୍ୟକ୍ତିର ଧୈର୍ଯ୍ୟ ବୃଦ୍ଧି ପାଇଥାଏ। ସେଥିପାଇଁ ପାଠ ପଢ଼ି ପରୀକ୍ଷାରେ ଉନ୍ନୀତ ହେବା ମାତାପିତାଙ୍କଠାରୁ ଆରମ୍ଭକରି ସମସ୍ତଙ୍କ ଚାପ ପଡ଼ିଥାଏ। ପରାଗ ଅଗ୍ରୱାଲଙ୍କୁ ଟୁଇଟର ପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସିଙ୍କ ସହିତ ତୁଳନା କରାଯାଇପାରିବ ନାହିଁ। ଅନ୍ୟପଟେ ଏହା ମଧ୍ୟ ହୋଇପାରେ ଯେ, ପରାଗଙ୍କ ସମୟରେ ଟୁଇଟର ଅଧିକ ଶୃଙ୍ଖଳିତ ଓ ଲାଭଦାୟକ କମ୍ପାନୀ ଭାବେ ବଢ଼ିପାରିବ। କାରଣ ଜ୍ୟାକ୍‌ଙ୍କର ଅଭିନବତ୍ୱ ଦ୍ୱାରା ଦୈନନ୍ଦିନ ବ୍ୟବସାୟିକ ଉନ୍ନତି କରିବା ହୁଏତ ସମ୍ଭାବ୍ୟ ସୀମାରେ ପହଞ୍ଚି ସାରିଥିଲା। ତାହାକୁ ଅନୁଭବ କରି ପ୍ରତିଷ୍ଠାତା ନିଜେ ପଦବୀରୁ ଦୂରେଇ ଯାଇ ଅନ୍ୟ ଏକ ଚିନ୍ତାଧାରା ଓ ଦୃଷ୍ଟିକୋଣ ପୋଷଣ କରୁଥିବା ଯୁବକଙ୍କୁ ଉତ୍ସାହିତ କଲେ। ବ୍ୟବସାୟିକ ପରିମଣ୍ଡଳରେ ଆଲୋଚନା ହେଉଛି ଯେ, ଜ୍ୟାକ୍ ଓହରିଯିବା ସକାଶେ କମ୍ପାନୀର ନିବେଶକମାନେ ଚାପ ପକାଇ ଆସୁଥିଲେ। ବୃହତ୍ ଭାରତୀୟ କମ୍ପାନୀଗୁଡ଼ିକ ଭଳି ବଡ଼ ଆମେରିକୀୟ କମ୍ପାନୀ ପାରିବାରିକ ସମ୍ପତ୍ତି ଭାବେ ରହିପାରନ୍ତି ନାହିଁ। କୁହାଯାଏ ଯେ, ଭାରତରେ ଟାଟାର କର୍ପୋରେଟ୍ ସଂସ୍କୃତି ସବୁଠାରୁ ଉନ୍ନତ। ସେଠାରେ ପାରିବାରିକ ହସ୍ତକ୍ଷେପ ନ ଥାଏ। ସେହି ଦାବି ମଧ୍ୟ ନିକଟ ଅତୀତରେ ଭ୍ରମ ପ୍ରମାଣିତ ହେଲା ଯେତେବେଳେ ରତନ ଟାଟାଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଗୁ ସାଇରସ୍ ମିସ୍ତ୍ରିଙ୍କୁ ଅଧ୍ୟକ୍ଷ ପଦରୁ ବହୁ ଷଡ଼ଯନ୍ତ୍ର କରି ବିଦା କରାଗଲା। ଭାରତରେ କୌଣସି କମ୍ପାନୀକୁ କର୍ପୋରେଟ୍ କଲ୍‌ଚରର ପ୍ରତୀକ ଭାବେ ନିଆଯାଇପାରିବ ନାହିଁ। ସେହି ସଂସ୍କୃତିର ଅଭାବ ଯୋଗୁ ପରାଗ ଅଗ୍ରୱାଲଙ୍କ ଭଳି ପ୍ରତିଭା ନିଜ ଦେଶରେ କେବେହେଲେ ଉଧେଇ ପାରି ନ ଥାଆନ୍ତେ।

# ଯନ୍ତାରେ ପଡ଼ିଛୁ

ଭାରତୀୟ କ୍ରିକେଟ୍‌ର ଏଲ୍. ଶିବରାମକ୍ରିଷ୍ଣନ୍ ସାରାଜୀବନ ବର୍ଣ୍ଣବୈଷମ୍ୟର ଶିକାର ହୋଇ ଆସିଛନ୍ତି ଏବଂ ବିଦେଶ ନୁହେଁ, ବରଂ ନିଜ ଦେଶରେ ଏଭଳି ଦୁର୍ଭାଗ୍ୟଜନକ ସ୍ଥିତିକୁ ବାରମ୍ବାର ସାମ୍ନା କରିଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଭାରତୀୟ କ୍ରିକେଟର ଅଭିନବ ମୁକୁନ୍ଦ ଏପରି ଅଭିଯୋଗ ଆଣିଥିଲେ। ସମ୍ପ୍ରତି ଇଂଲଣ୍ଡ କାଉଣ୍ଟି କ୍ଲବ୍ ୟାର୍କସାୟାରର ପୂର୍ବତନ ଖେଳାଳି ଅଜିମ ରଫିକ୍ ବର୍ଣ୍ଣବୈଷମ୍ୟ କଥା ଉଠାଇବା ପରେ ଶିବରାମକ୍ରିଷ୍ଣନ୍ ତାଙ୍କ ତିକ୍ତ ଅନୁଭବ ପ୍ରକାଶ କରିଛନ୍ତି। ବହୁ ସମୟରେ ଦକ୍ଷିଣ ଆଫ୍ରିକା ଟିମ୍‌ରେ ବର୍ଣ୍ଣଭେଦ ସାମ୍ନାକୁ ଆସେ। କ୍ରିକେଟ ଭଳି ଖେଳରେ ଏଭଳି ମାନସିକତା ଜୋର ଧରିଛି। ହେଲେ ବର୍ଣ୍ଣବୈଷମ୍ୟ କ୍ରିକେଟରେ ସୀମିତ ନୁହେଁ, ଏହା ମଣିଷ ଜାତିର ବିବର୍ତ୍ତନରୁ ରହି ଆସିଛି। କିନ୍ତୁ ଏହାର ଉଗ୍ର ରୂପ ହୁଏତ ଉପନିବେଶବାଦରୁ ଆରମ୍ଭ ହୋଇଛି। ପୂର୍ବରୁ ସବୁ ଆଦିବାସୀ ଗୋଷ୍ଠୀ ଭିନ୍ନ ଭିନ୍ନ ସ୍ଥାନରେ ରହୁଥିଲେ। ସେମାନଙ୍କ ଗୋଷ୍ଠୀ ମଧ୍ୟରେ ବର୍ଣ୍ଣବୈଷମ୍ୟ ମାନସିକତା ସୃଷ୍ଟି ହୋଇଥିବ ବୋଲି ବିଶ୍ୱାସ କରିବା କଷ୍ଟକର। ସେତେବେଳେ ସମସ୍ତେ ଏକ ପ୍ରକାର ଥିଲେ। ଯେତେବେଳେ ବିଦେଶୀ ଆସିଲେ ଓ ଶାସନ କରିବାକୁ ଚାହିଁଲେ ସେତେବେଳେ ସେହି ଛୋଟ ବଡ଼ ଗୋଷ୍ଠୀକୁ ଏକାଠି କରି ଶାସନ କଲେ। ସେତେବେଳେ ହୁଏତ ନିଜର ଶାସନକୁ ଦୃଢ଼ୀଭୂତ କରିବା ପାଇଁ ଗୋରା ବିଦେଶୀମାନେ ସ୍ଥାନୀୟ ଲୋକଙ୍କୁ ନୀଚ ଦର୍ଶାଇବା ଲାଗି ଚମଡ଼ାର ରଙ୍ଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କଲେ। ସମ୍ଭବତଃ ସେଥିରୁ ଜନ୍ମିତ ବର୍ଣ୍ଣବୈଷମ୍ୟ କ୍ରମଶଃ ଆମ ସମସ୍ତଙ୍କ ମାନସିକତାରେ ପ୍ରବେଶ କଲା। ଆଜି ମଧ୍ୟ ଶିକ୍ଷିତ ଏବଂ ଶୃଙ୍ଖଳିତ ବ୍ୟକ୍ତିମାନେ ଏହି ରୋଗ ଦ୍ୱାରା ଆକ୍ରାନ୍ତ। ଭାରତରେ ଏହାର ଆବିର୍ଭାବ ବହୁ ଆଗରୁ ହୋଇଆସିଛି ବୋଲି ଧାରଣା ସୃଷ୍ଟି ହୁଏ। ଉତ୍ତରଭାରତର ତଥାକଥିତ ଗୋରା ଲୋକ ଭାବନ୍ତି ଯେ, ସବୁ କଳା ଲୋକ ହେଉଛନ୍ତି ମାଡ୍ରାସୀ। କାଳିଆ ଭୁଷୁଣ୍ଡା ପୁତ୍ରକୁ ବାହା କଲାବେଳକୁ ଗୋରୀ ଝିଅଟିଏ ମାତାପିତାଙ୍କ ଦ୍ୱାରା ଖୋଜାଯାଏ। ଏପରି କି 'ଫେୟାର ଆଣ୍ଡ ଲଭ୍‌ଲି' ନାମକ କ୍ରିମ୍ ଖୋଲାଖୋଲି ବଜାରରେ ମିଳେ, ଯାହାକୁ ପରିବାର ଲୋକ ଅବିବାହିତ ଝିଅଙ୍କ ମୁହଁରେ ବୋଲି ଦିଅନ୍ତି। ଭାବନ୍ତି ଗୋରାହେଲେ ବାହା କରିବା ସହଜ ହୋଇଯିବ। ମନେପଡ଼େ ଏକ ଲୋକପ୍ରିୟ ହିନ୍ଦୀ ଗୀତ–'ରାଧା କ୍ୟୁଁ ଗୋରୀ ମେ କ୍ୟୁଁ କାଲା..'। ଏହି ପ୍ରଶ୍ନ କୃଷ୍ଣ ତାଙ୍କ ମାତା ଯଶୋଦାଙ୍କୁ ପଚାରିଥିଲେ ବୋଲି ଆମକୁ କୁହାଯାଉଛି। କିନ୍ତୁ କୃଷ୍ଣଙ୍କର ସବୁ ଛବିରେ ତାଙ୍କର ବର୍ଣ୍ଣ କଳା। ସେହିଭଳି ଜଗନ୍ନାଥ ମହାପ୍ରଭୁ କଳା ରୂପରେ ବିଦ୍ୟମାନ। ଏପରିକି ଅଯୋଧ୍ୟାରେ ମୁଖ୍ୟ ରାମମନ୍ଦିର ମୂର୍ତ୍ତିରେ ରାମଙ୍କର ବର୍ଣ୍ଣ କିଟିକିଟି କଳା। ଏବେକାର ଛବିରେ ହିନ୍ଦୁ ଦେବଦେବୀଙ୍କର ବର୍ଣ୍ଣ ବଦଳାଇ ଦିଆଯାଉଛି, କାରଣ ଉତ୍ତର ଭାରତୀୟଙ୍କର ମାନସିକତାରେ ଏହି ହିନ୍ଦୁଧର୍ମର ପ୍ରତୀକମାନେ କଳା ହୋଇପାରିବେ ନାହିଁ। ଚିତ୍ରକର ରାଜା ରବି ବର୍ମା ସେହି ମାନସିକତା ଦ୍ୱାରା ପ୍ରଭାବିତ ହୋଇ ବିଭିନ୍ନ ହିନ୍ଦୁ ଠାକୁରାଣୀଠାକୁରଙ୍କର ପୂର୍ବ ଛବିଠାରୁ ଭିନ୍ନ ଆଙ୍କିଥିଲେ। ଏହି ମାନସିକତା ଆମର ଅସ୍ଥିମଜ୍ଜାଗତ ହୋଇଯାଇଛି। ଏଭଳି ଯନ୍ତାରୁ ବାହାରିବା ଅତ୍ୟନ୍ତ କଷ୍ଟକର।



ଡ. ସତ୍ୟ ନାରାୟଣ ମିଶ୍ର

# ଆମର ଅଛି କେତେ–ନାହିଁ କେତେ

ସାଧାରଣତଃ ମଣିଷ ନିକଟରେ ଯେତେବେଳେ କିଛି ଥାଏ ସେତେବେଳେ ସେ ଆନନ୍ଦିତ ହୋଇ ଖୁସି ବ୍ୟକ୍ତ କରିଥାଏ ଯେ ମୋ ନିକଟରେ ଏତିକି ଅଛି। କିନ୍ତୁ ସାଂପ୍ରତିକ ସମାଜରେ ବର୍ତ୍ତମାନ ମଣିଷ ନିକଟରେ ଯେଉଁଟା ନାହିଁ, ଯାହା ଜୀବନର ଚଲାପଥକୁ ସୁଗମ କରିଥାଏ ତାହା ଆଜି ବିଲୁପ୍ତ ହେବାକୁ ବସିଲାଣି ଓ ସେଥିପାଇଁ ମଣିଷ ଚିନ୍ତା କରିବା କଥା। ବର୍ତ୍ତମାନ ଆମ ନିକଟରେ ଯାହା ଅଛି ତାହା କେବଳ ଲୋକଦେଖାଣିଆ ଓ ଯାହା ନାହିଁ ତାକୁ ପାଇବାକୁ ମଣିଷ କୁଣ୍ଠାବୋଧ କରୁଅଛି। ଯେଉଁଟା ନାହିଁ ସେଥିପ୍ରତି ଉଦାସ ଓ ନିଃଷ୍ପ୍ରୟୋଜନ ମନେକରି ଯେଉଁଟା ଅଛି ସେଥିପ୍ରତି ଅଧିକ ସମ୍ବେଦନଶୀଳ ହୋଇ ସମାଜରେ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରି ଆଡମ୍ବର ଆଭିଜାତ୍ୟର ଗତାନୁଗତିକ ପ୍ରତିଯୋଗିତାରେ ବଞ୍ଚିବା ପାଇଁ ସଂଗ୍ରାମ ପରିବର୍ତ୍ତେ ଆଡ଼ମ୍ବର ଓ ଆଭିଜାତ୍ୟର ଉତ୍ତରୋତ୍ତର ବୃଦ୍ଧି ନିମନ୍ତେ ପ୍ରୟାସ କରୁଅଛି। ଉନ୍ନତି ଓ ବିକାଶ ହେଉଛି ପ୍ରତ୍ୟେକ ମଣିଷସମାଜର ଆଦର୍ଶ ଓ ଲକ୍ଷ୍ୟ। ଲକ୍ଷ୍ୟ ଭେଦର ଗତି ଭିନ୍ନ ଭିନ୍ନ ଦିଗ ଉପରେ ନିର୍ଭର କରିଥାଇପାରେ, ମାତ୍ର ସାମଗ୍ରିକ ଭାବରେ ଚିନ୍ତା କଲେ ମଣିଷ ଉନ୍ନତିକୁ ଭଲ ପାଏ ଓ ଚିନ୍ତା ଚେତନାର ବିକାଶରେ ସେ ମାର୍ଜିତ ହୋଇଥାଏ ବୋଲି ଖୁସି ବ୍ୟକ୍ତ କରିଥାଏ। ଜୀବନର ସାର୍ଥକତାର ଉପଲବ୍ଧି ସେତିକିବେଳେ ହୋଇଥାଏ ଯେତେବେଳେ ମଣିଷ ନିଜର ଇପ୍ସିତ ଉଦ୍ଦେଶ୍ୟର ପୂର୍ଣ୍ଣାଙ୍ଗ ରୂପରେଖ ହୋଇଥାଏ। ଅର୍ଥନୈତିକ ମାନଦଣ୍ଡକୁ ଶୃଙ୍ଖଳିତ ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ସୁଧାର କରାଯାଇ ପାରେ, ମାତ୍ର ଅପ୍ରାପ୍ତ ବସ୍ତୁକୁ ପ୍ରାପ୍ତ ପାଇଁ ଓ ନିଜଠାରେ ଥିବା ଲୁକ୍କାୟିତ ସମ୍ପଦକୁ ଯଦି ମଣିଷ ନାହିଁ ନାହିଁରେ ସମାଜକୁ ଜଣାଇ ଦିଏ, ତେବେ ଜୀବନର ସମସ୍ୟା କେବଳ କେତେ ଅଛି ଓ କେତେ ନାହିଁରେ ନିମର୍ଜିତ ହୋଇଯିବ। ଯାହା ଅଛି ତାହାର ମାନ ଓ ଯାହା ନାହିଁ ତାହାର ଆବଶ୍ୟକତା କେତେ ପ୍ରୟୋଜନ ତାହା ସମୟ, ସ୍ଥିତି ଓ ପରିସ୍ଥିତି ଦ୍ୱାରା ଆଚ୍ଛାଦିତ।

ବିଶ୍ୱ ଦରବାରରେ ମଣିଷ ଆଜି ନିଜର ପରାକାଷ୍ଠାକୁ ପ୍ରତିପାଦନ କରିବାକୁ ଯାଇ କେବଳ ସର୍ବାଙ୍ଗୀନ ଉନ୍ନତି କକ୍ଷେ ଧାବମାନ। ହେଲେ ଏ ମଣିଷ ସମାଜ ନିଜେ ନିଜର ବିଚାରକ ହୋଇ ନିଜକୁ ପ୍ରଶ୍ନ ପଚାରୁ ଆମର ଅଛି କେତେ ଓ ନାହିଁ କେତେ। ଉଭୟର ତର୍ଜମାରେ ସେ ନିଜେ ବିଚାର କରି ନିଜକୁ ନିଜେ ଆଦେଶ, ନିର୍ଦ୍ଦେଶ ଦେଇ ନିଜ ଦ୍ୱାରା ସୃଷ୍ଟି କରିଥିବା ସମ୍ବିଧାନରେ ନ୍ୟାୟାଳୟର ବିଚାରପତି ହୋଇ ବିଚାର କରିବା ଉଚିତ। ବର୍ତ୍ତମାନ ପ୍ରତ୍ୟେକ ସରକାର, ମାନବ ସମାଜ, ଅନୁଷ୍ଠାନ ଆଦି ଗର୍ବର ସହ ଯେଉଁଟା ଆମେ ଉପଲବ୍ଧି କରୁଅଛୁ ସେଥିରେ ଆନନ୍ଦ ଓ ଗର୍ବ ଅନୁଭବ କରୁଛନ୍ତି, ମାତ୍ର ଯାହା ଉପଯୁକ୍ତ, ଯାହା ଆବଶ୍ୟକ ସେଥିପ୍ରତି ଅଧିକ ଉଦାସୀନତା ପରିଲକ୍ଷିତ ହେଉଅଛି। ନ୍ୟାୟାଳୟରେ ବିଚାର ଅଛି ହେଲେ ସତ୍ୟ ନାହିଁ। ଯେଉଁମାନେ ମିଥ୍ୟା ଅନ୍ୟାୟ ଅନୀତିରେ ଆଶ୍ରୟ ନେଉଛନ୍ତି ସେମାନେ ନ୍ୟାୟାଳୟରୁ ନିର୍ଦ୍ଦୋଷ ହେଉଛନ୍ତି ଓ ସେମାନେ 'ଅଛି' ସଂଜ୍ଞାରେ ଗର୍ବିତ, କାରଣ ସତ୍ୟ ଧର୍ମ ନ୍ୟାୟ ଆଦି ଆଜି 'ନାହିଁ' ଗୁଣରେ ନ୍ୟାୟାଳୟରେ ଭୂଲୁଣ୍ଠିତ। ସତ କଥା ବ୍ୟକ୍ତ କରିବା ଯେପରି ଏକ ଅପରାଧ ମନେ କରାଯାଉଛି। ବର୍ତ୍ତମାନ ଶିକ୍ଷାର ଯଥେଷ୍ଟ ଉନ୍ନତ ଭିତ୍ତିଭୂମି ଅଛି ହେଲେ ଉତ୍ତମ ଗୁଣାତ୍ମକ ଶିକ୍ଷାର ମାନଦଣ୍ଡ ନାହିଁ, ଚିକିତ୍ସାଳୟ ଅଛି ହେଲେ ଉତ୍ତମ ଚିକିତ୍ସାର ଉପଲବ୍ଧି ନାହିଁ, ସୁରମ୍ୟ ସୌଖୀନ ଅଟ୍ଟାଳିକା ବା ଗୃହ ଅଛି ହେଲେ ଘର ନାହିଁ, ଯେଉଁଠି ପରସ୍ପର ମଧ୍ୟରେ ଶାନ୍ତି ସୌହାର୍ଦ୍ଦ୍ୟ ଓ ଆତ୍ମୀୟତାର ବନ୍ଧନ ରହିଥାଏ। ପରିବାର ଅଛି, ପାରିବାରିକ ସମ୍ପର୍କ ଓ ସ୍ନେହ ନାହିଁ। ଖାଦ୍ୟ ଅଛି ଭୋକ ନାହିଁ, ଶଯ୍ୟା ଅଛି ନିଦ୍ରା ନାହିଁ, ପୁସ୍ତକ ଅଛି ପଢ଼ିବାର ଇଚ୍ଛା ନାହିଁ, ଆଇନ ଅଛି ସୁରକ୍ଷା ନାହିଁ, ରାସ୍ତା ଅଛି ପଥିକ ନାହିଁ, ଜଙ୍ଗଲ ଅଛି ଗଛ ନାହିଁ, ମାନ ଅଛି ସମ୍ମାନ ନାହିଁ, ସ୍ୱର୍ଣ୍ଣ ଅଳଙ୍କାର ଅଛି ହେଲେ ପରିଧାନ କରିବାର ସାହସ ନାହିଁ, ଶରୀର ଅଛି ହେଲେ ବିବେକ ନାହିଁ, ଉପସ୍ଥାନ ଅଛି କର୍ମ ନାହିଁ, ସମାଜ ଅଛି ସାମାଜିକତା ନାହିଁ, ଧନ ଅଛି ମନ ନାହିଁ, ଜ୍ଞାନ ଅଛି ଗୌରବ ନାହିଁ, ଅବିଶ୍ୱାସ ଅଛି ବିଶ୍ୱାସ ନାହିଁ, ଗଣତନ୍ତ୍ର ଅଛି ଗୁଣାତ୍ମକ ମାନ ନାହିଁ ଇତ୍ୟାଦି ଇତ୍ୟାଦି। ତେବେ ଉକ୍ତ 'ଅଛି'ରେ ବର୍ତ୍ତମାନ ମଣିଷ ଅଧିକ ଆନନ୍ଦିତ ଓ ଗର୍ବିତ, ମାତ୍ର ଯାହା ନାହିଁ ତାହା ଅତ୍ୟନ୍ତ ଜରୁରୀ, କାରଣ ଯାହା ବର୍ତ୍ତମାନ ନାହିଁ ତାହା ଦିନେ ଆମ ନିକଟରେ ଥିଲା ଓ ତାହା ହେଉଛି ଜୀବନର ସଂଜ୍ଞା।

ବର୍ତ୍ତମାନ ମଣିଷ ସବୁକିଛି ବିଶ୍ୱ ସ୍ତରୀୟ ହେବା ପାଇଁ ଚିନ୍ତିତ ଓ ବିଶ୍ୱସ୍ତରୀୟ ଉନ୍ନତିର ସ୍ୱପ୍ନରେ ନିଜକୁ ସାମିଲ କରୁଛି। ରେଳଷ୍ଟେସନ, ବସ୍ ଷ୍ଟାଣ୍ଡ, ବିମାନବନ୍ଦର, ଧାର୍ମିକ ସ୍ଥଳ, ପାର୍କ, ଶିକ୍ଷାନୁଷ୍ଠାନ ଇତ୍ୟାଦି ଇତ୍ୟାଦି ବିଶ୍ୱ ସ୍ତରୀୟ ପାଇଁ ମଣିଷ ଆଶାବାଦୀ। ମାତ୍ର ବିଶ୍ୱସ୍ତରୀୟ କର୍ମାନୁଷ୍ଠାନ କରିବା ପୂର୍ବରୁ ବିଶ୍ୱସ୍ତରୀୟ ଚିନ୍ତାଧାରା ସର୍ବାଗ୍ରେ ଏକାନ୍ତ ଆବଶ୍ୟକ। ସେଥିପାଇଁ ଶିକ୍ଷାର ଅନ୍ତିମ ଶିକ୍ଷାଳୟକୁ ବିଶ୍ୱବିଦ୍ୟାଳୟ କୁହାଯାଏ କାରଣ ଏଠାରେ ଉଭୟ ଶିକ୍ଷକ ଓ ଛାତ୍ର ସଙ୍କୀର୍ଣ୍ଣତାର ହୀନମନ୍ୟତାରୁ ଊର୍ଦ୍ଧ୍ୱରେ ରହି ବିଶ୍ୱ ସ୍ତରୀୟ ଚିନ୍ତାଧାରାରେ ନିଜକୁ ନିମର୍ଜିତ କରିବା ଆବଶ୍ୟକ। ତେବେ ଯାଇ ବିଶ୍ୱସ୍ତରୀୟ ସଂଜ୍ଞାର ପ୍ରତିପାଦନ ହୋଇପାରିବ। ଆଜି ଆମ ପାଖରେ 'ନାହିଁ' ଅନେକ କିନ୍ତୁ 'ଅଛି'ର ଅଦୃଶ୍ୟ ମରୀଚିକାକୁ ଆଲିଙ୍ଗନ କରି ଏ ମଣିଷ ନିଷ୍କ୍ରିୟ ହୋଇଗଲାଣି। ସାମଗ୍ରିକ ଭାବେ ବିଚାର କଲେ ଆମ ନିକଟରେ ଯେଉଁଗୁଡିକ ନାହିଁ ଆମେ ତାହା ଗ୍ରହଣ ନ କରି ଯେଉଁଟା ଅଛି ଓ ଯାହା କ୍ଷତିକାରକ ସେଥିପ୍ରତି ମଣିଷର ଧାବମାନ ଅଧିକରୁ ଅଧିକ ପରିଲକ୍ଷିତ ହେଉଅଛି। ଏକବିଂଶ ଶତାବ୍ଦୀର ହୃଦୟ ଉପରେ ଦଣ୍ଡାୟମାନ ହୋଇ ମଣିଷ ନିଜର ପରିଚୟ ଖୋଜିବାକୁ ଅନ୍ୟ ଜଣଙ୍କୁ ପଚାରୁଛି ବିଶ୍ୱ ଦରବାରରେ ମୋର ପରିଚୟ ବିଶ୍ୱସ୍ତରରେ ନା ଅବିଶ୍ୱସନୀୟର ପର୍ବତରେ ଥିବା ଏକ ବୃଥା ଆସ୍ଫାଳନର ପ୍ରତିବିମ୍ବ। ପ୍ରତ୍ୟେକ ମଣିଷର ବିବେକ ହେଉଛି ତା'ର ଅନ୍ତରର ଧ୍ୱନି ଓ ପ୍ରତିଧ୍ୱନି। କୌଣସି କର୍ମାରମ୍ଭ ପୂର୍ବରୁ ଯେପରି ଏକ ଧ୍ୱନିର ସଙ୍କେତ ଦିଆଯାଇଥାଏ, ଠିକ୍ ସେହିପରି ମଣିଷର ଯେକୌଣସି ନିଷ୍ପତ୍ତି ତଥା ବକ୍ତବ୍ୟ ପୂର୍ବରୁ ବିବେକ ଏକ ସତ୍ୟର ନିର୍ବିବାଦୀୟ ଧ୍ୱନିର ତରଙ୍ଗ ସୃଷ୍ଟି କରିଥାଏ, ଯାହା ମଣିଷ କେତେବେଳେ ମାନିନେଇଥାଏ ତ କେତେବେଳେ ଅମାନ୍ୟ କରିଥାଏ। ଦିଗହରା ମଣିଷର ଲକ୍ଷ୍ୟ ସବୁବେଳେ ପ୍ରାପ୍ତିରେ ସନ୍ତୋଷ ଲାଭ କରିଥାଏ, ମାତ୍ର ଦିଗ ପ୍ରତି ତୀକ୍ଷଣ ଦୃଷ୍ଟି ଓ ଭେଦ କରିବାର ଅଭିପ୍ରାୟ ନ ଥାଏ। ପରୀକ୍ଷା ନ ଦେଇ କୃତକାର୍ଯ୍ୟ ଚିନ୍ତାଧାରାରେ ମଣିଷ ଯଦି ନିର୍ଣ୍ଣୟାତ୍ମକ ପଦ୍ଧତି ଅନୁସରଣ କରେ ତେବେ ଭବିଷ୍ୟତରେ ପ୍ରଶ୍ନ ପାଇଁ ନିଶ୍ଚିତ ଭାବେ ପ୍ରସ୍ତୁତ ରହିବାକୁ ପଡ଼ିବ। ତେଣୁ ସର୍ବ ପ୍ରଥମେ ନିଜ ମଧ୍ୟରେ ଥିବା ଆତ୍ମବଡ଼ିମା, ଗ୍ଲାନି, ଅନ୍ୟାୟ, ଅନୀତି ଆଦିର ଭୂତାଣୁଗୁଡ଼ିକୁ ପରିତ୍ୟାଗ କରି ପାରିଲେ ପ୍ରଥମେ ପାରିବାରିକ ସମ୍ବନ୍ଧ ଦୃଢ଼ ହେବା ସଙ୍ଗେ ସଙ୍ଗେ ସାମାଜିକ ଓ ରାଷ୍ଟ୍ରୀୟ ଏକତା ବୃଦ୍ଧି ହେବ। ବିଶ୍ୱମାନସିକତାରେ ବିଶ୍ୱ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେଲେ ସଭ୍ୟତା ଓ ଶାଳୀନତାର ସେତୁ ବନ୍ଧରେ ମଣିଷ ଧାବମାନ କରିପାରିବ। ପରିଶେଷରେ ନିଜକୁ ମାର୍ଜିତ କରି ଆମ ନିକଟରେ ଥିବା ଲୁକ୍କାୟିତ ସମ୍ପଦର ସୁବିତରଣ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ।

ଜୀବନରେ ସମସ୍ତଙ୍କର ଭିନ୍ନ ପରିସ୍ଥିତି ଥାଏ। ସମସ୍ତେ ଜୀବନର ଏକ ନିଜସ୍ୱ ପରିସ୍ଥିତିରୁ କର୍ମ ଆରମ୍ଭ କରନ୍ତି ଏବଂ ସଫଳତା ଆଡ଼କୁ ନିଜର ଯାତ୍ରା କରନ୍ତି। ସର୍ବଦା ନିଜକୁ ଅନ୍ୟମାନଙ୍କ ସହିତ ଆଡ଼ମ୍ବର ଓ ଆଭିଜାତ୍ୟର ତୁଳନା କରିବାର ଅଭ୍ୟାସରେ ରହିଲେ ତାହା ନିଶ୍ଚୟ ମଣିଷକୁ କ୍ରମାଗତ ଅସନ୍ତୋଷ ଅବସ୍ଥାରେ ରଖିବ। ତେଣୁ ପ୍ରଥମେ ମୌଳିକତାକୁ ପ୍ରାଧାନ୍ୟ ଦେଇ ଆମ ନିକଟରେ ଥିବା ଗୁଣାତ୍ମକ ଶକ୍ତିର 'ନାହିଁ' ଗୁଡ଼ିକୁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରୟୋଗ କଲେ ବିଜୟର ପଥ ସୁଗମ ହୋଇପାରିବ; ଯେଉଁଠି ନ ଥିବ ଆମର ଅଛି କେତେ ଓ ନାହିଁ କେତେର ଅଦୃଶ୍ୟ ପ୍ରତିଯୋଗିତା।

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର, ମୋ:୯୯୩୭୩୪୫୯୦୦**



କାଳିକିଙ୍କର

# ଦୁର୍ନୀତିରୁ ମୁକ୍ତି କେମିତି ମିଳିବ

ଦୁର୍ନୀତି ଆଜି ସମଗ୍ର ବିଶ୍ୱ ସଭ୍ୟତାକୁ ରୋଗଗ୍ରସ୍ତ କରି ସାରିଛି। ଏହି ବିଶ୍ୱର ଏମିତି କେଉଁ ଦେଶ ବା ପ୍ରଦେଶ ନାହିଁ ଆଜି ଯେଉଁଠି ଏ ରୋଗ ନାହିଁ। ସବୁଠି ଓ ସବୁଥିରେ ଆଜି ଦୁର୍ନୀତି। କେମିତି ଏ ଦୁର୍ନୀତିର ମୂଳୋତ୍ପାଟନ ହେବ ସେ ବିଷୟରେ ଆଜି ଚିନ୍ତା ଚାଲିଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଦୁର୍ନୀତିକୁ କେମିତି ଏ ସଭ୍ୟ ମଣିଷଙ୍କ ପାଖରୁ ଦୂରେଇବାକୁ ପଡ଼ିବ ସେ ଦିଗରେ ଚିନ୍ତା କରିବା। ସତରେ ଆଜି ଦୁର୍ନୀତି ଏକ ମହାମାରୀର ରୂପ ନେଇ ଗୋଟିଏ ଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ ଏପରି କି ବୌଦ୍ଧିକ ଜୀବନକୁ ଗ୍ରାସ କରି ସାରିଲାଣି। ଏହାର କେତେଗୁଡ଼ିଏ କାରଣ ରହିଛି ଯାହା ଆମେ ଏଠାରେ ଆଲୋଚନା କରିବା। ତେବେ ଆଲୋଚନା କରିବା ପୂର୍ବରୁ ଏହା ବୁଝିନେବା ଉଚିତ ଯେ ଏହି ଦୁର୍ନୀତି ଯୋଗୁ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହେଉଛି।

ଦୁର୍ନୀତିର ପ୍ରଥମ କାରଣ ହେଉଛି ସ୍ୱାର୍ଥକୈନ୍ଦ୍ରିକ ଭାବନା। ମଣିଷ ସବୁବେଳେ ଆପଣାର ସ୍ୱାର୍ଥ ପଛରେ ଧାଇଁ ଚାଲିଛି। ନିଜର ପୁଅ, ଝିଅ, ସ୍ତ୍ରୀ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ସ୍ୱାର୍ଥକୁ ସେ ପ୍ରାଧାନ୍ୟ ଦିଏ। ସେଥିପାଇଁ ସେ ଏତେ ସ୍ୱାର୍ଥପର ହୋଇଯାଏ ଯେ ଦୁର୍ନୀତି କରିବାକୁ ଆଦୌ ସଙ୍କୋଚ କରେନାହିଁ। ଏହି ସ୍ୱାର୍ଥପରତା ହିଁ ଦୁର୍ନୀତିର ପଥକୁ ବଢ଼େଇଦିଏ। ଦ୍ୱିତୀୟ କାରଣ ହେଉଛି ଉଦାସୀନତା। ଆଜି ଆମ ସମାଜ ବ୍ୟବସ୍ଥାରେ ଦୁର୍ନୀତି ନିବାରଣ ପାଇଁ ସମ୍ପୂର୍ଣ୍ଣ ଉଦାସୀନତା ଦେଖାଦେଇଛି। ସମସ୍ତେ ସବୁ ସ୍ତରରେ କେମିତି ଦୁର୍ନୀତି ହେଉଛି ତାହା ଜାଣି ମଧ୍ୟ ଉଦାସୀନଭାବ ପୋଷଣ କରୁଛନ୍ତି। ନେତା ଜନତା ସମସ୍ତେ ଏହି ଉଦାସୀନ ଭାବର ଶିକାର। ତୃତୀୟ କାରଣ ହେଉଛି ଆମ ଦେଶରେ ହେଉ କିମ୍ବା ଯେଉଁ ଦେଶରେ ଦୁର୍ନୀତି ଅଧିକ ହେଉଛି ସେଠାରେ ଯେଉଁ ଶାସକ ବା ନେତା ଅଛନ୍ତି ସେମାନଙ୍କ ଦ୍ୱାରା କରାଯାଉଥିବା ଦୁର୍ନୀତି। ଆଜି ଅନେକ ସମୟରେ ପୃଥିବୀର ଅନେକ ଦେଶରେ ଶାସକ, ନେତା ଆଦିଙ୍କ ଉପରେ ଦୁର୍ନୀତିର ବଡ଼ ବଡ଼ ଅଭିଯୋଗ ଆସେ। ତେଣୁ ଯଦି ନିଜେ ନେତା, ମନ୍ତ୍ରୀ ବା ଶାସକ ଦୁର୍ନୀତିଗ୍ରସ୍ତ ହେବ ତେବେ ଦୁର୍ନୀତି ନିଶ୍ଚୟ ତା'ର କାୟା ବିସ୍ତାର କରି ମାଡ଼ି ଚାଲିବ।

ଚତୁର୍ଥ କାରଣ ହେଉଛି ଦୁର୍ବଳ ଶାସନ ବ୍ୟବସ୍ଥା। ଆମ ଦେଶ ହେଉ ବା ଅନ୍ୟ କୌଣସି ଦେଶ, ସବୁଠି ଆଇନକାନୁନ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ତିଆରି ହୁଏ, କିନ୍ତୁ ତାହା କାମରେ ଲାଗେ ନାହିଁ। ପୋଲିସ ଯିଏ ଆଇନର ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ଥାଏ ସେ ନିଜେ ଲାଞ୍ଚ ନେଇ ଆଇନକାନୁନକୁ ଦୁର୍ବଳ କରେ। ସରକାରୀ ସ୍ତର ହେଉ କିମ୍ବା ବେସରକାରୀ ସବୁଠାରେ ଲୋକେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ରହୁଛନ୍ତି। ସରକାର ଗରିବଙ୍କ ପାଇଁ ଯେଉଁ ରାଶନ ଦେଉଛନ୍ତି ତାକୁ ଡିଲର ମାରି ଖାଉଛି। ପୁଣି ଗାଁ ହେଉ କି ସହରରେ ହେଉ ଅନେକ ସ୍ଥାନରେ ନେତାମାନେ ଭୁଲ ଲୋକଙ୍କ ନାମରେ ସରକାରୀ ଅର୍ଥ ତୋସରପାତ କରୁଛନ୍ତି। ଯାହାର ପକ୍କାଘର ଅଛି, ତାକୁ ମଧ୍ୟ ଇନ୍ଦିରା ଆବାସ ବା ବିଜୁ କୁଡ଼ିଆ ଯୋଜନାରେ ଲାଭ ଦିଆଯାଉଛି। ଏକ ଏକ ଘରେ ଅନେକଙ୍କ ନାଁରେ ରାଶନ କାର୍ଡ ହେଉଛି ଓ ଅନ୍ୟାନ୍ୟ ସୁବିଧା ମିଳୁଛି। ସତରେ ଆଜି ଦୁର୍ନୀତି ଏକ ସାଧାରଣ ବ୍ୟାଧି ନ ହୋଇ ଦୁରାରୋଗ୍ୟ କର୍କଟର ରୂପ ଧାରଣ କରିଛି ଏବଂ ସମସ୍ତ ଆଶା ଓ ବିଶ୍ୱାସକୁ ଧ୍ୱଂସ କରୁଛି।

ସେହିପରି ପଞ୍ଚମ କାରଣ ହେଉଛି ଦୁର୍ବଳ ନୀତି ନିର୍ଦ୍ଧାରଣ ବ୍ୟବସ୍ଥା। ସମ୍ବିଧାନ ତିଆରି ହୋଇଛି ସତ, କିନ୍ତୁ ସେ ସମ୍ବିଧାନର ଧାରା ଉପଧାରାର ଦୁର୍ବଳତାର ସୁଯୋଗ ନେଇ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ନିର୍ଦ୍ଦୋଷ ଘୋଷିତ ହୋଇ ଯାଉଛନ୍ତି। କୋର୍ଟ କଚେରି ସ୍ଥାପନ ହୋଇଛି, କିନ୍ତୁ ମିଛକୁ ସତ ଓ ସତକୁ ମିଛ ପ୍ରମାଣିତ କରି ସହଜରେ ତାଙ୍କ କାମ ହାସଲ କରି ନେଉଛନ୍ତି। ଦୁର୍ନୀତିଗ୍ରସ୍ତ ଲୋକକୁ ନିର୍ଦ୍ଦୋଷ କରାଯାଉଛି, ଯାହା ଦୁର୍ନୀତିକୁ ଦୂରେଇବାରେ ବିଫଳ ହେଉଛି।

ଏହାର ଏକ ସମାଧାନର ସହଜ ପଥ ଆମ ଆଗରେ ନିଶ୍ଚୟ ରହିଛି। ତାହା ଆମକୁ ବୁଝିବାକୁ ପଡିବ। ପ୍ରଥମେ ଏ କଥାକୁ ସ୍ୱୀକାର କରିବାକୁ ପଡିବ ଯେ ଦୁର୍ନୀତି ଆପଣାଛାଏଁ ଆସେ ନାହିଁ ବରଂ ଏହାକୁ ମଣିଷ ନିଜେ ଆଣେ। କ୍ଷମତା କେବେ ଲୋକଙ୍କୁ ଦୁର୍ନୀତିଗ୍ରସ୍ତ କରେ ନାହିଁ ବରଂ କ୍ଷମତାକୁ ଦୁର୍ନୀତିଗ୍ରସ୍ତ କରନ୍ତି ଲୋକେ। ଆମ ବ୍ୟବସ୍ଥାରେ ଏ ଦୁର୍ବଳତା ରହିଛି। ଆମେ ଅନେକ ସମୟରେ ଜାଣିଥାଉ ଯେ ବ୍ୟକ୍ତି ଜଣକ ଦୁର୍ନୀତିଗ୍ରସ୍ତ ତଥାପି ଆମେ ତା' ଠାରୁ ନିଜକୁ ଦୂରେଇ ପାରୁନାହୁଁ ଅର୍ଥାତ୍ ଆମର ଇଚ୍ଛାଶକ୍ତିର ଅଭାବ ରହିଛି। ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ନେତା ଦୁର୍ନୀତି କରି ମଧ୍ୟ ବିଜୟ ହାସଲ କରନ୍ତି ଓ କ୍ଷମତା ଭୋଗ କରନ୍ତି। ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ପଦୋନ୍ନତି ପାଆନ୍ତି।

ତେବେ ଏହାର ସମାଧାନ କ'ଣ ? କିଏ ଏହାର ସମାଧାନ କରିବେ ? କାହାଙ୍କ ଉପରେ ଭରସା କଲେ ଦେଶରୁ ଦୁର୍ନୀତି ବଢ଼ି ପାରିବ ନାହିଁ। ଅର୍ଥାତ୍ ସମାଜରେ ମଣିଷ ଦୁର୍ନୀତିଠାରୁ ନିଜକୁ ଦୂରେଇ ନେଇପାରିବ। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ କେତେଥର ସର୍ଭେ କରାଯାଉଛି ବିଭିନ୍ନ ସ୍ତରରେ ଏବଂ ସେହି ସର୍ଭେରୁ ଏକ କଥା ସ୍ୱୀକାର କରାଯାଇଛି ଯେ ବୟସ୍କ ଲୋକମାନେ ଦୁର୍ନୀତି ସହ ସାଲିସ୍ କରିବାରେ ସହଜ ହୋଇଥାଆନ୍ତି। ସେମାନେ ଧରି ନେଇଥାଆନ୍ତି ଯେ ତାଙ୍କ ଦ୍ୱାରା ଆଉ ଏ ଦୁର୍ନୀତି ବିରୋଧରେ କିଛି କରିହେବ ନାହିଁ। ଏହାଛଡ଼ା ଏମିତି ପ୍ରାପ୍ତବୟସ୍କମାନେ କେଉଁଠି ନା କେଉଁଠି ଦୁର୍ନୀତି ସହ ସାମିଲ ହୋଇଛନ୍ତି ବା ସାଲିସ କରିଛନ୍ତି। ତେଣୁ ସେମାନେ ନିଜକୁ ଦୁର୍ବଳ ବୋଲି ଭାବି ନେଇ ଥାଆନ୍ତି। କହିବାକୁ ଗଲେ ବିଶ୍ୱର ବିଭିନ୍ନ ଅନୁଷ୍ଠାନ ଏହାକୁ ଦୂର କରିବା ଅସମ୍ଭବ ବୋଲି ଧରି ନେଇଛନ୍ତି।

ଶ୍ରୀଅରବିନ୍ଦ ଓ ସ୍ୱାମୀ ବିବେକାନନ୍ଦ ହୁଅନ୍ତୁ ବା ମହାତ୍ମା ଗାନ୍ଧୀ ହୁଅନ୍ତୁ ସମସ୍ତେ ବୁଝିଥିଲେ ଯୁବଶକ୍ତି ଏ ଦୁର୍ନୀତିକୁ ସମାଜରୁ ମୂଳୋତ୍ପାଟନ କରିବାରେ ଏକମାତ୍ର ସକ୍ଷମ ହୋଇପାରିବ। ଯୁବା ହିଁ ଏ ଦୁର୍ନୀତି ସମ୍ମୁଖରେ ଦୁର୍ବାର ପ୍ରାଚୀର ହୋଇ ଛିଡ଼ା ହୋଇ ପାରିବେ। ତା'ର ପ୍ରଚାର ଓ ପ୍ରସାରର ଦୂରତ୍ୱକୁ ଅଟକାଇ ପାରିବେ। ତେଣୁ ଆମକୁ ଏକ ସୁନ୍ଦର ସମାଜ ଓ ଦେଶ ଗଢ଼ିବା ପାଇଁ ହେଲେ ଦୁର୍ନୀତିଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ଏକ ଦୁର୍ନୀତି ମୁକ୍ତ ଭାରତ ଗଢ଼ିବାକୁ ହେବ।

**ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ, ମୋ: ୯୪୩୯୫୩୯୨୨୯**

## ଏଇ ଭାରତରେ

ସ୍କୁଲର ନାମ ଘାଟ୍‌ୱାଲା ସ୍କୁଲ୍। ଗଙ୍ଗା କୂଳ କମଳେଶ୍ୱର ଘାଟରେ ଚାଲୁଛି ଏମିତି ଏକ ନିଆରା ସ୍କୁଲ,ଯେଉଁଠି ୨୦୦ ଅସହାୟ ପିଲା ମାଗଣାରେ ପଢୁଛନ୍ତି। ଏହି ସ୍କୁଲର ପ୍ରତିଷ୍ଠାତା କାନପୁର ବାସିନ୍ଦା ନୀତିନ କୁମାର। ୨୦୧୫ରୁ ଉକ୍ତ ସ୍କୁଲରେ ସନ୍ଧ୍ୟାବେଳେ ପିଲାମାନଙ୍କୁ ସେ ଟ୍ୟୁଶନ କରୁଛନ୍ତି। ଏହି କାର୍ଯ୍ୟରେ ନୀତିନଙ୍କ ସହ ଅନେକ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଗଲେଣି। ଅସହାୟ ପିଲାମାନଙ୍କୁ ମାଗଣାରେ ପଢ଼ାଇବା ସହ ସେମାନଙ୍କୁ ବିଭିନ୍ନ ସରକାରୀ ସ୍କୁଲରେ ନାମ ଲେଖାଇ ଉଚ୍ଚ ଶିକ୍ଷା ଦେବାର ବ୍ୟବସ୍ଥା କରୁଛନ୍ତି। ଏ ବାବଦ ସମସ୍ତ ଖର୍ଚ୍ଚ ସେ ବହନ କରୁଛନ୍ତି। ଏହି ସ୍କୁଲରେ ନର୍ସରିଠାରୁ ଆରମ୍ଭ କରି ୧୦ମ ଶ୍ରେଣୀ ବସ୍ତି ପିଲା ଟିଉସନ ହେଉଛନ୍ତି। ଯେଉଁପିଲା ସେଠାରେ ପଢୁଛନ୍ତି ସେମାନେ ଭବିଷ୍ୟତରେ ଅନ୍ୟ ଅସହାୟ ପିଲାଙ୍କୁ ମାଗଣାରେ ପଢ଼ାଇବେ ବୋଲି ନୀତିନ ସେମାନଙ୍କ ପାଖରେ ଏକ ସର୍ତ୍ତ ରଖୁଛନ୍ତି। ଏଭଳି ବ୍ୟବସ୍ଥାକୁ ସମ୍ପ୍ରସାରିତ କରିବା ସକାଶେ ୨୦୧୮ରେ ଏକ ନୟି ରାହା ଫାଉଣ୍ଡେଶନ ଗଠନ କରିଛନ୍ତି। ତାଙ୍କ ମା' ଅନ୍ୟ ଘରେ କାମ କରି ସେହି ଆୟରେ ନୀତିନଙ୍କୁ ବହୁ କଷ୍ଟରେ ପଢାଇଛନ୍ତି। ନୀତିନ ପିଲାବେଳୁ ବି ଅଭାବ ଅନଟନକୁ ଖୁବ୍ ନିକଟରୁ ଦେଖିଛନ୍ତି। ତେବେ ବହୁ କଷ୍ଟରେ ନୀତିନ ଆଇନରେ ଡିଗ୍ରୀ କରିବା ପରେ ଅସହାୟ ପିଲାମାନେ ସୁବିଧାରେ ଶିକ୍ଷା ଲାଭ କରିବା ପାଇଁ ଏଭଳି ଅଭିଯାନ ଚଳାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଡିସେମ୍ବର ୧୯୯୬**

- ରୁଷିଆଠାରୁ ୪୦ଟି ସୁଖୋଇ–୩୦ ଏମ୍.କେ. ଲଢୁଆ ବିମାନ କିଣିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ପରିବେଶ ସୁରକ୍ଷା ତଥା ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ତ୍ରିଲୋଚନ ନାଥ ଖୋସୋଙ୍କୁ ସମ୍ମାନଜନକ ଆନ୍ତର୍ଜାତିକ ପରିବେଶ ପୁରସ୍କାର ପ୍ରଦାନ।
- ଚିଲିକା ହ୍ରଦର ସଂରକ୍ଷଣ ଓ ଉନ୍ନୟନ ପାଇଁ ରାଜ୍ୟ ସରକାର ପଠାଇଥିବା ୨୭ କୋଟି ଟଙ୍କାର ଯୋଜନାକୁ କେନ୍ଦ୍ରର ଅନୁମୋଦନ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | 1 | | | 9 |
| | | | 2 | | 6 | 4 | | |
| | 5 | | | 7 | | 8 | | |
| 3 | | | 6 | 8 | | | 5 | |
| 1 | | | | | | 7 | | |
| | | 8 | 9 | | | | | |
| 9 | | 1 | | | | | | |
| | | | 4 | | | 6 | | 7 |
| | | | | 3 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 4 | 6 | 8 | 9 | 1 | 3 | 2 |
| 3 | 6 | 8 | 1 | 2 | 5 | 9 | 7 | 4 |
| 2 | 1 | 9 | 3 | 7 | 4 | 5 | 8 | 6 |
| 4 | 7 | 1 | 2 | 5 | 6 | 3 | 9 | 8 |
| 9 | 8 | 3 | 7 | 4 | 1 | 2 | 6 | 5 |
| 6 | 2 | 5 | 8 | 9 | 3 | 4 | 1 | 7 |
| 8 | 9 | 2 | 4 | 1 | 7 | 6 | 5 | 3 |
| 5 | 3 | 7 | 9 | 6 | 2 | 8 | 4 | 1 |
| 1 | 4 | 6 | 5 | 3 | 8 | 7 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ ଡାକରାକୁ ନା

ମହାଶୟ,

ପ୍ରଥମ କରୋନା ସମୟରେ ପ୍ରାୟ ୬ ମାସ ଧରି ଲୋକମାନେ ଘରୁ ବାହାରି ନ ଥିଲେ। ଈଶ୍ୱରଙ୍କର ହୁଏତ ଏହା ନିର୍ଦ୍ଦେଶ ଥିଲା। ଲୋକମାନଙ୍କର ମାନସିକ ଚିନ୍ତାଧାରା ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନର ଅବଶ୍ୟକ ଥିଲା। ତେଣୁ ସବୁ ଦେବୀଦେବଙ୍କ ମନ୍ଦିର ଫାଟକ ବନ୍ଦ ହୋଇଗଲା। ବର୍ତ୍ତମାନ ସୁଦ୍ଧା କରୋନା ବିପଦ ଟଳି ନାହିଁ। ଏହି ସମୟରେ ବନ୍ଦ ଉପରେ ରାଜନୈତିକ ଦଳ ତରଫରୁ ବନ୍ଦ ଡାକରାରେ ଛାତ୍ରୀଛାତ୍ର, ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଦ ପାଇଁ ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇପଡିଛି ଦେଶର ତଥା ପ୍ରତି ଲୋକଙ୍କର। ତେଣୁ ସବୁ ରାଜନୈତିକ ଦଳ ତଥା ସଂଗଠନଙ୍କୁ ଅନୁରୋଧ ସେମାନେ ଆଉ ବନ୍ଦ ଡାକରା ନ ଦିଅନ୍ତୁ। ସେମାନଙ୍କର ଦାବିକୁ ବିନା ବନ୍ଦରେ ଉପସ୍ଥାପନ କରନ୍ତୁ ଓ ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଅନ୍ୟ ଉପାୟ ଅବଲମ୍ବନ କରନ୍ତୁ।

**–ଚକ୍ରଧର ରାଉତ**
**ପଡୁଆଁପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି!
–(ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଏପ୍ରିଲ-ଅକ୍ଟୋବର ବିତ୍ତୀୟ ନିଅଣ୍ଟ ୩୬.୩%**

ଅକ୍ଟୋବର ଶେଷ ସୁଦ୍ଧା ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୩୬.୩% ବା ୫.୪୭ ଲକ୍ଷ କୋଟି ଟଙ୍କା ରହିଛି। ଏହି ସମୟରେ ସରକାରଙ୍କ ରାଜସ୍ୱ ଆଦାୟରେ ଉନ୍ନତି ପରିଲକ୍ଷିତ ହୋଇଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ(ସିଜିଏ) ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଡାଟାରୁ ସାମ୍ନାକୁ ଆସିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ବିତ୍ତୀୟ ନିଅଣ୍ଟ ସ୍ଥିତିରେ ସୁଧାର ଆସିଛି। ଗତ ବର୍ଷ ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ବିତ୍ତୀୟ ନିଅଣ୍ଟ ପ୍ରର ୧୧୯.୭% ଛୁଇଁଥିଲା। କୋଭିଡ୍ ଯୋଗୁ ବଜାର ପ୍ରଭାବିତ ରହିବା କାରଣରୁ ଏହା ରାଜସ୍ୱ ଆଦାୟ ଉପରେ ଗଭୀର ପ୍ରଭାବ ପକାଇଥିଲା।

## ସଂକ୍ଷେପରେ

### କୋର୍ ସେକ୍ଟର ଅଭିବୃଦ୍ଧି ୭.୫% ବୃଦ୍ଧି

**ନୂଆଦିଲ୍ଲୀ, ୩୦।୧୧:** ଅକ୍ଟୋବରରେ ଦେଶର ୮ କୋର୍ ସେକ୍ଟର ଅଭିବୃଦ୍ଧି ୭.୫% ଛୁଇଁଛି। କୋଇଲା, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ ସେଗ୍‌ମେଣ୍ଟର ପ୍ରଦର୍ଶନ ଉନ୍ନତ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ୨୦୨୦ ଅକ୍ଟୋବରରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ଭଳି କ୍ଷେତ୍ରଗୁଡ଼ିକରେ ଅଭିବୃଦ୍ଧି ୦.୫% ହ୍ରାସ ହୋଇଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଡାଟାରୁ ସାମ୍ନାକୁ ଆସିଛି। ଚଳିତ ବର୍ଷ ସେପ୍ଟେମ୍ବରରେ କୋର୍ ସେକ୍ଟର ୪.୫% ବୃଦ୍ଧି ଘଟିଥିଲା। ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି)ରେ ୮ କୋର୍ ସେକ୍ଟରର ଅଂଶ ୪୦.୨୭% ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ଅବଧିରେ କୋର୍ ସେକ୍ଟର ୧୫.୧% ବଢ଼ିଛି।

### ସୁପ୍ରିମକୋର୍ଟରେ ହେବ ମାଲ୍ୟାଙ୍କ ଶୁଣାଣି

**ନୂଆଦିଲ୍ଲୀ, ୩୦।୧୧:** ଜାନୁୟାରୀ ୧୮ରେ ସୁପ୍ରିମକୋର୍ଟରେ ବିଜୟ ମାଲ୍ୟାଙ୍କ ଅଦାଲତ ଅବମାନନା ଶୁଣାଣି ହେବ। ସର୍ବୋଚ୍ଚ ନ୍ୟାୟାଳୟ ଏ ନେଇ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ମାଲ୍ୟାଙ୍କ ଭାରତ ପ୍ରତ୍ୟାର୍ପଣକୁ ଅପେକ୍ଷା କରାଯାଇପାରିବ ନାହିଁ। ତାଙ୍କ ବିରୋଧରେ ଶୁଣାଣି ଆରମ୍ଭ ହେବା ସହ ଦଣ୍ଡବିଧାନ ହେବ। ନିଜ ପିଲାଙ୍କ ଆକାଉଣ୍ଟକୁ ୪୦ ନିୟୁତ ଡଲାର ପଠାଇବା ମାମଲାରେ ମାଲ୍ୟା ଅଦାଲତ ଅବମାନନା କରିଥିଲେ। ବ୍ରିଟେନରୁ ମାଲ୍ୟାଙ୍କ ଭାରତ ପ୍ରତ୍ୟାର୍ପଣ ଚୂଡାନ୍ତ ପର୍ଯ୍ୟାୟରେ ରହିଥିବା ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କହିଛନ୍ତି। ଆଉ କିଛି ପ୍ରକ୍ରିୟା ବାକି ଥିବାରୁ ମାଲ୍ୟାଙ୍କୁ ଭାରତ ଅଣାଯାଇପାରିବ ନାହିଁ। ମାତ୍ର ମାମଲା ଯାହା ବି ହେଉ ଅଦାଲତ ଅବମାନନା ମାମଲା ଜାନୁଆରୀରେ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣି ବେଳେ ମାଲ୍ୟା ବ୍ୟକ୍ତିଗତ ଭାବେ କିମ୍ବା ନିଜ ପକ୍ଷ ରଖିବାକୁ ଓକିଲଙ୍କ ଦ୍ୱାରା ହାଜର ହୋଇ ପାରିବ ବୋଲି ଜଷ୍ଟିସ ୟୁ.ୟୁ.ଲଳିତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

# ତେଲରୁ ୩.୭୨ ଲକ୍ଷ କୋଟି ଆଦାୟ

ନୂଆଦିଲ୍ଲୀ, ୩୦।୧୧



- ରାଜ୍ୟ ପାଇଛନ୍ତି ୨୦ ହଜାର କୋଟି
- ୫ ବର୍ଷରେ ୯.୫୭ ଲକ୍ଷ କୋଟିର ଭାଟ୍ ଆଦାୟ
- ୧୨.୧୧ ଲକ୍ଷ କୋଟିର ଟିକସ ପାଇଛି କେନ୍ଦ୍ର

କରୋନା ମହାମାରୀ ସମୟରେ ଆର୍ଥିକ ବର୍ଷ ୨୦୨୦-୨୧ରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଟିକସ ଭାବେ ୩.୭୨ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ସରକାର ଉତ୍ପାଦ ଟିକସ ବାବଦ ସଂଗ୍ରହ ପ୍ରାୟ ୨ ଗୁଣରୁ ଉର୍ଦ୍ଧ୍ୱ ରହିଥିବା ଜଣାପଡ଼ିଛି। ଏହି ଅର୍ଥ ମଧ୍ୟରୁ ରାଜ୍ୟଗୁଡ଼ିକୁ ପ୍ରାୟ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସରକାର ମଙ୍ଗଳବାର ରାଜ୍ୟ ସଭାରେ ଏଭଳି ଉତ୍ତର ରଖିଛନ୍ତି।

ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏକ ଲିଖିତ ଉତ୍ତରରେ କହିଛନ୍ତି, ୨୦୧୯-୨୦ରେ ସରକାର କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ପେଟ୍ରୋଲ ଏବଂ ଡିଜେଲ ଉପରୁ ୧.୭୮ ଲକ୍ଷ କୋଟି ଟଙ୍କା ଆଦାୟ କରିଥିଲେ। ୨୦୨୦-୨୧ରେ ଏହା ୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ତେଲ ଉପରେ ଟିକସ ବୃଦ୍ଧି ଯୋଗୁ ସଂଗ୍ରହ ବଢ଼ିଥିବା ଜଣାପଡ଼ିଛି। ୨୦୧୯ରେ ପେଟ୍ରୋଲ ଉପରେ ୧୯.୯୮ ଟଙ୍କା ଏବଂ ଡିଜେଲ ଉପରେ ୧୫.୮୩ ଟଙ୍କା ଉତ୍ପାଦ ଟିକସ ଲାଗୁ ହେଉଥିଲା। ଗତ ବର୍ଷ ୨ଥର ଉତ୍ପାଦ ଟିକସ ବଢ଼ିବା ଯୋଗୁ ପେଟ୍ରୋଲ ଲିଟର ପିଛା ୩୨.୯୮ ଟଙ୍କା ଏବଂ ଡିଜେଲ ଉପରେ ଟିକସ ୩୧.୮୩ ଟଙ୍କା ଛୁଇଁଥିଲା। ବଜେଟ ସମୟରେ ଟିକସ ପେଟ୍ରୋଲ ୩୨.୯୦ ଟଙ୍କା ଏବଂ ଡିଜେଲ ୩୧.୮୦ ଟଙ୍କାକୁ ହ୍ରାସ କରାଯାଇଥିଲା। ଚଳିତ ମାସରେ ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ଟିକସ ହ୍ରାସ କରାଯାଇଛି। ତେଲ ଦର ରେକର୍ଡ ଉଚ୍ଚ ସ୍ତରରେ ରହିବା ଯୋଗୁ ସରକାର ଟିକସ କମାଇବାକୁ ବାଧ୍ୟ ହୋଇଥିଲେ।

ସରକାର ତେଲ ଉପରେ ଯେଉଁ ଟିକସ ଆଦାୟ କରିଛନ୍ତି ରାଜ୍ୟଗୁଡ଼ିକର ଅଂଶ ଭାବେ ମାତ୍ର ୧୯,୯୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପେଟ୍ରୋଲ ଉପରେ ୧.୪୦ ଟଙ୍କାର ବେସିକ ଏକ୍ସାଇଜ ଡ୍ୟୁଟି ଲାଗୁଛି। ସେହିଭଳି ଅତିରିକ୍ତ ଉତ୍ପାଦ ଟିକସ ଭାବେ ୧୧ ଟଙ୍କା, ରାଜପଥ ଭିତ୍ତିଭୂମି ସେସ୍ ଭାବେ ୧୩ ଟଙ୍କା ଏବଂ କୃଷି ଭିତ୍ତିଭୂମି ସେସ୍ ଭାବେ ୨.୫୦ ଟଙ୍କାର ଟିକସ ଆଦାୟ କରାଯାଉଛି। ସେହିଭଳି ଡିଜେଲ ଉପରେ ୧.୮୦ ଟଙ୍କାର ବେସିକ ଏକ୍ସାଇଜ ଡ୍ୟୁଟି, ୮ ଟଙ୍କାର ଅତିରିକ୍ତ ଏକ୍ସାଇଜ ଡ୍ୟୁଟି, ୪ ଟଙ୍କାର ରାଜପଥ ଏବଂ ଭିତ୍ତିଭୂମି ସେସ୍ ଲାଗୁ ହେଉଥିବା ଜଣାପଡ଼ିଛି। ବେସିକ ଏକ୍ସାଇଜ ଡ୍ୟୁଟିରୁ ରାଜ୍ୟଗୁଡ଼ିକୁ ଟିକସ ଅଂଶ ଭାଗବଣ୍ଟା ହେଉଛି। ୨୦୧୬-୧୭ରେ ଉତ୍ପାଦ ଟିକସ ବାବଦକୁ ୨.୨୨ ଲକ୍ଷ କୋଟି, ୨୦୧୭-୧୮ରେ ୨.୨୫ ଲକ୍ଷ କୋଟି ଏବଂ ୨୦୧୮-୧୯ରେ ୨.୧୩ ଲକ୍ଷ କୋଟି ଟଙ୍କା ରହିଥିଲା। ପେଟ୍ରୋଲ ଏବଂ ଡିଜେଲ ଅଦ୍ୟାବଧି ଜିଏସ୍‌ଟି ପରିସରଭୁକ୍ତ ହୋଇନାହିଁ। ଏହା ଉପରେ ରାଜ୍ୟଗୁଡ଼ିକ ମଧ୍ୟ ଭାଟ୍ ଆଦାୟ କରୁଛନ୍ତି। ୨୦୧୬ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ସୁଦ୍ଧା ରାଜ୍ୟଗୁଡ଼ିକୁ ଭାଟ୍ ବାବଦକୁ ୯.୫୭ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ଏହି ୫ ବର୍ଷରେ କେନ୍ଦ୍ର ସରକାର ଉତ୍ପାଦ ଟିକସ ବାବଦକୁ ୧୨.୧୧ ଲକ୍ଷ କୋଟି ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି।

# ୟୁକୋ ବ୍ୟାଙ୍କ କର୍ମଚାରୀ ସଂଘର ସମ୍ମିଳନୀ




ଭୁବନେଶ୍ୱର,୩୦।୧୧

ୟୁକୋ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ୨୨ତମ ତ୍ରୈବାର୍ଷିକ ସର୍ବଭାରତୀୟ ସମ୍ମିଳନୀ ମଧ୍ୟପ୍ରଦେଶର ଭୋପାଳ ସହରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ଗୋୟଲ ଉଦ୍‌ଘାଟନ କରିଥିଲେ। ଉକ୍ତ ସମ୍ମିଳନୀରେ ସମଗ୍ର ଦେଶରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିବା ବେଳେ ଓଡ଼ିଶାରୁ ମଧ୍ୟ ୩୦ଜଣ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟତଃ ସରକାରଙ୍କ କର୍ମଚାରୀ ବିରୋଧୀ ନୀତି, ବ୍ୟାଙ୍କ ଘରୋଇକରଣ ଓ ଦରଦାମ ବୃଦ୍ଧି ଉପରେ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ସେହିପରି ସରକାରଙ୍କ ବ୍ୟାଙ୍କ ଓ ବୀମା ଘରୋଇକରଣ ନିଷ୍ପତ୍ତିକୁ ବିରୋଧକରି ବିଭିନ୍ନ ପ୍ରସ୍ତାବ ନିଆଯାଇଥିଲା। ଜାତୀୟକରଣ ସଂସ୍ଥାକୁ ଘରୋଇକରଣ କରିବା ନିଷ୍ପତ୍ତିରୁ ସରକାର ଯଦି ନିବୃତ ନ ହୁଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସମ୍ମିଳନୀ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସମ୍ମିଳନୀର ଶେଷ ଦିବସରେ ଆଗାମୀ ୩ବର୍ଷ ପାଇଁ ଓଡ଼ିଶାର ପ୍ରକାଶ ଚନ୍ଦ୍ର ରାୟଙ୍କୁ ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ରାୟ ବର୍ତ୍ତମାନ ୟୁକୋ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ତଥା ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ଅନ୍ୟତମ ବ୍ୟାଙ୍କର୍ସ ନରେନ୍ଦ୍ର କୁମାର ନାୟକ ଉପ ସାଧାରଣ ସମ୍ପାଦକ ଏବଂ ଅମ୍ରିତ ମହାପାତ୍ରଙ୍କୁ କେନ୍ଦ୍ରୀୟ କମିଟି ମେମ୍ବର ଭାବେ ମନୋନୀତ କରାଯାଇଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ରେଳ ଭିତ୍ତିଭୂମି: ୧୯,୬୫୦ କୋଟି ଖଟାଇବ ସିଆଇଏଲ୍

ନୂଆଦିଲ୍ଲୀ,୩୦।୧୧



ରେଳ ଭିତ୍ତିଭୂମି ବିକାଶ ଲାଗି ରାଷ୍ଟ୍ରାୟତ୍ତ କୋଲ୍ ଇଣ୍ଡିଆ (ସିଆଇଏଲ୍) ୧୯,୬୫୦ କୋଟି ଟଙ୍କା ବିନିଯୋଗ କରିବ। ମଙ୍ଗଳବାର କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ୨୦୨୩-୨୪ ବେଳକୁ କୋଲ୍ ଇଣ୍ଡିଆର ଉତ୍ପାଦନ ଆହୁରି ବଢ଼ିଯିବ। ଏହି ସମୟରେ ରେଳ ଯୋଗେ କୋଇଲା ପରିବହନ କ୍ଷମତା ମଧ୍ୟ ବଢ଼ିବ। ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ନିବେଶ ଯୋଜନା ରଖିଛି। ଉଭୟ ଗ୍ରୀନ୍ ଫିଲ୍ଡ ଏବଂ ବ୍ରାଉନ ଫିଲ୍ଡ ଖଣି ଅଞ୍ଚଳଗୁଡିକରେ ରହିଥିବା ପ୍ରକଳ୍ପ ଏବଂ ନୂତନ ପ୍ରକଳ୍ପଗୁଡ଼ିକରେ ପୁଞ୍ଜି ଖର୍ଚ୍ଚ ଯୋଜନା ରଖାଯାଇଛି। ନିଜସ୍ୱ ପାଣ୍ଠିରେ କମ୍ପାନୀ ୩ଟି ରେଳ ଲାଇନ ନିର୍ମାଣ କରିବ। ବାର୍ଷିକ ୧୭୦ ନିୟୁତ କୋଇଲା ଉତ୍ପାଦନ ପାଇଁ ସିସିଏଲ୍ ଏବଂ ଏମ୍‌ସିଏଲ୍ ୭,୯୯୪ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ୪ଟି ଯୌଥ ପ୍ରକଳ୍ପରେ କମ୍ପାନୀ ୧୧,୬୬୫ କୋଟି ଟଙ୍କା ବିନିଯୋଗ କରିବ ବୋଲି ଜଣାପଡ଼ିଛି। ସିସିଏଲ୍‌ର ତୋରି-ଶିବପୁର ରେଳଲାଇନର ଦୋହରୀକରଣ ଏବଂ ପ୍ରକ୍ରିୟାରେ ରହିଥିବା ଲାଇନର ଟ୍ରିପଲିଂ ଯୋଜନା ରଖାଯାଇଛି। ସେହିଭଳି ଏମ୍‌ସିଏଲ୍‌ର ୨୦୧୮ରେ ଝାରସୁଗୁଡ଼ା-ବରପାଲି-ସରଡେଗା ଏକକ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଏହି ଲାଇନରେ ଦୋହରୀକରଣ ଏବଂ ବରପାଲିରେ ଲୋଡି ବଲ୍‌ବ ଏବଂ ଝାରସୁଗୁଡ଼ାରେ ଫ୍ଲାଏଓଭର କମ୍ପ୍ଲେକ୍ସ କାମ ବର୍ତ୍ତମାନ ପ୍ରକ୍ରିୟାରେ ରହିଛି। ସରଡେଗାର ବାର୍ଷିକ ୨୦ ନିୟୁତ ଟନ୍ ପରିବହନ କ୍ଷମତା ଲାଇନ ଏବଂ ଲାଜକୁରାର ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଲାଇନ କାର୍ଯ୍ୟକ୍ଷମ ହେଲେ ଏହା ଏମ୍‌ସିଏଲ୍‌ର ପରିବହନ କ୍ଷମତାକୁ ଅତିରିକ୍ତ ୬୫ ନିୟୁତ ଟନ୍ ବଢ଼ାଇବ।

**ଝାରସୁଗୁଡ଼ା-ବରପାଲି-ସରଡେଗା ଲାଇନ ଦୋହରୀକରଣ ହେବ**

# କ୍ୟାବିନେଟ୍ ମଞ୍ଜୁରୀ ପରେ ଆସିବ କ୍ରିପ୍ଟୋ ବିଲ୍

ନୂଆଦିଲ୍ଲୀ, ୩୦।୧୧

କେନ୍ଦ୍ର ସରକାର କ୍ରିପ୍ଟୋ କରେନ୍ସି ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କୌଣସି ପ୍ରସ୍ତାବ ରଖିନାହାନ୍ତି। କ୍ରିପ୍ଟୋ ସମ୍ପର୍କିତ ବିଲ୍ ମଧ୍ୟ ଆଣିବା ଯୋଜନା ରଖାଯାଇଛି। ତେବେ ଏହି ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ ପରେ ସଂସଦରେ ଉପସ୍ଥାପିତ କରାଯିବ ବୋଲି ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରାଜ୍ୟ ସଭାରେ କହିଛନ୍ତି। କ୍ରିପ୍ଟୋ କୌଣସି ନିୟାମକ ପରିସରଭୁକ୍ତ ହୋଇ ନ ଥିବାରୁ ଏଥିରେ ରିସ୍କ ରହିଛି। ଏ ସମ୍ପର୍କିତ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଇବା ଲାଗି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଆର୍‌ବିଆଇ ଏବଂ ସେବି ଦ୍ୱାରା ଲୋକଙ୍କୁ ସଚେତନ କରାଇବା ଦିଗରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି ବୋଲି ସୀତାରାମନ କହିଛନ୍ତି। ଆଡଭରଟାଇଜିଂ ଷ୍ଟାଣ୍ଡାର୍ଡ କାଉନସିଲ ଅଫ୍ ଇଣ୍ଡିଆର ଗାଇଡ୍‌ଲାଇନକୁ ସରକାର ତର୍ଜମା କରିବେ। ଏ ଦିଗରେ କ'ଣ କରିହେବ ତାକୁ ମଧ୍ୟ ବିଚାର କରାଯିବ। ତେବେ କ୍ୟାବିନେଟ୍‌ର ମୋହର ଲାଗିବା ପରେ କ୍ରିପ୍ଟୋ ବିଲ୍‌କୁ ସଂସଦରେ ଉପସ୍ଥାପିତ କରାଯିବ।

**Marriage Wish**



MISTI weds RONIT
At/PO- Urali, Dist.- Cuttack
Wish you both a Happy Married Life.
Best Compliments From: Mohanty Family and Relatives.
D-22434

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**




ଦିବ୍ୟା ଜେନା
ଛୋଟୀ, କେନ୍ଦ୍ରାପଡ଼ା
ମାଆ ତାରିଣୀଙ୍କ କୃପାରୁ ତୋ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଜେଜେ, ମାଆ, ଅଜା, ଆଈ, ବଡ଼ବାବା, ବଡ଼ମାମା, ବାବା, ମାମା, ଦେଇ, ପିଉସା, ମାମୁ, ମାଈଁ, ଇସୁ ଓ ଗୁଡୁ।
ଧ-୨୨୪୩୦

**ପ୍ରଥମ ସ୍ୱନକ୍ଷତ୍ର**



ପି. ପ୍ରିଶା ବୈଠାରୁ
ଫାଟକ, ସମ୍ବଲପୁର
ଶୁଭ ମନାସୁଛୁ ସଭି ତୋର ଉଜ୍ଜ୍ୱଳ ଭବିଷ୍ୟ ପାଇଁ, ଆଲୋକିତ ହେଉ ତୋ ଜୀବନ ଦୀପ ଠାକୁର ଆଶିଷ ପାଇ।
ଶୁଭେଚ୍ଛା ସହ: ଜେଜେବାପା- ପି. କୃଷ୍ଣଚନ୍ଦ୍ର ବୈଠାରୁ, ଜେଜେମାଁ, ବାପା, ମା, ବଡ଼ଝିଅ, ସାନଝିଅ, ବବି କାକା, ଛୋଟି ଚାଚି ଓ ପ୍ରକର୍ଷ ଆନ୍ନାଙ୍କ ସହ ବୈଠାରୁ ପରିବାର।
ଧ-୨୨୪୩୧

ଫୁର୍‌ସତ୍

# ବିବାହ କରିବେ ସୋନାକ୍ଷୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ସେ ଖୁବଶୀଘ୍ର ଭାଇଜାନ ସଲମାନ ଖାନ୍‌ଙ୍କ ଘରର ବୋହୂ ହେବାକୁ ଯାଉଛନ୍ତି ବୋଲି କୁହାଯାଉଛି। ସଲମାନଙ୍କ ସମ୍ପର୍କୀୟ ତଥା ସେଲିବ୍ରିଟି ମ୍ୟାନେଜର ବଣ୍ଟି ସାଜଦେହଙ୍କୁ ସୋନାକ୍ଷୀ ବିବାହ କରିବେ । ଦୁହେଁ ଦୀର୍ଘ ଦିନ ଧରି ଡେଟ କରୁଛନ୍ତି। କିନ୍ତୁ ଦୁହେଁ ଏ ବିଷୟରେ ଖୋଲାଖୋଲି ଭାବେ ମିଡିଆ ସାମ୍ନାରେ କେବେ ଖୁଲାସା କରି ନାହାନ୍ତି। ହେଲେ ଉଭୟେ ଅନେକ ସେଲିବ୍ରିଟି ପାର୍ଟିରେ ଏକାଠି ନଜର ଆସିଛନ୍ତି।

# ହାରିବାନି, ହରାଇବା



## ବିଶ୍ୱ ଏଡ୍‌ସ ଦିବସ

**କୌ**ଣସି ଶାରୀରିକ ସମସ୍ୟାକୁ ନ ଡରି ଏହା ବିରୋଧରେ ଲଢ଼େଇ ଆବଶ୍ୟକ। ବିଶ୍ୱସ୍ତରରେ ଏଡ୍‌ସର ମୁକାବିଲା ଏବଂ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଆସୁଛି। ଏହି ଦୁରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ନେଇ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। ୩୩ ବର୍ଷ ତଳେ ୧୯୮୮ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ପୂର୍ବରୁ ୧୯୮୭ ଅଗଷ୍ଟରେ ଏଡ୍‌ସ ଦିବସ ପାଳନ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏଡ୍‌ସ ଗ୍ଲୋବାଲ ପ୍ରୋଗ୍ରାମ ପାଇଁ କାର୍ଯ୍ୟରତ ଜନ ସୂଚନା ଅଧିକାରୀ ଜେମ୍ସ ଡବ୍ଲୁ ବୁନ ଏବଂ ଥୋମାସ ନେଟରଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ସେମାନେ ଏଡ୍‌ସ ଗ୍ଲୋବାଲ ପ୍ରୋଗ୍ରାମର ନିର୍ଦ୍ଦେଶକ ଜୋନାଥନ ମାନଙ୍କୁ ଏନେଇ ସୂଚନା ପ୍ରଦାନ କରିଥିଲେ। ପରେ ଏହି ଦିବସ ପାଳନକୁ ଅନୁମୋଦନ ମିଳିଥିଲା। ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ (ଏଡ୍‌ସ) ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭୂତାଣୁ(ଏଚ୍‌ଆଇଭି) ଦ୍ୱାରା ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏହି ଭୂତାଣୁ ମଣିଷର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରି ଅନ୍ୟ ରୋଗର ପ୍ରତିରୋଧ କ୍ଷମତାକୁ ହ୍ରାସ କରିଥାଏ। ତେଣୁ ଏବେ ଏଡ୍‌ସକୁ ରୋକିବା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କିତ ଶିକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ହାରିବାନି ହରାଇବା ଭାବନା ଜାଗ୍ରତ କରିବା ଲାଗି ପ୍ରୟାସ କରାଯାଇଥାଏ। ୨୦୧୭ ସୁଦ୍ଧା, ଏଡ୍‌ସ ଯୋଗୁ ବିଶ୍ୱସ୍ତରରେ ୪୧.୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଆନୁମାନିକ ୩୬.୭ ନିୟୁତ ଲୋକ ଏଚ୍‌ଆଇଭିରେ ସଂକ୍ରମିତ ଅଛନ୍ତି। ବିଶ୍ୱର ଅନେକ ଅଞ୍ଚଳରେ ଆଣ୍ଟିରେଟ୍ରୋଭାଇରାଲ ଚିକିତ୍ସା ଯୋଗୁ ୨୦୦୫ଠାରୁ ଏଡ୍‌ସ ମୃତ୍ୟୁ ହାର କମିବାରେ ଲାଗିଛି। ତେବେ ଏହି ଦିବସ ପାଳନ ଅବସରରେ ରେଡ୍ ରିବନର ଆଇକନିକ ପ୍ରଦର୍ଶନ କରାଯାଇଥାଏ।

# ଅମିଶାଙ୍କ ନାଁରେ ୱାରେଣ୍ଟ




**ମୁମ୍ବାଇ:** ବଲିଉଡକୁ 'କହୋ ନା ପ୍ୟାର ହୈ' ଭଳି ସୁପରହିଟ ଫିଲ୍ମ ଭେଟିଦେଇଥିବା ଅମିଶା ପଟେଲ ଏବେ ଅଡୁଆରେ ପଡିଯାଇଛନ୍ତି । ସେ ଯେ କୌଣସି ମୁହୂର୍ତ୍ତରେ ଗିରଫ ହୋଇପାରନ୍ତି । ଭୋପାଳରେ ତାଙ୍କ ନାଁରେ ଆରେଷ୍ଟ ୱାରେଣ୍ଟ ଜାରି କରାଯାଇଛି । ଚେକ ବାଉନ୍ସ ମାମଲାରେ ଏହି ୱାରେଣ୍ଟ ଜାରି କରାଯାଇଛି । କୋର୍ଟ ପକ୍ଷରୁ ତାଙ୍କୁ ଡିସେମ୍ବର ୪ ସୁଦ୍ଧା ହାଜର ହେବାକୁ କୁହାଯାଇଛି । ଅଭିନେତ୍ରୀଙ୍କ ବିରୋଧରେ ୩୨ ଲକ୍ଷରୁ ଅଧିକ ଟଙ୍କାର ଚେକ ବାଉନ୍ସ ମାମଲା ରହିଛି । ସୂଚନାଯୋଗ୍ୟ, ଅମିଶାଙ୍କ ଉପରେ ୟୁଟିଏଫ ଟେଲିଫିଲ୍ମସ ପ୍ରାଇଭେଟ ଲିମିଟେଡ ୩୨ ଲକ୍ଷ ୨୫ ହଜାର ଟଙ୍କାର ଚେକ ବାଉନ୍ସ ମାମଲା ରୁଜୁ କରିଥିଲା । କମ୍ପାନୀର ଅଭିଯୋଗ କି, ଅମିଶା ଏବଂ ତାଙ୍କ କମ୍ପାନୀ ଅମିଶା ପଟେଲ ପ୍ରଡକ୍ସନ ୟୁଟିଏଫ ଟେଲିଫିଲ୍ମସ ପ୍ରାଇଭେଟ ଲିମିଟେଡଠାରୁ ୩୨ ଲକ୍ଷ ୨୫ ହଜାର ଟଙ୍କା ଫିଲ୍ମ ନିର୍ମାଣ ପାଇଁ ଧାର ନେଇଥିଲେ । ଏହି କଣ୍ଟ୍ରାକ୍ଟ ଆଧାରରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ୨ଟି ଚେକ ୩୨ ଲକ୍ଷ ୨୫ ହଜାର ଟଙ୍କାର ବାଉନ୍ସ ହୋଇଯାଇଥିଲା । ଯାହା ଫଳରେ ଏହାକୁ ନେଇ ଅମିଶାଙ୍କ ବିରୋଧରେ ଏବେ ୱାରେଣ୍ଟ ଜାରି କରାଯାଇଛି । ସେହିପରି ୧୦ ଲକ୍ଷ ଟଙ୍କା ଚେକ୍ ବାଉନ୍ସ ମାମଲାରେ ଇନ୍ଦୋରରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଫିଲ୍ମ ପ୍ରଡକ୍ସନ ପାଇଁ ସେ ଇନ୍ଦୋର ବାସିନ୍ଦା ନିଶା ଛିପାଙ୍କଠାରୁ ଏହି ଟଙ୍କା ନେଇଥିବା ଅଭିଯୋଗ ରହିଛି।

**ବ୍ରତୋପନୟନ (କର୍ଣ୍ଣଭେଦ) ଉତ୍ସବ**



ସତ୍ୟ ପ୍ରକାଶ (ଗୁଲୁ)
ସ୍ଥାନ: ଡିମିରିଆ, ରଣପୁର, ନୟାଗଡ଼
ଶୁଭେଚ୍ଛା ସହ: ଆଈ, ଅଜା, ମାଈଁ, ମାମୁ, ମାଉସୀ, ମଉସା, ବନ୍ଧୁବାନ୍ଧବ, ଗୁରୁଜନ ଓ ଲଘୁଜନ।
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଧ-୨୨୪୩୭

**ବ୍ରତୋପନୟନ (କର୍ଣ୍ଣଭେଦ) ଉତ୍ସବ**



ଧରିତ୍ରୀ (ମିଠି)
ସ୍ଥାନ: ଡିମିରିଆ, ରଣପୁର, ନୟାଗଡ଼
ଶୁଭେଚ୍ଛା ସହ: ଆଈ, ଅଜା, ମାଈଁ, ମାମୁ, ମାଉସୀ, ମଉସା, ବନ୍ଧୁବାନ୍ଧବ, ଗୁରୁଜନ ଓ ଲଘୁଜନ।
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଧ-୨୨୪୩୯

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Faculties required for BHM & MHM (10 Post). Should have completed BHM, MHM from recognized Institute. PEON (4Nos), SWEEPER (2Nos)
S.T.A.R COLLEGE & MANAGEMENT
167, Forest Park, Bhubaneswar
Contact No: 8018087558, 9777897695, 9861444447, 9937337659

Urgent Required
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

WALK-IN-INTERVIEW
On 13th to 18th Dec.
- Principal- 4 to 5 yrs. exp.
- TGT, Math, Computer, Hindi, Science - B.Ed.
- PET- 2 Nos.
- Accountant- 2 Nos.
- DTP Operator- 1 No.
- Dance & Music- 1 No.
Contact: 0674-2394582
email: alokenglishmediumschool@yahoo.in

APPOINTMENT
SP Academy, Bhubaneswar wants MARKETING EXECUTIVE- 2 Nos. OFFICE PERSONNEL- 1 No.
RP-14, Pandav Nagar,
9556101210, 9337505150
Interview Date & Time: 05.12.2021, 2 P.M. to 5 P.M.

URGENTLY REQUIRED
1. SALES MANAGER, 2. SALES OFFICER, 3. TECHNICIAN (Ro/ Chiminey), 4. ACCOUNTANT 5. OFFICE BOY.
Contact No.: +91 87636 67171/ +91 70771 30935

JOB RECRUITMENT
SUNRISE ASSOCIATE
MALE & FEMALE
FINANCE & INSURANCE
Experience - 1 Yr.
Mob.: 7008142454

URGENT REQUIRED
1) Tele Caller
Qualification: Graduation
2) CCTV Technician
Experience: 1-5 Years
BHUBANESWAR
Email ID: itpsacademy01@gmail.com
Mob:8984063447

REQUIRED
1 Male Cook, 1 Baby Care Lady and Housekeeping Boy
Contact 9124736254 6372319885

See Career Appointment on every Wednesday & Saturday

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact
0674-2580385
8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି ।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ : 9432985505
: 9432985505

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ-ବେଲ୍‌ଜିୟମ ମୁକାବିଲା ଆଜି

**ଭୁବନେଶ୍ୱର,୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ୪ଟି ଯାକ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରତିଯୋଗିତାର ୪ର୍ଥ କ୍ୱାର୍ଟର ଫାଇନାଲରେ ଘରୋଇ ଭାରତ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ ରାତି ୭ଟା ୩୦ରେ ଅନୁଷ୍ଠିତ ହେବ। ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ଉଭୟ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଭାରତ ଚାମ୍ପିୟନ ଏବଂ ବେଲ୍‌ଜିୟମ ରନର୍ସଅପ୍ ହୋଇଥିଲା। ଟାଇଟଲ ମୁକାବିଲାରେ ଭାରତ ୨-୧ ଗୋଲରେ ବେଲ୍‌ଜିୟମକୁ

## କ୍ୱାର୍ଟର ଫାଇନାଲ

ପରାସ୍ତ କରିଥିଲା। ମ୍ୟାଚର ୮ମ ମିନିଟରେ ଭାରତର ଗୁରଜନ୍ତ ସିଂ ଏବଂ ୨୨ତମ ମିନିଟରେ ସିମରନଜିତ ସିଂ ୨ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୭୦ତମ ମିନିଟରେ ଫାବ୍ରିକ୍ ଭାନ୍ ବୋକ୍ରିଜିକ୍ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏଥର କ୍ୱାର୍ଟର ଫାଇନାଲ ଗତ ସଂସ୍କରଣ ଫାଇନାଲର ରିମ୍ୟାଚ ସଦୃଶ ହୋଇଥିବାରୁ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ।

ଚଳିତ ବିଶ୍ୱକପ୍‌ର ପୁଲ୍ 'ଏ'ରେ ସ୍ଥାନ ପାଇଥିବା ବେଲ୍‌ଜିୟମ ଅପରାଜେୟ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୫-୧ ଗୋଲରେ ହରାଇଥିବାବେଳେ ମାଲେସିଆ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ତୃତୀୟ ତଥା ଅନ୍ତିମ ପୁଲ୍ ମ୍ୟାଚରେ ଚିଲିକୁ ୩-୦ ଗୋଲରେ ହରାଇ ଗ୍ରୁପ ପର୍ଯ୍ୟାୟ ଶେଷ କରିଥିଲା ବେଲ୍‌ଜିୟମ। ଭାରତ କିନ୍ତୁ ଏଠାରେ ଏହାର ପ୍ରଥମ ମ୍ୟାଚରେ ଫ୍ରାନ୍ସଠାରୁ ହାରି ଅଭିଯାନ ଆରମ୍ଭ କରିଥିଲା। ଶେଷ କ୍ୱାର୍ଟରରେ ବିବେକ ସାଗର ପ୍ରସାଦଙ୍କ ନେତୃତ୍ୱାଧୀନ ଦଳ ଭଲ ଖେଳିଥିଲେ ହେଁ ୪-୫ ଗୋଲରେ ହାରି ଯାଇଥିଲା। ତେବେ ୱାଇଲ୍ଡ କାର୍ଡ ମାଧ୍ୟମରେ ଟୁର୍ନାମେଣ୍ଟ ଖେଳିବାକୁ ସୁଯୋଗ ପାଇଥିବା କାନାଡ଼ା ଓ ପୋଲାଣ୍ଡ ବିପକ୍ଷରେ ବୃହତ୍ ବିଜୟ ସହ ଦଳ ନକ୍‌ଆଉଟରେ ପ୍ରବେଶ କରିଥିଲା। କାନାଡ଼ାକୁ ଦଳ ୧୩-୧ରେ ହରାଇଥିବାବେଳେ ପୋଲାଣ୍ଡକୁ ୮-୨ ଗୋଲରେ ପରାସ୍ତ କରିଥିଲା। ପ୍ରକାଶଯୋଗ୍ୟ ଯେ, କୋଭିଡ୍-୧୯ ମହାମାରୀ କାରଣରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଓହରି ଯିବାରୁ ଆମେରିକା, ପୋଲାଣ୍ଡ ଓ କାନାଡ଼ାକୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ୩ ମ୍ୟାଚରେ ୨୫ଟି ଗୋଲ ଦେଇଥିବାବେଳେ ୮ଟି ଗୋଲ ବରଣ କରିଥିଲା। ଗୋଲ ବ୍ୟବଧାନ ଯୁକ୍ତ ୧୭ ରହିଥିଲା। ଅନ୍ୟପକ୍ଷରେ ବେଲ୍‌ଜିୟମ ୩ ମ୍ୟାଚରେ ୯ଟି ଗୋଲ ଦେଇଥିବାବେଳେ ୨ଟି ବରଣ କରିଥିଲା। ଏହାର ଗୋଲ ବ୍ୟବଧାନ ଯୁକ୍ତ ୭ ରହିଥିଲା।

ଟୁର୍ନାମେଣ୍ଟ ଇତିହାସ ଦେଖିବାକୁ ଗଲେ ଭାରତ ଦ୍ୱିତୀୟ ସଫଳ ଦଳଭାବେ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ଏବଂ ୧୯୯୭ରେ ରନର୍ସଅପ୍ ହୋଇଛି। ୧୯୭୯, ୧୯୮୨ ଓ ୧୯୮୫ରେ ୫ମ ସ୍ଥାନ ପାଇଥିବାବେଳେ ୨୦୦୫ରେ ୪ର୍ଥ, ୨୦୦୯ରେ ୯ମ ଏବଂ ୨୦୧୩ରେ ୧୦ମ ସ୍ଥାନ ପାଇଥିଲା। ଅନ୍ୟପକ୍ଷରେ ବେଲ୍‌ଜିୟମ ୨୦୧୬କୁ ଛାଡ଼ିଦେଲେ ଅନ୍ୟ କୌଣସି ସଂସ୍କରଣରେ ଭଲ ପ୍ରଦର୍ଶନ କରିନାହିଁ। ଏହି ବର୍ଷ ଦଳ ରନର୍ସଅପ୍ ହୋଇଥିବାବେଳେ ୧୯୮୫ରେ ୧୧, ୧୯୯୭ରେ ୧୨, ୨୦୦୫ ଓ ୨୦୦୯ରେ ୧୧ ଏବଂ ୨୦୧୩ରେ ୬ଷ୍ଠ ସ୍ଥାନ ପାଇଥିଲା।



ଭାରତୀୟ ଦଳର ଅଭ୍ୟାସ।

### ଜର୍ମାନୀ-ସ୍ପେନରୁ ଆରମ୍ଭ

ପ୍ରତିଯୋଗିତା ଇତିହାସରେ ସବୁଠାରୁ ସଫଳ ଦଳ ଜର୍ମାନୀ ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନକୁ ଭେଟିବ। ପୂର୍ବ ସଂସ୍କରଣଗୁଡ଼ିକ ଭଳି ଜର୍ମାନୀ ଏଥର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ଆଗକୁ ବଢ଼ିଛି। ଦଳ ଖେଳିଥିବା ୩ଟି ଯାକ ମ୍ୟାଚରେ ବିଜୟୀ ହୋଇ ପୁଲ୍ 'ଡି'ରେ ଶୀର୍ଷସ୍ଥାନ ଅଧିକାର କରିଛି। କଷ୍ଟସାଧ ଗ୍ରୁପ୍‌ରେ ଥିବାରୁ ଦଳ ୧୯ଟି ଗୋଲ ଦେଇଛି ଓ ୪ଟି ବରଣ କରିଛି। ଏହି ଦଳ ସର୍ବାଧିକ ୬ ଥର ୧୯୮୨, ୧୯୮୫, ୧୯୮୯, ୧୯୮୩, ୨୦୦୯ ଓ ୨୦୧୩ରେ ଚାମ୍ପିୟନ ହୋଇଛି।୧୯୭୯ରେ ଦଳ ରନର୍ସଅପ୍ ହୋଇଥିବାବେଳେ ୧୯୯୭, ୨୦୦୧ ଓ ୨୦୧୬ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛି। କେବଳ ୨୦୦୬ରେ ୬ଷ୍ଠ ସ୍ଥାନକୁ ଛାଡ଼ିଦେଲେ ଦଳ ଅନ୍ୟ ୧୦ଟିଯାକ ସଂସ୍କରଣରେ ପୋଡିୟମ ମଣ୍ଡନ କରିଛି। ଅନ୍ୟପକ୍ଷରେ ଏଥର ପୁଲ୍ 'ସି'ରେ ଖେଳିଥିବା ସ୍ପେନ ୩ ମ୍ୟାଚରୁ ୨ ବିଜୟ ଓ ୧ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ ଦଳ ୨୮ଟି ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଛି। ଟୁର୍ନାମେଣ୍ଟ ଇତିହାସରେ ଏହି ଦଳ ଥରେ ମାତ୍ର ୨୦୦୫ରେ ବ୍ରୋଞ୍ଜ ପଦକ ପାଇଥିଲେ ହେଁ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ କଡ଼ା ଚ୍ୟାଲେଞ୍ଜ ଦେବା ଆଶା କରାଯାଉଛି।

### ନେଦରଲାଣ୍ଡ୍ସ-ଆର୍ଜେଣ୍ଟିନା କଡ଼ା ମୁକାବିଲା

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପୂର୍ବତନ ଚାମ୍ପିୟନ ଆର୍ଜେଣ୍ଟିନା ଓ ୨ ଥର ରନର୍ସଅପ୍ ନେଦରଲାଣ୍ଡ୍ସ ମଧ୍ୟରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଏଥର କିନ୍ତୁ ଲିଗ୍ ପର୍ଯ୍ୟାୟରେ ଆର୍ଜେଣ୍ଟିନା ଅପେକ୍ଷା ନେଦରଲାଣ୍ଡ୍ସ ଭଲ ପ୍ରଦର୍ଶନ କରିଛି। ଦଳ ୩ ମ୍ୟାଚରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।





ଜୁନିୟର ହକି ବିଶ୍ୱକପ୍ ଅବସରରେ ୱାଲ୍ ପେଣ୍ଟିଂ।

# ସଡନ୍‌ଡେଥ୍‌ରେ ଜିତିଲା କୋରିଆ

**ଭୁବନେଶ୍ୱର,୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ଏକ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ କୋରିଆ ସଡନ୍‌ଡେଥ୍ ୬-୫ ଗୋଲରେ ଇଜିପ୍ଟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଶୁଟ୍ ଆଉଟର ପ୍ରଥମ ୫ଟି ଲେଖାଏ ଶଟ୍ ପଯର୍ୟାୟରେ ଗେମ୍ ୩-୩ରେ ବରାବର ରହିଥିଲା। ଫଳରେ ସଡନ୍ ଡେଥ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ କୋରିଆ ୩ଟି ଗୋଲ ଦେଇଥିବାବେଳେ ଇଜିପ୍ଟ ୨ଟି ଗୋଲ ଦେବାକୁ ସକ୍ଷମ ହୋଇଥିଲା। କୋରିଆ ଅଧିନାୟକ ମିନ୍ ବାଏ ସୁଙ୍ଗ୍ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ମ୍ୟାଚର ୧୮ତମ ମିନିଟରେ କିମ୍ ହ୍ୟୁନ ଉ ଓ ୨୦ତମ ମିନିଟରେ ଜିଅଙ୍ଗ ଜୁନ ସିଅଙ୍ଗ ପେନାଲ୍ଟି କର୍ନରରୁ ଗୋଟିଏ ଲେଖାଏ ଗୋଲ ଦେଇ କୋରିଆକୁ ଅଗ୍ରଣୀ କରାଇଥିଲେ। ତେବେ ଇଜିପ୍ଟର ଏଲଗାନାୟାନି ଆବଡେଲରହମନ ୪୨ ଓ ଅଧିନାୟକ ରାଗବ ହୋସାମେଲଡିନ ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୪୮ତମ ମିନିଟରେ ଇଜିପ୍ଟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ କୋରିଆକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ମାତ୍ର ତା'ର ସଦୁପଯୋଗ ହୋଇପାରି ନ ଥିଲା। ୫୪ତମ ମିନିଟରେ ଇଜିପ୍ଟକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ଦ୍ୱିତୀୟ ଉଦ୍ୟମରେ ଏଲଗାନାୟାନି ଏହାକୁ ଗୋଲରେ ପରିଣତ କରି ଇଜିପ୍ଟକୁ ମୂଲ୍ୟବାନ ଅଗ୍ରଣୀ କରାଇଥିଲେ। ୫୬ତମ ମିନିଟରେ ପେନାଲ୍ଟି କର୍ନରକୁ କୋରିଆ ଖେଳାଳି ଗୋଲରେ ପରିଣତ କରିପାରି ନ ଥିଲେ। ୫୮ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର କନଭର୍ସନ ସମୟରେ ଇଜିପ୍ଟ ଖେଳାଳିଙ୍କ ବିପଜ୍ଜନକ ଆଚରଣ ଯୋଗୁ କୋରିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜିଅଙ୍ଗ ଜୁନ୍ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା।



ମ୍ୟାଚ୍ ଜିତିବା ପରେ ଉଲ୍ଲସିତ କୋରିଆ ଦଳର ଖେଳାଳିମାନେ।

# ଚିଲିକୁ ହରାଇଲା ପୋଲାଣ୍ଡ

**ଭୁବନେଶ୍ୱର,୩୦।୧୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ଏକ କ୍ଲାସିଫିକେଶନ ମ୍ୟାଚରେ ୱାଇଲ୍ଡ କାର୍ଡଧାରୀ ପୋଲାଣ୍ଡ ୨-୧ ଗୋଲରେ ଚିଲିକୁ ହରାଇ ଦେଇଛି। ୯ମ ମିନିଟରେ ଚିଲିକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଡାନିଏଲ ବେରୋଗି ଦଳକୁ ଅଗ୍ରଣୀ କରାଇଥିଲେ। ୨୨ତମ ମିନିଟରେ ପୋଲାଣ୍ଡର ଜୁଲିଆନ ବ୍ଲାଜ୍‌କିଜ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ମାତ୍ର ୬୦ତମ ମିନିଟ ଅର୍ଥାତ୍ ଶେଷ କ୍ଷଣରେ ପୋଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ନରରୁ ସିମନ ସାଇପ୍ରଚ୍ ଗୋଲ ଦେଇ ଚିଲି ଆଶାରେ ପାଣିଭରି ଦେଇଥିଲେ। ବିଜୟୀ ହୋଇଥିବାରୁ ପୋଲାଣ୍ଡ ୯ରୁ ୧୨ ଏବଂ ପରାଜିତ ଚିଲି ୧୩ରୁ ୧୬ତମ ସ୍ଥାନ ପାଇଁ କ୍ରସ୍ ଓଭର ମ୍ୟାଚ ଖେଳିବ। ମ୍ୟାଚ ଆରମ୍ଭରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଏବଂ ଶେଷରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରୋ-ଭାଇସ ଚାନ୍ସେଲର ଡ. ସସ୍ମିତା ସାମନ୍ତ ଅତିଥିଭାବେ ଯୋଗ ଦେଇଥିଲେ। ପୋଲାଣ୍ଡ ଦଳର ଟୋମାଜ ବେମ୍ନେନେକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ଟୋମାଜ ବେମ୍ନେନେକଙ୍କୁ ଅତିଥି ସସ୍ମିତା ସାମନ୍ତ ପୁରସ୍କୃତ କରୁଛନ୍ତି।

## ଦକ୍ଷିଣ ଆଫ୍ରିକା ବିଜୟୀ

**ଭୁବନେଶ୍ୱର,୩୦।୧୧(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ଏକ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭-୩ ଗୋଲରେ କାନାଡ଼ାକୁ ହରାଇ ଦେଇଛି। ଫଳରେ ଦକ୍ଷିଣ ଆଫ୍ରିକା ୯ମରୁ ୧୨ତମ ସ୍ଥାନ ପାଇଁ ଏବଂ କାନାଡ଼ା ୧୩ରୁ ୧୬ତମ ସ୍ଥାନ ପାଇଁ କ୍ରସ୍ ଓଭର ମ୍ୟାଚ ଖେଳିବ। ପୂର୍ବରୁ ଏହି ଦଳଗୁଡ଼ିକ କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ି ସାରିଛନ୍ତି। ମ୍ୟାଚ ଆରମ୍ଭରେ ହକି କୋଚ୍ କାଳୁ ଚରଣ ଚୌଧୁରୀ ଏବଂ ଶେଷରେ ମହିଳା ହକି କୋଚ୍ ଲୁସେଲା ଏକ୍କା ଅତିଥିଭାବେ ଯୋଗ ଦେଇଥିଲେ।

## ୨୦୨୩ ହକି ବିଶ୍ୱକପ ପାଇଁ ବିଭୁ ମେଡିକାଲ ଅଫିସର

**ଭୁବନେଶ୍ୱର,୩୦।୧୧(କ୍ରୀଡ଼ା ପ୍ରତିନିଧି):** ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ଏଫ୍‌ଆଇଏଚ୍ ସିନିୟର ପୁରୁଷ ହକି ବିଶ୍ୱକପ ପାଇଁ ଓଡ଼ିଶାର ବିଭୂ କଲ୍ୟାଣ ନାୟକ ମେଡିକାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ ପକ୍ଷରୁ ମଙ୍ଗଳବାର ଏହା ପ୍ରକାଶ କରାଯାଇଛି। ସେ ପ୍ରଥମ ଓଡ଼ିଆ ଡାକ୍ତରଭାବେ ଏଫ୍‌ଆଇଏଚ୍ ପକ୍ଷରୁ କ୍ରମାଗତ ୨ଟି ବଡ଼ ଟୁର୍ନାମେଣ୍ଟ ପାଇଁ ହେଲ୍‌ଥ ଆଣ୍ଡ ସେଫ୍‌ଟି କମିଟିର ଚେୟାରମ୍ୟାନ ନିଯୁକ୍ତ ହୋଇଛନ୍ତି ଏବଂ ଜୁନିୟର ହକି ବିଶ୍ୱକପ, ସିନିୟର ହକି ବିଶ୍ୱକପ ଏବଂ ଅଲିମ୍ପିକ୍ସରେ ଏଫ୍‌ଆଇଏଚ୍ ମେଡିକାଲ ଅଫିସର ଦାୟିତ୍ୱ ତୁଲାଇଛନ୍ତି। ସେ ସମ୍ପ୍ରତି ଫିଟ୍ ଇଣ୍ଡିଆ ମିସନରେ ଟେକ୍ନିକାଲ ଏକ୍ସପର୍ଟ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବରୁ ଅନେକ ଥର ଭାରତୀୟ ହକି ଦଳ ସହ ବିଶେଷଜ୍ଞ ଡାକ୍ତରଭାବେ ରହି ଆସିଥିବା ବିଭୂ ୨୦୧୮ ସିନିୟର ହକି ବିଶ୍ୱକପ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଏଫ୍‌ଆଇଏଚ୍ ପକ୍ଷରୁ ନିଯୁକ୍ତ ମେଡିକାଲ ଅଫିସର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି।

# ପାକିସ୍ତାନର ରେକର୍ଡ ଗୋଲ



ପାକିସ୍ତାନ-ଆମେରିକା ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର,୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ ଗୋଲ ସ୍କୋରିଂରେ ରେକର୍ଡ ପରେ ରେକର୍ଡ ହୋଇ ଚାଲିଛି। କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ପାକିସ୍ତାନ ମଙ୍ଗଳବାର ଅନୁଷ୍ଠିତ ଏକ କ୍ଲାସିଫିକେଶନ ମ୍ୟାଚରେ ଆମେରିକାକୁ ୧୮-୨ ଗୋଲରେ ପରାସ୍ତ କରିଛି। ଜୁନିୟର ହକି ବିଶ୍ୱକପ୍‌ରେ କୌଣସି ଏକ ମ୍ୟାଚରେ ଗୋଟିଏ ଦଳ ଏତେ ସଂଖ୍ୟକ ଗୋଲ ସ୍କୋର କରିବା ଏହା ପ୍ରଥମ। ପୂର୍ବରୁ ଏହି ରେକର୍ଡ ଭାରତ ନାମରେ ଥିଲା। ୧୯୮୨ରେ କୁଆଲାଲମ୍ପୁରରେ ଅନୁଷ୍ଠିତ ବିଶ୍ୱକପ୍‌ର ଏକ ମ୍ୟାଚରେ ଭାରତ ୧୩-୦ ଗୋଲରେ ସିଙ୍ଗାପୁରକୁ ହରାଇ ରେକର୍ଡର ଅଧିକାରୀ ଥିଲା। ମାତ୍ର ଚଳିତ ବିଶ୍ୱକପ୍‌ର ୨୫ ତାରିଖରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଆର୍ଜେଣ୍ଟିନା ୧୪-୦ ଗୋଲରେ ଇଜିପ୍ଟକୁ ହରାଇ ଭାରତ ରେକର୍ଡ ଭାଙ୍ଗିଥିଲା। ତେବେ ସେହିଦିନ ଏହାର ଅଳ୍ପ କେତେଘଣ୍ଟା ପରେ ସ୍ପେନ ୧୭-୦ ଗୋଲରେ ଆମେରିକାକୁ ହରାଇ ରେକର୍ଡ ନିଜ ନାମରେ କରି ନେଇଥିଲା। ୫ ଦିନ ବ୍ୟବଧାନ ପରେ ଏବେ ପାକିସ୍ତାନ ଏହି ରେକର୍ଡକୁ ନିଜ ନାମରେ କରିଛି। ପାକିସ୍ତାନ ଅଧିନାୟକ ଅବଦୁଲ ରାଣା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପାକିସ୍ତାନ ପକ୍ଷରୁ ଅଧିନାୟକ ଅବଦୁଲ ରାଣା ୨୭, ୩୩, ୩୫, ୫୪ ମିନିଟରେ ୪ଟି, ଆବୁଜାର ୧୪, ୨୮, ୫୭ ତମ ମିନିଟରେ ୩ଟି, ଅଲୀ ରିଜୱାନ ୨୦, ୪୬ ମିନିଟରେ ୨ଟି ଏବଂ ୨୩ ମିନିଟରେ ଉମର ସତ୍ତାର, ୨୪ତମ ମିନିଟରେ ରୋମାନ ଖାଁ, ୨୭ତମ ମିନିଟରେ ଅବଦୁଲ ରହମନ, ୩୬ତମ ମିନିଟରେ ମୋଇନ ସକିଲ, ୩୭ତମ ମିନିଟରେ ଅବଦୁଲ ମନନ, ୩୯ତମ ମିନିଟରେ ମହସିନ ହାସନ, ୪୨ତମ ମିନିଟରେ ଘଜନଫର ଅଲୀ, ୪୩ତମ ମିନିଟରେ ମୁହିବ ଉଲା ଓ ୫୬ତମ ମିନିଟରେ ମହମ୍ମଦ ହମ୍ମାଦୁଦ୍ଦିନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆମେରିକା ପକ୍ଷରୁ ୩୦ ଓ ୪୦ତମ ମିନିଟରେ ଫିନ୍‌ଲେ କ୍ୱାଇଲ ୨ଟି ଗୋଲ ପରିଶୋଧ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ସମ୍ବଲପୁର, ବୁଧବାର, ଡିସେମ୍ବର ୧/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Wednesday, December 1/2021 ପୃଷ୍ଠା-୧



## ମେସିଙ୍କୁ ବାଲନ ଡି'ଅର ପୁରସ୍କାର

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ରେକର୍ଡ ସପ୍ତମଥର ପାଇଁ ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି।

୦୮

୦୩

## ହରିକୁମାର ନୌସେନା ମୁଖ୍ୟ

ଭାରତୀୟ ନୌସେନାର ୨୫ତମ ମୁଖ୍ୟ ଭାବେ ଆଡ୍‌ମିରାଲ ଆର୍. ହରିକୁମାର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି






# ଓଡ଼ିଶା ଚାଷୀଙ୍କ ଆୟ ତଳୁ ଦ୍ୱିତୀୟ



ନୂଆଦିଲ୍ଲୀ,୩୦।୧୧

ଓଡ଼ିଶାର ଚାଷୀମାନଙ୍କ ହାରାହାରି ମାସିକ ଆୟ ଝାଡ଼ଖଣ୍ଡ ପରେ ଦେଶରେ ଦ୍ୱିତୀୟ ସର୍ବନିମ୍ନ। ଝାଡ଼ଖଣ୍ଡ ଚାଷୀଙ୍କ ମାସିକ ଆୟ ୪,୮୯୫ ଟଙ୍କା ହୋଇଥିବାବେଳେ ଓଡ଼ିଶାର କୃଷକମାନେ ମାସକୁ ୫,୧୧୨ ଟଙ୍କା ଆୟ କରିଥାଆନ୍ତି। ଲୋକ ସଭାରେ ମଙ୍ଗଳବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏହି ସୂଚନା ଦେଇଛନ୍ତି।

ଦେଶର କୃଷକମାନଙ୍କ ଆୟ ଓ ବ୍ୟୟ ହିସାବ ପାଇଁ କେନ୍ଦ୍ର ସରକାର କୌଣସି ବାର୍ଷିକ ସର୍ବେକ୍ଷଣ କରିଛନ୍ତି କି? ଯଦି କରିଛନ୍ତି ତେବେ ବର୍ତ୍ତମାନ ପ୍ରତ୍ୟେକ ରାଜ୍ୟର ଚାଷୀଙ୍କ ମାସିକ ଆୟ ଓ ବ୍ୟୟ କେତେ ରହିଛି? ଯଦି ଏଭଳି ସର୍ଭେ କରାଯାଇ ନାହିଁ ତେବେ ସରକାରଙ୍କ ପ୍ରତିଶ୍ରୁତି ମୁତାବକ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଅଗ୍ରଗତି ଅନୁଧ୍ୟାନ ସକାଶେ କେଉଁ ପଦ୍ଧତି ବିକଶିତ କରାଯାଇଛି ବୋଲି କଂଗ୍ରେସ ଏମ୍‌ପି ଉଲ୍ଲାକା ଲୋକ ସଭାରେ ପ୍ରଶ୍ନ କରିଥିଲେ। ଉତ୍ତରରେ କୃଷିମନ୍ତ୍ରୀ ତୋମାର କହିଥିଲେ, ଜାତୀୟ ସ୍ତରରେ କୃଷକଙ୍କ ମାସିକ ହାରାହାରି ଆୟ ୧୦,୨୧୮ ଟଙ୍କା ହୋଇଥିବାବେଳେ ଓଡ଼ିଶା କଥା ଦେଖିଲେ ଏହି ପରିମାଣ ଏହାର ପ୍ରାୟ ଅଧା ରହିଛି। ଅନ୍ୟପକ୍ଷେ ମେଘାଳୟ ଚାଷୀଙ୍କ ମାସିକ ହାରାହାରି ଆୟ ସର୍ବାଧିକ ୨୯,୩୪୮ ରହିଛି। ଏହି କ୍ଷେତ୍ରରେ ମେଘାଳୟ ପଛକୁ ପଞ୍ଜାବ ରହିଛି। ପଞ୍ଜାବ ଚାଷୀଙ୍କ ମାସିକ ଆୟ ୨୬,୭୦୧, ହରିୟାଣା ୨୨,୮୪୧, ଜମ୍ମୁ ଓ କଶ୍ମୀର ୧୮,୯୧୮ ଏବଂ କେରଳ ଚାଷୀଙ୍କ ଆୟ ହେଉଛି ୧୭,୯୧୫ ଟଙ୍କା। ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଏସ୍) ରିପୋର୍ଟ ନମ୍ବର ୫୮୭ ଅନୁସାରେ ତୋମାର ଉପରୋକ୍ତ ☞ପୃଷ୍ଠା-୬

## ପାନଗାରିୟାଙ୍କୁ ଓଡ଼ିଶା ତଥ୍ୟ ଜଣାନାହିଁ

### ଏମ୍‌ଏସ୍‌ପିରେ ଧାନ କିଣୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ସମଗ୍ର ଦେଶରେ ଚାଷୀମାନଙ୍କ ପ୍ରବଳ ବିରୋଧ ପରେ କେନ୍ଦ୍ରର ଭାଜପା ପରିଚାଳିତ ଏନ୍‌ଡିଏ ସରକାର ୩ କୃଷି ଆଇନରୁ ଓହରିଛନ୍ତି। ଏହି ଆଇନକୁ ରଦ୍ଦ ପାଇଁ ଆସିଥିବା ବିଲ୍ ସୋମବାର ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ବିନା ଆଲୋଚନାରେ ପାରିତ କରାଯାଇଛି। ଏଭଳିସ୍ଥଳେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ଏକ ଜାତୀୟ ଖବରକାଗଜରେ 'କୃଷି ଆଇନ ଉଚ୍ଛେଦ ପରେ କିପରି ବଢ଼ିବ କୃଷି ଆୟ ଓ ଅଭିବୃଦ୍ଧି' ଶୀର୍ଷକ ଏକ ଲେଖା ନଭେମ୍ବର ୩୦ ତାରିଖରେ ପ୍ରକାଶ କରିଛନ୍ତି। ଏହି ଲେଖାକୁ ସେ ନିଜର ଟୁଇଟର ହ୍ୟାଣ୍ଡେଲରେ ମଧ୍ୟ ଶେୟାର କରିଛନ୍ତି।

ପାନଗାରିୟା ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି, ଦେଶର କରଦାତାଙ୍କ ଅର୍ଥରେ ପଞ୍ଜାବ ଓ ହରିୟାଣାର ଚାଷୀମାନେ ଧାନ ଓ ଗହମର ସର୍ବୋତ୍ତମ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇ ଭଲ ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ମାତ୍ର ଓଡ଼ିଶା ଏବଂ ବିହାର ଭଳି ଗରିବ ରାଜ୍ୟ ସେମାନଙ୍କ ଚାଷୀଙ୍କଠାରୁ ବର୍ତ୍ତମାନର ଏମ୍‌ଏସ୍‌ପି ଜରିଆରେ ଶସ୍ୟ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି। ପାନଗାରିୟାଙ୍କ ଲେଖାରୁ ଏହା ବୁଝାପଡୁଛି ଯେ ଓଡ଼ିଶାର ଚାଷ ଓ ଚାଷୀଙ୍କ ବିଷୟରେ ସେ ଅଜ୍ଞ ଅଛନ୍ତି। ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ଏମ୍‌ଏସ୍‌ପି ଦେଇ ଚାଷୀଙ୍କଠାରୁ ଧାନ କ୍ରୟ କରି ଆସୁଛନ୍ତି। ଧାନ କିଣାରେ ସ୍ୱଚ୍ଛତା ଆଣିବା ଲାଗି ୨୦୧୪-୧୫ରୁ ରାଜ୍ୟ ସରକାର ପି-ପାସ୍ (ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ୍) ଜରିଆରେ ରାଜ୍ୟର ଚାଷୀଙ୍କୁ ଅନ୍‌ଲାଇନ ପଞ୍ଜୀକୃତ କରିବା ସହ ଧାନ କ୍ରୟ କରି ଆସୁଛନ୍ତି। ଏପରି କି ଏଥିପାଇଁ ଅନ୍‌ଲାଇନ ଜରିଆରେ ସେମାନଙ୍କ ପ୍ରାପ୍ୟ ଆକାଉଣ୍ଟକୁ ପ୍ରଦାନ କରାଯାଉଛି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ☞ପୃଷ୍ଠା-୬

# ଜିରୋନାଇଟ୍ ସେଲିବ୍ରେଶନରେ ବ୍ରେକ୍



### ଡିସେମ୍ବର କୋଭିଡ୍ ଗାଇଡ୍‌ଲାଇନ

■ ଫିକା ପଡ଼ିବ ନୂଆବର୍ଷ ପାଳନ

■ ଡିସେମ୍ବର ୩୧, ଜାନୁୟାରୀ ୧ରେ ପିକ୍‌ନିକ୍ ମନା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଗତବର୍ଷ ଭଳି ଏଥର ମଧ୍ୟ ନୂଆବର୍ଷ ପାଳନ ଫିକା ପଡ଼ିବ। ରାଜ୍ୟରେ ଏଥର ଜିରୋନାଇଟ୍ ସେଲିବ୍ରେଶନ ହୋଇପାରିବ ନାହିଁ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଡିସେମ୍ବର ମାସର କୋଭିଡ୍ ଗାଇଡ୍‌ଲାଇନରେ ଏହା ସ୍ପଷ୍ଟ କରାଯାଇଛି। କରୋନା ସଂକ୍ରମଣ ବଢ଼ିବା ଆଶଙ୍କା କରି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ନୂଆବର୍ଷ ପାଇଁ ଡିସେମ୍ବର ୩୧ରେ ହୋଟେଲ୍, ରେଷ୍ଟୁରାଣ୍ଟ, କ୍ଲବ୍, ପାର୍କରେ ଜିରୋନାଇଟ୍ ପାଳନକୁ ବାରଣ କରାଯାଇଛି। ସେହିପରି ପ୍ରେକ୍ଷାଳୟ, କଲ୍ୟାଣ ମଣ୍ଡପ ଆଦି ସର୍ବସାଧାରଣ ସ୍ଥାନରେ ମଧ୍ୟ ସେଲିବ୍ରେଶନ କରିବାକୁ ମନା କରାଯାଇଛି। ଏଥିସହିତ ଡିସେମ୍ବର ୩୧ ଓ ଜାନୁୟାରୀ ୧ରେ ପିକ୍‌ନିକ୍ କରିବାକୁ ମଧ୍ୟ ସରକାର ବାରଣ କରିଛନ୍ତି।

ସେହିପରି ଅନ୍ୟ କୌଣସି ସ୍ଥାନରେ ଅଧିକ ସଂଖ୍ୟକ ଲୋକ ଏକାଠି ହୋଇ ଜିରୋନାଇଟ୍ ସେଲିବ୍ରେଶନ କରିବାକୁ ମଧ୍ୟ ବାରଣ କରାଯାଇଛି। କରୋନା ଯୋଗୁ ଚଳିତ ବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜା ପାର୍ବଣ ଉପରେ କଟକଣା ଲଗାଯାଇଛି। ☞ପୃଷ୍ଠା-୬

# ଦ୍ୱିତୀୟ ତ୍ରୈମାସ ଜିଡିପି ୮.୪% ବଢ଼ିଲା

ନୂଆଦିଲ୍ଲୀ, ୩୦।୧୧

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଲାଗି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୮.୪% ରହିଛି। ଗତ ଆର୍ଥିକ ବର୍ଷ ସମାନ ଅବଧିରେ ଏହା ୭.୪% ଖସିଥିଲା ବୋଲି ମଙ୍ଗଳବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଖାଉଟିଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଅର୍ଥନୈତିକ ସୁଧାର ପ୍ରକ୍ରିୟା ଦୃଢ଼ୀଭୂତ ହୋଇଛି। ତେବେ କରୋନାର ନୂଆ ଭାରିଆଣ୍ଟ ସାମ୍ନାକୁ ଆସିଥିବା ବେଳେ ଏହା ଜିଡିପି ଅଭିବୃଦ୍ଧି ଉପରେ ପ୍ରଭାବ ପକାଇ ପାରେ ବୋଲି ଆଶଙ୍କା କରାଯାଉଛି।

ସ୍ଥାୟୀ ମୂଲ୍ୟ ଅନୁସାରେ ଦ୍ୱିତୀୟ ତ୍ରୈମାସ ଜିଡିପି ୩୫.୭୩ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୦-୨୧ ସମାନ ଅବଧିରେ ଏହା ୩୨.୯୭ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭଳି ସ୍ଥାୟୀ ମୂଲ୍ୟ ଅନୁସାରେ ଦ୍ୱିତୀୟ ତ୍ରୈମାସରେ ଗ୍ରସ୍ ଭାଲ୍ୟୁ ଆଡେଡ୍(ଜିଭିଏ) ୩୨.୮୯ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ଏହା ୨୦୨୦-୨୧ ସମାନ ଅବଧିରେ ୩୦.୩୨ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ଜାନୁୟାରୀ-ମାର୍ଚ୍ଚ ଏବଂ ଏପ୍ରିଲ-ଜୁନ୍ ଅବଧିରେ ଭାରତୀୟ ☞ପୃଷ୍ଠା-୬




୧୨ ଏମ୍‌ପିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର କକ୍ଷତ୍ୟାଗ କରିବା ପରେ ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସାମ୍ନାରେ ବିକ୍ଷୋଭ କରୁଛନ୍ତି ବିରୋଧୀ ସଦସ୍ୟ । (ଫଟୋ-ଚମନ ଗୌତମ)

# ଜାଲିଆତି ଧରିଲେ ଲୋକାୟୁକ୍ତ ନିର୍ଦ୍ଦେଶକ

### ଆରୁହା ପାହାଡ଼ରୁ କଳାପଥର ଲୁଟ୍ ମାମଲା

■ ଜିଲାପାଳ, ଲିଜ୍‌ଧାରୀ, ୪ ପୂର୍ବତନ ତହସିଲଦାରଙ୍କୁ ଜବାବ ତଲବ

■ ପ୍ରସ୍ତୁତ ହୋଇଛି ଭୁଲ୍ ସ୍କେଚ୍ ମ୍ୟାପ୍, ମାଇନିଂ ପ୍ଲାନ୍

■ ପରିବେଶ ମଞ୍ଜୁରୀ ନେଇ ପ୍ରଶ୍ନ ଉଠାଇଲେ ଲୋକାୟୁକ୍ତ

ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ.ଏ.),୩୦।୧୧

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା ପାହାଡ଼ରୁ କଳାପଥର ଲୁଟ୍ ସାଙ୍ଗକୁ ଜାଲିଆତି ହୋଇଥିବା ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଲିଜ୍‌ଧାରୀ ତ୍ରିନାଥ ଜେନା ଲିଜ୍ ପାଇଥିବା ଖାଦାନ ଏରିଆଠାରୁ ବହୁଗୁଣ ଅଧିକ ଅଞ୍ଚଳରୁ କଳାପଥର ଉତ୍ତୋଳନ କରି ନେଇଛନ୍ତି। ଏହି କାର୍ଯ୍ୟରେ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଯେଉଁ ଅଭିଯୋଗ ହୋଇଥିଲା ତାହା ମଧ୍ୟ ପ୍ରମାଣିତ ହେବାରେ ଲାଗିଛି। କାରଣ ଲିଜ୍‌ଧାରୀଙ୍କୁ ମାତ୍ର ୩ ଏକର ଅଞ୍ଚଳରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିବାବେଳେ ତହସିଲ ପ୍ରଶାସନ ୩ ଏକର ପରିବର୍ତ୍ତେ ୬ ଏକର ୮୦ ଡିସିମିଲ ଏରିଆ ଚିହ୍ନଟ (ସ୍କେଚ୍) କରାଯାଇଛି। ଫଳରେ ଲିଜ୍‌ଧାରୀ ୬ ଏକର ୮୦ ଡିସିମିଲ ଅଞ୍ଚଳରୁ କଳାପଥର ଉତ୍ତୋଳନ କରିଚାଲିଛନ୍ତି। କେବଳ ସେତିକି ନୁହେଁ, ଲିଜ୍‌ଧାରୀ ଜେନା ସ୍କେଚ୍ ଏରିଆ ବାହାରେ ଅଧିକ ୩ ଏକର ୯୪



ଡିସିମିଲ ଅଞ୍ଚଳରୁ କଳାପଥର ଉତ୍ତୋଳନ କରିଥିବା ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ ଗତ ୧୧ ତାରିଖରେ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି। ଏଭଳି ବେଆଇନ ଉତ୍ତୋଳନ ପାଇଁ ଲୋକାୟୁକ୍ତ ଗତ ୨୬ ତାରିଖରେ ଯାଜପୁର ଜିଲାପାଳ, ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କ ସମେତ ଧର୍ମଶାଳାର ୪ ପୂର୍ବତନ ତହସିଲଦାର ଏବଂ ଆରୁହା ସର୍କଲ-୧ର ୩ ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା (ଏବେକାର ଭୁବନ ତହସିଲଦାର), ଶୀତଲ ଅଗ୍ରୱାଲ (ଏବେ ଢେଙ୍କାନାଳର ଅତିରିକ୍ତ ତହସିଲଦାର), ସରୋଜ କୁମାର ପଣ୍ଡା (ବର୍ତ୍ତମାନ ବାଲିଅନ୍ତା ତହସିଲଦାର), ପ୍ରଶାନ୍ତ କୁମାର ସାମନ୍ତରାୟ (ଏବେ ଖୋର୍ଦ୍ଧାର ଡେପୁଟି କଲେକ୍ଟର), ଆର୍‌ଆଇ ବାସୁଦେବ ସାହୁ (ଅବସରପ୍ରାପ୍ତ), ମନୋଜ କୁମାର ମହାପାତ୍ର (ବର୍ତ୍ତମାନ ଧର୍ମଶାଳା ତହସିଲ ଆର୍‌ଆଇ ଭାବେ କାର୍ଯ୍ୟରତ) ଓ ଆରୁହା ସର୍କଲ-୧ର ପୂର୍ବତନ ଭାରପ୍ରାପ୍ତ ଆର୍‌ଆଇ ତଥା ଏବେକାର ଆରୁହା ଆର୍‌ଆଇ କ୍ଷୀରାବ୍ଧି ତନୟା ପଣ୍ଡା।

ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ପୂର୍ବତନ ଆରୁହା ଆର୍‌ଆଇ ବାସୁଦେବ ସାହୁ ଲିଜ୍ ଏରିଆ ୩ ଏକର ପରିବର୍ତ୍ତେ ୬ ଏକର ୮୦ ଡିସିମିଲର ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ତାହାକୁ ଧର୍ମଶାଳାର ତତ୍କାଳୀନ ତହସିଲଦାର ପ୍ରଭାସ କୁମାର ବେହୁରା ସତ୍ୟ ପ୍ରମାଣିତ (ସାର୍ଟିଫାଏ) କରିବା ସହ ଭୂତତ୍ତ୍ୱବିଦ୍ ଗୌତମ ସାହୁଙ୍କୁ ମାଇନିଂ ପ୍ଲାନ୍ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ। ☞ପୃଷ୍ଠା-୬

# ଖବରକାଗଜ ବିତରକଙ୍କ ପାଇଁ ସାମାଜିକ ସୁରକ୍ଷା

### ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

■ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨ ଲକ୍ଷ ସହାୟତା

■ ସମ୍ପୂର୍ଣ୍ଣ ଅକ୍ଷମ ହେଲେ ଦେଢ଼ଲକ୍ଷ

■ ୨ ଅଙ୍ଗ ହରାଇଲେ ୮୦ ହଜାର, ଗୋଟିଏ ହରାଇଲେ ୪୦ ହଜାର ଟଙ୍କା ସହାୟତା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ସୂଚନା ଓ ଖବର ପ୍ରସାରଣରେ ବିତରକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖରା, ବର୍ଷା, ଶୀତ ସବୁ ସମୟରେ ସୂର୍ଯ୍ୟୋଦୟ ପୂର୍ବରୁ ସେମାନଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥାଏ। ଜନସାଧାରଣଙ୍କୁ ଖବର ସହ ଯୋଡ଼ିବାରେ ତାଙ୍କର ଭୂମିକା ଓ ସଂଘର୍ଷକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟର ଖବରକାଗଜ ବିତରକଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି।



ଏହି ଯୋଜନା ଅନୁଯାୟୀ ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଥିବା ଖବରକାଗଜ ବିତରକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ। ଏହି ଯୋଜନା ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସେହିପରି ଦୁର୍ଘଟଣା ଯୋଗୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ବିତରକମାନଙ୍କୁ ଦେଢ଼ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୮୦ ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪୦ ହଜାର ଟଙ୍କା ସହାୟତା ଦିଆଯିବ। ☞ପୃଷ୍ଠା-୬

# ୨୨୮ କରୋନା ଆକ୍ରାନ୍ତ ଚିହ୍ନଟ, ୨ ମୃତ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୦,୦୯୯ କରୋନା ନମୁନା ପରୀକ୍ଷା କରାଯାଇଥିବା ବେଳେ ୨୨୮ଜଣ ପଜିଟିଭ୍ ବାହାରିଛନ୍ତି ଏବଂ ସଂକ୍ରମଣ ହାର ୦.୪୬%କୁ ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୫ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୪୯,୧୦୮ରେ ପହଞ୍ଚିଛି। ସେହିଭଳି ଆଉ

**ସଂକ୍ରମଣ ହାର ୦.୪୬%କୁ ବୃଦ୍ଧି**

୨ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ନୂଆପଡ଼ାରୁ ଜଣେ ୧୯ବର୍ଷୀୟ ଯୁବକ ରହିଛନ୍ତି। ସେ ଯକ୍ଷ୍ମା ରୋଗରେ ପିଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଆଉ ଜଣେ ମୃତକ ଝାରସୁଗୁଡ଼ାର। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୪୧୧କୁ ବୃଦ୍ଧି ପାଇଛି।




# 'ଓମିକ୍ରନ୍ ସଂକ୍ରମିତ ଦେଶରୁ ଆସିଲେ ଆର୍‌ଟି-ପିସିଆର୍ ଟେଷ୍ଟ'

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ଓମିକ୍ରନ୍ ସଂକ୍ରମିତ ଦେଶରୁ ଯେଉଁମାନେ ଓଡ଼ିଶା ଆସିବେ ସେମାନଙ୍କର ଆର୍‌ଟି-ପିସିଆର ଟେଷ୍ଟ ହେବ। ଯେଉଁମାନେ ପଜିଟିଭ୍ ବାହାରିବେ ସେମାନଙ୍କର ଚିକିତ୍ସା କରାଯିବା ସହିତ କଣ୍ଟାକ୍ଟ ଟ୍ରେସିଂ କରାଯିବ। ସେମାନେ ଯେପରି ଅନ୍ୟ କାହା ସହ ମିଶିପାରିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ। ସେହିପରି ଯେଉଁମାନେ ନେଗେଟିଭ ବାହାରିବେ, ସେମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଆଇସୋଲେଶନରେ ରଖାଯିବ। ୭ଦିନ ପରେ ଆର୍‌ଟି-ପିସିଆର ଟେଷ୍ଟ କରାଯିବ ବୋଲି ଡିଏମ୍ଇଟି ଡା. ରମା ରମଣ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି। ଓମିକ୍ରନ ମୁକାବିଲା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସବୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରିଛନ୍ତି। ରାଜ୍ୟଗୁଡ଼ିକ ଉପଯୁକ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକ ପରେ ଡିଏମ୍ଇଟି କହିଛନ୍ତି, ପ୍ରଥମ ଓ ଦ୍ୱିତୀୟ ଲହରରେ ଯେଉଁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଥିଲା ତାକୁ ଅଧିକ ସୁଦୃଢ଼ କରାଯିବ। ରେଗୁଲାର ସାଇଣ୍ଟିଫିକ୍ ଡାଟା ଲୋକଙ୍କୁ ଦିଆଯିବ। ବିମାନବନ୍ଦରରେ କଡ଼ାକଡ଼ି ଯାଞ୍ଚ ହେବ। ଯେଉଁମାନେ ଟ୍ରାନ୍‌ଜିଟ ଦେଶ ଦେଇ ଆସୁଛନ୍ତି, ସେମାନଙ୍କର ରାଣ୍ଡମ୍ ଟେଷ୍ଟ କରାଯିବ ବୋଲି ଡିଏମ୍ଇଟି ମହାନ୍ତି କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଆନ୍ତର୍ଜାତିକ ସଙ୍ଗଠନ, ବିଶେଷଜ୍ଞ ଟିମ୍ ଓମିକ୍ରନ୍ ଉପରେ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି। ଡେଲ୍ଟା ଭାଇରସ ଯେତେବେଳେ ଆସିଥିଲା, ଏମିତି ଚର୍ଚ୍ଚା ହେଉଥିଲା। କିନ୍ତୁ ଆମର ସେମିତି କିଛି ଘଟି ନ ଥିଲା। ସେହିଭଳି ଏବେ ଓମିକ୍ରନ୍ ମଧ୍ୟ ନୂଆ ଭାରିଆଣ୍ଟ ହୋଇ ଆସିଛି। ହେଲେ ଏଯାଏ ଭାରତରେ ଏହା ଚିହ୍ନଟ ହୋଇନାହିଁ। ଅଲଗା ଦେଶରୁ ଆସୁଥିବା ଲୋକଙ୍କୁ ଆନ୍ତର୍ଜାତିକ କ୍ୱାରାଣ୍ଟାଇନ ଗାଇଡ୍‌ଲାଇନ ଅନୁଯାୟୀ ଆମ ସରକାର ମଧ୍ୟ ମାର୍ଗଦର୍ଶିକା ଜାରି କରିଛନ୍ତି। ଯେଉଁମାନେ ବିଦେଶରୁ ଆସୁଛନ୍ତି, ବିମାନବନ୍ଦରରେ ସେମାନଙ୍କର ଟେଷ୍ଟ କରାଯାଉଛି। ଯଦି କାହାର ପଜିଟିଭ ଆସିଲା, ସେହି ତଥ୍ୟ ସବୁ ରାଜ୍ୟକୁ ପଠାଯିବ। ସେ ଆହୁରି କହିଛନ୍ତି, ଏ ଭୂତାଣୁର ବାସ୍ତବ ସଂଖ୍ୟା କ'ଣ ତାକୁ ବୈଷୟିକ କମିଟି ଯାଞ୍ଚ କରୁଛି। ବର୍ତ୍ତମାନ ସୁଦ୍ଧା ଆମ ପାଖରେ ଏହା ଗୁରୁତର ବୋଲି କୌଣସି ତଥ୍ୟ ନାହିଁ। ଏହାର ଲକ୍ଷଣ କିଛି ଅଲଗା ଓ ଟିକା କାମ ଦେବନି ବୋଲି ମଧ୍ୟ କିଛି ତଥ୍ୟ ନାହିଁ। ଓମିକ୍ରନ ଉପରେ ରାଜ୍ୟରେ ଏବେ ରାଣ୍ଡମ ସିକ୍ୱେନ୍ସିଂ ଚାଲିଛି। ଯଦି ବିଦେଶରୁ ଆସିଥିବା କୌଣସି ବ୍ୟକ୍ତିଙ୍କ ପଜିଟିଭ୍ ଆସେ, ସେମାନଙ୍କର ଜିନମ ସିକ୍ୱେନ୍ସିଂ କରାଯିବ। ଏବେ ବିଦେଶରୁ ଆସିଥିବା ଲୋକଙ୍କ ଜିନମ ସିକ୍ୱେନ୍ସିଂ କରାଯାଉଛି। କରୋନାକୁ ପ୍ରତିହତ କରିବା ଲାଗି ଟିକାକରଣ ମୁଖ୍ୟ ଅସ୍ତ୍ର। ଯେଉଁମାନେ ଟିକା ନେଇନାହାନ୍ତି, ଶୀଘ୍ର ଟିକା ନିଅନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

# ପୁଣି ଇଡିରେ ହାଜର ହେଲେ ପ୍ରଦୀପ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଙ୍ଗଳବାର ପୁଣି ଥରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇଛନ୍ତି। ଏହି ଦୁଇ ମାମଲାରେ ହୋଇଥିବା କୋଟି କୋଟି ଟଙ୍କାର ବେଆଇନ୍ କାରବାରକୁ ନେଇ ଇଡି ପକ୍ଷରୁ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ପ୍ରଥମ ଥର ପ୍ରଦୀପ ଇଡିରେ ହାଜର ହୋଇଥିଲେ। ଇଡିର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ତାଙ୍କୁ ପ୍ରାୟ ୯ଘଣ୍ଟା ଧରି ମାରାଥନ ଜେରା କରାଯାଇଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୫ରେ ପ୍ରଥମ ଓ ଗତ ଗୁରୁବାର ଦ୍ୱିତୀୟ ଥର ପାଇଁ ପ୍ରଦୀପଙ୍କ ଭାବୀ ଶ୍ୱଶୁର ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କୁ ଜେରା କରାଯାଇଥିଲା। ନଭେମ୍ବର ୧୧ରେ ଅଭୟକାନ୍ତଙ୍କ ପୁଅ ଆକାଶଙ୍କୁ ଝାରପଡା ଜେଲ୍‌ରେ ଏବଂ ଶୁକ୍ରବାର ପ୍ରଦୀପଙ୍କ ଝିଅ ଶ୍ରୁତିଙ୍କୁ ଇଡି ଜେରା କରିଥିଲା।




# ଗାଁରେ ବୁଲୁଛି ଗୋଠଛଡ଼ା ଦନ୍ତା

ପାଟଣା, ୩୦।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ କିଛିଦିନ ବ୍ୟବଧାନ ପରେ ପୁଣି ସୋମବାର ଠାରୁ ୨୬ହାତୀ ମୟୂରଭଞ୍ଜ ଜିଲା କରଞ୍ଜିଆ ସବ ଡିଭିଜନରୁ ଆସି ଉପଦ୍ରବ ଆରମ୍ଭ କରିଛନ୍ତି। ଏହି ହାତୀ ପଲରେ ୫ ଦନ୍ତା ହାତୀ, ୧୧ମାଈ ଓ ୧୦ ଛୁଆ ହାତୀ ରହିଛନ୍ତି। ଅସନବଣି ଗାଁ ନିକଟରେ ଏକ ଗୋଠ ଛଡା ଦନ୍ତା ହାତୀ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀ ପଲ ପାଟଣା ରେଞ୍ଜ ଗରାଣ୍ଡି ଯୋଡ଼ି ବିଟ୍ ବଡ଼ପଶି ଖେସେରା ଜଙ୍ଗଲରେ ଡେରା ପକାଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ହାତୀ ପଲ କଟାବେଡା, ଅସନ ବଣି, ଗୋହିରା, ଜୟପୁର ଆଦି ଅଞ୍ଚଳରେ ଧାନ ବିଲରେ ପଶି ପାଚିଲା ଧାନ ଖାଇବା ସହ ମାଡି ଦଳି ନଷ୍ଟ କରିଛନ୍ତି। ଏହି ହାତୀପଲ ସୋମବାର ରାତିରେ ଜୟପୁର ଗାଁ ସାଲୁ ମାଝୀ ନାମକ ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟସ ଘର ଭାଙ୍ଗି ଦେଇଛନ୍ତି। ଗୋଠ ଛଡ଼ା ଦନ୍ତାକୁ ଅନ୍ୟତ୍ର ଡେରା ପକାଇଥିବା ହାତୀପଲଙ୍କ ସହ ମିଶାଇବାକୁ ବନ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି। ଖୁବଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


PADHI TRAVELS
New Market
Keonjhar - 758001, Odisha
CONTACT
94370 24431, 99377 66555



ପୀତବାସ ମଲ୍ଲିକ
ମନ୍ଦାରୀ ଗ୍ରାମ ପଞ୍ଚାୟତ
ସୁନନ୍ଦା ଦାସ
ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ମନ୍ଦାରୀ ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ବିକାଶ ପଥରେ ନୟାଗଡ଼ ଜିଲ୍ଲା।
ଆସନ୍ତୁ ମିଳିମିଶି ନୟାଗଡ ଜିଲାକୁ ଗଢ଼ିବା।

୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାର ଓ ନୟାଗଡ଼ ଜିଲ୍ଲାବାସୀଙ୍କୁ ଶୁଭକାମନା।
- ଶୁଭ ଚିନ୍ତକ -

With best compliment from
Principal & Staffs, Neelamadhab Mahavidyalaya, Kantilo, Nayagarh


Sarat Kumar Sahoo
PRINCIPAL
Neelamadhab Mahavidyalaya, Kantilo

ନିରପେକ୍ଷ ଓଡ଼ିଆ ଛାପା ଗଣମାଧ୍ୟମ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି, ଶାନ୍ତି ଏବଂ ମୈତ୍ରୀ କାମନା କରୁଛି। ନିଚ୍ଛକ, ସତ୍ୟ ଖବର ଛାପି ପାଠକ ପାଠିକାଙ୍କ ମଧ୍ୟରେ ଆଦରଣୀୟ ହୋଇଥିବା ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି।

ବିଭୂତି ଭୂଷଣ ପ୍ରଧାନ
ପ୍ରୋପ୍ରାଇଟର,
ମା' ବ୍ରାହ୍ମଣୀଦେବୀ ଷ୍ଟୋନ କ୍ରସର
କନାସିଂ, ଖଣ୍ଡପଡା, ନୟାଗଡ଼

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।



ଡ. ସନାତନ ବିଶ୍ୱାଳ
ଅଧ୍ୟକ୍ଷ (+୨), କାଶୀନାଥ ମହାବିଦ୍ୟାଳୟ, କାଇପଡ଼ା



ନବୀନ ପଟ୍ଟନାୟକ
ପ୍ରଣବ ପ୍ରକାଶ ଦାସ
ଧରିତ୍ରୀ ଖବରକାଗଜର ୪୮ତମ ଜନ୍ମ ବାର୍ଷିକୀ ଅବସରରେ ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସମସ୍ତ ସାମ୍ବାଦିକ, କର୍ମକର୍ତ୍ତା ତଥା ବରୀ ନିର୍ବାଚନମଣ୍ଡଳୀର ଜନସାଧାରଣମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଗାମୀ ଦିନରେ "ଧରିତ୍ରୀ" ନିଜର ନିରପେକ୍ଷତା ଓ ସ୍ୱତନ୍ତ୍ରତା ବଜାୟ ରଖିବା ସହ ଆହୁରି ଲୋକାଭିମୁଖୀ ହେଉ, ଏହା ହିଁ ଜଗନ୍ନାଥଙ୍କ ନିକଟରେ ମୋର କାମନା।

ସୁନନ୍ଦା ଦାସ
ବିଧାୟିକା, ବରୀ

Your classified advertisement published in Dharitri will be listed free in Dharitri online edition : **www.dharitri.com**



ଆନ୍ଦୋଳନକାରୀ ଚାଷୀଙ୍କ ବିରୋଧରେ ସୋସିଆଲ ମିଡିଆରେ ମନ୍ତବ୍ୟ ଦେବା ଅଭିଯୋଗ ହେବା ପରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱାତଙ୍କୁ ହତ୍ୟା ଧମକ ଦିଆଯାଉଛି। ଏ ନେଇ ସେ ହିମାଚଳ ପ୍ରଦେଶର ଏକ ଥାନାରେ ଏତଲା ଦେଇଛନ୍ତି। ଏଫ୍ଆଇଆର୍ ନକଲକୁ ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଶହୀଦଙ୍କ ଉଦ୍ଦେଶ୍ୟରେ ସେ ପୂର୍ବରୁ ଏକ ପୋଷ୍ଟ କରିଥିଲେ। ଦେଶଦ୍ରୋହୀଙ୍କୁ କେବେ ଭୁଲିବାନି କି କ୍ଷମା ଦେବାନି ବୋଲି ସେଥିରେ ଲେଖିଥିଲେ ବୋଲି କହିଛନ୍ତି।

# ଓମିକ୍ରନ୍ ମୁକାବିଲା ପ୍ରସ୍ତୁତି

- ଭାରତରେ ଚିହ୍ନଟ ହୋଇନି
- ଆର୍‌ଟି-ପିସିଆର୍, ଆଣ୍ଟିଜେନ୍ ଟେଷ୍ଟରେ ଧରାପଡ଼ିବ
- ୩୧ ପର୍ଯ୍ୟନ୍ତ ବଢ଼ିଲା କଣ୍ଟେନମେଣ୍ଟ କଟକଣା
- ଦିଲ୍ଲୀରେ ୩୦ ହଜାର ଅକ୍ସିଜେନ ବେଡ୍

ନୂଆଦିଲ୍ଲୀ, ୩୦।୧୧



ଲକ୍ଷ୍ନୌ ରେଳଷ୍ଟେଶନରେ ଯାତ୍ରୀଙ୍କ ସ୍ୱାବ ସଂଗ୍ରହ କରାଯାଉଛି।

ବିଶ୍ୱର ଅନେକ ଦେଶକୁ ବ୍ୟାପିବାରେ ଲାଗିଥିବା କୋଭିଡ୍ ଭାରିଆଣ୍ଟ ଓମିକ୍ରନ ବିରୋଧରେ ଲଢ଼େଇ ଭାରତରେ ପ୍ରସ୍ତୁତି ଚାଲିଛି। ଦେଶରେ ଏ ପର୍ଯ୍ୟନ୍ତ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା କେନ୍ଦ୍ର ସରକାର କହିଛନ୍ତି। କୌଣସି ସଂକ୍ରମିତ ଯେପରି ଟେଷ୍ଟିଂ ବା ମନିଟରିଂରୁ ବର୍ତ୍ତି ନ ଯାଆନ୍ତି ତାହା ଉପରେ ଧ୍ୟାନ ଦେବାକୁ ଗୁରୁତ୍ୱ ଦିଆଯାଇଛି। ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଚିବମାନଙ୍କ ସହ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଓମିକ୍ରନ ଭାରିଆଣ୍ଟ ଆର୍‌ଟି-ପିସିଆର୍ ଏବଂ ରାପିଡ୍ ଆଣ୍ଟିଜେନ ଟେଷ୍ଟ(ଆର୍‌ଏଟି)ରେ ଡିଟେକ୍ଟ ହୋଇପାରିବ। ତେଣୁ ବିଭିନ୍ନ ବିମାନବନ୍ଦର, ପୋର୍ଟ, ଭୂସୀମା ଦେଇ ଆସୁଥିବା ବିଦେଶୀ ଯାତ୍ରୀଙ୍କ ଉପରେ ବିଶେଷ ନଜର ରଖି ଅଧିକରୁ ଅଧିକ ଟେଷ୍ଟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆଇସିୟୁ, ଭେଣ୍ଟିଲେଟର, ଅକ୍ସିଜେନ ମହଜୁଦ୍ ସମେତ ଜରୁରୀ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଆଇସୋଲେଶନ ବ୍ୟବସ୍ଥା, ସର୍ବେକ୍ଷଣ, ସମସ୍ତ ଅଞ୍ଚଳରେ ସମ୍ପୂର୍ଣ୍ଣ ଟିକାକରଣ ଏବଂ ସଂକ୍ରମଣ ହଟ୍‌ସ୍ପଟ୍ ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି।

ରାଜ୍ୟ ସଭାରେ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ କହିଛନ୍ତି, ଏ ପର୍ଯ୍ୟନ୍ତ ଓମିକ୍ରନର କୌଣସି ମାମଲା ଭାରତରେ ଚିହ୍ନଟ ହୋଇନାହିଁ। ସନ୍ଦିଗ୍ଧ ନମୁନାର ତୁରନ୍ତ ଜିନୋମ ସିକ୍ୱେନ୍ସିଂ କରାଯାଉଛି। ମହାମାରୀରୁ ଅନେକ ଶିକ୍ଷା ମିଳିଛି। ଆମ ନିକଟରେ ଯଥେଷ୍ଟ ସଂଖ୍ୟାରେ ଲାବରେଟୋରି ଏବଂ ଅନ୍ୟ ଆବଶ୍ୟକ ସମ୍ବଳ ରହିଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ବୋଲି ସେ କହିଛନ୍ତି। 'ଟେଷ୍ଟ, ଟ୍ରାକ୍, ଟ୍ରିଟ୍, ଭାକ୍ସିନେଟ'କୁ ଅସ୍ତ୍ର କରିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି। ଏୟାରପୋର୍ଟଗୁଡ଼ିକରେ ଟେଷ୍ଟିଂ ବଢ଼ାଇବାକୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଆସନ୍ତା ୧୫ ତାରିଖରୁ ବିଦେଶକୁ ଯାତ୍ରା ଉପରେ କଟକଣା ହଟାଇବା ପାଇଁ ଘୋଷଣା ହେବା ପରେ ଏହାର ସମୀକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ମୋଦି ଏକ ବୈଠକ ଡାକିଛନ୍ତି। ଓମିକ୍ରନ୍ ବିରୋଧରେ ଟିକା ପ୍ରଭାବୀ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏବେ ଉପଲବ୍ଧ ଥିବା କରୋନା ଟିକା ଓମିକ୍ରନ ବିରୋଧରେ ଫଳପ୍ରଦ ହୋଇ ନ ପାରେ ବୋଲି ଭାକ୍ସିନ ପ୍ରସ୍ତୁତକାରୀ ଆମେରିକୀୟ କମ୍ପାନୀ ମଡର୍ନା କହିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ୩୦ ହଜାର ଅକ୍ସିଜେନ ବେଡ୍ ପ୍ରସ୍ତୁତ କରିଛନ୍ତି। ଫେବୃୟାରୀ ସୁଦ୍ଧା ୧୭ ହଜାର ଆଇସିୟୁ ବ୍ୟବସ୍ଥା ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଏଥିସହ ୭୫୦ ଟନ୍ ମେଡିକାଲ ଅକ୍ସିଜେନ୍ ଗଚ୍ଛିତ ରହିଛି। ଚାଇନାରୁ ୬ ହଜାର ଖାଲି ଅକ୍ସିଜେନ ସିଲିଣ୍ଡର ମଗାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ମହାରାଷ୍ଟ୍ରରେ ୧ ତାରିଖରୁ ସ୍କୁଲ ଖୋଲାଯିବା ପାଇଁ ଘୋଷଣା ହୋଇଥିବାବେଳେ ତାହାକୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

କେନ୍ଦ୍ର ସରକାର କଣ୍ଟେନମେଣ୍ଟ କଟକଣାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଗତ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଅଜୟ ଭାଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଘରକୁ ଘର ଯାଇ ଟିକାକରଣ ଅଭିଯାନ 'ହର୍ ଘର୍ ଦସ୍ତକ୍'କୁ କେନ୍ଦ୍ର ସରକାର ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ କହିଛନ୍ତି।

## ଡେଲ୍ଟା ବିରୋଧରେ ୬୩% ପ୍ରଭାବୀ ଥିଲା କୋଭିଶିଲ୍ଡ

**ନୂଆଦିଲ୍ଲୀ, ୩୦।୧୧:** ଭାରତରେ କରୋନାର ଦ୍ୱିତୀୟ ଲହରବେଳେ କୋଭିଶିଲ୍ଡ ଟିକା ୬୩% ପ୍ରଭାବୀ ଥିଲା। ମଧ୍ୟମରୁ ଗୁରୁତର ରୋଗୀଙ୍କ କ୍ଷେତ୍ରରେ ପୂର୍ଣ୍ଣ ଟିକାକରଣ ୮୧% ଫଳପ୍ରଦ ରହିଥିଲା ବୋଲି 'ଦ ଲାନ୍‌ସେଟ୍ ଇନ୍‌ଫେକ୍ସିୟସ୍ ଡିଜିଜ୍' ଜର୍ନାଲରେ ଏକ ଅଧ୍ୟୟନ ରିପୋର୍ଟରେ ପ୍ରକାଶ ପାଇଛି। ଟିଏଚ୍‌ଏସ୍‌ଟିଆଇ ନେତୃତ୍ୱରେ ଏକାଧିକ ଅନୁଷ୍ଠାନର ଭାରତୀୟ ଗବେଷକମାନେ କୋଭିଶିଲ୍ଡର ପ୍ରଭାବ ଜାଣିବା ପାଇଁ ଗତ ଏପ୍ରିଲରୁ ମେ' ମଧ୍ୟରେ ଏହି ଅଧ୍ୟୟନ କରିଥିଲେ। ଏଥିରେ ୨,୩୭୯ ମାମଲା ଏବଂ ୧୯୮୧ ସୁସ୍ଥ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ସୁସ୍ଥ ବ୍ୟକ୍ତିଙ୍କଠାରେ କୋଭିଶିଲ୍ଡ କିପରି କାର୍ଯ୍ୟ କରୁଛି ଏବଂ ସ୍ପାଇକ୍-ସ୍ପେଶିଫିକ୍ ଟି-ସେଲ୍ ଡେଲ୍ଟା ସହ କିପରି ଲଢ଼େଇ କରୁଛି ତାହା ଅଧ୍ୟୟନ କରାଯାଇଥିଲା। ଯେ କୌଣସି ଭାରିଆଣ୍ଟ ବିରୋଧରେ ଟିକା ପ୍ରଭାବୀ ରହିବ ବୋଲି ଏଥିରୁ ଜଣାପଡ଼ିଛି।

## ୫ ଚାଷୀ ନେତାଙ୍କ ନାଁ ମାଗିଲା କେନ୍ଦ୍ର

### ଏମ୍‌ଏସ୍‌ପି କମିଟି: ୪ରେ ନିଷ୍ପତ୍ତି ନେବ ଏସ୍‌କେଏମ୍

**ନୂଆଦିଲ୍ଲୀ,୩୦।୧୧:** ପାର୍ଲାମେଣ୍ଟରେ ୩ ବିବାଦୀୟ କୃଷି ଆଇନ ରଦ୍ଦ ବିଲ୍ ଗୃହୀତ ହେବାର ଦିନକ ପରେ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଲୋଚନା ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିବାକୁ ଯାଉଛନ୍ତି। ଉକ୍ତ କମିଟିରେ ୫ ଚାଷୀନେତାଙ୍କୁ ସାମିଲ କରାଯିବ। ଏଥିପାଇଁ କେନ୍ଦ୍ର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)କୁ ସେମାନଙ୍କ ନାମ ମାଗିଛି। ଏହା ଉପରେ ଡିସେମ୍ବର ୪ରେ ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର କୃଷକ ନେତା ଦର୍ଶନ ପାଲ୍ ସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ଆଣିଥିବା ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ କୃଷକଙ୍କ ଆଗରେ ସରକାର ମୁଣ୍ଡ ନୁଆଁଇ ଶେଷରେ ଏହାକୁ ଉଚ୍ଛେଦ କରିଛନ୍ତି।

## ୫ ବର୍ଷରେ ଭାରତର ନାଗରିକତ୍ୱ ଛାଡ଼ିଛନ୍ତି ୬ ଲକ୍ଷ

ନୂଆଦିଲ୍ଲୀ, ୩୦।୧୧: ଗତ ୫ ବର୍ଷରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ସେମାନଙ୍କ ନାଗରିକତ୍ୱ ତ୍ୟାଗ କରିଛନ୍ତି। ଏ ନେଇ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାଏ ମଙ୍ଗଳବାର ଲୋକ ସଭାରେ ସୂଚନା ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୧,୩୩,୮୩,୭୧୮ ଜଣ ଭାରତୀୟ ବିଦେଶରେ ବାସ କରୁଛନ୍ତି। ୨୦୧୭ରେ ୧ ଲକ୍ଷ ୩୩ ହଜାର ୪୯ ଜଣ, ୨୦୧୮ରେ ୧ ଲକ୍ଷ ୩୪ ହଜାର ୫୬୧, ୨୦୧୯ରେ ୧ ଲକ୍ଷ ୪୪ ହଜାର ୦୧୭, ୨୦୨୦ରେ ୮୫ ହଜାର ୨୪୮ ଏବଂ ୨୦୨୧ ସେପ୍ଟେମ୍ବର ୩୦ ସୁଦ୍ଧା ୧ ଲକ୍ଷ ୧୧ ହଜାର ୨୮୭ ଜଣ ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି। ୫ ବର୍ଷରେ ୪,୧୭୭ ଜଣ ଭାରତୀୟ ନାଗରିକତ୍ୱ ପାଇଛନ୍ତି। ୧୦,୬୪୫ ବିଦେଶୀ ଏଥିପାଇଁ ଆବେଦନ କରିଥିଲେ। ୨୦୧୬ରେ ୧,୧୦୬ ଜଣ, ୨୦୧୭ରେ ୮୧୭, ୨୦୧୮ରେ ୬୨୮, ୨୦୧୯ରେ ୯୮୭ ଏବଂ ୨୦୨୦ରେ ୬୩୯ ଜଣଙ୍କୁ ଭାରତର ନାଗରିକତ୍ୱ ମିଳିଛି।

## ହରିକୁମାର ନୌସେନା ମୁଖ୍ୟ

ନୂଆଦିଲ୍ଲୀ,୩୦।୧୧

ଭାରତୀୟ ନୌସେନାର ୨୫ତମ ମୁଖ୍ୟ ଭାବେ ଆଡ୍‌ମିରାଲ ଆର୍. ହରିକୁମାର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅବସର ନେଇଥିବା ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ ଆଡ୍‌ମିରାଲ କରମବୀର ସିଂଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୬୨ ଏପ୍ରିଲ ୧୨ରେ ଥିରୁଭାନନ୍ତପୁରମରେ ଜନ୍ମିତ ଆଡ୍‌ମିରାଲ ହରିକୁମାର ହେଉଛନ୍ତି ନ୍ୟାଶନାଲ ଡିଫେନ୍ସ ଏକାଡେମୀର ଜଣେ ପୂର୍ବତନ ଛାତ୍ର। ୧୯୮୩ ଜାନୁୟାରୀରେ ସେ ନୌସେନାରେ ଯୋଗଦେଇଥିଲେ। ୩୮ ବର୍ଷର କ୍ୟାରିୟର ମଧ୍ୟରେ ହରିକୁମାର କୋଷ୍ଟଗାର୍ଡଶିପ୍ ସି-୦୧, ନିଶଙ୍କ, କୋରା, ରଣବୀର ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ଆଇଏନ୍‌ଏସ୍ ବିରାଟ ଭଳି ଯୁଦ୍ଧଜାହାଜର ନେତୃତ୍ୱ ନେଇଥିଲେ। ୱେଷ୍ଟର୍ନ ଫ୍ଲିଟ୍‌ର ଫ୍ଲିଟ୍ ଅପରେଶନ୍ସ ଅଫିସର ଏବଂ ଫ୍ଲିଟ୍ ଗନେରି ଅଫିସର, ଆଇଏନ୍‌ଏସ୍ ଭିପୁଲର ଏକ୍‌ଜିକ୍ୟୁଟିଭ୍ ଅଫିସର, ଆଇଏନ୍‌ଏସ୍ ରଣଜିତ୍‌ର ଗନେରି ଅଫିସର, ଆଇଏନ୍‌ଏସ୍ ରଣବୀରର କମିଶନିଂ କ୍ରିଉ ଭଳି ଗୁରୁଦାୟିତ୍ୱ ମଧ୍ୟ ସେ ସମ୍ଭାଳିସାରିଛନ୍ତି। ସରକାର ତାଙ୍କ ଉଲ୍ଲେଖନୀୟ ସେବା ପାଇଁ ପରମ ବିଶିଷ୍ଟ ଓ ଅତି ବିଶିଷ୍ଟ ସେବା ମେଡାଲ ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀର ସାଉଥ୍ ବ୍ଲକ୍‌ରେ ଦାୟିତ୍ୱ ଗ୍ରହଣ ସମୟରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି।



ଆଡ୍‌ମିରାଲ ଆର୍. ହରିକୁମାର

## କ୍ଷମା ମାଗିଲେ ପାକିସ୍ତାନୀ ମଡେଲ

### କର୍ତାରପୁର ଗୁରୁଦ୍ୱାରାରେ ଫଟୋଶୁଟ୍

**ନୂଆଦିଲ୍ଲୀ, ୩୦।୧୧:** ପାକିସ୍ତାନୀ ମଡେଲ ସୌଲେହା କର୍ତାରପୁର ସାହିବ ଗୁରୁଦ୍ୱାରା ସମ୍ମୁଖରେ ମୁଣ୍ଡକୁ କୌଣସି କପଡ଼ା ବା ପୋଷାକରେ ନ ଘୋଡ଼ାଇ ଫଟୋ ଶୁଟ୍ କରି ସମାଲୋଚନାର ଶିକାର ହୋଇଛନ୍ତି। ବିବାଦୀୟ ହେବା ପରେ ଶେଷରେ ସେ ସୋସିଆଲ ମିଡିଆରୁ ଫଟୋ ଡିଲିଟ କରିବା ସହ ଲୋକଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ କ୍ଷମା ମାଗିଛନ୍ତି। ସୋମବାର ତାଙ୍କ ଫଟୋକୁ ପୋଷାକ ବ୍ରାଣ୍ଡ ମନ୍ନତ କ୍ଲୋଥିଂ ପକ୍ଷରୁ ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିଲା। ଏହାକୁ ନେଇ ଶିରୋମଣି ଅକାଲି ଦଳ ମୁଖପାତ୍ର ମଜିନ୍ଦର ସିଂ ଏବଂ ଅନ୍ୟମାନେ ଆପତ୍ତି ଉଠାଇଥିଲେ। ତେବେ ସେ କର୍ତାରପୁର ଇତିହାସ ଜାଣିବା ପାଇଁ ସେଠାକୁ ଯାଇଥିଲେ। କାହାର ଭାବାବେଗକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ମଡେଲ ଜଣକ କହିଛନ୍ତି।



ସୌଲେହା

## ୧୨ ଏମ୍‌ପିଙ୍କ ନିଲମ୍ବନ ପ୍ରତ୍ୟାହାର କର

ନୂଆଦିଲ୍ଲୀ,୩୦।୧୧

ପାର୍ଲାମେଣ୍ଟ ଶୀତ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସଭାରୁ ନିଲମ୍ବିତ ୧୨ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି ପ୍ରସଙ୍ଗ ମଙ୍ଗଳବାର ଜୋର୍ ଧରିଛି। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଉଭୟ ଗୃହରୁ କକ୍ଷତ୍ୟାଗ କରିଛନ୍ତି। ଅନ୍ୟପକ୍ଷେ ବିଶୃଙ୍ଖଳିତ ଆଚରଣ ପାଇଁ ସେମାନେ କ୍ଷମା ନ ମାଗିବା ଯାଏ ନିଲମ୍ବିତ ଏମ୍‌ପିଙ୍କୁ କ୍ଷମା କରାଯିବା ଅନୁଚିତ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକ ସଭା ଏବଂ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ କରାଯାଇଛି। ଗତ ମୌସୁମୀ ଅଧିବେଶନରେ ରାଜ୍ୟ ସଭାରେ କୃଷି ଆଇନ ବିରୋଧରେ ହଟ୍ଟଗୋଳ କରି ଗୃହ କାର୍ଯ୍ୟ ଚଳାଇ ଦେଇ ନ ଥିବା ଦର୍ଶାଇ ସୋମବାର ୧୨ ବିରୋଧୀ ସଦସ୍ୟଙ୍କୁ ଶୀତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଗୃହରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ସଦସ୍ୟମାନେ ହେଲେ କଂଗ୍ରେସର ଫୁଲୋ ଦେବୀ ନେତମ୍, ଛାୟା ବର୍ମା, ରିପୁନ୍ ବୋରା, ରାଜାମଣି ପଟେଲ, ସୟେଦ ନାସିର ହୁସେନ ଓ ଅଖିଳେଶ ପ୍ରସାଦ ସିଂ। ସେହିପରି ଶିବସେନା, ଟିଏମ୍‌ସି ଏବଂ ବାମଦଳର ୨ ଜଣ ଲେଖାଏ ସଦସ୍ୟଙ୍କୁ ମଧ୍ୟ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ ଘୋଷଣା କରିଥିଲେ। ମଙ୍ଗଳବାର ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ମଧ୍ୟଭାଗରେ ବିକ୍ଷୋଭ କରିଥିଲେ। ନିଲମ୍ବନ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଦାବି କରିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଉକ୍ତ କାର୍ଯ୍ୟାନୁଷ୍ଠାନ ଯୁକ୍ତିଯୁକ୍ତ କହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ପ୍ରତିବାଦରେ କଂଗ୍ରେସ, ଏଏପି, ଆର୍‌ଜେଡି ଏବଂ ବାମପନ୍ଥୀ ସଦସ୍ୟମାନେ ଗୃହରେ ସ୍ଲୋଗାନ ଦେଇଥିଲେ। ଅଧ୍ୟକ୍ଷ ସେମାନଙ୍କୁ ଏଥିରୁ ବାରଣ କରି ଶୂନ୍ୟକାଳ ଚଳାଉଥିବାବେଳେ ବିରୋଧୀ ସଦସ୍ୟମାନେ ୱାକ୍‌ଆଉଟ୍ କରିଥିଲେ। ଉପାଧ୍ୟକ୍ଷ ହରିବଂଶ ଅନୁରୋଧ କରିବା ପରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ନିଲମ୍ବନ ପ୍ରତ୍ୟାହାର ସମେତ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ବାଚସ୍ପତି ଓମ୍ ବିର୍ଲା ସୁରୁଖୁରୁରେ ଗୃହକାର୍ଯ୍ୟ ଚଳାଇଦେବାକୁ ସେମାନଙ୍କୁ ଅନୁରୋଧ କରିଥିଲେ। ଟିଆର୍‌ଏସ୍, କଂଗ୍ରେସ, ବାମଦଳ, ଏନ୍‌ସିପି ଏବଂ ଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଫଳରେ ବାଚସ୍ପତି ଅପରାହ୍ନ ୨ଟା ଓ ପରେ ମଙ୍ଗଳବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

> ପାର୍ଲାମେଣ୍ଟରେ ଲୋକଙ୍କ ସ୍ୱର ଉଠାଇବା ପାଇଁ କ୍ଷମା ମାଗିବା ଅନୁଚିତ।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଗୃହରେ ମହିଳା ମାର୍ଶାଲଙ୍କୁ ଆକ୍ରମଣ ଭଳି କାର୍ଯ୍ୟକୁ ରାହୁଲ ସମର୍ଥନ କରୁଛନ୍ତି କି?
> **-ପୀୟୂଷ ଗୋୟଲ, ରାଜ୍ୟ ସଭାରେ ଶାସକ ଦଳ ନେତା**

### ପାର୍ଲାମେଣ୍ଟରେ ବିରୋଧୀଙ୍କ ଦାବି

Best Engineering College of Odisha
GANDHI INSTITUTE FOR TECHNOLOGY (GIFT)
www.gift.edu.in
BHUBANESWAR, ODISHA
Approved By AICTE, New Delhi & Affiliated to BPUT, Odisha
"Thanks to all the Students and Parents for reposing their faith in us by taking Admission in GIFT and allowing us to Shape their Career"
Accredited by NBA NATIONAL BOARD of ACCREDITATION (ECE, EEE, ME, CSE)
NAAC A
ARIIA RANKED (26-50) INSTITUTION BY AICTE
RECOGNIZED AS (SIRO) ORGANISATION by Govt. of India
"Special Scholarship for Girl Candidates & Meritorious Students"
Applications are invited for admission against few Lapsed / Vacant Seats (after counselling) for the following courses.
B.Tech (AGRICULTURE / MECHANICAL/ CIVIL)
MBA
FOR SPOT ADMISSION CONTACT
7894509999

ଓଡ଼ିଶା ସରକାର
ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଚଳିତ ବର୍ଷ 'ଅସମାନତା ଦୂର କରି, ଏଡ୍‌ସ ନିୟନ୍ତ୍ରଣ କରି, ମହାମାରୀକୁ ଶେଷ କରିବା' ଆଭିମୁଖ୍ୟ ନେଇ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି । ସମଗ୍ର ବିଶ୍ୱରେ ଏଡ୍‌ସ ଏବଂ ଅନ୍ୟ ମହାମାରୀଜନିତ ଅସମାନତା ଦୂର କରିବାର ଜରୁରୀ ଆବଶ୍ୟକତା ଉପରେ ଏହା ଗୁରୁତ୍ୱାରୋପ କରୁଛି । ଏଚ.ଆଇ.ଭି / ଏଡ୍‌ସର ସ୍ଥାୟୀ ନିରାକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନ ଥିବାରୁ କେବଳ ଜନ ସଚେତନତା ଦ୍ୱାରା ହିଁ ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ଆମ ସମାଜରେ ଥିବା ଅସମାନତା ଦୂର ହେଲେ ହିଁ ସମସ୍ତେ ବିନା ସଂକୋଚରେ ନିଜ ନିଜର ସ୍ଥିତି ଜାଣିପାରିବେ, ଯାହାଦ୍ୱାରା ଏଡ୍‌ସ ସଂକ୍ରମଣଠାରୁ ଆମେ ଦୂରରେ ରହିପାରିବା।
ଓଡ଼ିଶାକୁ ଏଡ୍‌ସ ମୁକ୍ତ କରିବା ପାଇଁ ଓଡ଼ଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, (ଓସାକ୍ସ) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିରନ୍ତର ଉଦ୍ୟମ ସହ ସହଯୋଗ କରି ସରକାରୀ, ବେସରକାରୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପାରସ୍ପରିକ ସହଯୋଗ ରକ୍ଷା କରି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଏବଂ ଲୋକାଭିମୁଖୀ କରିବା ପାଇଁ ଏକ ମନ ଏକ ପ୍ରାଣରେ ଆଗେଇ ଆସିବା ନିମନ୍ତେ ମୁଁ ବିନମ୍ର ନିବେଦନ କରୁଛି ।
'ବିଶ୍ୱ ଏଡ୍‌ସ ଦିବସ' ପାଳନ ଅବସରରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ କରୁଛି ।
ସୁସ୍ଥ ପରିବାର, ସୁସ୍ଥ ସମାଜ ତଥା ସୁସ୍ଥ ରାଜ୍ୟ ଗଠନ କରିବା ଦିଗରେ ମୁଁ ସମାଜର ସମସ୍ତ ବର୍ଗ ବିଶେଷ କରି ଯୁବବର୍ଗଙ୍କ ପ୍ରତ୍ୟକ୍ଷ ସହଯୋଗ କାମନା କରୁଛି ।
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା



ଏଡ୍‌ସର ପ୍ରଭାବକୁ ପ୍ରତିହତ କରିବା ପାଇଁ ସାରା ବିଶ୍ୱ ଡ଼ିସେମ୍ବର ପହିଲା ଦିନକୁ ଏଡ୍‌ସ ଦିବସ ଭାବେ ପାଳନ କରୁଛି। ଚଳିତ ବର୍ଷ ଏଡ୍‌ସ ଦିବସ ସମଗ୍ର ବିଶ୍ୱରେ ଏହି ମହାମାରୀକୁ ନେଇ ଅସମାନତାକୁ ଦୂର କରିବା ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଉଛି।
୨୦୩୦ ସୁଦ୍ଧା ଏଡ୍‌ସ ସଂକ୍ରମଣ ସମାପ୍ତ କରିବା ଲକ୍ଷ୍ୟରେ ସହଭାଗୀ ପ୍ରତିବଦ୍ଧତାକୁ ଆହୁରି ବ୍ୟାପକ କରିବାକୁ ସମସ୍ତ ବର୍ଗଙ୍କୁ ଅନୁରୋଧ। ଏଡ୍‌ସକୁ ପରାସ୍ତ କରିବା ପାଇଁ ଜ୍ଞାନ କୌଶଳ ଉପଲବ୍ଧ ଥାଇ ମଧ୍ୟ, ଗଠନମୂଳକ ଅସମାନତା କାରଣରୁ ଏଚ.ଆଇ.ଭି. ସଂକ୍ରମଣ ରୋକିବା ଏବଂ ଏହାର ସମାଧାନ ବାଧାପ୍ରାପ୍ତ ହେଉଛି। ଏହାକୁ ଦୂର କରିବା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ନୂତନ ଭାରତ @୭୫ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଚ୍.ଆଇ.ଭି., ଯକ୍ଷ୍ମା ଏବଂ ସ୍ୱେଚ୍ଛାକୃତ ରକ୍ତଦାନକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନ ଅତି ଚମତ୍କାର। ଯୁବବର୍ଗ ଜ୍ଞାନ ଏବଂ ସୂଚନା-ସଜ୍ଜିତ ହୋଇ ନିଜର ନିରାମୟ ଜୀବନ ସହ ଅନ୍ୟମାନଙ୍କ ସୁସ୍ଥ ଜୀବନ ପାଇଁ ସଂକଳ୍ପବଦ୍ଧ ହେବା ଉଚିତ୍।
ଆଜିଠାରୁ ଯୁବକ ଯୁବତୀମାନେ ନିଜ ଗାଁ ଓ ସହରକୁ ଏଡ୍‌ସମୁକ୍ତ କରିବା ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ଯତ୍ନବାନ୍ ହେବା ନିମନ୍ତେ ଆହ୍ୱାନ କରୁଛି। ଆପଣମାନଙ୍କ ସହଯୋଗରେ ଏହି ଯୁଗାନ୍ତକାରୀ ପରିବର୍ତ୍ତନ ସମ୍ଭବପର ହେବ ବୋଲି ମୋର ଆଶା ଓ ବିଶ୍ୱାସ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

**ପ୍ରଗତି ଉତ୍କଳ ସଂଘର ସ୍ୱାସ୍ଥ୍ୟସେବା**

ରାଉରକେଲା ଅଫିସ: ରାଉରକେଲା ସେକ୍ଟର-୬ ସ୍ଥିତ ଜଗନ୍ନାଥ ଆଶ୍ରମ ପରିସରରେ ଉତ୍କଳ ସଂଘ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସଭାପତି ଅଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସମାଜସେବୀ ଡ. ଜ୍ଞାନରଞ୍ଜନ ଗିରି, ଡ. ସୁରନାଥ ଜ୍ୟୋତିଷ, ଡ. ସାମର୍ଥ ମିଶ୍ର ଯୋଗ ଦେଇଥିଲେ । ଶିବିରରେ ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ଶହେରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଅଶୋକ ପଟ୍ଟନାୟକ, ଇନ୍ଦ୍ରମଣୀ ମହାପାତ୍ର, ବ୍ରଜକିଶୋର ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

କୁତ୍ରା, ୩୦।୧୧( ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ବାଇଲମା ଗ୍ରାମର ଜଣେ ବୃଦ୍ଧ ଇନ୍ଦ୍ର ଲାକଡାଙ୍କୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କୁତ୍ରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଝାଡ଼ଖଣ୍ଡରାମ ଖରୱାଲ (୪୫)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ବାଇଲମା ଗ୍ରାମର ଇନ୍ଦ୍ରଙ୍କ ଘରେ ୬ ମାସ ହେଲା ଝାଡ଼ଖଣ୍ଡ ଜିଲା କଟଙ୍ଗାଡିପା ଟୋଲି ଗ୍ରାମର ଝାଡ଼ଖଣ୍ଡରାମ ଖରୱାଲ ନାମକ ଜଣେ ଲୋକ କାମ କରୁଥିଲେ। ଇନ୍ଦ୍ର ତାଙ୍କ କାମରେ ସବୁବେଳେ ଅସନ୍ତୁଷ୍ଟ ରହୁଥିଲେ। ସୋମବାର ବିଳମ୍ବିତ ରାତିରେ ଇନ୍ଦ୍ର ଖାଇସାରି ଶୋଇବାକୁ ଯାଉଥିବା ବେଳେ ଝାଡ଼ଖଣ୍ଡରାମ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ କୁତ୍ରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି ।

### ୭୦ଜଣ ପାଇଲେ ଭିନ୍ନକ୍ଷମ ପ୍ରମାଣପତ୍ର

ବଡ଼ଗାଁ,୩୦।୧୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବାଳକ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥୀ ପାଣ୍ଡେ, ବଡ଼ଗାଁ ସରପଞ୍ଚ ସୁଶୀଳା ଦନସନା, ନାଏବ ସରପଞ୍ଚ କେଶବ କର୍ଣେଲ ପ୍ରମୁଖ ଉପସ୍ଥିତ ଥଲେ। ବିଡିଓ କ୍ଷମାନିଧି ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ଅଧିକାରୀ ଦିଲୀପ ମାଝୀ, ଜିପିଇଓ ମୁକ୍ତେଶର ସା, ରାଜେଶ ସାହୁ, ରୀମା ରାଉତଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ। ଡାକ୍ତର ପୂର୍ଣ୍ଣଚନ୍ଦ୍ର ମାଝୀ, ଦୀପକ କୁମାର ପ୍ରଧାନ, ସୁବୋଧ କୁମାର ରଥ, ପ୍ରଫୁଲ୍ଲ କୁମାର ନାୟକ, ଭାରତୀ ତନ୍ତୀ ପ୍ରମୁଖ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବଡ଼ଗାଁ ଆଇଟିଆଇର ୧୧ ବାଳିକା, ୫ ବାଳକ ସ୍କାଉଟ୍ କ୍ୟାଡେଟ୍ ଭିନ୍ନକ୍ଷମମାନଙ୍କୁ ସହଯୋଗ କରିଥିଲେ। ୧୫ ଦୃଷ୍ଟି ବାଧିତ, ୯ ଶ୍ରବଣ ବାଧିତ, ୩୧ ଶାରୀରିକ ଅକ୍ଷମ ଓ ୧୫ ମାନସିକ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

### ନାବାଳିକାଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା,୩୦।୧୧(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନ୍ଦୁଡିହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ବେକରେ ଶାଢି ବାନ୍ଧି ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। କେନ୍ଦୁଡିହି ଗ୍ରାମର ଉକ୍ତ ନାବାଳିକାଙ୍କ ମା' ବାପାଙ୍କ ମୃତ୍ୟୁ ପରେ ସେ ଓ ତାଙ୍କ ଭାଇ ପର ଘରେ ମୂଲ ଲାଗି ଚଳୁଥିଲେ। ଭାଇ ଭଉଣୀଙ୍କ ଚଳିବାରେ ଅସୁବିଧା ହେବାରୁ ଭାଇ ଜଣକ କାମ କରିବା ପାଇଁ ଚେନାଇ ଚାଲିଯାଇଥିଲେ। ଫଳରେ ଉକ୍ତ ନାବାଳିକା ଜଣକ (୧୭ବର୍ଷ) ଘରେ ଏକୁଟିଆ ରହୁଥିଲେ। ସୋମବାର ରାତିରେ ସେ ଖାଇସାଇ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳେ ଅନେକ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପଡିଶା ଲୋକେ ଡାକିଥିଲେ। ତଥାପି କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଘର ଭିତରକୁ ପଶି ନାବାଳିକା ଜଣକ ବେକରେ ଶାଢି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

# ହାଇସ୍କୁଲ ମିଶ୍ରଣକୁ ବିରୋଧ

ସୁନ୍ଦରଗଡ,୩୦।୧୧(ଡି.ଏନ୍.ଏ)

ଗଡଜାତ ଅମଳରୁ ୧୯୧୦ ମସିହାରେ ପ୍ରତିଷ୍ଠିତ ସୁନ୍ଦରଗଡ ସହରର ଶତାୟୁ ରାଣୀ ଜାନକୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ମିଶ୍ରଣକୁ ବିରୋଧ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅଭିଭାବକ ଓ ସଚେତନ ନାଗରିକମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ଓ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି।

ସୁନ୍ଦରଗଡ ଜିଲାରେ ବାଳିକା ମାନଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ସ୍ୱାଧୀନତା ପୂର୍ବରୁ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରି ଅନେକ ମେଧାବୀ ଛାତ୍ରୀ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଐତିହ୍ୟସମ୍ପନ୍ନ ଏହି ପୁରାତନ ଶିକ୍ଷାନୁଷ୍ଠାନର ଉନ୍ନତି ପରିବର୍ତ୍ତେ ବେନିୟମ ଭାବେ ଭବାନୀଶଙ୍କର ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇ ଏହାର ଅସ୍ତିତ୍ୱକୁ ଲୋପ କରିବା ପାଇଁ ଚେଷ୍ଟା କରାଯାଇଛି। ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ସଂଖ୍ୟା ଠିକ୍ ଥିବାବେଳେ କାହିଁକି ଏଭଳି ପଦକ୍ଷେପ ନିଆଗଲା ସେ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଉଚ୍ଚନ୍ୟାୟାଳୟ ମଧ୍ୟ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି କରି ଏହି ଶିକ୍ଷାନୁଷ୍ଠାନର ପୂର୍ବାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ମାତ୍ର ପରିତାପର ବିଷୟ ବର୍ତ୍ତମାନ ଏହି ବିଦ୍ୟାଳୟ ଠିକାଦାର ମାନଙ୍କ ଗୋଦାମ ଗୃହ ପାଲଟିଛି। ଆଉ ବିଦ୍ୟାଳୟ ମିଶ୍ରଣ ପରେ ଛାତ୍ରୀମାନେ ଭବାନୀଶଙ୍କର ହାଇସ୍କୁଲକୁ ପାଠ ପଢିବା ପାଇଁ ଯାଉଥିବାବେଳେ ଅନେକ ଛାତ୍ରୀଙ୍କ ଅଭିଭାବକ ସେଠାକୁ ନିଜ ପିଲାଙ୍କୁ ଛାଡୁନାହାନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ପୂର୍ବତନ କାଉନସିଲର ହିମାଂଶୁ ଷଡଙ୍ଗୀଙ୍କ ନେତୃତ୍ୱରେ ଅଭିଭାବକ ଓ ପୁରାତନ ଛାତ୍ରମାନେ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ ।


ଏଡିଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

## ରେଳ ଡିଭିଜନ ପାଇଁ ଆକ୍ସନ କମିଟି ବୈଠକ


ଆକ୍ସନ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ରାଉରକେଲା ଅଫିସ,୩୦।୧୧

ରାଉରକେଲାଠାରେ ରେଳ ଡିଭିଜନ ଓ ତାଳଚେର ବିମଳାଗଡ ରେଳପଥ ସମ୍ପୂର୍ଣ୍ଣ କରିବାକୁ ନେଇ ପାନପୋଷ ରୋଡ ସ୍ଥିତ ଚ୍ୟାମ୍ବର ଅଫ କମର୍ସ ପରିସରରେ ଆକ୍ସନ କମିଟି ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଉରକେଲା ରେଲୱେ ଡିଭିଜନ ଆକ୍ସନ କମିଟିର ଆବାହକ ସୁମନ ଦତ୍ତଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରେଳ ଡିଭିଜନ ସହ ରାଉରକେଲା ବିମାନଘାଟିର ଉନ୍ନତୀକରଣ ଓ ଲାଇସେନ୍ସ ବ୍ୟବସ୍ଥା ତ୍ୱରାନ୍ୱିତ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଦିଗମ୍ବର ମହାନ୍ତି, ଶୁଭମ କାପୁର, ମିଳନ ମୋଦି, ନିହାର ରାୟ, ବିମଳା ବିଶି, ଅଜିତ ନାୟକ, ପଶୁପତିନାଥ ଚାଟାର୍ଜୀ, ପ୍ରବୀଣ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ସୁନ୍ଦରଗଡ଼ ପ୍ରକଳ୍ପ ମନୋନିତ



ସୁନ୍ଦରଗଡ଼ ପବ୍ଲିକ ସ୍କୁଲର କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ସୁନ୍ଦରଗଡ, ୩୦।୧୧(ଡି,ଏନ୍.ଏ)

ଭାରତ ସରକାରଙ୍କ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ସୁନ୍ଦରଗଡ ପବ୍ଲିକ ସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଆଶୁ ପଟେଲ ଏବଂ କୋ ପାର୍ଟନର ଛାତ୍ର ଦେବାଶିଷ ଦ୍ୱାରିଙ୍କ ପ୍ରକଳ୍ପ 'ମଲ୍ଟି ପରପସ ଟୁଲ' ଜାତୀୟ ସ୍ତରକୁ ମନୋନୀତ ହୋଇଛି। ଗତ ଶନିବାର ଓ ରବିବାର ଦୁଇଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ଶିଶୁବିଜ୍ଞାନ କଂଗ୍ରେସରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ଅଂଶଗ୍ରହଣ କରିଥିଲା। ତେବେ ଉକ୍ତ ପ୍ରକଳ୍ପ ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ମନୋନିତ ହୋଇଛି। ଡିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟସ୍ତର ପ୍ରତିଯୋଗିତାରେ ଏହି ପ୍ରତିଯୋଗୀ ରାଜ୍ୟକୁ ପ୍ରତିନିଧିତ୍ୱ କରିବେ। ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଅଧ୍ୟକ୍ଷା ଡଃ ହରପ୍ରିୟା ପଟେଲ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।

# ସାଇବର ଠକେଇ: ଟଙ୍କା ଫେରସ୍ତ ପାଇଲେ ଯୁବକ

ରାଉରକେଲା ଅଫିସ,୩୦।୧୧

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଗଫୁର କଲୋନୀ ଅଞ୍ଚଳର ଜଣେ ଯୁବକଙ୍କ ଠାରୁ ଅନ୍‌ଲାଇନ ଠକେଇ ଅଭିଯୋଗ ହୋଇଥିଲା। ଥାନାଧିକାରୀ ବୁଲୁ ସ୍ୱାଇଁ ଉକ୍ତ ଘଟଣାର ତଦନ୍ତ କରି ଠକେଇର ଶିକାର ହୋଇଥିବା ଯୁବକଙ୍କ ଟଙ୍କାକୁ ଫେରସ୍ତ କରିଛନ୍ତି।

ପୋଲିସ ସୂଚନା ଅନୁସାରେ, ଉଦିତନଗର ଥାନା ଗଫୁର କଲୋନୀରେ ବାବର ଅଲ୍ଲୀ ଖାନ୍ ବାସ କରନ୍ତି। ଗତ ୯ ତାରିଖରେ ତାଙ୍କ ମୋବାଇଲକୁ ଫ୍ଲିପ୍‌କାର୍ଡ଼ କମ୍ପାନୀରୁ କିଛି ଜିନିଷ କିଣିଥିବା ଟଙ୍କା ପୈଠ ପାଇଁ ମେସେଜ ଆସିଥିଲା। ଏ ନେଇ ବାବର ଅନ୍‌ଲାଇନ ଯୋଗେ ପ୍ରଥମେ ୧୯୯ ଟଙ୍କା ପୈଠ କରିଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା କଟିଯାଇଥିବା ମେସଜ ଆସିଥିଲା। ଏ ନେଇ ଗତ ୯ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ବାବରଙ୍କ ଟଙ୍କାକୁ ଫେରସ୍ତ କରିଛି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ରାଉରକେଲାରେ ସାଇବର ଠକେଇ ଅଭିଯୋଗରେ ପୋଲିସ ଗୁଜୁରାଟ ମହେଷଣା ଜିଲ୍ଲା ତାଲୁକା ଅଞ୍ଚଳର ରାବଲ ବୈଭିକ ବିଷ୍ଣୁଭାଇ(୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଷ୍ଣୁ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ନାଲାରୋଡ଼ ସୁଲତାନ ହାଉସ୍‌ରେ ସେହବାଜ ସକିଲଙ୍କ ସେୟାର ମାର୍କେଟରେ ଅର୍ଥ ବିନିଯୋଗ କରି ୩୦ ପ୍ରତିଶତ ଲାଭାଂଶ ଦେଖାଇ ୧୫ଲକ୍ଷ ୮୧ ହଜାର ଟଙ୍କା ଠକି ନେଇଥିଲେ।

## ସ୍କ୍ରାପ୍ ଚୋରି, ୩ ଗିରଫ

ରାଉରକେଲା ଅଫିସ,୩୦।୧୧

ରାଉରକେଲା ଇସ୍ପାତ କାରଖାନା ଭିତରୁ କପର ସ୍କ୍ରାପ୍ ଚୋରି କରିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିଲେଶ୍ୱର କୁମ୍ଭାର(୨୪), ଦେବରଞ୍ଜନ ସାମଲ(୨୯) ଓ ରିଙ୍କୁ ସୁନା(୨୬)। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୧୭୩/୨୧) ରୁଜୁ ହୋଇଛି। ସୋମବାର ରାତିରେ ଉକ୍ତ ଅଭିଯୁକ୍ତମାନେ ପ୍ଲାଣ୍ଟ ଭିତରକୁ ପଶି ହାଇଲେଭଲ ଏରିଆରୁ ୪୦ କେଜି କପର ତାର ଓ ଏନ୍‌ଏସ୍‌ପିସିଏଲ୍ ପରିସରରୁ ୭୦ କେଜି ସ୍କ୍ରାପ୍ ଚୋରି କରୁଥିଲେ। ଏହି ସମୟରେ ସିଆଇଏସ୍‌ଏଫ୍ ଯବାନ ଅଭିଯୁକ୍ତଙ୍କୁ ଧରି ଟାଙ୍ଗରପାଲି ପୋଲିସ ଜିମା ଦେଇଥିଲେ।

## ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ କଲା ବନ ବିଭାଗ

ଦେବଗଡ଼,୩୦।୧୧(ଡି.ଏନ.ଏ.)

ଦେବଗଡ ବନାଞ୍ଚଳ ତିଲେଇବଣି ଫରେଷ୍ଟ ସେକ୍ସନ ଅଧୀନ ଟାଇଁସର ନିକଟରେ ସୋମବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ବନ ବିଭାଗ ଏହାକୁ ପଣ୍ଡ କରିଛି। ସୂଚନା ଯେ, ସୋମବାର ରାତିରେ ଦେବଗଡ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନିର୍ଦ୍ଦେଶରେ ତିଲେଇବଣି ଫରେଷ୍ଟର ସୁଧାଂଶୁ ବେହେରା ଓ ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ ପ୍ରମୁଖ ସଦଳବଳେ କେନ୍ଦୁଛାପଲ ଗ୍ରାମ ନିକଟ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ରାତି ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୯ଟା ୫୫ ମିନିଟରେ ବନ୍ୟଜନ୍ତୁ ଶିକାର ନିମନ୍ତେ ରାସ୍ତାକଡରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ପ୍ରଭାଶୁଣୀ ସଂରକ୍ଷିତ ଜଙ୍ଗଲକୁ ତାର ବିଛାଯାଇଥିବା ଦେଖିବାକୁ ମିଳିଥିଲା। ଶିକାର ପାଇଁ ବିଛାଯାଇଥିବା ପ୍ରାୟ ୨ କିଲୋ ଓଜନର ବାଇଣ୍ଡିଂ ଜିଆଇ ତାର, ତାର ବିଛାଇବା କାର୍ଯ୍ୟରେ ବ୍ୟବହୃତ ୮୫ଟି ବାଉଁଶ ଖୁଣ୍ଟି ଓ ପ୍ଲାଷ୍ଟିକ ଖାପଣି ଆଦି ଜବତ କରାଯାଇଛି। ଶିକାରୀମାନଙ୍କୁ ଗିରଫ କରାଯାଇ ନ ଥିବା ଜଣାପଡିଛି। ପାଟ୍ରୋଲିଂରେ ବନ ବିଭାଗ କର୍ମଚାରୀ ମନୋରଞ୍ଜନ ଭଞ୍ଜ, ମନୋଜ କୁମାର ଦେହୁରୀ, ଏଲିଫେଣ୍ଟ ସ୍କ୍ୱାର୍ଡ କ୍ଷେତ୍ରବାସୀ ସାହୁ ପ୍ରମୁଖ ସାମିଲ ଥିଲେ।

# ସୁନ୍ଦରଗଡ଼ ଜିଲାପାଳଙ୍କୁ ରିପୋର୍ଟ ତଲବ

## ଖଣିଜ ପାଣ୍ଠି ବିନିଯୋଗ ପ୍ରସଙ୍ଗ

ସୁନ୍ଦରଗଡ,୩୦।୧୧(ଡି.ଏନ୍.ଏ)

ସୁନ୍ଦରଗଡ ଜିଲାରେ ଖଣିଜ ପାଣ୍ଠିର ବିନିଯୋଗ ଉପରେ ସବିଶେଷ ରିପୋର୍ଟ ତଲବ କରିଛନ୍ତି ଜାତୀୟ ଅନୁସୂଚିତ ଜନଜାତି ଆୟୋଗ। ଭାରତ ସରକାରଙ୍କ ଜାତୀୟ ଜନଜାତି ଆୟୋଗ ପତ୍ରସଂଖ୍ୟା ୧୦୨/ଓଆର/୧୦/୨୦୨୧ ତା.୧୫/୧୧/୨୦୨୧ରେ ଜିଲାପାଳ ଏ ସମ୍ପର୍କୀତ ରିପୋର୍ଟ ଯଥାଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରଗଡ ଜିଲା ଖଣି ଅଞ୍ଚଳ ହେମଗିର ବ୍ଲକ ରତନପୁର ଗ୍ରାମର ରାଜେନ୍ଦ୍ର କୁମାର ନାଏକଙ୍କ ଗତ ତା୨୩।୯।୨୦୨୧ ରିଖରେ ପଠାଇଥିବା ଏକ ଅଭିଯୋଗପତ୍ରକୁ ଆଧାର କରି ଆୟୋଗ ଜିଲାପାଳଙ୍କୁ ଏହି ରିପୋର୍ଟ ତଲବ କରିଛନ୍ତି। ଜିଲା ଖଣିଜ ପାଣ୍ଠିର ଖର୍ଚ୍ଚ ସମ୍ପର୍କୀତ ତଥ୍ୟ ୧୫ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ତଥ୍ୟ ପ୍ରଦାନରେ ବିଳମ୍ବ କିମ୍ବା ଅବହେଳା ହେଲେ ଆୟୋଗ ଆଇନ୍‌ର ଆଶ୍ରୟ ନେବେ ବୋଲି ନୋଟିସରେ କୁହାଯାଇଛି ।

# ଫୁଟବଲ: କୁଶୁମୁଣ୍ଡିକୁ ହରାଇ କାଲଟା ଚାମ୍ପିୟନ

ଟେନସା,୩୦।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ କମଣ୍ଡଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କମଣ୍ଡ ସାଇ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଖେଳରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୁଶୁମୁଣ୍ଡି ଓ କାଲଟା ମଧ୍ୟରେ ହୋଇଥିଲା । ୧-୦ ଗୋଲରେ କାଲଟା ଦଳ ବିଜୟ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କମଣ୍ଡ ରୁଙ୍ଗୁଟା ପ୍ଲାଣ୍ଟ ହେଡ୍ ଆଲୋକ କୁମାର ସେଠୀ ମୁଖ୍ୟଅତିଥି, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ ସମ୍ମାନିତ ଅତିଥି, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ ମୁଖ୍ୟବକ୍ତା, ସମାଜସେବୀ ସନାତନ ଘଣା, ଯୋଗେଶ୍ୱର ନାଏକ, ହୃଷିକେଶ ଦେହୁରୀ, ଇନ୍ଦ୍ରମଣି ବେହେରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ବେଷ୍ଟ ଟିମ, ବେଷ୍ଟ ଗୋଲକିପର, ବେଷ୍ଟ ପ୍ଲେୟାରଙ୍କୁ ପୁରସ୍କୃତ କରାଯାଇଥିଲା।

# ମାଇଁ ଟ୍ରାଇଷ୍ଟ ୱିଥ୍ କୋସଲ ମୁଭ୍‌ମେଣ୍ଟ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଉରକେଲା ଅଫିସ,୩୦।୧୧

ରାଉରକେଲା କୋସଲ ଜନତା ଦଳର ମୁଖ୍ୟାଳୟରେ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ରଙ୍କ ରଚିତ ଇଂରାଜୀ ପୁସ୍ତକ 'ମାଇଁ ଟ୍ରାଇଷ୍ଟ ୱିଥ୍ କୋସଲ ମୁଭମେଣ୍ଟ'ର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ସମ୍ବଲପୁରର ଇଂ. ଯଦୁନନ୍ଦନ ପଣ୍ଡା, ଦଳର ମହାସଚିବ ଚକ୍ରାନ୍ତ ଜେନା, ଯୋଗକ୍ରିୟା ବିଶାରଦ ବାବା ବେଣୁଧର ତ୍ରିପାଠୀ ଏବଂ ଦଳର ମୁଖପାତ୍ର ଡା. ସୁରମା ମିଶ୍ରଙ୍କ ଉପସ୍ଥିତିରେ ସ୍ଥାନୀୟ କ୍ରିୟାଯୋଗ ଧ୍ୟାନକେନ୍ଦ୍ରର ସଦ୍‌ଗୁରୁ ପରମହଂସ ଆତ୍ମାନନ୍ଦଜୀ ପୁସ୍ତକର ଶୁଭ ଉନ୍ମୋଚନ କରିଥିଲେ। ଏଥିସହ ସ୍ୱାମିଜୀ 'ରାକେଶ ମିଶ୍ର ମାନବ ସମ୍ବଳ ଫାଉଣ୍ଡେସନ'ର ଭୂମିପୂଜା ଉତ୍ସବରେ ଯୋଗ ଦେଇ ସୁନ୍ଦରଗଡର ବାବା ସତ୍ୟବାନ ପୁରୋହିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚଣ୍ଡୀପାଠ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସ୍ୱରୂପ ମିଶ୍ର ଓ ସନ୍ଦୀପ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ହକି ଟୁର୍ନାମେଣ୍ଟ: କଟଙ୍ଗ ଚାମ୍ପିୟନ

କୁତ୍ରା, ୩୦।୧୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଭୋଗ୍ରା ଗ୍ରାମରେ ଗାଙ୍ଗପୁର ମୁଣ୍ଡା ସମାଜ ପକ୍ଷରୁ ହକି ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ କଟଙ୍ଗ ଓ ଡାହିଜିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟଙ୍ଗ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଡାହିଜିରା ଦ୍ୱିତୀୟ, ବାରଗାଡ ତୃତୀୟ ଓ ଜରେଇକେଲା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି।

ସମସ୍ତ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୁତ୍ରା ଜିଏଲ ଚର୍ଚ୍ଚର ପାଦ୍ରୀ ହାଲାନ ମୁଣ୍ଡୁ ଓ ଜେଏସଡବ୍ଲ୍ୟୁ ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମାରସେଲ ବୁଡ଼, ବିଜୟ ବୁଡ଼, ହେରମନ ବୁଡ଼, ସଞ୍ଜୟ ମୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ କୁତ୍ରା ଖେଳାଳିମାନେ ।

# ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଆଲୋଚନା

## ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ

ଦେବଗଡ଼,୩୦।୧୧(ଡି.ଏନ.ଏ.)

ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଗ୍ରଗତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରକ୍ତ ଜିଲାପଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଉପଜିଲାପଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର (ରାଜସ୍ୱ) ଯଶୋବନ୍ତ ଦେହୁରୀ, ଏସିଏଫ୍ ସୁଧାଶ୍ରୀ ପ୍ରଧାନ, ଆରଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ନାରାୟଣ ପ୍ରସାଦ ଗାନ୍ଧୀ, ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ରିଆମାଳ ତହସିଲଦାର ବିମଳା ବିରୁଳୀ, ବାରକୋଟ ତହସିଲଦାର ରୁବି ବେହେରା ଓ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରୋଜେକ୍ଟ ମ୍ୟାନେଜର ପି.ଭି. ରାଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଗା ପାନୀୟ ଜଳ ଯୋଗାଣ ପାଇଁ ବାରକୋଟ ଓ ରିଆମାଳ ବ୍ଲକର ବିଭିନ୍ନ ଗ୍ରାମରେ ଜବରଦଖଲରେ ଥିବା ଜମିଗୁଡିକ ସମାଧାନ କରି ଯଥାଶୀଘ୍ର ଗାଁଗୁଡ଼ିକୁ ପାନୀୟ ଜଳ ଯୋଗାଣ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ

କୁଚିଣ୍ଡା,୩୦। ୧୧(ଡି.ଏନ.ଏ)
ଏକ ହତ୍ୟା ମାମଲାର ଶୁଣାଣି କରି କୁଚିଣ୍ଡାର ମାନ୍ୟବର ଅତିରିକ୍ତ ଜିଲା ଦୌରାଜଜ୍ ୨ଜଣ ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ ଶୁଣାଇଛନ୍ତି ।ସୂଚନାଯୋଗ୍ୟ, ଗତ ତା୨୭।୨।୨୦୧୭ରେ କୁଚିଣ୍ଡା ଟାଉନସ୍ଥିତ ଡାକ୍ତରଖାନା ପଛପଟ ଛକରେ ମଜନୁ ଶର୍ମା ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା । ଏ ସମ୍ପର୍କରେ କୁଚିଣ୍ଡା ଥାନାରେ ନଂ-୪୧/୧୭ ରେ ଏକ ହତ୍ୟା ମାମଲା ରୁଜୁ କରି ଦଫା ୩୦୨/୩୪ ଆଇପିସିରେ ତତ୍କାଳୀନ ଭାରପ୍ରାପ୍ତ ଥାନା ଅଧିକାରୀ ଅମିତାଭ ପଣ୍ଡା ଅଭିଯୁକ୍ତ ମନବୋଧ ଗୁରୁ ଓ ସମିତା ଗୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ବିକ୍ରମ ପଟ୍ଟନାୟକ ସାକ୍ଷ୍ୟ ପ୍ରମାଣ ଆଧାରରେ ମନବୋଧ ଗୁରୁଙ୍କୁ ୫ବର୍ଷ ଓ ସମିତା ଗୁରୁଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

### ଘରକୁ ଫେରିଲେ ପୂଜା



ସମ୍ବଲପୁର,୩୦।୧୧(ବ୍ୟୁରୋ) ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳର ପୂଜା ଓରାମ ମଙ୍ଗଳବାର ଘରକୁ ଫେରିଛନ୍ତି । ହରିୟାଣା କର୍ନାଲରେ ଫସି ରହିଥିବା ଏହି ଯୁବତୀଙ୍କୁ ଜିଲା ପ୍ରଶାସନ ଓ ପୋଲିସ ମିଳିତ ଭାବେ ଉଦ୍ଧାର କରି ଘରକୁ ଆଣିଥିଲେ । ଧନୁପାଲି ଥାନା ପୋଲିସ ସମସ୍ତ କାଗଜପତ୍ର ଯାଞ୍ଚ କରି ତାଙ୍କ ପରିବାରକୁ ଦେଇଛନ୍ତି । ତାଙ୍କ ମାଆ ସୁଷମା ଓରାମ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।
ସୂଚନାଯୋଗ୍ୟ ଯେ,ସମ୍ବଲପୁର ସହରର ଜଣେ ଦଲାଲ ପୂଜା ଓ ଅନ୍ୟ ୫ଜଣ ଯୁବତୀଙ୍କୁ କାମ ଦେବା ବାହାନାରେ ହରିୟାଣା ନେଇଥିଲେ । ସେଠାରେ ବିଭିନ୍ନ ସ୍ଥାନରେ କାମରେ ନିୟୋଜିତ କରିଥିଲେ । ପୂଜା ଏକାକୀ ଏକ କପଡା କମ୍ପାନୀରେ କାମ କରୁଥିଲେ । ସେଠାରେ ମାଲିକଙ୍କ ନିର୍ଯାତନା ସହି ନ ପାରି ଖସି ପଳାଇ ଆସିଥିଲେ । ଏ ନେଇ ଗତ ୨୨ ତାରିଖରେ ଥାନାକୁ ଯାଇ ଅଭିଯୋଗ କରିଥିଲେ । କର୍ନାଲ ପୋଲିସ ଏ ସମ୍ପର୍କରେ ସମ୍ବଲପୁର ପୋଲିସକୁ ସୂଚନା ଦେଇଥିଲେ । ପୂଜାଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଆଲା ହଜରତ ୱେଲଫେୟାର କମିଟି ସଂପାଦକ ଆତିଫ ଆଲାମଙ୍କୁ ଘଟଣା ସଂପର୍କରେ କହିଥିଲେ । ଏହାପରେ ପରିବାର ବର୍ଗ ଧନୁପାଲି ପୋଲିସ ଠାରେ ଅଭିଯୋଗ କରିଥିଲେ । ଧନୁପାଲି ପୋଲିସ ଆଇଆଇସି ଅନିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟମ୍ ଗଠନ କରାଯାଇଥିଲା ।

### ଚାଳକ ମହାସଂଘର ବୈଠକ



ନାକଟିଦେଉଳ,୩୦।୧୧(ଡି.ଏନ.ଏ.)- ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିମୁରାଠାରେ ସୋମବାର ଓଡ଼ିଶା ଚାଳକ ମହାସଂଘର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହେବା ସହ ନୂତନ କମିଟି ଗଠନ କରାଯାଇଛି । ବୈଠକରେ ନାକଟିଦେଉଳ ଗ୍ରାପ ସଭାପତି ଅଜିତ୍ କୁମାର ସାହୁ ସଭାପତିତ୍ୱ କରିଥିଲେ । ଓଡ଼ିଶା ଚାଳକ ମହାସଂଘ ନାକଟିଦେଉଳ ବ୍ଲକ ଶାଖାକୁ ଆହୁରି କ୍ରିୟାଶୀଳ କରାଯାଇ ତୃଣମୁଳ ସ୍ତରରୁ ସଂଗଠନକୁ ମଜଭୁତ କରାଯିବା ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ କାର୍ଯ୍ୟରତ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା, ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରାଯାଇ ସଂଘର ଦାବିଗୁଡ଼ିକ ଶୀଘ୍ର ସମାଧାନ କରିବାକୁ ଦାବି କରାଯାଇଥିଲା । ଏହି ଅବସରରେ ପାଣିମୁରା ଗ୍ରାମ ପଞ୍ଚାୟତସ୍ତରୀୟ ଏକ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ପ୍ରଶାନ୍ତ ମାଝୀ, ସଂପାଦକ ଭାବେ ପ୍ରଭାକର ମଲ୍ଲିକ, କୋଷାଧ୍ୟକ୍ଷ ଭାବେ କ୍ଷୀରସିନ୍ଧୁ ଡ଼ାକୁଆ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ବୈଠକରେ ନାକଟିଦେଉଳ ବ୍ଲକ ମହାସଂଘର କୋଷାଧ୍ୟକ୍ଷ ପ୍ରାଣବନ୍ଧୁ ସେଠ, ଡ଼ଙ୍କଚା ପଞ୍ଚାୟତ ସଭାପତି ପ୍ରମୋଦ କୁମାର ସାହୁ, ସାଲେଭଟା ପଞ୍ଚାୟତ ସଭାପତି ଜିତୁ ସାହୁ ଏବଂ କିସିଣ୍ଡା ପଞ୍ଚାୟତ ସଭାପତି ବିରଞ୍ଚି ପାତ୍ର ପ୍ରମୁଖ ଯୋଗ ଦେଇ ମତାମତ ରଖିଥିଲେ ।

# ପର୍ଯ୍ୟଟନ ଋତୁରେ ରୋପ୍‌ୱେ ଅଚଳ

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସମ୍ବଲପୁର ଜିଲାରେ ପର୍ଯ୍ୟଟକଙ୍କ ପାଇଁ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ହୀରାକୁଦ ଡ୍ୟାମ, ଡେବ୍ରିଗଡ ଅଭୟାରଣ୍ୟ, ମନ୍ଦିର, ଡ୍ୟାମ, ଜଳପ୍ରପାତ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି । ଏହିସବୁ ସ୍ଥାନରେ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ରୋପୱେ ସେବା ଆରମ୍ଭ କରାଯାଇଥିଲା । ଜବାହାର ଉଦ୍ୟାନଠାରୁ ଗାନ୍ଧୀ ମୀନାର ପର୍ଯ୍ୟନ୍ତ ପ୍ରାୟ ୪୨୧ ମିଟର ଦୂରତା ରହିଛି । ହେଲେ କୌଣସି କାରଣରୁ ଅକ୍ଟୋବର ୧୦ ତାରିଖଠାରୁ ରୋପୱେ ଅଚଳ ହୋଇପଡିଛି । ପର୍ଯ୍ୟଟନ ଋତୁ ସମୟରେ ରୋପୱେ ବନ୍ଦ ହୋଇ ପଡିବା ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏହାକୁ ଶୀଘ୍ର ମରାମତି କରି କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରାଯାଇଛି । ଏସଏମସି ପକ୍ଷରୁ ରୋପୱେ ତାର ଦୋହଲି ଯାଇଥିବା ଯୋଗୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କୁହାଯାଉଛି । ହେଲେ ବାସ୍ତବରେ ପରିଚାଳନା ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ଟଙ୍କା ନ ମିଳିବାରୁ ବନ୍ଦ ପଡିଥିବା ମଧ୍ୟ ଆଲୋଚନା ହେଉଛି ।



ସମ୍ବଲପୁର ହୀରାକୁଦ ରୋପ ୱେ ।

ଯାହା ହେଉନା କାହିଁକି ରୋପୱେର ମଜା ପର୍ଯ୍ୟଟକମାନେ ଉଠାଇ ପାରୁନାହାନ୍ତି । ଶୀଘ୍ର ମରାମତି କରାଯାଉ ବୋଲି ଦାବି ହେଉଛି । ଅନ୍ୟପଟେ କମିଶନର ପ୍ରଦୀପ ସାହୁ କହିଛନ୍ତି ଯେ, ଯାନ୍ତ୍ରିକ ତ୍ରୁଟି ରହିଛି । ରୋପୱେ ଲାଗିଥିବା ତାର ଦୋହଲି ଯାଇଛି । ମରାମତି କରିବାକୁ ଅନୁଦାନ ମଞ୍ଜୁର ହୋଇଛି । ମରାମତି କାମ ଏସଏମସି ପକ୍ଷରୁ କରାଯିବ ବୋଲି କହିଥିଲେ ।
ସୂଚନାଯୋଗ୍ୟ ଯେ, ୨୦୧୯ ନଭେମ୍ବର ୨୬ ତାରିଖ ଦିନ ପର୍ଯ୍ୟଟକମାନଙ୍କ ପାଇଁ ରୋପୱେ ଉଦ୍‌ଘାଟନ ହୋଇଥିଲା । କଲିକତାର ଦାମୋଦର ରୋପୱେ କମ୍ପାନୀ ପରିଚାଳନା ଦାୟିତ୍ୱ ନେଇଛି । ଓସିସି ଓ ଠିକା ସଂସ୍ଥା ଭିତରେ ଏମଓୟୁ ସ୍ୱାକ୍ଷର ହୋଇଛି । ଠିକା ସଂସ୍ଥାକୁ ଓସିସି ଟଙ୍କା ଦେବାର ବ୍ୟବସ୍ଥା ରହିଥିଲା । ଏସଏମସି ପକ୍ଷରୁ କେବଳ ମରାମତି କରିବାର ନିଷ୍ପତି ନିଆଯାଇଥିଲା । ଅନ୍ୟପଟେ ଉଦ୍‌ଘାଟନ ପରେ କୋଭିଡ କଟକଣା ଯୋଗୁ ପ୍ରଥମ ଲହରରେ ୧୦ ମାସ ଓ ଦ୍ୱିତୀୟ ଲହରରେ ୭ ମାସ ପର୍ଯ୍ୟନ୍ତ ବନ୍ଦ ରହିଥିଲା । କୋଭିଡ କଟକଣା କୋହଳ ପରେ ୨୦୨୦ ଅଗଷ୍ଟ ୧୫ ତାରିଖଠାରୁ ପୁଣି ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ଯାଇଥିଲା । ହେଲେ ଅକ୍ଟୋବର ୧୦ ତାରିଖଠାରୁ ବନ୍ଦ ହୋଇ ପଡିଛି । ରୋପୱେରେ ଏସଏମସି ରାଜସ୍ୱ ମଧ୍ୟ ଆଦାୟ ହୋଇଥିଲା । ଟିକେଟ ବିକ୍ରି ବାବଦରେ ଏ ପର୍ଯ୍ୟନ୍ତ ପ୍ରାୟ ୮୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଜଣାପଡିଛି । ଶୀଘ୍ର ମରାମତି କରାଯାଉ ବୋଲି ଦାବି ହେଉଛି ।

## ରେଲୱେ ଇନଷ୍ଟିଚ୍ୟୁଟଠାରେ ରାଜଯୋଗ

# ରାଜଯୋଗ ଶରୀରକୁ ଚିନ୍ତା ମୁକ୍ତ କରେ

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସଂପ୍ରତି ବିଶ୍ୱରେ ଦୁଃଶ୍ଚିନ୍ତା ବଢ଼ିବାରେ ଲାଗିଛି । ଆଗକୁ ପରିସ୍ଥିତି ଭୟାବହ ହେବ । ଆମ ଆନ୍ତରିକ ଶକ୍ତିକୁ ବଢ଼ାଇବାକୁ ପଡିବ । କଠିନ ପରିସ୍ଥିତରେ ମଧ୍ୟ ସକରାତ୍ମକ ହେବା ଉଚିତ୍ । ଏହାଦ୍ୱାରା ଶରୀର ଓ ମନ ଚିନ୍ତା ମୁକ୍ତ ରହିବ । ତେଣୁ ମନ ଓ ଶରୀରକୁ ଚିନ୍ତା ମୁକ୍ତ କରିବାକୁ ହେଲେ ରାଜଯୋଗର ଆବଶ୍ୟକତା ରହିଛି । ମଙ୍ଗଳବାର ରେଲୱେ ଇନଷ୍ଟିଚ୍ୟୁଟଠାରେ ସମ୍ବଲପୁର ବ୍ରହ୍ମକୁମାରୀ ପାୱନ ସରୋବାର ଆୟୋଜିତ କର୍ମଶାଳାରେ ବକ୍ତାମାନେ ଏହା କହିଛନ୍ତି । ବ୍ରହ୍ମକୁମାରୀ ଆରତୀ ରାଜଯୋଗର ଆବଶ୍ୟକତା, ବ୍ରହ୍ମକୁମାରୀ ଦୀପା ଚିନ୍ତା ମୁକ୍ତ ଶରୀର ଏବଂ ବ୍ରହ୍ମକୁମାର ବେଣୁଧର କିପରି ଭାବେ ଆନ୍ତରିକ ଶକ୍ତି ବୃଦ୍ଧି ହେବ, ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ରେଲୱେ ପୋଲିସ ଫୋର୍ସ ଅଧିକାରୀ ଓ କର୍ମଚାରୀମାନେ ଭାଗ ନେଇଥିଲେ ।



ମଙ୍ଗଳବାର ସମ୍ବଲପୁର ବ୍ରହ୍ମାକୁମାରୀ ପାୱନ ସରୋବର ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ବକ୍ତାମାନେ ।

# ଆଜିଠାରୁ ଧାନକିଣା ଆରମ୍ଭ

କୁଚିଣ୍ଡା,୩୦।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲାର କୁଚିଣ୍ଡା ଉପଖଣ୍ଡରେ ବୁଧବାରଠାରୁ ଧାନ କିଣା ଆରମ୍ଭ ହେଉଛି । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । ହେଲେ ଚାଷୀଙ୍କୁ ଅବ୍ୟବସ୍ଥାର ଭୟ ଘାରିଛି । ବିଗତ ବର୍ଷରେ ଧାନର ଅଭାବୀ ବିକ୍ରି ସହ ଟୋକନ ଲ୍ୟାପ୍ସ ଭଳି ସମସ୍ୟା ଯୋଗୁ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମଣ୍ଡିରେ ମିଲର୍ସଙ୍କ ମନମାନୀ, କଟନୀ ଛଟନୀ , ଟୋକନ ଥାଇ ମଧ୍ୟ ଟାର୍ଗେଟ ନ ଦେବା ଆଦି ସମସ୍ୟା ଶେଷରେ ଚାଷୀଙ୍କୁ ଶାଗ ମାଛ ଭଳି ଦରରେ ଧାନ ବିକିବାକୁ ବାଧ୍ୟ କରିଥିଲା । ବିଗତ ବର୍ଷର ଅଙ୍ଗେନିଭା ସମସ୍ୟାକୁ ମନେ ପକାଇ ଚାଷୀ ଭୟଭୀତ ଅବସ୍ଥାରେ ଅଛି । ବୁଧବାର କୁଚିଣ୍ଡା ଆରଏମସି ଅଧୀନସ୍ଥ ୯ ଗୋଟି ମଣ୍ଡିରେ ଧାନକିଣା ଆରମ୍ଭ ହେଉଛି । କୁଚିଣ୍ଡା ବ୍ଲକର ପାରୁଆଭାଡି, ବକ୍ସମା ଓ କୁସୁମୀ, ଜମନକିରା ବ୍ଲକର ଡିମିରିମୁଣ୍ଡା, ବଡମାଲ, ଗୁଣ୍ଡୁରୁଟୁଆ ଓ ଧୁଡିପାଲି ଏବଂ ବାମରା ବ୍ଲକର କେଶାଇବାହାଲ ଓ ଉଜ୍ଜକାପାଟ ଆଦି ମଣ୍ଡିରେ ଧାନକିଣାର ଶୁଭାରମ୍ଭ ହେବ । ମଣ୍ଡିଗୁଡିକରେ ସ୍ୱଚ୍ଛତା ରକ୍ଷା ପୂର୍ବକ ଚାଷୀ ତାର କଷ୍ଟୋପାର୍ଜିତ ଶସ୍ୟକୁ ଯେଭଳି ସୁରୁଖୁରୁରେ ବିକିବ ସେଥିପାଇଁ ପ୍ରଶାସନ ତତ୍ପର ଥିବା ଆରଏମସି ସମ୍ପାଦକ ମନୋଜ ମହାନ୍ତ କହିଛନ୍ତି ।

# କୁଚିଣ୍ଡା ଅଞ୍ଚଳରେ ବଢୁଛି କିଡ୍‌ନୀ ରୋଗ

କୁଚିଣ୍ଡା,୩୦।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ବିଶେଷ କରି କୁଲେଇଗଡ ପଞ୍ଚାୟତ କୂଡାପଡା ଗ୍ରାମର ମୃତ୍ୟୁସଂଖ୍ୟାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଆକ୍ରାନ୍ତ ରୋଗୀମାନେ କୁଚିଣ୍ଡା ଓ ବୁର୍ଲା ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇ ସେଠାରୁ ଔଷଧ ଆଣି ଖାଉଥିବା ଜଣାଯାଇଛି । ମାତ୍ର ଔଷଧ ସରିଗଲେ ରୋଗୀଙ୍କ ହାତ ଗୋଡ ମୁହଁ ଆଦି ଫୁଲି ଯାଉଛି ଏବଂ ଦେହରେ ରକ୍ତର ଅଭାବ ଦେଖିବାକୁ ମିଳୁଛି । କୁଚିଣ୍ଡା ଅଞ୍ଚଳରେ କିଡ୍‌ନୀ ରୋଗ ଦୃତ ଗତିରେ ବଢୁଥିବା ନେଇ ସାସ୍ଥ୍ୟ ବିଭାଗ ଚିନ୍ତାରେ ପଡିଯାଇଛି । ଏହି ରୋଗ ଦ୍ୱାରା ଅନେକ ଯୁବାବସ୍ଥାରେ ମୃତ୍ୟୁବରଣ କରୁଛନ୍ତି । ପୂର୍ବରୁ କୁଚିଣ୍ଡା ବ୍ଲକ କୁଡାପଡା ଗ୍ରାମର ଗିରି ଷଣ୍ଢ, ସୁରତ ରାଉତ, କଳ୍ପନା ବାରିକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ଫକୀର ନାଏକଙ୍କ ମୃତ୍ୟୁ ଘଟିଛି । ଏହାଛଡା କୁଚିଣ୍ଡା ଅଞ୍ଚଳର ବିଭିନ୍ନ ଗ୍ରାମରେ କିଡ୍‌ନୀ ରୋଗ ବ୍ୟାପି ଅନେକ ବ୍ୟକ୍ତି ମୃତ୍ୟୁବରଣ କରୁଥିବାରୁ ସାସ୍ଥ୍ୟ ବିଭାଗ ଏହାର କାରଣ ଖୋଜୁଛି । ଏବେ ବି କୁଡାପଡା ଗ୍ରାମରେ ପଦ୍ମାବତୀ ମେହେର, ମୁନୁ ସୁନାନୀ, ସରୋଜ ରାଏ, ଛବିଲ ବାଙ୍କଡା, ସୁମିତ୍ରା ପ୍ରଧାନ, କୌତୁକ ଦେହୁରୀ, ମଦନ ବଗର୍ତ୍ତୀ, ପବି ରାଉତ, ଜେହେରୁ ମାଝୀ, ଲକ୍ଷ୍ମୀ ଷଣ୍ଢ, ଗୌରୀ ବାଘ, ମଙ୍ଗଲୁ ବାଘଙ୍କ ସମେତ ବହୁ ବ୍ୟକ୍ତି କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଛନ୍ତି । ତେଣୁ ଏହି ରୋଗ ବ୍ୟାପୁଥିବା ଗାଁଗୁଡିକରେ ପିଇବା ପାଣି ପରୀକ୍ଷା କରିବାକୁ ଦାବି ହେଉଛି ।

## ବିଦାୟକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର,୩୦।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପରିସରରେ ଏବିଇଓ ପ୍ରହଲ୍ଲାଦ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏବିଇଓ ରବି ନାରାୟଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ସୁରଜ ବିଶ୍ୱାଳ, ଯୁଯୁମୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ଯୋଗ ଦେଇଥିଲେ । ଚନ୍ଦ୍ର ଶେଖର ସେଠ, ପ୍ରଦୀପ୍ତ ପ୍ରଧାନ, ସୁଭାଶିଷ ଭୋଇ, ଅଦିତ୍ୟ ପ୍ରଧାନ, ଜାନକି ସାହୁ, ବିକାଶ ମିଶ୍ର, ଉମା ଶଙ୍କର ପ୍ରଧାନ, ପବିତ୍ର ମୋହନ ସେଠ ଉପସ୍ଥିତ ରହିଥିଲେ । ସୁନୀତି ସାହୁ ଧନ୍ୟବାଦ ଦେଇଥିଲେ ।

# ଭତ୍ତା ବନ୍ଦକୁ ଆଶାକର୍ମୀଙ୍କ ବିରୋଧ

ସମ୍ବଲପୁର,୩୦।୧୧(ବ୍ୟୁରୋ)

ଭତ୍ତା ବନ୍ଦକୁ ବିରୋଧ କରି ଆଶାକର୍ମୀମାନେ ମଙ୍ଗଳବାର ସମ୍ବଲପୁର ଜିଲାପାଳ ଅଫିସକୁ ଯାଇ ଏହାର ପୁନଃ ବିଚାର କରାଯିବାକୁ ଦାବି କରିଛନ୍ତି । ଏହି ଅବସରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ଆଶାକର୍ମୀମାନେ ପାଉଥିବା ଭତ୍ତାକୁ ଗତ ମାସରୁ ବନ୍ଦ ନିର୍ଦ୍ଦେଶ ଦେଇଥିଲେ । ଚଳିତ ମାସରୁ ଭତ୍ତାବନ୍ଦ ହୋଇଯାଇଛି । ଆଶାକର୍ମୀମାନଙ୍କୁ ସରକାରୀ ଭାବେ ଘୋଷଣା କରାଯାଇ ନାହିଁ । ସେମାନଙ୍କୁ ଦରମା ଦିଆଯାଏ ନାହିଁ । କାମ କଲେ ପ୍ରୋତ୍ସାହନ ରାଶି ମିଳିଥାଏ । ଏଭଳି



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଆଶାକର୍ମୀମାନେ ।

**ଜିଲାପାଳଙ୍କୁ ଦାବିପତ୍ର**

ପରିସ୍ଥିତିରେ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ବଦଳରେ ପାଉଥିବା ଭତ୍ତାକୁ ବନ୍ଦ କରି ଦିଆଯାଇଛି । ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ । ଲକ୍ଷ୍ମୀ ମହରାଣା, ଜୟଶ୍ରୀ ପ୍ରଧାନ, ମମତା ଖଣ୍ଡାୟତ, ଅନ୍ନପୂର୍ଣ୍ଣା ପ୍ରଧାନ, ମୁକ୍ତା ମେହେର, ସଂଘବାଲା ସୁନା, ମଞ୍ଜୁ ଗୁଆଳ, ଅହଲ୍ୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିର୍ସା ମୁଣ୍ଡା ଜୟନ୍ତୀ

ଝାରସୁଗୁଡା ଅଫିସ,୩୦।୧୧

ସମ୍ମିଳିତ ଆଦିବାସୀ ସମାଜ ତରଫରୁ ସ୍ଥାନୀୟ ଦୁର୍ଲଗା ପଞ୍ଚାୟତ ସାନ୍ତାରାଠାରେ ସୋମବାର ବିର୍ସା ମୁଣ୍ଡା ଜୟନ୍ତୀ (ଆଦିବାସୀ ଗୌରବ ଦିବସ) ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ସଂଗଠନର ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଝାରସୁଗୁଡା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଉପଦେଷ୍ଟା ପ୍ରଭାକର ଓରାମ ଯୋଗଦେଇ ସହିଦ ବୀର ବିର୍ସା ମୁଣ୍ଡା ଜଳ , ଜଙ୍ଗଲ ଜମି ପାଇଁ ଇଂରେଜ ଶାସନ ବିରୋଧରେ କରିଥିବା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସଭାପତି ମାଧବ ସିଂହ ନାଏକ, ଉପସଭାପତି ଫକୀରମୋହନ କିସାନ, ଗଙ୍ଗାଧର ଭୋଇ, ଶ୍ୟାମଲାଲ ନାଏକ, ଜୟ ନାରାୟଣ ନାଏକ ଯୋଗ ଦେଇଥିଲେ। ବିନୋଦ ବାଗ ପରିଚାଳନା କରିଥିଲେ । ଭୀଷ୍ମଦେବ କିସାନ, ଗୁଣସାଗର ନାଏକ, ଯୋଗୀନ୍ଦ୍ର ନାଏକ, ରଘୁମଣି ନାଏକ, ହରିହର ନୈକ, ତ୍ରିଲୋଚନ ଡ଼ନସନା ପ୍ରମୁଖ ସହଯୋଗ କରିଥିଲେ ।

# କ୍ଷତିପୂରଣ ଦାବିରେ ମହିଳାଙ୍କ ଧାରଣା

ରେଙ୍ଗାଲି,୩୦।୧୧

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଆଦିତ୍ୟ ଆଲୁମିନିୟମରେ ସ୍ଥାୟୀ ନିଯୁକ୍ତି ତଥା କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଛନ୍ତି ଲୁଧାପାଳି ଆର ଆର କଲୋନୀର ଅଞ୍ଜଳି ଓରାମ ଓ ଗ୍ରାମର ମହିଳା । ଅଞ୍ଜଳିଙ୍କ ସ୍ୱାମୀ ଦୀପକ ଓରାମ ଆଦିତ୍ୟ ଆଲୁମିନିୟମର କର୍ମଚାରୀ ଥିଲେ । ଗତ ଏପ୍ରିଲ ମାସ ୨୩ ତାରିଖରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲେ ହେଁ କ୍ଷତିପୂରଣ ମିଳିନାହିଁ । ଏହାଛଡା ତିନି ମାସ ମଧ୍ୟରେ ସ୍ଥାୟୀ ନିଯୁକ୍ତି ନ ଦେଲେ ଆଦିତ୍ୟ ଆଲୁମିନିୟମ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବେ ବୋଲି ସେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ । ସକାଳୁ ଅଞ୍ଜଳି ଓ ଆର ଆର କଲୋନୀର ମହିଳାମାନେ କମ୍ପାନୀ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ସମାଧାନର ସୂତ୍ର ବାହାରି ପାରିନାହିଁ ।



ମହିଳାମାନେ ଧାରଣାରେ ବସିଛନ୍ତି ।

# କୋଇଲା ଖଣିରେ ଜଳିଗଲା ଏକ୍ସାଭେଟର ମେଶିନ

ଝାରସୁଗୁଡା ଅଫିସ,୩୦।୧୧

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଇବ୍‌ଭ୍ୟାଲି କ୍ଷେତ୍ରାଧୀନ ଲଜକୁରା ଖୋଲାମୁହଁ କୋଇଲା ଖଣିରେ ମଙ୍ଗଳବାର ଦିନ ୧ଟାରେ କାର୍ଯ୍ୟରତ ବିଇ ୧୦୦୦ ଏକ୍ସାଭେଟର ଲୋଡିଂ ମେଶିନ ନିଆଁ ଲାଗି ଜଳିଯାଇଛି । ନିଆଁ ଲାଗିଥିବା ଜାଣିବା ପରେ ଚାଳକ ମେଶିନ୍‌ରୁ ବାହାରି ଆସିଥିଲେ । ଏ ସମ୍ପର୍କରେ ଚାଳକ ଖଣି ଅଞ୍ଚଳରେ ଥିବା ସୁପରଭାଇଜରଙ୍କୁ ଜଣାଇଥିଲେ । ସୁପରଭାଇଜର ତୁରନ୍ତ କମ୍ପାନୀର ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ବିଳମ୍ବରେ ଓରିଏଣ୍ଟ ମାଇନ୍ସ ଅଞ୍ଚଳରୁ ଅଗ୍ନିଶମ ଗାଡି ଆସି ନିଆଁ ଲିଭାଇଥିବାବେଳକୁ ମେଶିନ୍ ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଗତ ୨୨ତାରିଖରୁ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ସୁରକ୍ଷା ପକ୍ଷ ପାଳନ ଚାଲିଥିବାବେଳେ ଖଣି ଅଞ୍ଚଳରେ ନିଆଁଲାଗି ଦୁର୍ଘଟଣା ଘଟୁଛି। ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ତରଫରୁ ପ୍ରତି ୩ମାସରେ ଖଣି ଅଞ୍ଚଳ ପରିଦର୍ଶନ କରି ସୁରକ୍ଷା ତଦାରଖ କରିବା କଥା । ଏହା ନିୟମିତ କରାଯାଉନାହିଁ । ସୁରକ୍ଷା ନିର୍ଦ୍ଦେଶାଳୟ(ଡିଜିଏମ୍‌ଏସ୍)ର କୋହଳ ମନୋଭାବ ପାଇଁ ଖଣି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଶ୍ରମିକ ମହଲରେ ଅଭିଯୋଗ ହେଉଛି । ପୋଡିଯାଇଥିବା ମେଶିନ୍‌ର ମୂଲ୍ୟ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି । ଏ ନେଇ ଇବ୍‌ଭ୍ୟାଲି ଜିଏମ୍ ଅନୱାର ହୁସେନ୍‌ଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି ।



ଜଳିଯାଇଥିବା ଏକ୍ସାଭେଟର ମେଶିନ୍ ।

# ଗୋଣ୍ଡି ସରଳ ଭାଷା ଶିକ୍ଷଣ ପେଟିକା ପ୍ରକାଶିତ

## ସରକାରଙ୍କୁ କୃତଜ୍ଞତା ଜଣାଇଲା ଗୋଁଣ୍ଡ ମହାସଭା

ଝାରସୁଗୁଡା ଅଫିସ୍,୩୦।୧୧

ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ତରଫରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନବରଙ୍ଗପୁର ଦ୍ୱାରା ଗୋଣ୍ଡି ସରଳ(ତ୍ରିଭାଷୀ)ଭାଷା ଶିକ୍ଷଣ ପେଟିକା ପ୍ରକାଶିତ ହୋଇଛି । ଏଥିପାଇଁ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ତରଫରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଗୋଣ୍ଡି ଭାଷାର ପ୍ରଚଳନ ପାଇଁ ମହାସଭା ତରଫରୁ ଗତ ୨୦୧୫ମସିହାରୁ ସରକାରଙ୍କ ନିକଟରେ ଦାବି ହୋଇଥିଲା । ବିଳମ୍ବରେ ହେଲେ ମଧ୍ୟ ମହାସଭାର ଦାବି ପୂରଣ ହୋଇ ଭାଷା ଶିକ୍ଷଣ ପେଟିକା ପ୍ରକାଶ ପାଇଛି । ଏହି ପୁରାତନ ଭାଷାର ଲିପି ସହିତ ତ୍ରିଭାଷୀ ପୁସ୍ତକ ପ୍ରକାଶ କଲେ ଲିପିର ଶୈଳୀରୁ ଝାରସୁଗୁଡା ଜିଲାର ବିକ୍ରମଖୋଲ, ଉଲାପଗଡ ଆଦି ଶୀଳାଲିପିର ପ୍ରକୃତ ଉଚାରଣ ଲୋକଲୋଚନକୁ ଆସିବ ବୋଲି ମହାସଭା ତରଫରୁ ଦାବି ହେଉଛି । ଏହି ଗୋଣ୍ଡି ଭାଷାର ପ୍ରଚାର ପ୍ରସାର ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଏହାକୁ ସାମିଲି କରାଯିବା ପାଇଁ ମହାସଭା ଦାବି କରିଛି । ଫଳରେ ସର୍ବପୁରାତନ ଭାଷାର ପ୍ରଚାର ପ୍ରସାର ଦିଗରେ ଏହା ସହାୟକ ହେବ । ଏହା ସହିତ ରାଜ୍ୟର ପୁରାତନ ଶୀଳାଲିପିର ରକ୍ଷଣାବେକ୍ଷଣ କରାଯାଉ ବୋଲି ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାୟକ ଦାବି କରିଛନ୍ତି ।




ପ୍ରକାଶିତ ହୋଇଥିବା ଗୋଣ୍ଡ ଭାଷାର(ତ୍ରିଭାଷୀ)ଶିକ୍ଷଣ ପେଟିକା ।

## ୬ରେ ଏନ୍ଆର୍ଟିଏସ୍ ପରୀକ୍ଷା

କଟକ ଅଫିସ,୩୦।୧୧- ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି(ଏନ୍ଆର୍ଟିଏସ୍) ପରୀକ୍ଷା ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ୩୪୭ ପରୀକ୍ଷା କେନ୍ଦ୍ରରେ ୫୫,୯୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଓଡ଼ିଆ ମିଡିୟମ ସ୍କୁଲଗୁଡିକର ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇପାରିବେ। ୬ ତାରିଖ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଖୁବ୍ଶୀଘ୍ର ବୋର୍ଡ ୱେବ୍ସାଇଟରେ ପରୀକ୍ଷା ନିମନ୍ତେ ଆଡ୍ମିଟ କାର୍ଡ ଉପଲବ୍ଧ ହେବ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଏହି ଆଡ୍ମିଟ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି।

### ସଂକ୍ଷେପରେ

## ବାଲିଗୁଡ଼ା ଅଞ୍ଚଳରେ ମାଓବାଦୀ ପୋଷ୍ଟର



ବାଲିଗୁଡା,(ଡି.ଏନ୍.ଏ.)/ଫୁଲବାଣୀ ଅଫିସ,୩୦।୧୧- କିଛିଦିନ ବ୍ୟବଧାନରେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଣି ମାଓ ଆତଙ୍କ ଦେଖିବାକୁ ମିଳିଛି। ବାଲିଗୁଡା ଥାନାର ବାରଖମା, ରେବିଙ୍ଗିଆ, ବାଟାଗୁଡା ଓ ମିଡିଆପଡାଙ୍ଗା ଅଞ୍ଚଳରେ ପୋଷ୍ଟର ମାରି ମାଓବାଦୀ ନିଜ ସ୍ଥିତି ଜାହିର କରିଛନ୍ତି। ପୋଷ୍ଟରରେ ଜନସାଧାରଣଙ୍କୁ ଜଙ୍ଗଲରୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ପାଇଁ ବାରଣ କରିଥିବା ସହ ଏହି ସବୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ବମ୍ ଖଞ୍ଜା ଯାଇଥିବା ଉଲ୍ଲେଖ ରହିଛି। ଗଞ୍ଜେଇ କାଟିବାକୁ ଆସୁଥିବା ପୋଲିସ କର୍ମଚାରୀ ଓ ବନ କର୍ମଚାରୀଙ୍କ ଉପରକୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏଥିସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବା, ସରକାରୀ ମଦ ଦୋକାନ ବନ୍ଦ ପାଇଁ ଉଲ୍ଲେଖ କରିବା ସହ ପିଏଲ୍ଜିଏ ୨୧ ତମ ଦିବସକୁ ଡିସେମ୍ବର ୨ରୁ ୮ ତାରିଖ ଯାଏ ସପ୍ତାହବ୍ୟାପୀ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। କ୍ରାନ୍ତିକାରୀ ଜନ ସରକାର(ଆରପିସି)କୁ ମଜବୁତ କରିବା ସହ ପିଏଲଜିଏରେ ଯୁବକ ଯୁବତୀମାନେ ଭର୍ତ୍ତି ହେବାକୁ ପୋଷ୍ଟରରେ ଲେଖାଯାଇଛି । ଶେଷରେ ସିପିଆଇ (ମାଓବାଦୀ)କେକେବିଏନ ଡିଭିଜନ କମିଟି ପୋଷ୍ଟରରେ ଉଲ୍ଲେଖ ଅଛି । ଏହି ମାଓ ପୋଷ୍ଟର ଲାଗିବା ପରେ ଅଞ୍ଚଳରେ କୋକୁଆ ଭୟ ଦେଖାଦେଇଛି। ଏ ନେଇ ବାଲିଗୁଡା ପୋଲିସ ତରଫରୁ କୌଣସି ପ୍ରକ୍ରିୟା ମିଳିପାରି ନାହିଁ।

## ୩ରୁ ଅଫ୍ଲାଇନରେ ପଞ୍ଜୀକରଣ

### ନବମ ଶ୍ରେଣୀ ସମେଟିଭ-୧ ପରୀକ୍ଷା

### ପୁଣି ସୁଯୋଗ ଦେଲା ବୋର୍ଡ

କଟକ ଅଫିସ,୩୦।୧୧

ନବମ ଶ୍ରେଣୀ ସମେଟିଭ-୧ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ହେଲେ ଏଥିପାଇଁ ନାମ ପଞ୍ଜୀକରଣ କରି ନ ଥିବାରୁ ରାଜ୍ୟର ଶତାଧିକ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ତେବେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ନାମ ପଞ୍ଜୀକରଣ ପାଇଁ ସେମାନଙ୍କୁ ପୁଣିଥରେ ସୁଯୋଗ ଦିଆଯିବ। ଏଥିପାଇଁ ବୋର୍ଡ ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପଞ୍ଜୀକୃତ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ରୁ ୭ ତାରିଖ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଅଫ୍ଲାଇନରେ ହେବ। ସ୍କୁଲଗୁଡିକର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସମସ୍ତ ତଥ୍ୟ ସହ ଆବଶ୍ୟକ ପ୍ରମାଣପତ୍ର ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରି ପଞ୍ଜୀକରଣ କରିପାରିବେ। ପରବର୍ତ୍ତୀ ସମୟରେ ଏଥିପାଇଁ କୌଣସି ତାରିଖ ପରିବର୍ତ୍ତନ ହେବନାହିଁ। ଯଦି କୌଣସି ଛାତ୍ରୀଛାତ୍ର ଏହି ସମୟ ମଧ୍ୟରେ ପଞ୍ଜୀକରଣରୁ ବଞ୍ଚିତ ହୁଅନ୍ତି ତେବେ ସେମାନେ ଦଶମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହେବେ। ସେମାନେ ଚାହିଁଲେ ପତ୍ର ବିନିୟମ ପାଠ୍ୟକ୍ରମରେ ନାମଲେଖାଇ ଦଶମ ଶ୍ରେଣୀ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି।

ଗତ ୨୬ ତାରିଖରୁ ତିନି ଦିନ ଧରି ଚାଲିଥିବା ଏହି ପରୀକ୍ଷା ଶେଷ ହେବା ପରେ ପ୍ରାୟ ୫୦ ପ୍ରତିଶତ ଛାତ୍ରୀଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡିଥିଲା। ନୂତନ ମୂଲ୍ୟାଙ୍କନ ନୀତି ଅନୁଯାୟୀ, ଯଦି ଜଣେ ନବମ ଶ୍ରେଣୀ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିନାହାନ୍ତି, ତା'ହେଲେ ସେ ମାଟ୍ରିକ ପରୀକ୍ଷା ଦେଇପାରିବେନାହିଁ । ଏଥିସହ ଯଦି ଛାତ୍ରୀଛାତ୍ର ନବମ ଶ୍ରେଣୀ ସମ୍ମେଟିଭ-୧ କିମ୍ବା ୨ର ମଧ୍ୟରୁ କୌଣସି ଗୋଟିଏ ପରୀକ୍ଷା ଦେଇ ନ ଥିବେ, ତା'ହେଲେ ସେ ଦଶମ ଶ୍ରେଣୀ ସମେଟିଭ-୧ ପାଇଁ ଫର୍ମପୂରଣ କରିପାରିବେ ନାହିଁ ।

## ହାଜର ହେଲେ ଖୋର୍ଦ୍ଧା ଜିଲାପାଳ, ସିଡିଏମ୍ଓ

### ହାଇକୋର୍ଟରେ କୁଷ୍ଠାଶ୍ରମ ଦୁରବସ୍ଥା ମାମଲା

କଟକ ଅଫିସ,୩୦।୧୧: ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମ ଦୁରବସ୍ଥା ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଯେଉଁ କୁଷ୍ଠରୋଗୀଙ୍କ ଆଧାର କାର୍ଡ ନାହିଁ ସେମାନଙ୍କୁ ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସେମାନେ ରାଶନ ସାମଗ୍ରୀ ପାଇପାରିବେ। ସେମାନଙ୍କର ଆଖି ଓ ଆଙ୍ଗୁଠି ନ ଥିବାରୁ ଆଧାର କାର୍ଡ ନାହିଁ ବୋଲି ହାଇକୋର୍ଟଙ୍କ ନଜରକୁ ଆସିଥିଲା। ପରେ ହାଇକୋର୍ଟ ଏହି ଘଟଣାକୁ ଗୁରୁତର ସହ ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାର ବାପୁଜୀ ଓ ଧନାବତୀ କୁଷ୍ଠାଶ୍ରମର ୪ କୁଷ୍ଠରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ବୋଲି ଆମିକସ୍କ୍ୟୁରୀ ତଥା ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର, ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଓ ପମି ରଥ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ମଙ୍ଗଳବାର ଅପରାହ୍ନରେ ଭିଡିଓ କନଫରେନ୍ସରେ ହାଇକୋର୍ଟରେ ହାଜର ହୋଇଥିଲେ। ଉକ୍ତ ସଙ୍କଟାପନ୍ନ କୁଷ୍ଠରୋଗୀଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯିବ। ସେହିପରି ବାଲେଶ୍ୱର ବାମପଦା କୁଷ୍ଠାଶ୍ରମରେ ନିର୍ମାଣାଧୀନ ବାସଗୃହକୁ ଆସନ୍ତା ଡିସେମ୍ବର ୩୦ ସୁଦ୍ଧା ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୫ ତାରିଖରେ ହେବ।

ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀ ବିପିନ ବିହାରୀ ପ୍ରଧାନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମର ଅବସ୍ଥା ସମ୍ପର୍କରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାରକରି ଜୁଲାଇ ୧୪ରେ ୩ ଜଣ ଆମିକସ୍କ୍ୟୁରୀ ନିଯୁକ୍ତ କରିଥିଲେ। ପରେ ସେମାନେ ବାମପଦାସ୍ଥିତ କୁଷ୍ଠାଶ୍ରମକୁ ଯାଇ ଗତ ଅଗଷ୍ଟ ୩ରେ ହାଇକୋର୍ଟଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। କୁଷ୍ଠାଶ୍ରମର ଅବସ୍ଥାରେ ସୁଧାର ଆଣିବା ଓ ସେଠାକାର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ଲାଗି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହି କାର୍ଯ୍ୟଗୁଡିକ ସମାପନ କରି ଅଗଷ୍ଟ ୧୬ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆମିକସ୍କ୍ୟୁରୀ ପୁରୀର ୨ଟି, ଜଟଣୀର ୨ଟି, ଖୋର୍ଦ୍ଧା ଓ ବାଲେଶ୍ୱରର ଗୋଟିଏ କୁଷ୍ଠରୋଗ କଲୋନୀ ପରିଦର୍ଶନ କରି ୩୨୦ ପୃଷ୍ଠା ସମ୍ବଳିତ ରିପୋର୍ଟ ଦାଖଲ କରିଥିଲେ।

## ୫ ଦଫା ଦାବିରେ ସମବାୟ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ): ରାଜ୍ୟର ୨୭୦୮ ସେବା ସମବାୟ ସମିତି ଓ ଲ୍ୟାମ୍ପ୍ସର କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଘୋଷଣା ସହ ୫ ଦଫା ଦାବିରେ ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ବିଧାନସଭା ଆଗରେ ଧାରଣା ଦିଆଯାଇଛି। ଏଥିସହ ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ୧୭ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର ଚୁପ୍ ବସିଛନ୍ତି ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। କର୍ମଚାରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। କର୍ମଚାରୀ ସଂଘର ସଭାପତି ସୀତାରାମ ପ୍ରଧାନ, ସମ୍ପାଦକ ଦିଗାମ୍ବର ନାୟକ, ଘନଶ୍ୟାମ ଜେନା, ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ଶରତ ସେଠୀ, ରସାନନ୍ଦ ଶଙ୍ଖୁଆ, ନିହାର ପ୍ରଧାନ, ଗିରୀଶ ଖିଲାର, ମିର୍ଜା ଅନୱାର ଅଲ୍ଲୀ ବେଗ୍, ରଣଜିତ୍ ଲାକ୍ରା, ଅନନ୍ତ ମହନ୍ତ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।





ପୋଲିସ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭିଡିଓ କନ୍ଫରେନ୍ସରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

## ପୋଲିସ କର୍ମଚାରୀଙ୍କ ପାଇଁ ୫୦୪ କ୍ୱାର୍ଟର୍ସର ଶିଳାନ୍ୟାସ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୋଲିସ କର୍ମଚାରୀଙ୍କ ଲାଗି ଭୁବନେଶ୍ୱରାରେ ୫୦୪ କ୍ୱାର୍ଟର୍ସ ନିର୍ମାଣ ସକାଶେ ଶିଳାନ୍ୟାସ କରିଛନ୍ତି। ଏହି କ୍ୱାର୍ଟର୍ସ ମଧ୍ୟରୁ ଦୁଇତୃତୀୟାଂଶ ଘର କନଷ୍ଟେବଲ ଏବଂ ହେଡ୍ କନଷ୍ଟେବଲଙ୍କୁ ପ୍ରଦାନ କରାଯିବ। ଯାଆଁଳଠାରେ ୫୬ଟି ଇ-ଟାଇପ୍ କ୍ୱାର୍ଟର୍ସ ନିର୍ମାଣ ଚାଲିଥିବା ବେଳେ ରିଜର୍ଭ ପୋଲିସ ଲାଇନରେ ୨୮ଟି ଡି-ଟାଇପ୍ କ୍ୱାର୍ଟର୍ସ, ତମାଣ୍ଡୋରେ ୨୮ ଇ-ଟାଇପ କ୍ୱାର୍ଟର୍ସ, ଏୟାର ଫିଲ୍ଡ ଅଞ୍ଚଳରେ ୨୮ଟି ଇ-ଟାଇପ କ୍ୱାର୍ଟର୍ସ, ବରଗଡ଼ ଅଞ୍ଚଳରେ ୨୮ଟି ଇ-ଟାଇପ କ୍ୱାର୍ଟର୍ସ, ରିଜର୍ଭ ପୋଲିସ ଲାଇନରେ ୨୮ଟି ଏଫ୍- ଟାଇପ କ୍ୱାର୍ଟର୍ସ, ଲକ୍ଷ୍ମୀସାଗର ଅଞ୍ଚଳରେ ୨୮ ଏଫ୍-ଟାଇପ କ୍ୱାର୍ଟର୍ସ, ବରଗଡ଼ ଅଞ୍ଚଳରେ ୨୮ ଏଫ୍-ଟାଇପ କ୍ୱାର୍ଟର୍ସ ଏବଂ ରିଜର୍ଭ ପୋଲିସ ଲାଇନ ଅଞ୍ଚଳରେ ମଧ୍ୟ ୨୮ ଏଫ୍-ଟାଇପ କ୍ୱାର୍ଟର୍ସ ନିର୍ମାଣ ହେବ। ଏହାବାଦ୍ ୨୨୪ ଏଫ୍-ଟାଇପ କ୍ୱାର୍ଟର୍ସ ଭୁବନେଶ୍ୱରସ୍ଥିତ ୟୁପିଟିଆଇ କ୍ୟାମ୍ପସ୍ରେ ନିର୍ମାଣ ହେବ। ଏହି ଅବସରରେ ପୋଲିସ ଡିଜି ଅଭୟ, ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁରେଶ୍ୱରୀଙ୍କ ରୁପା ମୁକୁଟ, ଛତ୍ର ଚୋରି



ମନ୍ଦିର ସମ୍ମୁଖରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି ।

### ସହରର ୫ ମନ୍ଦିରରେ ସିରିଜ୍ ଚୋରି ନେଇ ଅସନ୍ତୋଷ

ସୋନପୁର,୩୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଫାଟକ ଓ ଗମ୍ଭୀରା ତାଲା ଭାଙ୍ଗି ମା ପିନ୍ଧିଥିବା ରୁପା ମୁକୁଟ ଓ ରୁପାରେ ନିର୍ମିତ ୨ଟି ଛତ୍ର ଚୋରି କରି ନେଇଛନ୍ତି। ସହରର ସୁବର୍ଣ୍ଣମେରୁ ଶୈବପୀଠ ପରିସରରେ ଥିବା କାଳୀ ମନ୍ଦିର ତାଲା ଭାଙ୍ଗି ମା'ଙ୍କ ନୁଥ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ସହରର ଭଗବତୀ ପ୍ଲଟସ୍ଥିତ ଗଣେଶ ମନ୍ଦିର ତାଲା ଭାଙ୍ଗି ଦାନବାକ୍ସ ଚୋରି ହୋଇଥିବା ବେଳେ ସ୍ଥାନୀୟ ଓମକାର ମନ୍ଦିର ଓ ହଳଧର ବାବାଙ୍କ ମନ୍ଦିରରୁ ଚୋରି ଉଦ୍ୟମ ହୋଇଛି। ଗୋଟିଏ ରାତିରେ ଜିଲା ସଦର ମହକୁମାର ୫ଟି ଧାର୍ମିକ ଅନୁଷ୍ଠାନରୁ ସିରିଜ୍ ଚୋରି ହେବା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମଙ୍ଗଳବାର ସକାଳେ ପୂଜକ ବିରଞ୍ଚି ଥନାପତି ଓ ଶୁଭାଶିଷ ଥନାପତି ସୁରେଶ୍ୱରୀ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ମନ୍ଦିରର ମୁଖ୍ୟ ଫାଟକ ଓ ଗମ୍ଭୀରା ଫାଟକ ତାଲା ଭଙ୍ଗା ହୋଇ ଦେବୀଙ୍କ ମୁକୁଟ ଚୋରି ହୋଇଥିବା ଦେଖିଥିଲେ। ପୂଜକଦ୍ୱୟ ଦେବୋତ୍ତର ଅଧିକାରୀଙ୍କୁ ଜଣାଇବା ସହ ସୋନପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର ମଧ୍ୟ ମନ୍ଦିରରୁ ଚୋରି ନେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସୁବର୍ଣ୍ଣପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମକାନ୍ତ ପାଢ଼ୀ, ଏସ୍ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଓ ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିଛନ୍ତି। ମନ୍ଦିରରେ ଲାଗିଥିବା ସିସିଟିଭି ୪ ମାସ ହେବ କାମ କରୁ ନଥିବା ବେଳେ ତାକୁ ସଜାଡିବାରେ ଦେବୋତ୍ତର ବିଭାଗ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଗତ ସୋମବାର ରାତିରେ ଜିଲାର ରାମପୁର ଶିବମନ୍ଦିର ଓ ୪ ଦିନ ପୂର୍ବରୁ ବିନିକା ଥାନା ଜାମଘାଟିପାଲି ମନ୍ଦିରରୁ ଚୋରି ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ହୋଇଛି। ମନ୍ଦିରରେ ବାରମ୍ବାର ଚୋରି ହେଉଥିବାରୁ ଜନସାଧାରଣ ପୋଲିସ ଓ ଦେବୋତ୍ତର ବିଭାଗକୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ ଗତ ତିନିବର୍ଷ ମଧ୍ୟରେ ସୁରେଶ୍ୱରୀ ମନ୍ଦିରରୁ ୫ଥର ଚୋରି ହେଲାଣି। ପୂର୍ବ ଚୋରି ଘଟଣାରେ ଅଭିଯୁକ୍ତ ଏ ଯାଏ ଗିରଫ ହୋଇନାହାନ୍ତି।

### ପ୍ରଥମ ପୃଷ୍ଠାରୁ...

### ଜାଲିଆତି ଧରିଲେ...

ଶେଷରେ ଉକ୍ତ ମାଇନିଂ ପ୍ଲାନ୍କୁ ଢେଙ୍କାନାଳସ୍ଥିତ ଜିଓଲୋଜି ଜୋନାଲ ସର୍ଭେ ଅଫିସ୍ର ତତ୍କାଳୀନ ଯୁଗ୍ମ ନିର୍ଦ୍ଦେଶକ ଅମିୟ କୁମାର ରାଉତ ଅନୁମୋଦନ କରିଥିଲେ। ଭୁଲ୍ ମାଇନିଂ ପ୍ଲାନ ମଞ୍ଜୁରୀ କରିଥିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯୁଗ୍ମ ନିର୍ଦ୍ଦେଶକ ରାଉତଙ୍କୁ ମଧ୍ୟ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ମାମଲାରେ ମତ ଦେବା ପାଇଁ କମ୍ପିଟାଣ୍ଟ ଅଥରିଟି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଲୋକାୟୁକ୍ତ ନୋଟିସ ଦେଇଛନ୍ତି।

ଆଉ ଏକ ସାଂଘାତିକ ଜାଲିଆତି ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଖାଦାନ ପାଇଁ ଏନ୍ଜିଟି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ଏନ୍ଜିଟି ନିୟମ ଅନୁଯାୟୀ ଖାଦାନ(ବିସ୍ଫୋରଣ ହେଉ ନ ଥିବା)ଠାରୁ ଜନବସତି ଅତିକମ୍ରେ ୧୦୦ ମିଟର ଦୂରରେ ରହିବା ଆବଶ୍ୟକ। ସେହିପରି ଯେଉଁ ଖାଦାନରେ ବିସ୍ଫୋରଣ କରାଯାଇ ଉତ୍ତୋଳନ କରାଯାଉଛି ସେଠାରୁ ଜନବସତି ସର୍ବନିମ୍ନ ୨୦୦ ମିଟର ରହିବା କଥା। କିନ୍ତୁ ଲିଜ୍ ଦିଆଯାଇଥିବା ଆରୁହା ଖାଦାନଠାରୁ ଜନବସତି ୪୦ ମିଟର ଦୂରରେ ରହିଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଏଭଳିସ୍ଥଳେ ଡିଷ୍ଟ୍ରିକ୍ଟ ଏନ୍ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍ମେଣ୍ଟ ଅଥରିଟି (ଡିଇଆଇଏଏ) କିଭଳି ଖଣି ଖନନ ପାଇଁ ପରିବେଶ ମଞ୍ଜୁରୀ ଦେଲେ ସେନେଇ ଲୋକାୟୁକ୍ତ ପ୍ରଶ୍ନ ଉଠାଇଛନ୍ତି। ତେଣୁ ଡିଇଆଇଏଏ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍ପିସିବି) ଦେଇଥିବା ପରିବେଶ ମଞ୍ଜୁରୀର ବିସ୍ତୃତ ରିପୋର୍ଟ ସଂଗ୍ରହ କରିବାକୁ ତଦନ୍ତ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୧୩।୧।୨୦୨୨କୁ ଧାର୍ଯ୍ୟ କରାଯାଇଛି।

ସୂଚନାଥାଉ କି, ୧।୯।୨୦୧୭ରେ ଆରୁହା କଳା ପଥର ଖାଦାନ-୧ ଲିଜ୍ ପାଇଁ ଧର୍ମଶାଳା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତ୍ରିନାଥ ଜେନାଙ୍କୁ ୫ ବର୍ଷିଆ (୪।୧୨।୨୦୧୭ରୁ) ଲିଜ୍ ପ୍ରଦାନ କରାଯାଇଥିଲା। ଜମି ରେକର୍ଡ ଅନୁସାରେ ଆରୁହା ପାହାଡ଼ରେ ୧୫୩.୬୩୦ ଏକର କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୩ ଏକର ଖାଦାନ ଲିଜ୍ ଦିଆଯାଇଥିବାବେଳେ ଚଞ୍ଚକତା କରି ପ୍ରାୟ ୧୦୦ ଏକର ପର୍ଯ୍ୟନ୍ତ କଳା ପଥର ବେଆଇନ ଭାବେ ଉତ୍ତୋଳନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି। ଏଥିରେ ସ୍ଥାନୀୟ ପୋଲିସ ଓ ଧର୍ମଶାଳା ତହସିଲ ପ୍ରଶାସନର କେତେଜଣ ସହଯୋଗୀ ହୋଇଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କ ଅଭିଯୋଗ କ୍ରମେ ଓଡ଼ିଶା ଲୋକାୟୁକ୍ତରେ ୧୩୫୫/୨୦୨୦ରେ ଏକ ମାମଲା ରୁଜୁ ହୋଇଛି। ଖଣି ବିଭାଗର ବିଶେଷଜ୍ଞ ଦଳ ଦ୍ୱାରା ମାପଚୁପ କରାଗଲେ ଲୁଟ୍ ହୋଇଥିବା କଳାପଥରର ମୂଲ୍ୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆବେଦନକାରୀ ବେହୁରା କହିଛନ୍ତି।

### ଦ୍ୱିତୀୟ ତ୍ରୈମାସ ...

ଅର୍ଥ ବ୍ୟବସ୍ଥା ଯଥାକ୍ରମେ ୧.୬% ଏବଂ ୨୦.୧% ଅଭିବୃଦ୍ଧି ହାସଲ କରିଥିଲା। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୦.୧% ବଢ଼ିଥିଲା, ଯାହା ଗୋଟିଏ ବର୍ଷ ତଳେ ସମାନ ଅବଧିରେ ୨୪.୪% ଖସିଥିଲା। କରୋନା କଟକଣା କୋହଳ ହେବା ଯୋଗୁ ଦେଶର ସେବା କ୍ଷେତ୍ର କାର୍ଯ୍ୟକଳାପ ବର୍ତ୍ତମାନ ଟ୍ରାକ୍କୁ ଫେରିଛି। ସେହିଭଳି ଟିକାକରଣ ଏବଂ ସରକାରଙ୍କ ଖର୍ଚ୍ଚ ଯୋଗୁ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ ଏହା ସହାୟକ ହେଉଛି। ଅକ୍ଟୋବରରେ ରିଜର୍ଭ ବ୍ୟାଙ୍କ ଏହାର ଆକଳନରେ ଭାରତର ଜିଡିପି ଅଭିବୃଦ୍ଧିକୁ ୯.୫%ରେ ସ୍ଥିର ରଖିଥିଲା। ତେବେ ଦ୍ୱିତୀୟ ତ୍ରୈମାସରେ ୭.୯%, ତୃତୀୟରେ ୬.୮% ଏବଂ ଚତୁର୍ଥ ତ୍ରୈମାସରେ ଜିଡିପି ୬.୧% ରହିବ ବୋଲି ପୂର୍ବରୁ ଆର୍ବିଆଇ ଆକଳନ କରିଛି। ଏଭଳି ସ୍ଥିତିରେ କୃଷିକ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ଯୋଗୁ ସୁଧାର ପ୍ରକ୍ରିୟାକୁ ସହାୟତା ମିଳୁଛି ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ମାତ୍ର ବିଶ୍ୱ ବଜାର ଚାପ, ମାନୁଫାକ୍ଚରିଂ ଖର୍ଚ୍ଚ ବୃଦ୍ଧି ଏବଂ କରୋନାର ନୂଆ ଭାରିଆଣ୍ଟ ଅର୍ଥ ବ୍ୟବସ୍ଥା ଲାଗି ଚାପ ସୃଷ୍ଟି କରିବା ଆଶଙ୍କା ରହିଥିବା ବିଶେଷଜ୍ଞ ମତ ପୋଷଣ କରିଛନ୍ତି।

### ଓଡ଼ିଶା ଚାଷୀଙ୍କ ଆୟ ...

ତଥ୍ୟ ଗୃହରେ ରଖିଥିଲେ। ତୋମାର କହିଥିଲେ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ପକ୍ଷରୁ ୨୦୧୯ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଗ୍ରାମାଞ୍ଚଳରେ ଘର ପିଛା କୃଷି ଓ ପ୍ରାଣୀ ସମ୍ପଦ ଉପରେ ସମୀକ୍ଷା ସମ୍ପର୍କିତ ୭୭ତମ ପର୍ଯ୍ୟାୟ ସର୍ବେକ୍ଷଣ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୱାରି କୃଷକ ପରିବାର ପିଛା କୃଷକ ମାସିକ ହାରାହାରି ଆୟ ଓ ଖର୍ଚ୍ଚକୁ ଏଥିରେ ହିସାବ କରାଯାଇଥିଲା। ଉକ୍ତ ହିସାବ ଅନୁସାରେ ଓଡ଼ିଶାର ଚାଷୀ ମାସକୁ ଚାଷ ପାଇଁ ୧୫୮୭ ଓ ଗୃହପାଳିତ ପଶୁ ପାଳନ ଲାଗି ୩୯୨ ଟଙ୍କା ଖର୍ଚ୍ଚ କରିଥାଆନ୍ତି ବୋଲି ତୋମାର ପାର୍ଲାମେଣ୍ଟକୁ ଅବଗତ କରାଇଛନ୍ତି।

ଅନ୍ୟପକ୍ଷେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ର ସରକାର ୨୦୧୬ ଏପ୍ରିଲରେ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ଏହି ଲକ୍ଷ୍ୟ ହାସଲ ପାଇଁ କେତେକ ପ୍ରସ୍ତାବ ସୁପାରିସ କରିବାକୁ କହିଥିଲେ। ୨୦୧୮ ସେପ୍ଟେମ୍ବରରେ ଉକ୍ତ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବା ପାଇଁ ଏଥିରେ କେତେକ ପ୍ରସ୍ତାବ ଦିଆଯାଇଥିଲା। ଡବଲିଂ ଅଫ୍ ଫାର୍ମର୍ସ ଇନ୍କମ୍ (ଡିଏଫ୍ଆଇ) କମିଟିର ସୁପାରିସଗୁଡ଼ିକୁ ଗ୍ରହଣ କରି ଏଦିଗରେ ଅଗ୍ରଗତି ଅନୁଧ୍ୟାନ ଓ ସମୀକ୍ଷା ଲାଗି ସରକାର ଏକ 'ଏମ୍ପାୱାର୍ଡ ବଡି' ଗଠନ କରିଥିବା ତୋମାର କହିଛନ୍ତି।

### ପାନଗାରିୟାଙ୍କୁ ...

ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ରେ କେନ୍ଦ୍ର ଧାର୍ଯ୍ୟ କରିଥିବା କୁଇଣ୍ଟାଲ ପିଛା ଏମ୍ଏସ୍ପି ୧୭୫୦ ଟଙ୍କାରେ ରାଜ୍ୟ ସରକାର ୫୧.୪୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିବା ବେଳେ ୨୦୧୯-୨୦ରେ କୁଇଣ୍ଟାଲ ପିଛା ୧୮୧୫ ଟଙ୍କାରେ ୬୫.୪୯ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲା। ସେହିପରି ୨୦୨୦-୨୧ରେ ଉଭୟ ରବି ଓ ଖରିଫ ଋତୁରେ ୩୦ଜିଲାରୁ ୧୨ଲକ୍ଷ ୯୪ ହଜାର ୬୪୭ ଜଣ ଚାଷୀଙ୍କଠାରୁ ଏମ୍ଏସ୍ପି ୧,୮୬୮ ଟଙ୍କାରେ ୭୭.୩୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ତେବେ ୨୦୨୧-୨୨ ଖରିଫ ଋତୁରେ ସରକାର ଚାଷୀଙ୍କ ଠାରୁ ୧,୯୪୦ ଟଙ୍କା ଏମ୍ଏସ୍ପିରେ ଉଭୟ ଖରିଫ ଓ ରବି ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସରକାର ଚାଷୀଙ୍କଠାରୁ ଧାନ ଓ ଅନ୍ୟାନ୍ୟ ଫସଲ କେନ୍ଦ୍ର ଧାର୍ଯ୍ୟ କରିଥିବା ଏମ୍ଏସ୍ପି ଦେଇ କ୍ରୟ କରି ଆସୁଛନ୍ତି। ଭାରତୀୟ ଖାଦ୍ୟ ନିଗମ (ଏଫ୍ସିଆଇ), ଜାତୀୟ କୃଷି ସମବାୟ ବିପଣନ ମହାସଂଘ(ନାଫେଡ୍) ଭଳି କେନ୍ଦ୍ର ସରକାରଙ୍କ ସଂସ୍ଥା ଓଡ଼ିଶା ଚାଷୀଙ୍କଠାରୁ ଧାନ କିଣାରେ ସାମିଲ ଅଛନ୍ତି। ଏକଥା ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ କେମିତି ଜାଣିପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟର କଥା ବୋଲି ସେ କହିଛନ୍ତି।

### ଖବରକାଗଜ ବିତରକଙ୍କ ...

କୋଭିଡ୍ ଯୋଗୁ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୁଃସ୍ଥିତିକୁ ଦୃଷ୍ଟିରେ ରଖି ସବୁ ପଞ୍ଜୀକୃତ ଖବରକାଗଜ ବିତରକମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩୦୦୦ ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ଦେବା ପାଇଁ ନିଷ୍ପତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ।

କାମ କରିବା ପାଇଁ ବହୁତ ସମୟରେ ବିତରକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହି ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟ ସରକାର ସେମାନଙ୍କ ପାଇଁ ଜିଲାସ୍ତରରେ ଉପଯୁକ୍ତ ୱାର୍କଶେଡ୍ ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି ।

ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ଓ ଜିଲାସ୍ତରରେ ବିତରକମାନଙ୍କର ଏକ ଡିଜିଟାଲ ଡାଟାବେସ୍ ପରିଚାଳନା କରାଯାଇ ସମସ୍ତ ବିତରକମାନଙ୍କୁ ଜିଲା ସ୍ତରରେ ଯାଞ୍ଚ କରାଯାଇ ପରିଚୟ ପତ୍ର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଜିରୋନାଇଟ୍ ସେଲିବ୍ରେଶନରେ ...

ଯେହେତୁ ଜିରୋନାଇଟ୍ରେ ଲୋକଙ୍କର ଗହଳି ଅଧିକ ହେବ, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। କରୋନାର ନୂଆ ଭାରିଆଣ୍ଟ ଯୋଗୁ ସଂକ୍ରମଣ ମାମଲା ବଢୁଥିବାରୁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଗାଇଡ୍ଲାଇନ ଡିସେମ୍ବର ୧ରୁ ଜାନୁୟାରୀ ୧ ଯାଏ ବଳବତ୍ତର ରହିବ ।

ପୂର୍ବଭଳି ସମସ୍ତ ସହରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ସାମାଜିକ, ଧାର୍ମିକ ଓ ରାଜନୈତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ବାଣିଜ୍ୟ ମେଳା, ପ୍ରଦର୍ଶନୀ ମଧ୍ୟ ବନ୍ଦ ରହିବ। ତେବେ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଶାସନ ଅନୁମତି କ୍ରମେ ସର୍ବାଧିକ ୨ ହଜାର ଲୋକଙ୍କୁ ନେଇ ହୋଇପାରିବ। କୋଭିଡ୍ କଟକଣା ମଧ୍ୟରେ ୫୦% ସିଟ୍ କ୍ଷମତାରେ ସିନେମା ହଲ୍ ଚାଲିବ। ବାହାଘର, ବ୍ରତ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ସର୍ବାଧିକ ୨୫୦ ଜଣ ସାମିଲ ହୋଇପାରିବେ।

ରାତ୍ରିକାଳୀନ କର୍ଫ୍ୟୁ ସମୟରେ ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟସେବା, ଜଳ ଯୋଗାଣ, ବିଦ୍ୟୁତ୍, ନିର୍ମାଣ କାର୍ଯ୍ୟ, କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁ ରହିବ। ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜର ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସ୍ଷ୍ଟାଣ୍ଡରୁ ଅଟୋରିକ୍ସା ବା କ୍ୟାବ୍ ଚାଳକମାନେ ଯାତ୍ରୀ ନେବାଆଣିବା କରିପାରିବେ।

ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସକାଳ ୫ଟାରୁ ରାତି ୧୦ଟା ଯାଏ ଖୋଲା ରହିବ। ବ୍ୟବସାୟ ସମୟରେ ଦୋକାନ ମାଲିକ, ମଲ୍ ପରିଚାଳନା କର୍ତ୍ତୃପକ୍ଷ ଗ୍ରାହକମାନେ ଯେପରି କୋଭିଡ୍ ନିୟମ ଉଲ୍ଲଂଘନ ନ କରିବେ ତାହା ନିଶ୍ଚିତ କରିବେ। ଶାରୀରିକ ଦୂରତା, ମାସ୍କ ପିନ୍ଧିବା, ସାବୁନ କିମ୍ବା ସାନିଟାଇଜରରେ ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଉଲ୍ଲଂଘନ କଲେ ଆପରାଧିକ ମାମଲା ରୁଜୁ କରାଯିବ। ତେବେ ସ୍ଥଳ ବିଶେଷରେ ଜିଲାପାଳ ଓ ମହାନଗର ନିଗମ କମିଶନର, ପୋଲିସ କମିଶନର ମଧ୍ୟ ନିଜ କ୍ଷମତା ଉପଯୋଗ କରି ଅତିରିକ୍ତ କଟକଣା ଜାରି କରିପାରିବେ ବୋଲି ଏସ୍ଆରସି କହିଛନ୍ତି।

## ଚାଷୀଙ୍କ ପାଇଁ...

- ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।
- ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସହଳ କିସମ ଫୁଲକୋବିରେ ଶୌଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।
- ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।
- ଏକର ପ୍ରତି ୪ କେ.ଜି. ହିସାବରେ



ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ପିଆଜର ଉନ୍ନତ ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ଫୁଲଚାଷରେ ଖତ ପ୍ରୟୋଗ

ଫୁଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳ ଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା -



ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।

## ଗହମରେ ଘାସ ନିୟନ୍ତ୍ରଣ

ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକୀୟ ଅନୁମୋଦିତ ବିହନ ଯଥା - ସୋନାଲିକା, ପି.ବି.ଡବ୍ଲୁ.-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ



୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।

# ଡାଲୁଅ ଧାନଚାଷ



ଡାଲୁଅ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷଶୁଦ୍ଧା ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ। ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍.ଟି.ୟୁ.-୧୦୦୧ ଚୟନ କରିପାରନ୍ତି।

**ଧାନ :** ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ।

**ଗହମ :** ବୁଣିବାର ୨୧ ଦିନପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

**ଡାଲିଜାତୀୟ ଫସଲ :** ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ସଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ପ୍ରୟୋଗ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦମ :** ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

**ସୋରିଷ :** ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ମତ୍ସ୍ୟଚାଷ :** ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

**ପିଆଜ :** ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର,*
*ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,*
*ଓୟୁଏଟି, ଭୁବନେଶ୍ୱର*

## ଆଖୁ କାଟିବା ପୂର୍ବରୁ

ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ମଣ୍ଡିରେ ଖରିଫ ପାଇଁ ଧାନ ସଂଗ୍ରହ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ଓଡ଼ିଶା ସରକାର ୨୦୨୧-୨୨ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପଞ୍ଜୀକୃତ କୃଷକଙ୍କଠାରୁ ମଣ୍ଡି ମାଧ୍ୟମରେ ଉପରୋକ୍ତ ପରିମାଣର ଧାନ କ୍ରୟ କରାଯିବ। ଚଳିତ ବର୍ଷ ନଭେମ୍ବର ୧ରୁ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖରିଫ ଧାନ ସଂଗୃହୀତ ହେବ। ଧାନ ବିକ୍ରୟ ପାଇଁ ଖରିଫ୍ ୨୦୨୧-୨୨ ବିକ୍ରୟ ବର୍ଷରେ ୧୫ ଲକ୍ଷ ୭୪ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଓଡ଼ିଶାର ୭ଟି ଜିଲାରେ ସାଟେଲାଇଟ୍ ମାଧ୍ୟମରେ ପଞ୍ଜୀକୃତ ଚାଷ ଓ ବାସ୍ତବିକ ଚାଷକୁ ଯାଞ୍ଚ କରାଯିବ। ଓଡ଼ିଶାରେ ୨୦୧୬ ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍, ୨୫୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ୪ ପାଣି ପଞ୍ଚାୟତ, ୩୮୪୦ ମଣ୍ଡିଗୁଡ଼ିକ ଦ୍ୱାରା ଧାନ କ୍ରୟ କରାଯିବ। ଚାଷୀଙ୍କ ଦ୍ୱାରା ମଣ୍ଡି ବା ବିକ୍ରୟସ୍ଥଳକୁ ଆସୁଥିବା ଧାନର ଶୁଦ୍ଧତା ପରୀକ୍ଷା କରାଯିବ। ଧାନରୁ ମାଟିଗୋଡ଼ି, ଅଗାଡ଼ି, ଭାଙ୍ଗିଯାଇଥିବା ଧାନ, କୁରୂପ ଧାନ, କଣ୍ଡାଧାନ, ବେରଙ୍ଗ ଧାନ, ଗଜା ହୋଇଥିବା ଧାନ ଇତ୍ୟାଦିକୁ ବାଦ୍ ଦିଆଯାଇ ସମ୍ପୂର୍ଣ୍ଣ ଶୁଦ୍ଧ ଧାନକୁ ଗ୍ରହଣ କରାଯିବ। ଶତକଡ଼ା ୧୭ ଭାଗ ଆର୍ଦ୍ରତା ଥିବା ଧାନ ଗ୍ରହଣୀୟ ହେବ। ଶୁଦ୍ଧ ଓ ଶୁଷ୍କ ଧାନକୁ ନିମ୍ନତମ ସହାୟକ ମୂଲ୍ୟରେ ମଣ୍ଡି କ୍ରୟ କରିବେ। ସାଧାରଣ ଧାନକୁ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଦରରେ ଏବଂ 'ଏ' ଗ୍ରେଡ୍ ଧାନକୁ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଦରରେ କ୍ରୟ କରାଯିବ। ଫିମ୍ପି ମାରି ନ ଥିବା, ଦୁର୍ଗନ୍ଧଯୁକ୍ତ ହୋଇ ନ ଥିବା, ଉତ୍ତମ ଗୁଣବତ୍ତା ଥିବା ଧାନକୁ କିଣାଯିବ। ଧାନ ସଂଗ୍ରହ ପାଇଁ ମିଲ୍ ମାଲିକ, ପରିବହନ ଠିକାଦାର ଇତ୍ୟାଦିଙ୍କୁ ଜିଲାପାଳ ସ୍ଥିର କରିବେ। ଚାଷୀମାନଙ୍କୁ ଧାନ ବିକ୍ରୟର ତାରିଖ, ସମୟ, ସ୍ଥାନ ଏସ୍.ଏମ୍.ଏସ୍. ଜରିଆରେ ଆଗୁଆ ଜଣାଇ ଦିଆଯିବ ଏବଂ ସେହିଦିନ ଚାଷୀମାନେ ମଣ୍ଡିକୁ ଧାନ ନେଇ ବିକ୍ରୟ କରିବେ। ଧାନ ବିକ୍ରୟର ୨୪ ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ବିକ୍ରୟ ମୂଲ୍ୟ ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଜମା କରାଯିବ। ଜିଲାସ୍ତରୀୟ କ୍ରୟ କମିଟି ସପ୍ତାହର କେଉଁଦିନ ମଣ୍ଡି ଖୋଲିବ ତାହା ସ୍ଥିର କରିବେ। ଚାଷୀମାନେ ପରିଚୟପତ୍ର ହିସାବରେ ନିଜର ଆଧାର କାର୍ଡକୁ ଉପଯୋଗ କରିବେ।

ଆଧାର କାର୍ଡ ନ ଥିଲେ ଆଧାର ପଞ୍ଜୀକରଣ କରିଥିବା ପ୍ରମାଣପତ୍ର ଗ୍ରହଣୀୟ ହେବ। ଆଗରୁ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ଧାନ ସଂଗ୍ରହ ବ୍ୟବସ୍ଥାରେ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଉତ୍ସାହିତ କରାଯିବ। ସରକାରଙ୍କର ଧାନ ସଂଗ୍ରହ ନୀତି ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଅଭାବୀ ବିକ୍ରିରୁ ରକ୍ଷା କରୁଥିବା ବେଳେ ଏହାର କାର୍ଯ୍ୟକାରିତାରେ କେତେକ ତ୍ରୁଟି ପରିଲକ୍ଷିତ ହେଉଛି। ମିଲର୍ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ୨୦୨୦ ମସିହାରେ ପ୍ରାୟ ୨୦ ହଜାରରୁ ଅଧିକ ପଞ୍ଜୀକୃତ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକ୍ରି କରିପାରିଲେନି। ଲକ୍ଷ୍ୟଠାରୁ ଅଧିକ ଧାନ କ୍ରୟ କରାଗଲା ବୋଲି ସରକାର ଡିଣ୍ଡିମ ପିଟିଲେ। ସେହିପରି ମଣ୍ଡିକୁ ଧାନ ଦେଇ ଶୀତକାକରରେ ରାତିବିତାଇ ମଣ୍ଡି ଅବ୍ୟବସ୍ଥା ଓ ମିଲ୍‌ରଙ୍କ ଅସହଯୋଗ ଯୋଗୁ ଚାଷୀ ଟୋକନ୍ ପାଇ ମଧ୍ୟ ଧାନ ବିକ୍ରି କରିପାରୁନାହାଁନ୍ତି। ଅଦିନିଆ ବର୍ଷା ଯୋଗୁ କୁଇଣ୍ଟାଲ କୁଇଣ୍ଟାଲ ମିଲର୍ ଓ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏପ୍ରକାର ପରିସ୍ଥିତି ଉପୁଜୁଛି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ପୁଣି ମଣ୍ଡିରେ ଧାନର ମାନ ନିର୍ଦ୍ଧାରଣ କରିବାକୁ ଯାଇ ଆବଶ୍ୟକତାରୁ ଅଧିକ ପରିମାଣର ଧାନର କଟ୍‌ନୀଛଟ୍‌ନୀ କରାଯାଉଛି; ଯାହା ଫଳରେ ଚାଷୀ କ୍ଷତି ସହୁଛି। ମଣ୍ଡିକୁ ଧାନ ନବାପାଇଁ ପରିବହନ ଖର୍ଚ୍ଚ, ଖୋଟ ଅଖା, ଶ୍ରମିକ ମଜୁରି ଇତ୍ୟାଦିରେ ଚାଷୀ ଖର୍ଚ୍ଚାନ୍ତ ହେଉଛି। ଚାଷୀର ଉତ୍ପାଦନ ଖର୍ଚ୍ଚଠାରୁ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ କମ୍ ହୋଇଥିବାରୁ ଚାଷୀ କ୍ଷତି ସହୁଛି। ମଣ୍ଡିରେ ମିଳୁଥିବା ବଜାର ମୂଲ୍ୟ ଅପେକ୍ଷାକୃତ କିଛିଟା ଅଧିକ ରହୁଥିବାରୁ ଚାଷୀ ବାଧ ହୋଇ ମଣ୍ଡିକୁ ଧାନ ଆଣୁଛି। ମଣ୍ଡିରେ ଧାନ ବିକିବା ପାଇଁ ଆନୁଷଙ୍ଗିକ ଖର୍ଚ୍ଚ, ଟୋକନ୍‌ର ଅବ୍ୟବସ୍ଥା, ଧାନର ମାନ ନିର୍ଦ୍ଧାରଣ, କଟ୍‌ନୀଛଟ୍‌ନୀ, କର୍ମଚାରୀଙ୍କ ଶୋଷଣ, ମିଲର୍‌ମାନଙ୍କ ମନମୁଖି କାରବାର ଅନ୍ନଦାତାଙ୍କୁ ହତୋତ୍ସାହିତ କଲାବେଳେ ମଣ୍ଡିର ଅଧିକ ମୂଲ୍ୟ କିଛିମାତ୍ରାରେ ଉତ୍ପାଦନ ଖର୍ଚ୍ଚକୁ ଭରଣା କରିବାରେ ସହାୟକ ହେଉଛି। ଧାନ କ୍ରୟରେ ହେଉଥିବା ଅବ୍ୟବସ୍ଥାକୁ ସୁଧାରି ଦେଶର ମେରୁଦଣ୍ଡ କୃଷକଙ୍କ ଆର୍ଥିକ ସ୍ଥିତି ଓ କଲ୍ୟାଣ ପାଇଁ କିଛି ବୋନସ୍ ସହାୟତା ଲାଗି ସରକାର ଆଗେଇ ଆସିବାକୁ ନିବେଦନ କରୁଛୁ।

ମୋ : ୬୩୭୦୦୮୪୩୫୮



# କୁକୁଡ଼ା ପାଳନ

କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଜରୁରୀ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ।



ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

## ଶୀତଦିନିଆ ପନିପରିବା

ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହା ପତ୍ରର ଉପର ଓ ତଳପାଖରେ ପଡ଼ିବା ଆବଶ୍ୟକ। ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୧/୨୦୨୧ Sambalpur, Wednesday, December 1/ 2021

## କୁଚ୍ ବିହାର ଟ୍ରଫି: ସାଇଦୀପ, ଆଶୀର୍ବାଦଙ୍କ ଅର୍ଦ୍ଧଶତକ

**ଭୁବନେଶ୍ୱର,୩୦।୧୧:** ପୁଣେର ଆଜାମ କ୍ୟାମ୍ପସ୍‌ରେ ଚାଲିଥିବା ବିଦର୍ଭ ବିପକ୍ଷ କୁଚ ବିହାର ଟ୍ରଫି ମ୍ୟାଚ୍‌ରେ ଓଡ଼ିଶା ସଂଘର୍ଷ ଜାରି ରଖିଛି। ଟସ୍ ହାରି ବିଦର୍ଭ ପ୍ରଥମ ଇନିଂସରେ ୭୬.୨ ଓଭରରେ ୩୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୫ ଓଭରରେ ୭ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ୩ ଉଇକେଟ ହାତରେ ଥାଇ ୮୧ ରନ ପଛରେ ପଡିଛି। ଖେଳ ଶେଷ ବେଳକୁ ସାଇଦୀପ ମହାପାତ୍ର ୮୬ ରନକରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୮୩, ମହମ୍ମଦ ସୋହେଲ ଖାଁ ୨୪, ସାରାଂଶ କୁମାର ୨୧ ରନ ସଂଗ୍ରହ କରି ଆଉଟ ହୋଇଛନ୍ତି। ବିଦର୍ଭର ଗୌରାନ ଫାର୍ଡେ ୪ ଓ ମହମ୍ମଦ ଆଦନାନ କମଲ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨/୦ ରୁ ଓଡ଼ିଶା ଖେଳ ଆରମ୍ଭ କରିଥିଲା। ବୁଧବାର ତୃତୀୟ ଦିବସ ଖେଳ ଆରମ୍ଭ ହେବ।

# ମେସିଙ୍କୁ ସପ୍ତମ ବାଲନ ଡି'ଅର ପୁରସ୍କାର

**ପ୍ୟାରିସ୍,୩୦।୧୧**

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ପୁଣି ଥରେ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପୁରସ୍କାର ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି। ଏଥିସହ ସେ ରେକର୍ଡ ସପ୍ତମଥର ପାଇଁ ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ବାର୍ସିଲୋନା ତରଫରୁ ବର୍ଷର ଅନ୍ତିମ ସେସନରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏଥିସହ ସେ ଆର୍ଜେଣ୍ଟିନାକୁ କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ କ୍ୟାରିୟରର ପ୍ରଥମ ମେଜର ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଥିଲେ। ସେହିପରି ସ୍ପେନ ତାରକା ମହିଳା ଫୁଟବଲର ଆଲେକ୍ସିଆ ପୁଟେଲାସ୍ ମହିଳା ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି। ବାର୍ସିଲୋନା ଓ ସ୍ପେନ ପାଇଁ ଗତ ସେସନରେ ଅସାଧାରଣ ପ୍ରଦର୍ଶନ କରିଥିଲେ। ଆଲେକ୍ସିଆ ତୃତୀୟଥର ପାଇଁ ଏହି ପୁରସ୍କାର ଜିତିଛନ୍ତି।

୩୪ ବର୍ଷୀୟ ମେସି ଗତ ଜୁଲାଇରେ ଆର୍ଜେଣ୍ଟିନା ପାଇଁ କୋପା ଆମେରିକା ଟାଇଟଲ ହାସଲ କରିଥିଲେ। ଏହପୂର୍ବରୁ ସେ ୪ଟି ମେଜର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଫାଇନାଲରେ ପରାସ୍ତ ହୋଇଥିଲେ। ମେସି ୨୦୦୯, ୨୦୧୦, ୨୦୧୧, ୨୦୧୫, ୨୦୧୯ରେ ଏହି ପୁରସ୍କାର ପାଇଥିଲେ। ଗତ ସେସନରେ ମେସି ବାର୍ସିଲୋନା ପାଇଁ ୪୮ ମ୍ୟାଚ୍ ଖେଳି ୩୮ଟି ଗୋଲ ସ୍କୋର କରିଥିଲେ। ଗତ ୧୦ ବର୍ଷ ମଧ୍ୟରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରଥମଥର ପାଇଁ ଏହି ପୁରସ୍କାର ଦୌଡ଼ରେ ଟପ୍-୩ରେ ସାମିଲ ହୋଇପାରିନାହାନ୍ତି। ମେସି ୬୧୩ ପଏଣ୍ଟ ପାଇଥିବା ବେଳେ ବେୟର୍ନ ମ୍ୟୁନିକ ତଥା ପୋଲାଣ୍ଡ ଷ୍ଟ୍ରାଇକର ରୋବର୍ଟ ଲିଓଣ୍ଡୋସ୍କି ୫୮୦ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଚେଲସି ତଥା ଇଟାଲୀ ମିଡ୍‌ଫିଲ୍ଡର ଜୋର୍ଜିନୋ ୪୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ରିୟଲ ମାଡ୍ରିଡ ତଥା ଫ୍ରାନ୍ସ ଫରୱାର୍ଡ କରିମ ବେଞ୍ଜେମା ୨୩୯ ପଏଣ୍ଟ ପାଇଁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୧୯୫୬ରୁ ଫ୍ରାନ୍ସ ଫୁଟବଲ ମାଗାଜିନ ତରଫରୁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଇ ଆସୁଅଛି।

ପୁରସ୍କାର ଜିତିବା ପରେ ମେସି ଖୁସି ପ୍ରକାଶ କରିଛନ୍ତି। ଆଉ କେତେ ବର୍ଷ ଖେଳିବି ଜାଣିନାହିଁ। କିନ୍ତୁ ଆହୁରି ଅଧିକ ଟ୍ରଫି ହାସଲ କରିବି ବୋଲି ଆଶା ରଖିଛି ବୋଲି ସେ କହିଛନ୍ତି। ସେ ବାର୍ସିଲୋନାର ତାଙ୍କ ପୂର୍ବତନ ଦଳୀୟ ସାଥି ଓ ଆର୍ଜେଣ୍ଟିନା ଟିମ୍‌ମେଟଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଲିଓନେଲ ମେସି

# ପ୍ରଥମ ଟେଷ୍ଟ: ପାକିସ୍ତାନ ବିଜୟୀ

**ଚଟ୍ଟୋଗ୍ରାମ,୩୦।୧୧**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୮ ଉଇକେଟରେ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ବାଂଲାଦେଶ ୩୩୦ ରନ ଜବାବରେ ପାକିସ୍ତାନ ୨୮୬ ରନକରି ଅଲଆଉଟ ହୋଇ ୪୪ ରନ ପଛରେ ପଡିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ୧୫୭ ରନରେ ଅଲଆଉଟ ହେବା ପରେ ପାକିସ୍ତାନ ସମ୍ମୁଖୀରେ ୨୦୨ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ମଙ୍ଗଳବାର ଅନ୍ତିମ ଦିବସରେ ୫୮.୩ ଓଭରରେ ୨ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରି ବାଜି ମାରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପାକିସ୍ତାନ ୧-୦ରେ ଅଗ୍ରଣୀ ହାସଲ କରିଛି। ପାକିସ୍ତାନ ଓପନର ଆବିଦ ଅଲି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୯/୦ରୁ ପାକିସ୍ତାନ ମଙ୍ଗଳବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆବିଦ ଅଲି ୫୬ ଓ ଅବଦୁଲ୍ଲା ସାଫିକ ୫୩ ରନରୁ ଖେଳ ଆରମ୍ଭ କରିଥିଲେ। ଆବିଦ ୯୧ ରନ ଓ ଅବଦୁଲ୍ଲା ୭୩ ରନକରି ଆଉଟ ହୋଇଥିଲେ। ଏହାପରେ ଆଝାର ଅଲି ୨୪ ଓ ଅଧିନାୟକ ବାବର ଆଜମ ୧୩ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବାଂଲାଦେଶ ତରଫରୁ ବୋଲିଂରେ ତାଇଜୁଲ ଇସ୍‌ଲାମ ଓ ମେହିଦି ହାସନ ମିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ପ୍ରଥମ ଇନିଂସରେ ଲିଟନ ଦାସଙ୍କ ଶତକ (୧୧୪ ରନ) ଓ ତାଇଜୁଲ ଇସଲାମଙ୍କ ୭ ଉଇକେଟ ନେଇ ଥା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୩୦ ଅଲଆଉଟ। ପାକିସ୍ତାନ ପ୍ରଥମ ଇନିଂସ: ୧୧୫.୪ ଓଭରରେ ୨୮୬ ଅଲଆଉଟ। ବାଂଲାଦେଶ ଦ୍ୱିତୀୟ ଇନିଂସ: ୫୬.୨ ଓଭରରେ ୧୫୭ ଅଲଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ: ୫୮.୩ ଓଭରରେ ୨୦୩/୨ (ଆବିଦ ଅଲି- ୯୧, ଅବଦୁଲ୍ଲା ସାଫିକ- ୭୩, ଆଝାର ଅଲି- ୨୪*, ତାଇଜୁଲ ଇସ୍‌ଲାମ- ୧/୮୯, ମେହିଦି ହାସନ ମିରାଜ- ୧/୫୯)।

# ହକି ଷ୍ଟାଡିୟମ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

**ରାଉରକେଲା ଅଫିସ, ୩୦।୧୧**

ରାଉରକେଲା ଛେଣ୍ଡ ସ୍ଥିତ ବିପିୟୁଟି ପରିସରରେ ଚାଲିଥିବା ବିର୍ସା ମୁଣ୍ଡା ଇଣ୍ଟରନ୍ୟାଶନାଲ ହକି ଷ୍ଟାଡିୟମ କାମର ସମୀକ୍ଷା କରିଛନ୍ତି କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା। ସେ ମଙ୍ଗଳବାର ଅପରାହ୍ନ ସାଢ଼େ ୧୨ଟାରେ ବିମାନଯୋଗେ ରାଉରକେଲାରେ ପହଞ୍ଚିବା ପରେ ନିର୍ମାଣାଧୀନ ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଷ୍ଟାଡିୟମ୍ ଗ୍ୟାଲେରି, ଖେଳାଳିଙ୍କ ଡ୍ରେସିଂ ରୁମ୍ ଆଦି ସ୍ଥାନକୁ ଯାଇ ତଦାରଖ କାମ କରିଥିଲେ। ଷ୍ଟାଡିୟମରେ ଏଣ୍ଟ୍ରିଗେଟ୍ ଠାରୁ ଆରମ୍ଭ କରି ଗାଡ଼ି ପାର୍କିଂ ବ୍ୟବସ୍ଥାକୁ ନେଇ ଇଞ୍ଜିନିୟରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଷ୍ଟାଡିୟମର କାର୍ଯ୍ୟ ୨୦୨୨ ଜୁଲାଇ ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ବିଶ୍ରାଛକରେ ଥିବା ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମ, ପାନପୋଷ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସହ ବିଭାଗୀୟ ସଚିବ ଆର. ଭିନିଲକ୍ରୀଷ୍ଣା, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଏଡିଏମ୍ ଦିବ୍ୟଜ୍ୟୋତି ପରିଡ଼ା, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ହକି ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି ।

# ଦ୍ୱିତୀୟ ଟେଷ୍ଟ: ଶ୍ରୀଲଙ୍କା ୨୦୪ରେ ଅଲ୍‌ଆଉଟ

**ଗାଲେ,୩୦।୧୧:** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬୧.୩ ଓଭରରେ ମାତ୍ର ୨୦୪ ରନକରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୯.୪ ଓଭରରେ ଗୋଟିଏ ଉଇକେଟ ହରାଇ ୬୯ ରନ ସଂଗ୍ରହ କରିଛି। ଓପନର ତଥା ଅଧିନାୟକ କ୍ରେଗ୍ ବ୍ରାଥ୍‌ୱେଟ ୨୨ ଓ ଏନ୍‌କ୍ରୁମା ବୋନର ୧ ରନକରି ଅପରାଜିତ ରହିଛନ୍ତି। ଓପନର ଜେର୍ମାଇନ ବ୍ଲାକଉଡ ୪୪ ରନ କରି ଆଉଟ ହୋଇଥିଲେ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୧୩/୧ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ମଙ୍ଗଳବାର ଅଲଆଉଟ ହୋଇଥିଲା। ଓଭରନାଇଟ ସ୍କୋର ୬୧ରୁ ପଥୁମ ନିଶାଙ୍କା ଓ ୨ରୁ ଓଶାଡା ଫର୍ନାଣ୍ଡୋ ଖେଳ ଆରମ୍ଭ କରି ଯଥାକ୍ରମେ ୭୩ ଓ ୧୮ ରନକରି ଆଉଟ ହୋଇଥିଲେ। ଦିମୁଥ କରୁଣାରତ୍ନେ ୪୨, ଆଞ୍ଜେଲୋ ମାଥ୍ୟୁସ୍ ୨୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଜୋମେଲ ବିରାସାମି ପର୍ମଲ ସର୍ବାଧିକ ୫, ୱାରିକାନ ୪ ଓ ରୋଷ୍ଟୋନ ଚେଜ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

# ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭାସ୍କୋ,୩୦।୧୧:** ଆଇଏସ୍‌ଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୬-୪ ଗୋଲରେ ଇଷ୍ଟ ବେଙ୍ଗଲ୍‌କୁ ହରାଇ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ତିଳକ ମଇଦାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ତରଫରୁ ହେକ୍ଟର ରୋଡ୍ସ ୩୩, ୪୦ତମ, ଅରିଡାଇ କାବ୍ରେରା ୭୧, ୯୩ତମ, ଜାଭି ହେର୍ନାଣ୍ଡିଜ ୪୫ତମ, ଇସାକ ଭାନଲାଲୁରୁଆଟଫେଲା ୮୩ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ଇଷ୍ଟ ବେଙ୍ଗଲ୍ ତରଫରୁ ଡାରେନ ସିଡୋଏଲ ୧୩, ଥୋଙ୍ଗଖୋସିଏମ ହାଓକିପ ୮୧ତମ, ଡାନିଏଲ ଚିମା ଛୁକୁ ୯୦ ଓ ୯୨ ତମ ମନିଟ୍‌ରେ ଗୋଲ ଦେଇଥିଲେ। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ୩-୧ ଗୋଲରେ ହରାଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ମଙ୍ଗଳବାର ଜାମସେଦପୁର ଏଫ୍‌ସିକୁ ଭେଟିବ।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମମାନଙ୍କର ଅଭୁଲା ସ୍ମୃତି ହୋଇ ରହିବ । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ବିକାଶରେ ଆପଣଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ । ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

**ଶୋକସନ୍ତପ୍ତ:** କୁମାର ରଞ୍ଜନ, ରମଣୀ ରଞ୍ଜନ ଓ ଭିଜନ୍‌ଟେକ୍ କନ୍‌ସଲ୍‌ଟାନ୍ସି ପରିବାରବୃନ୍ଦ

## ପ୍ରଥମ ଶ୍ରାଦ୍ଧବାର୍ଷିକୀ





## ୰ ବିବେକାନନ୍ଦ ପରିଡ଼ା

ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ନିର୍ଦ୍ଦେଶକ ଭିଜନ୍‌ଟେକ୍ କନ୍‌ସଲଟାନ୍ସି ସର୍ଭିସ୍
ପ୍ରତିଷ୍ଠାତା: ଆରପଟା ଉଚ୍ଚ ବିଦ୍ୟାଳୟ, ଉପଦେଷ୍ଟା: ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନ, ଚେଙ୍ଗୁଆ ମଙ୍ଗଳପୁର
ମାର୍ଗଶିର ମାସ କୃଷ୍ଣପକ୍ଷ, ଦ୍ୱାଦଶୀ ତିଥି


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କ କେସିଙ୍ଗା ବ୍ଲକ ଗସ୍ତ

କେସିଙ୍ଗା,(ଡି.ଏନ.ଏ.):କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି ପଞ୍ଚାୟତିରାଜ ନିର୍ଦ୍ଦେଶକ ଜ୍ଞାନ ଦାଶ। ମଙ୍ଗଳବାର ସେ ପ୍ରଥମେ ଏହି ବ୍ଲକର ହାତୀଖୋଜ ଗ୍ରାମପଞ୍ଚାୟତର ମିଶନଶକ୍ତି ଗୃହ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିର୍ମାଣ ରାସ୍ତା, କସୁପଡା ପଞ୍ଚାୟତ ରେଙ୍ଗାଲି ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍ ରାସ୍ତା, କନ୍ତେଶିର ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲା ପଞ୍ଚାୟତ ଅଫିସର ପ୍ରହ୍ଲାଦ ପ୍ରଧାନ, କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଅତିରିକ୍ତ ଯନ୍ତ୍ରୀ ଭୋଇ, ଯନ୍ତ୍ରୀ ଦିଲୀପ କୁମାର ପଟେଲଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ସ୍ମାର୍ଟ ହାଇସ୍କୁଲରେ ଶିକ୍ଷକ ଅଭାବ

- ବିକାଶ ପାଇଁ ଖର୍ଚ୍ଚ ହେଲାଣି ୪୫ ଲକ୍ଷ ଟଙ୍କା
- ୫ ଶିକ୍ଷକ ପଦବୀ ଖାଲିପଡ଼ିଛି
- ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ

ଜୁନାଗଡ,୩୦।୧୧(ଡି.ଏନ.ଏ.)

ରାଜ୍ୟ ସରକାର ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଓ ଉନ୍ନତମାନର ଶିକ୍ଷା ଦେବା ପାଇଁ ୫-ଟି ଜରିଆରେ ରୂପାନ୍ତରିତ (ସ୍ମାର୍ଟ) ହାଇସ୍କୁଲ ନିର୍ମାଣ କରୁଛନ୍ତି। ଏହି ସ୍ମାର୍ଟ ହାଇସ୍କୁଲରେ ଉନ୍ନତମାନର ଶ୍ରେଣୀଗୃହ, ସୁନ୍ଦର ଫୁଲ ବଗିଚା, ସ୍ମାର୍ଟ କମ୍ପ୍ୟୁଟର ରୁମ୍, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ସାଇନ୍ସ ରୁମ୍, ଉନ୍ନତ ଧରଣର ଶୌଚାଳୟ ଆଦି ନିର୍ମାଣ କରାଯାଉଛି। ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ ସ୍ମାର୍ଟ ହାଇସ୍କୁଲରେ ଏବେ ଶିକ୍ଷକ ଅଭାବ ଦେଖିବାକୁ ମିଳିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍କୁଲକୁ ସ୍ମାର୍ଟ ହାଇସ୍କୁଲ ଘୋଷଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସ୍ମାର୍ଟ ହାଇସ୍କୁଲ ହେବା ପରେ ସ୍କୁଲର ବିଭିନ୍ନ ଉନ୍ନୟନ କାମ ପାଇଁ ରାଜ୍ୟ ସରକାରଙ୍କ ୫-ଟି ପକ୍ଷରୁ ୨୫ ଲକ୍ଷ ଟଙ୍କା, ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ୬ ଲକ୍ଷ ଟଙ୍କା, ବ୍ଲକ ପକ୍ଷରୁ ୧୦ ଲକ୍ଷ ଟଙ୍କା ଓ ଜିଲା ପରିଷଦ ପକ୍ଷରୁ ୪ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସମୁଦାୟ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ସ୍କୁଲରେ ବିଭିନ୍ନ ଉନ୍ନୟନ କାମ କରାଯାଇଛି। ତେବେ ସ୍କୁଲରେ ବର୍ତ୍ତମାନ ଶିକ୍ଷକ ମରୁଡି ଦେଖିବାକୁ ମିଳିଛି। ଏଠାରେ ୫ଜଣ ଶିକ୍ଷକ ପଦବୀ ଖାଲିପଡିଛି। ବିଜ୍ଞାନ ବିଭାଗରେ ୨, କଳାରେ ଜଣେ, ଖେଳ ଶିକ୍ଷକ ଜଣେ ଓ ଜଣେ ସଂସ୍କୃତ ଶିକ୍ଷକ ପଦବୀ ଖାଲି ରହିଛି। ଫଳରେ ଆବଶ୍ୟକ ବିଷୟ ଭିତ୍ତିକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ୨୨୯ଜଣ ଛାତ୍ରୀଛାତ୍ର ରହିଥିବାବେଳେ ସେମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ୯ଜଣ ଶିକ୍ଷକ ରହିଥିବା ଜଣାପଡିଛି। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ସରକାର ସ୍ମାର୍ଟ ହାଇସ୍କୁଲ କରି ଏତେ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେହି ଅନୁସାରେ ଶିକ୍ଷକ ନ ଦେଲେ ଏହାର ଉଦ୍ଦେଶ୍ୟ ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ଖାଲିପଡିଥିବା ଶିକ୍ଷକ ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ।

## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗ ଆଣିଲେ ମହିଳା

**ଦେଓଗାଁ,୩୦।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହାର ଜଣେ ଯୁବତୀ ସଇଁତଲା ଥାନା ଅନ୍ତର୍ଗତ ବିରାଟକାନୀ ଗାଁରେ ୨୦୨୧ ମାର୍ଚ୍ଚ ୧ରେ ବିବାହ କରିଥିଲେ। କିଛି ମାସ ବୈବାହିକ ଜୀବନ ଠିକଭାବେ ଚାଲିଥିଲା। ବର୍ତ୍ତମାନ ତାଙ୍କ ତାଙ୍କ ସ୍ୱାମୀ ତାଙ୍କୁ ମାରପିଟ କରୁଥିବା ଓ ଶ୍ୱଶୁରଓ ଶାଶୁ ଗାଳିଗୁଲଜ କରୁଥିବା ସେ ସୋମବାର ଦେଓଗାଁ ଥାନାରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ଅନ୍ୟ ଜଣେ ଝିଅ ସହ ସମ୍ପର୍କ ରଖିଛନ୍ତି। ତାକୁ ବିରୋଧ କରିବାରୁ ଛୋଟଛୋଟ କଥାରେ ରାଗିଯାଇ ମାରପିଟ କରୁଛନ୍ତି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲ(୨୫୨/୨୧) ରୁଜୁ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମନୋଜ କୁମାର ମୁଣ୍ଡା କହିଛନ୍ତି।

### ଜୁରିଆରେ ଧାନମଣ୍ଡି ଉଦ୍‌ଘାଟିତ

**ଖପ୍ରାଖୋଲ, ୩୦।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପଞ୍ଚାୟତର ଜୁରିଆଠାରେ ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ସମ୍ମାନୀତ ଅତିଥି ବ୍ଲକ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ସିଇଓ ସିଦ୍ଧାର୍ଥ ଶଙ୍କର ମିଶ୍ର, ସମ୍ପାଦକ ଶ୍ରୀପତି ଭୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା କନ୍ଦର୍ପ ସୁଆର, ଜୟନ୍ତ ମେହେର, ସୁଦାମ ସୁଆର, ସନ୍ତୋଷ ଦାଶ, ଲଳିତ ବାଗ, ଗନ୍ଧର୍ବ ବରିହା, ରାଧେଶ୍ୟାମ ମେହେର, ଜଗଦୀଶ ରଣା, ଯଦୁମଣି ରଣା, ରାଜକିଶୋର ମେହେର ଉପସ୍ଥିତ ଥିଲେ। ସେହିପରି ଧଣ୍ଡାମୁଣ୍ଡାଠାରେ ସମ୍ପାଦକ ରାଜେନ୍ଦ୍ର ଭୋଇ, ତେଲେନପାଲିଠାରେ ସମ୍ପାଦକ ଗଣେଶ ମାଝୀ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ।

### ଜିଲା କଂଗ୍ରେସ ସୋସିଆଲ ମିଡିଆ କୋଅର୍ଡିନେଟର ମନୋନୀତ

**ବଲାଙ୍ଗୀର ଅଫିସ, ୩୦।୧୧:** ଜାତୀୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ଆବାହକ ଦୀପକ ଖତ୍ରୀଙ୍କ ଅନୁମୋଦନକ୍ରମେ ବଲାଙ୍ଗୀର ଜିଲା ଯୁବ କଂଗ୍ରେସ ସଂଯୋଜକ ଭାବେ ଅଶ୍ୱିନୀ ରାଉତ, ଗଦନ ବେହେରା ଓ ସୂର୍ଯ୍ୟମଣିଙ୍କୁ ମନୋନୀତ କରାଯାଇଛି। ନବ ମନୋନୀତ କର୍ମକର୍ତ୍ତାମାନେ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମରେନ୍ଦ୍ର ମିଶ୍ର, ଦୀପକ ଖତ୍ରୀ, ଶ୍ରୀନିବାସ ବିଭି, ରିୟାଜ ଅଂଶାରି, ବୈଭବ ୱାଲିଆ, ସ୍ମୃତି ରଞ୍ଜନ ଲେଙ୍କା ଓ ଅଭିଲାଷ ପତିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଦଳର ନୀତି ଓ ସିଦ୍ଧାନ୍ତ ଜନମାନସରେ ପହଞ୍ଚାଇବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କାମ କରିବେ ବୋଲି ନବ ମନୋନୀତ ସଦସ୍ୟ କହିଛନ୍ତି।

### ଗୋରେଖନାଥ ସାହୁ ଲେପ୍ରା ଇଣ୍ଡିଆ ଆମ୍ବାସାଡର ନିଯୁକ୍ତ



**ସୋନପୁର,୩୦।୧୧(ନି.ପ୍ର.):** ଗ୍ରନ୍ଥକାର ତଥା ଆଇନଜୀବୀ ଗୋରେଖନାଥ ସାହୁ ଲେପ୍ରା ଇଣ୍ଡିଆର ଓଡିଶା ପାଇଁ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି। ୧୯୯୦ ମସିହାରୁ ସାହୁ ଲେପ୍ରା ଇଣ୍ଡିଆ ସହ ମିଶି ଓଡିଶାରୁ ବିଶେଷତଃ ପଶ୍ଚିମ ଓଡିଶାରୁ କୁଷ୍ଠରୋଗ ନିରାକରଣ ପାଇଁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେତେବେଳେ ସୁବର୍ଣ୍ଣପୁର ଜିଲାରେ କୁଷ୍ଠରୋଗୀଙ୍କ ସଂଖ୍ୟା ପ୍ରତି ୧୦ ହଜାରରେ ୨୨୪ ଥିଲା। ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ। ଲୋକଙ୍କ ମଧ୍ୟରେ କୁଷ୍ଠରୋଗର ପ୍ରତିଷେଧ ତଥା ନିରାକରଣ ଦିଗରେ ସାହୁ ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସାହୁ ଏବେ କୋସଳ ପ୍ରଦେଶ ନାମରେ ଏକ ସାପ୍ତାହିକ ପତ୍ରିକାର ମୁଖ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବିଭିନ୍ନ ଭାଷାରେ ୨୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଏହି ନୂତନ ନିଯୁକ୍ତି ପାଇଁ ସେ ଲେପ୍ରା ଇଣ୍ଡିଆକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜୀବନ ବୀମା ଅଭିକର୍ତ୍ତା ସଂଘ ସମ୍ମିଳନୀ

ବରଗଡ଼ ଅଫିସ୍,୩୦।୧୧

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ମଙ୍ଗଳବାର ସ୍ଥାନୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘର ସମ୍ମିଳନୀ, ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅଜିତ କର, ଡିଭିଜନ ସଭାପତି ପ୍ରସୁନ ପଣ୍ଡା, ବରଗଡ଼ ଜୀବନ ବୀମା ବ୍ରାଞ୍ଚ ମ୍ୟାନେଜର ରଞ୍ଜନ ପ୍ରକାଶ ଶତପଥି, ସହ ପରିଚାଳକ ଚିନ୍ତାମଣି ସାହୁ, ବରପାଲି ଶାଖା ମ୍ୟାନେଜର ନାରାୟଣ ମାଝୀ, ଭିଜନ ମିଶ୍ର, ବିଶ୍ୱଜିତ ମିଶ୍ର, ସି.ଏସ୍ ରାଓ, ଜୀବନ ବୀମା ଅଭିକର୍ତ୍ତା ସଂଘ ସହ ସମ୍ପାଦକ ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାପତି ମନୋଜ ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମର ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂଘର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ମନୋଜ ମେହେର ସଭାପତି, ଧୀରେନ ତ୍ରିପାଠୀ ଉପସଭାପତି, ଅଭିମନ୍ୟୁ ସ୍ୱାଇଁ ସମ୍ପାଦକ, ହୃଷିକେଶ ପାତ୍ର ଓ ଦେବକୀ ସାହୁ ଯୁଗ୍ମ ସମ୍ପାଦକ ଏବଂ ଗଗନ ବିହାରୀ ପ୍ରଧାନ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ।

## ସିନାପାଲି ପଞ୍ଚାୟତ ସମିତି ବୈଠକ

ସିନାପାଲି,୩୦।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ସଭାଗୃହଠାରେ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ସଦାଶିବ ନାଏକଙ୍କ ସମେତ ଉପାଧ୍ୟକ୍ଷ କିଶୋର କୁମାର, ଜିଲା ପରିସଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଗିରିରାଜ ମାଝି, ଏମ୍‌ପି ପ୍ରତିନିଧି ଶିବପ୍ରସାଦ ମୁଣ୍ଡ, ବିଧାୟକ ପ୍ରତିନିଧି ଜୟପାଲ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଡିଓ ଉପସ୍ଥିତ ପ୍ରତିନିଧିମାନଙ୍କ ସହଯୋଗରେ ବ୍ଲକର ସମସ୍ତ ପଞ୍ଚାୟତରେ ବହୁବିଧ ବିକାଶ ହୋଇଥିବା କହିଥିଲେ। ଆଗାମୀ ଦିନ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରି କିପରି ଅଞ୍ଚଳର ବିକାଶ କରାଯାଇ ପାରିବ ସେଥିପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅଞ୍ଚଳର ଅନେକ ବିଦ୍ୟାଳୟର ରୂପାନ୍ତରୀକରଣ, ଗ୍ରାମ୍ୟ ହାଟ ନିର୍ମାଣ, ଗ୍ରାମ୍ୟ ପାର୍କ ନିର୍ମାଣ ଆଦି ଦ୍ୱାରା ଅଞ୍ଚଳର ବିକାଶ ବାରି ହୋଇ ପଡୁଥିବା ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସିନାପାଲି ବ୍ଲକ ଅନ୍ତର୍ଗତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନବକିଶୋର କ୍ଲବ ବିଜୟୀ

ବଲାଙ୍ଗୀର ଅଫିସ, ୩୦।୧୧

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ ୨୦୨୪ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନ ନବକିଶୋର କ୍ରିକେଟ୍ କ୍ଲବ୍ ଏବଂ ଏଲ୍‌ଏସି ପାଟଣାଗଡ଼ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୩୦.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୁଣନିଧି କୁଦେଇ ୩୮ ଏବଂ ଅଞ୍ଜାନେୟ ପୁରୋହିତ ୧୯ ରନ୍ ସଂଗ୍ରହ କରିଥିଲେ। ନବକିଶୋର ଦଳ ତରଫରୁ ଆୟୁଷ୍ମାନ ଦାସ ହ୍ୟାଟ୍ରିକ୍ ସହ ୫ଟି ଉଇକେଟ ଓ ଆୟୁଷ ପାଣିଗ୍ରାହୀ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନବକିଶୋର ଦଳ କୌଣସି ଉଇକେଟ ନ ହରାଇ ଆବଶ୍ୟକ ୧୨୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ପୁରୁଷୋତ୍ତମ ପ୍ରଧାନ ଅପରାଜିତ ୬୭ ଓ ସୌରଭ କୁମାର ସାହୁ ଅପରାଜିତ ୫୫ ରନ୍ ସଂଗ୍ରହ କରିଥିଲେ। ୭ ଓଭର ୨୦ ଦେଇ ୫ ଉଇକେଟ ଅକ୍ତିଆର କରିଥିବାରୁ ଶ୍ରେଷ୍ଠ ଖେଳାଳିଭାବେ ଆୟୁଷ୍ମାନ ଦାସ ବିବେଚିତ ହୋଇଥିଲେ।


ହ୍ୟାଟ୍ରିକ ଅର୍ଜନ କରିଥିବା ଆୟୁଷ୍ମାନ ଦାସ।

## କରାଟେ ଚାମ୍ପିୟନଶିପରେ ଟିଟିଲାଗଡ଼କୁ ୪୬ ପଦକ


ଚାମ୍ପିୟନଶିପରେ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

ଟିଟିଲାଗଡ଼, ୩୦।୧୧ (ଡି.ଏନ.ଏ)

ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱରଠାରେ ଚାଲିଥିବା ୧୧ତମ ସର୍ବଭାରତୀୟ କରାଟେ ଚାମ୍ପିୟନଶିପରେ ଟିଟିଲାଗଡକୁ ୪୬ଟି ପଦକ ମିଳିଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରୁ ୨୦ ବାଳିକା ସମେତ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମଧ୍ୟରୁ ୬ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୨୯ ତାମ୍ର ପଦକ ସ୍ଥାନୀୟ ପ୍ରତିଯୋଗୀ କାତା ଓ ଫାଇଟ ବର୍ଗରେ ଲାଭ କରି କିର୍ତ୍ତିମାନ ସ୍ଥାପନ କରିଛନ୍ତି। ଭୁବନେଶ୍ୱର କରାଟେ ସ୍କୁଲର ପ୍ରତିଷ୍ଠାତା ସିହାନ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ। ସ୍ଥାନୀୟ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସେନସାଇ ସୁରେଶ ଚନ୍ଦ୍ର ଜାଲ, ରେଫରି ସରୋଜକାନ୍ତ ବେହେରା, ଗୋପାଳଚନ୍ଦ୍ର ଦ୍ୱିଜ, କୋଚ ବ୍ୟୋମକେଶ ବେହେରା, କୃଷ୍ଣଚନ୍ଦ୍ର ପାତ୍ର, ସରୋଜ ଜାଲଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଉପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ସୈନିକ ରାଜ ନାଏକ, ଦୀପକ ସାହୁ, ସୁଧୀର ମେହେର, ବିଶ୍ୱଭୂଷଣ ଗୁରୁ ବେହେରା, ହେମେନ୍ଦ୍ରନାଥ ହାଂସଦ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ।

## ତହସିଲ ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ



ତହସିଲ ଅଭିମୁଖେ ବାହାରିଥିବା ସିପିଆଇ ରାଲି।

କଣ୍ଟାବାଞ୍ଜି, ୩୦।୧୧(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ସାପ୍ତାହିକ ବଜାରରୁ ଏକ ଶୋଭାଯାତ୍ରା ତହସିଲ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ସମସ୍ତ ଆଦିବାସୀ, ଦଳିତଙ୍କୁ ଦଖଲ ଜମି ପଟ୍ଟା ପ୍ରଦାନ, ବାଦ ପଡିଥିବା ଗରିବ ଲୋକଙ୍କୁ ରାଶନ କାର୍ଡ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ଗରିବ ଲୋକଙ୍କୁ ଘର ଯୋଗାଇ ଦେବା, ଆଦିବାସୀ,ଦଳିତ,ମୂଲିଆ, ଚାଷୀଙ୍କୁ ୫୫ବର୍ଷରେ ୩ ହଜାର ଟଙ୍କା ପେନସନ, ନିତ୍ୟ ବ୍ୟବହୃତ ଜିନିଷର ଦରଦାମ ବୃଦ୍ଧି ରୋକିବାକୁ ନେତୃବୃନ୍ଦ ଦାବି କରିଥିଲେ। କଣ୍ଟାବାଞ୍ଜି ଯୋନାଲ କମିଟିର ପୂର୍ବତନ ଜିଲା ସହ ସମ୍ପାଦକ ଗୋପାଳ ଭୋଇ, ଖଗସା ଶାଖା ସମ୍ପାଦକ ଉତ୍ତମ ମଲ୍ଲିକଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭ ସଭାରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, କମଲ ଲୋଚନ ଭୋଇ, ପାଣ୍ଡବ ଭୋଇ ସାମିଲ ହୋଇଥିଲେ।

### ବାହାରିଲା ପୌଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ

ଲୋଇସିଂହା,୩୦।୧୧(ଡି.ଏନ.ଏ)

ଜିଲା ଶିଶୁସୁରକ୍ଷା ୟୁନିଟ ଏବଂ ମହିଳା ଓ ଶିଶୁବିକାଶ ଓଡିଶା ପକ୍ଷରୁ ପୌଷ୍ୟ ସନ୍ତାନ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନ ରୋଥ, ଡୁଡୁକା, ସାଲେଭାଟ ଆଦି ଗ୍ରାମରେ ଜନସଚେତନତା କରାଯାଇଛି। ସିଡିପିଓ ଜ୍ୟୋତିର୍ମୟୀ ନାଏକ ସୁପରଭାଇଜର, ଗୋଲାପି ନାଏକ, ସୁଦେଷ୍ଣା ମେହେର, ବଦ୍ରି ଠାକୁର, ପଲ୍ଲୀ ଆଲୋକ ପାଠାଗାରର ସ୍ୱେଚ୍ଛାସେବୀ ଜନସଚେତନା ସୃଷ୍ଟି କରିଥିଲେ।

## ରକ୍ଷକ କାର୍ଯ୍ୟକ୍ରମକୁ ନେଇ ତାଲିମ

ବୌଦ୍ଧ,୩୦।୧୧(ସ୍ୱ.ପ୍ର.)

ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ପାଇ ନ ପାରି ଦୁର୍ଘଟଣାରେ ଆହତ ଅନେକ ବ୍ୟକ୍ତିଙ୍କ ଅକାଳରେ ମୃତ୍ୟୁ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରଥମ ପ୍ରତିକ୍ରିୟାଶୀଳ ବ୍ୟକ୍ତି ବିଶେଷଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ ପାତ୍ରଙ୍କ ଅଧ୍ୟକ୍ଷତାରେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ସାଧୁଚରଣ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳାବର ଦିନ ଏହି ତାଲିମ ଶିବିର ହୋଇଥିଲା। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ ପ୍ରଥମ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଗଲେ ୫୦ ପ୍ରତିଶତ ମୃତ୍ୟୁ ହାର ହ୍ରାସ ପାଇବାର ସମ୍ଭାବନା ରହିଥିବା କୁହାଯାଇଥିଲା। ତେଣୁ ଦୁର୍ଘଟଣାରେ ଆହତଙ୍କୁ ଯଥାଶୀଘ୍ର ଚିକିତ୍ସା ସେବା ପ୍ରଦାନ ପାଇଁ ସ୍ୱେଚ୍ଛାସେବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପାତ୍ର ପ୍ରକାଶ କରିଥିଲେ। ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ, ଡାକ୍ତରଖାନାରେ ତୁରନ୍ତ ଭର୍ତ୍ତି ନିମନ୍ତେ ସହାୟତା କରିବା ପାଇଁ ଉପସ୍ଥିତ ଫାଷ୍ଟ ରେସପଣ୍ଡରମାନଙ୍କୁ ତାଲିମ ପ୍ରଦାନ ନିହାତି ଆବଶ୍ୟକ। ଏମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି ତାଲିମ ଶିବିର ହୋଇଥିଲା। ବିଶେଷ କରି ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ନିକଟସ୍ଥ ଏବଂ ରାସ୍ତା ପାର୍ଶ୍ୱରେ ଥିବା ଢାବା, ଗ୍ୟାରେଜ, ଚା ଓ ପାନ ଦୋକାନରେ କାର୍ଯ୍ୟରତ ଏବଂ ସେବା ମନୋବୃତ୍ତି ଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଅଙ୍କୁର ଶର୍ମା, ଦିଲୀପ କୁମାର ପ୍ରଧାନ ସଂଯୋଜକ ନୂଆଦିଲ୍ଲୀ, ପର୍ଯ୍ୟବେକ୍ଷକ ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ ପାତ୍ର, ଏମଭିଆଇ ପ୍ରମୋଦ କୁମାର ସିଂହ, ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଶିକ୍ଷକ ଭାବରେ ମାଷ୍ଟର ଟ୍ରେନର ଏମ.ଧଳ, ନବ କିଶୋର ଦୀପ, ସୁରେଶ ଯୋଷୀ, ସଦାଶିବ ଜେନା ପ୍ରମୁଖ ତାଲିମ ପ୍ରଦାନ କରି ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ବିସ୍ତୃତ ଆଲୋଚନା କରିଥିଲେ।

## ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଶ୍ରମିକ ସଂଗଠନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ବୌଦ୍ଧ,୩୦।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ବହୁବିଧ ସମସ୍ୟା ନେଇ ମଙ୍ଗଳବାର ନିର୍ମାଣ ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ଏଆଇସିଟିୟୁ ପକ୍ଷରୁ ଶ୍ରମିକ ନେତା ଅବକାଶ ସାହୁ, ଏଚଏମଏସ ପକ୍ଷରୁ ଅର୍ଜୁନ ରଣା, ବିଏମଏସ ପକ୍ଷରୁ ଲୋକନାଥ ଶତପଥୀ, ଗ୍ରାମୀଣ ମଜଦୁର ସଭା ପକ୍ଷରୁ ରୀନା ଗିରି, ବିଡିସିଏସଡବ୍ଲୁ ପକ୍ଷରୁ ବାଲ୍ମିକୀ ମହାକୁଡ, ମା' ଦୁର୍ଗା ଶ୍ରମିକ ସଂଘ ପକ୍ଷରୁ ଅନିଲ ବେହେରା, ଆଇଏନଟିୟୁସି ପକ୍ଷରୁ ପ୍ରଭାତ ମଟାଲି, ଅନିଲ ରଥ, ସୁବାସ ସୁନାଙ୍କ ନେତୃତ୍ୱରେ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ଥିଲେ। ଏହାକୁ ସିପିଆଇ ଜିଲା ସମ୍ପାଦକ ପ୍ରଦୀପ କୁମାର ମହାକୁଡ଼, କୃଷକ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ସମର୍ଥନ ଘୋଷଣା କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅପରାହ୍ନରେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ଧାରଣା ସ୍ଥଳକୁ ଆସି ତିନିଦିନ ମଧ୍ୟରେ ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରହିଥିଲା।। ଦାବି ପୂରଣ ନ ହେଲେ ୪ ତାରିଖରୁ ପୁନଶ୍ଚ ଗଣଧାରଣା ଜାରି ରହିବ ବୋଲି ଶ୍ରମିକ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ଘୋଷଣା କରାଯାଇଛି।

## ବାଲି ଚୋରାଚାଲାଣ, ୫୦ ହଜାର ଜରିମାନା

ସୋନପୁର,୩୦।୧୧(ନି.ପ୍ର.)

ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ସୋନପୁର ତହସିଲ ପକ୍ଷରୁ ମଙ୍ଗଳବାର ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣକୁ ନେଇ ଧରପଗଡ ହୋଇଥିଲା। ତେଲନଦୀର ସୋନପୁର-ମନମୁଣ୍ଡା ବ୍ରିଜ୍ ତଳୁ ବାଲି ଚୋରାଚାଲାଣ କରୁଥିବା ଟ୍ରାକ୍ଟର ନଂ ଓଆର୩୧-୩୦୧୮କୁ ତହସିଲ ପକ୍ଷରୁ ଜବତ କରାଯାଇଥିଲା। ଉକ୍ତ ଟ୍ରାକ୍ଟରରୁ ମୋଟ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରଶାସନର ବାରମ୍ବାର ତାଗିଦ୍ ସତ୍ତ୍ୱେ ଏଠାରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବାରୁ ଜରିମାନା ଅର୍ଥ ରାଶିକୁ ବୃଦ୍ଧି କରାଯାଇଛି। ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେର ଚଢାଉରେ ସାମିଲ ଥିଲେ।

## ସତ୍ୟନାରାୟଣଙ୍କ ସ୍ମୃତିଚାରଣ

ଦେଓଗାଁ/ଗୁଡଭେଲା, ୩୦।୧୧(ଡି.ଏନ.ଏ)

ଗୁଡଭେଲା ବ୍ଲକ ଡୁଷୁରା କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଓଡିଶା ସାମ୍ବାଦିକ ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ କୋଷାଧ୍ୟକ୍ଷ ଶରତ କୁମାର ପୁଟେଲଙ୍କ ପରିଚାଳନା ତଥା ସଭାପତି ପ୍ରମୋଦ କୁମାର ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସତ୍ୟନାରାୟଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଜେଡି ଯୁବନେତା ଅଜୟ ଜୟସ୍ୱାଲ, ସଂଘ ଜିଲା ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ବିନୋଦ ସୁନା, ମନୋଜ ଜୈନ, ସତ୍ୟନାରାୟଣ ପୁଟେଲ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

## ବସ୍ ସେବା ଦାବି କଲେ ସ୍ୱାସ୍ଥ୍ୟ କର୍ମଚାରୀ

ବରଗଡ଼ ଅଫିସ୍,୩୦।୧୧

ବରଗଡ଼ ସହର ଉପକଣ୍ଠ ୩କି.ମି ଦୂର ଖେଦାପାଲି (ଟୁକୁର୍ଲା)କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ରୋଗୀ, କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁବିଧା ପାଇଁ ଏକ ସରକାରୀ ବସ୍ ଯାତାୟାତ ହେଉଥିଲା। ଉକ୍ତ ସରକାରୀ ବସ୍ ବନ୍ଦ କରିବା ପାଇଁ ବର୍ତ୍ତମାନ ମସୁଧା ଚାଲିଛି। ଏହା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ କର୍ମଚାରୀ, ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ସରକାରୀ ବସକୁ ପୂର୍ବବତ୍ ଚାଲୁ ରଖିବା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ କର୍ମଚାରୀମାନେ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ଫେରାଦ ହୋଇଥିଲେ। ବସ୍ ଚଳାଚଳ ନେଇ ସ୍ୱାସ୍ଥ୍ୟ କର୍ମଚାରୀମାନେ ଜିଲାପାଳ ଏବଂ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଆଲୋଚନା ଫଳପ୍ରଦ ହୋଇ ପାରି ନ ଥିବା ସୂଚନା ମିଳିଛି।

## ମରାମତି ହେଉନି ଯାତ୍ରୀ ବିଶ୍ରାମ ଗୃହ

ବିନିକା, ୩୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ରାମପୁର ରାସ୍ତାର ତାଲମୁଣ୍ଡା ଛକ। ବ୍ୟସ୍ତବହୁଳ ଏହି ଛକଦେଇ ଦୈନନ୍ଦିନ ଜିଲାର ରାମପୁର, ବିନିକା ତଥା ପଡୋଶୀ ବରଗଡ ଜିଲା ଭେଡେନ ଅଞ୍ଚଳର ଲୋକେ ଯାତାୟତ କରିଥାନ୍ତି। ମାତ୍ର ଦୀର୍ଘବର୍ଷ ହେଲା ଏହି ସର୍ବ ପୁରାତନ ଛକ ଏବେ ନାନା ସମସ୍ୟା ମଧ୍ୟରେ ଗତି କରୁଛି। ଏଠାରେ ଥିବା ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ନିର୍ମାଣ କରିଥିବା ଯାତ୍ରୀ ବିଶ୍ରାମଗୃହ ଭଗ୍ନ ଅବସ୍ଥାରେ ରହିଛି। ବାରମ୍ବାର ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ବି ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଛକରେ ରହିଥିବା ଏକମାତ୍ର ନଳକୂପରୁ ଦୂଷିତ ପାଣି ବାହାରୁ ଥିବାରୁ ବ୍ୟବହାର ଉପଯୋଗୀ ନୁହେଁ। ଏହାର ମରାମତି ଅଥବା ନୂତନ ନଳକୂପ ଖନନ ଦିଗରେ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଛକରେ ଥଇବା ଦୋକାନୀ ଓ ପଥାଚାରୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ ଛକରେ ଅଳିଆ ଆବର୍ଜନ ଦିନ ଦିନ ଧରି ପଡି ରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଜନଗହଳିପୂର୍ଣ୍ଣ ଛକ ହୋଇଥିଲେ ବି ଷ୍ଟ୍ରିଟ ଆଲୁଅର କୌଣସି ବ୍ୟବସ୍ଥା ନାହିଁ ବୋଲି ଦୋକାନୀଙ୍କ ସହ ତାଲମୁଣ୍ଡା ଓ ଅସୁରଗଡ ଗ୍ରାମବାସୀ କହିଛନ୍ତି। ଏ ଦିଗରେ ଜିଲାପଳ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ବିଏସ୍‌କେୱାଇ ସ୍ମାର୍ଟକାର୍ଡ ବଣ୍ଟନ**

ବିନିକା/ଡୁଙ୍ଗୁରିପାଲି, (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ରାମପୁର ତହସିଲ ଭୀମଟିକ୍ରା ହାଇସ୍କୁଲ ଖେଳ ପଡିଆରେ ସୋମବାର ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ କରିଛନ୍ତି। ସମ୍ମାନୀତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଡୋଲାମଣୀ ପୁଟେଲ, ଡୁଙ୍ଗୁରୀପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ସରପଞ୍ଚ ମଧୁସୂଦନ ସାହୁ, ଶ୍ରୀରାମ ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ରମେଶ ପୂଜାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଫ ସିରଫ ଜବତ, ଜଣେ ଗିରଫ

ପଦ୍ମପୁର, ୩୦।୧୧(ଡି.ଏନ.ଏ): ନିଶା ସାମଗ୍ରୀ ଚାଲାଣ ବେଳେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ପୋଲିସ ଚଢାଉ କରିଛି। ଚଢାଉ ବେଳେ ୨୯୦ ବୋତଲ ଏସ୍‌କଫ ସିରଫ, କଫ ସିରଫ ମିଶ୍ରିତ ୨୦ ଲିଟର ମିଶ୍ରଣ, ଗୋଟିଏ ଷ୍ଟ୍ରିପ ଅଲପ୍ରାକ୍ସ ଟାବଲେଟ, ନଗଦ ୫୦୧୦ଟଙ୍କା ଓ ବାଇକ୍ (ନଂ. ଓଡି୧୭ଇ୪୪୫୯) ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତାଳପାଲି ଗ୍ରାମର ମନୋରଞ୍ଜନ ସାହୁ (ଗୁଡ୍ଡୁ)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

### କପାଚାଷ ସମ୍ବନ୍ଧୀୟ ଆଲୋଚନାଚକ୍ର

ପଦ୍ମପୁର/ଝାରବନ୍ଧ,୩୦।୧୧ (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କପା ଚାଷ ସମ୍ପର୍କିତ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରବନ୍ଧ ବ୍ଲକ ୧୦ଟି ଗ୍ରାମର ୩୦ ଜଣ ଚାଷୀ ଯୋଗଦାନ କରିଥିଲେ। ବିଶେଷଜ୍ଞ ସୋମନାଥ ମେହେର କପାଚାଷରେ ରୋଗପୋକ ପରିଚାଳନା ଉପରେ ବକ୍ତବ୍ୟ ଦେଇଥିଲେ। ଡୁଙ୍ଗୁରିପାଲି ସହକାରୀ କୃଷି ଅଧିକାରୀ ମନୋଜ ରାଉତ ସମନ୍ୱିତ ଖାଦ୍ୟ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଝାରବନ୍ଧ ସହକାରୀ କୃଷି ଅଧିକାରୀ ପ୍ରଣୟ ମନ୍ତ୍ରୀ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ଉପରେ ଆଲୋଚନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଉଁଶୁଣୀ,୩୦।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦାମ ଶେଖର ପୁରୋହିତ ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବହିରା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଜୁରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜୁରାମୁଣ୍ଡା ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦେଶବନ୍ଧୁ ମହାକୁଳ, ସିଆରସିସି ତୋଷଣ କୁମାର ମହାକୁଳ, ବିଦାୟୀ ପ୍ରଧାନଶିକ୍ଷକ ସୁଦାମ ଶେଖର ପୁରୋହିତ ମଞ୍ଚାସୀନ ଥିଲେ। ଶିକ୍ଷକ ଶିରୀଶ କୁମାର ଗାଈଗୋରିଆ, ଗଣ୍ଡାରାମ ସାହୁ, ହାଡିବନ୍ଧୁ ସାହୁ, ଶାନ୍ତନୁ କୁମାର ଭୁକ୍ତା, ରଘୁନାଥ ମେହେର, ହିମାଂଶୁ ଶେଖର ବିଶି, ଶଙ୍କର୍ଷଣ ହାତୀ ଓ ବିଜୟିନୀ ପାତ୍ର ବିଦାୟୀ ଶିକ୍ଷକଙ୍କ ଶିକ୍ଷାଦାନ, ପ୍ରଶାସନିକ ଦକ୍ଷତା ଓ କାର୍ଯ୍ୟ ଶୈଳୀ ଉପରେ ବକ୍ତବ୍ୟ ରଖିଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପୁରୋହିତଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜୁନିୟର ମିସ୍ କୋଶଳ ସମ୍ମାନିତ

ଗୁଡ଼ଭେଲା, ୩୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁସୁରା ପ୍ରଜାପିତା ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ସୋମବାର ଜୁନିୟର ମିସ କୋଶଳ ୨୦୨୦-୨୧ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆନନ୍ଦିତା ସାମନ୍ତଙ୍କୁ ସମ୍ମାନୀତ କରାଯାଇଛି। ସଂସ୍ଥାର ମୁଖ୍ୟ ପରିଚାଳିକା ବି.କେ.ଅର୍ପିତା ଭଉଣୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଆନନ୍ଦିତା ଏତେ କମ ବୟସରେ କିଛି କରି ଦେଖାଇବାର ଆଗ୍ରହ ହିଁ ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇଥିବା ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଆଶୁକବି ହେମନ୍ତ ଦାଶ, ଅନୀଲ ଅଗ୍ରୱାଲ, ରାଧାରମଣ କେଡିଆ, ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ।

### ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ଶୋକ

କଣ୍ଟାବାଞ୍ଜି, ୩୦।୧୧(ଡି.ଏନ.ଏ.): ବର୍ଷିୟାନ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ଏକ ଶୋକସଭା ମଙ୍ଗଳବାର କଣ୍ଟାବାଞ୍ଜି ପିଡବ୍ଲ୍ୟୁଡି ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜୀବନାନନ୍ଦ ମହାନ୍ତି, ଗୁରୁଦୟାଲ ହଂସ, କୃତିକର ବାଗ, ମୋହନ ସୋନି, ହୁଲେଶ୍ୱର ହଂସ, ଶେଖ ସମିମ, କୈଳାସ ସଗରିଆ ଉପସ୍ଥିତ ଥିଲେ।

# ଫଳକରେ ସୀମିତ ବିଜୁ କେବିକେ ଯୋଜନା

- ଟଙ୍କା ହଡ଼ପ ହୋଇଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ
- ୫ କି.ମି. ଦୂରରେ ରହିଛି ନାମ ଫଳକ

ନୂଆପଡ଼ା ଅଫିସ,୩୦।୧୧

ନୂଆପଡା ଜିଲା ଖଡିଆଳ ବ୍ଲକ କେନ୍ଦୁପାର୍ଟି ପଞ୍ଚାୟତ ଡୁମେରଯୋର ଗାଁର କଟାପଡାକୁ ଯାଇଥିବା ରାସ୍ତା ପାଇଁ ବିଜୁ କେବିକେ ଯୋଜନାରେ ଟଙ୍କା ମଞ୍ଜୁର ହୋଇଥିଲା। ବର୍ତ୍ତମାନ ସୁଦ୍ଧା କାମ ନ ହୋଇ କେବଳ ନାମଫଳକ ନିର୍ମାଣ କରି ଟଙ୍କା ହଡପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁପାର୍ଟି ତିନି ଛକଠାରୁ କଟାପଡା ରାସ୍ତା ମେଟାଲିଂ ଓ କଲଭର୍ଟ ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ବିଜୁ କେବିକେ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଟଙ୍କା ମଞ୍ଜୁର ହୋଇଥିଲା।



କଟାପଡାଠାରୁ ୫ କି.ମି. ଦୂରରେ ନିର୍ମାଣ ହୋଇଥିବା ନାମ ଫଳକ।

ବର୍ତ୍ତମାନ ସୁଦ୍ଧା ପଞ୍ଚାୟତର କୌଣସି ସ୍ଥାନରେ କାର୍ଯ୍ୟ ନ ହୋଇ କଟାପଡାଠାରୁ ୫ କି.ମି. ଦୂର ପଲସଦା ଗାଁ କେନାଲ ୪ ଛକ ନିକଟ ପ୍ରହରିଆପଡାଠାରେ ଏକ ନାମ ଫଳକ ନିର୍ମାଣ କରି ଦିଆଯାଇଛି। ନାମଫଳକରେ ପଞ୍ଚାୟତ ସମିତି ଖଡିଆଳ, ଆର୍ଥିକ ବର୍ଷ ୨୦୧୯-୨୦ କେନ୍ଦୁପାର୍ଟି ତିନିଛକଠାରୁ କଟାପଡା ରାସ୍ତା ମେଟାଲିଂ ଓ କଲଭର୍ଟ ନିର୍ମାଣ ଅଟକଳ ୮ ଲକ୍ଷ ଯୋଜନା ବିଜୁ କେବିକେ ବୋଲି ଉଲ୍ଲେଖ ରହିଛି। ପଳସଦା କେନାଲ ୪ ଛକଠାରୁ ପ୍ରହରିଆପଡା ପର୍ଯ୍ୟନ୍ତ ୨ ବର୍ଷ ତଳେ ୩ ଲକ୍ଷ ଟଙ୍କାର ମେଟାଲିଂ କାମ ହୋଇଥିଲା। ଏହାପରେ ଆଉ ୮ ଲକ୍ଷର କାମ ହେବା ଆମେ ଜାଣି ନାହୁଁ ବୋଲି ପ୍ରହରିଆପଡାର ଶଙ୍କର ମାଝି, ବୃନ୍ଦା ମାଝି, ବାସୁଦେବ ମାଝି ଓ ମଞ୍ଜିତ ମାଝି କହିଥିଲେ। ଏହାର ତଦନ୍ତ କରି ଆତ୍ମସାତ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ୨୦୨୧ ଅଗଷ୍ଟ ୩୧ରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩ ମାସ ପରେ ମଧ୍ୟ କାର୍ଯ୍ୟର ତଦନ୍ତ ହୋଇ ନାହିଁ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଡିଆରଡିଏ ପିଡି ମଧୁଛନ୍ଦା ସାହୁଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଜିଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, କଟାପଡାବାସୀ ନିରଞ୍ଜନ ପୋଡ, ହରିହର ବନଛୋର, ଅଶୋକ କୁମାର ପୋଡ, ବାଟି ପୋଡ, ପ୍ରଭୁଲାଲ ପୋଡ, କିଶୋର ପୋଡ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ୧୯ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ, ୩୦।୧୧(ଡି.ଏନ.ଏ.)

ବେଆଇନ ଦାଦନ ଚାଲାଣ ବେଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ମଙ୍ଗଳବାର ୧୯ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ସହ ୧୨ଜଣ ଶିଶୁ ରହିଛନ୍ତି। ପୋଲିସ ପେଟ୍ରୋଲିଂ କଲାବେଳେ ତେଲେନପାଲି ପଞ୍ଚାୟତ କର୍ଲାମାଲ ଗାଁ ଛକ ନିକଟରେ ଏକ ପିକଅପ ଭ୍ୟାନରେ ଯୋଗେ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜାଣି ଅଟକାଇଥିଲେ। ସମସ୍ତ ଶ୍ରମିକ କର୍ଲାମାଲ ଗାଁର ବୋଲି ପୋଲିସ କହିଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୦୩/୨୧)ରୁଜୁ ହୋଇଛି। ବେଆଇନଦାଦାନଚାଲାଣ ଅଭିଯୋଗରେ ପୁଟକେଲଚୁଆଁ ଗାଁର ମୋତିରାମ ମାଝି ଓ କର୍ଲାମାଲ ଗାଁର ପ୍ରେମାନନ୍ଦ ପାଣ୍ଡେଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ପରେ ଉଦ୍ଧାର ଦାଦାନ ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି।

# ଚିକିତ୍ସା ନ ପାଇ ରୋଗୀଙ୍କ ମୃତ୍ୟୁ



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜିତ ଜନସାଧାରଣ।

**ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

ତରଭା,୩୦।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଚାରଭଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନ ପାଇ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତରଭା ବ୍ଲକ ବାଲିଖମାର ପଞ୍ଚାୟତ ସିଣ୍ଡୋଲ ଗାଁର ଗରୁଡ ରଣାଙ୍କ ସ୍ତ୍ରୀ ଇଚ୍ଛା(୫୦)ଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ କିମ୍ବା ଫାର୍ମାଶିଷ୍ଟ ନ ଥିଲେ। ଚିକିତ୍ସା ନ ପାଇ ଇଚ୍ଛାଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ଗରୁଡ ଅଭିଯୋଗ କରିଥିଲେ। ପ୍ରତିବାଦରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ପଡି ରହିଥିଲା। କମସରା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କୁ ପଚାରିବାରୁ ଡାକ୍ତର ପ୍ରେମାନନ୍ଦ ମେହେର ବେଆଇନଭାବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ଅଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ଚାରଭାଟାରେ କାର୍ଯ୍ୟରତ ଥିବା ଫାର୍ମାଶିଷ୍ଟଙ୍କର ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛି। ତାଙ୍କୁ ପୂର୍ବ ସ୍ଥାନକୁ ଫେରାଇ ଅଣାଯିବ ବୋଲି କହିଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାଶିଷ୍ଟ ରହି ରୋଗୀ ସେବା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆନ୍ଦୋଳନ କରାଯିବ ବୋଲି ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର କହିଛନ୍ତି।

# ନିର୍ମାଣାଧୀନ ଗୃହ ପରିଦର୍ଶନ କଲେ ଜିଲାପାଳ

ବରଗଡ଼ ଅଫିସ୍,୩୦।୧୧

ଡେବ୍ରିଗଡ଼ ଅଭୟାରଣ୍ୟ ଅଞ୍ଚଳ ଅଧୀନରେ ବସତି ରହିଥିବା ଦର୍ଶାଇ ବରଗଡ଼ ଜିଲା ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲାମ୍ଵିପାଲି ଗ୍ରାମର ୪୧ ପରିବାରକୁ ବିସ୍ଥାପିତ କରାଯାଇଛି। ନୋଟିସ୍ ପାଇବା ପରେ ବିସ୍ଥାପିତ ପରିବାର ସେମାନଙ୍କୁ ପ୍ରଥମେ ଥଇଥାନ କରିବାକୁ ନିବେଦନ କରିଥିଲେ। ଏହି କ୍ରମରେ ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତ ଅନ୍ତର୍ଗତ କଁତଳ ଗ୍ରାମରେ ବିସ୍ଥାପିତ ପରିବାରଙ୍କ ପାଇଁ ଗୃହ ନିର୍ମାଣ ହେଉଛି। ମଙ୍ଗଳବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ ଏବଂ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିସ୍ଥାପିତଙ୍କ ପାଇଁ ଥିବା ସରକାରୀ ସହାୟତା ନେଇ ଜିଲାପାଳ ସୂଚନା ଦେଇଥିଲେ। ବିସ୍ଥାପିତ ପରିବାରଙ୍କ ପାଇଁ କଁତଳ ଗ୍ରାମରେ ୩ଟି ଧାଡ଼ିରେ ୪୨ଟି ଆଜବେଷ୍ଟସ ଗୃହ ନିର୍ମାଣ କରାଯାଉଛି। ସେଠାରେ ବିଦ୍ୟୁତ, ପାନୀୟଜଳ ଆଦି ସର୍ବନିମ୍ନ ସୁବିଧା ହେଉଛି। ପରିଦର୍ଶନ ସମୟରେ ଅତାବିରା ତହସିଲଦାର ସୌଭାଗ୍ୟ ବେହେରା, ବିଡ଼ିଓ ବିଶ୍ୱନାଥ ସାହୁ, ସୁପର ଭାଇଜର ଋଷଭ ସାହୁ, ଡିଏଫ୍‌ଓ (ବନ୍ୟପ୍ରାଣୀ) ଅଂଶୁପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଜିଲାପାଳ ନିର୍ମାଣାଧୀନ ଗୃହ ପରିଦର୍ଶନ କରୁଛନ୍ତି।

### ଗାଁ ସାଥୀ ତାଲିମ ଶିବିର

ଅମରପାଲି, ୩୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଗାଁ ସାଥୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆ, ଏପିଓ ସମି ମହାକୁର, ଏସିପି ସାଇରାମ ମିଶ୍ର, ସଞ୍ଜୟ ଦାସ, ଦିବ୍ୟରଞ୍ଜନ କଲତା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ଗାଁ ସାଥୀଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଉପରେ ତାଲିମ ଦିଆଯାଇଥିଲା। ବ୍ଲକ ଗାଁ ସାଥୀ ସଂଘ ସଭାପତି ଅଚ୍ୟୁତାନନ୍ଦ ସାହୁ, ସମ୍ପାଦକ ରାଜକୁମାର ସାହୁ, ଉପସଭାପତି ବିଶ୍ୱଜିତ ପଣ୍ଡା, ସହସମ୍ପାଦକ ରାଧେଶ୍ୟାମ ସେଠୀ ଏହି ଅବସରରେ ଉପସ୍ଥିତ ଥିଲେ।

### ଜିଓଟ୍ୟାଗ୍ ସଂଘର ୪ ଦଫା ଦାବିପତ୍ର

ଲୋଇସିଂହା,୩୦।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଜିଓଟ୍ୟଶଗ ୟୁଥ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ୪ ଦଫା ସମ୍ବଳିତ ସ୍ମାରକ ପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୭ମସିହାରୁ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ଅଧୀନରେ ସେମାନେ କାର୍ଯ୍ୟ କରୁଛନ୍ତି। ବିଗତ ୫ ବର୍ଷ ଧରି ଗ୍ରାମୀଣ ଆବାସ ଯୋଜନା ଅନ୍ତର୍ଗତ ପିଏମଏୱାଇ, ଆଇଏୱାଇ, ଏନଏସପିଜିୱାଇ ଯୋଜନାରେ ବି ସାମିଲ ଅଛନ୍ତି। ୨୦୧୯ କୋଭିଡ ମହାମାରୀ ସମୟରେ ଟିଏମସିରେ ନିୟୋଜିତ ରହିଥିଲେ। ତେଣୁ ରାଜ୍ୟ ସରକାର ମାସିକ ଦେୟ ସହିତ କାର୍ଯ୍ୟ ଚିଠା ପ୍ରଦାନ, ପଞ୍ଚାୟତସ୍ତରରେ ଡାଟାଏଣ୍ଟ୍ରି ଅପରେଟର ସହ ଆକାଉଣ୍ଟାଣ୍ଟ ନିଯୁକ୍ତି,ମାସିକ ମୋବାଇଲିଟି ସପୋର୍ଟ, ଟ୍ୟାଗ ଅଫିସର ଇନସେନଟିଫ ଆଦି ଦାବି ରହିଛି। ସଂଘ ସଭାପତି ଅନୀଲ ତାଣ୍ଡି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ବେହେରା, ସମ୍ପାଦକ ନୀଲ ଜାଲ, ସହସମ୍ପାଦକ ସ୍ୱାଧୀନ ସା, କୋଷାଧ୍ୟକ୍ଷ ବୈମକେଶ ଥନାପତି, ଚିନ୍ମୟ ତ୍ରିପାଠୀ ପ୍ରମୁଖ ବିଡିଓ ଖାଡିଆଙ୍କୁ ସାକ୍ଷାତ କରିଥିଲେ।

# କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ନେଇ ବିଡିଓଙ୍କୁ ଦାବିପତ୍ର

ଡୁଙ୍ଗୁରିପାଲି,୩୦।୧୧(ଡି.ଏନ.ଏ.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ ବେଳେ ଗତ ୨୫ତାରିଖରେ ସୁବର୍ଣ୍ଣପୁରରେ କଂଗ୍ରେସ କର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। ବିଜେଡି କର୍ମୀମାନେ ତାଙ୍କୁ ଆକ୍ରମଣ କରିଥିବା କଂଗ୍ରେସ ଅଭିଯୋଗ କରିଛି। ମଙ୍ଗଳବାର ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ କମିଟି ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓ ତ୍ରିପୁର ମହାନନ୍ଦଙ୍କୁ ପ୍ରଦାନ କରାଯାଇଛି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ସୁବର୍ଣ୍ଣପୁର ଟାଉନ ହଲଠାରେ ବିଏସ୍‌କେୱାଇ ସ୍ମାର୍ଟକାର୍ଡ ବଣ୍ଟନ ବେଳେ ସୋନପୁର ସମଲେଇ ମନ୍ଦିର ପାଖ ଏକ ଚା ଦୋକାନରେ କଂଗ୍ରେସ କର୍ମୀ ବିନିକା ଥାନା ଉଲ୍ଲେ ଗ୍ରାମର ଚିଟୁ ହୋତା ଚା ପିଉଥିଲେ। ଏହି ସମୟରେ କେତେକ ବିଜେଡି କର୍ମୀ ତାଙ୍କୁ ଲୁହାରଡ, ଠେଙ୍ଗା ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ସୋନପୁର ଥାନାରେ ମାମଲା ରୁଜୁ ହୋଇଛି। ହେଲେ ଏ ଯାଏ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତିନିଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ କମିଟି ଉପସଭାପତି ବାଲକୃଷ୍ଣ ଦଣ୍ଡସେନା, ସୁରୁବାବୁ ନନ୍ଦ, ଛନକ ସାହୁ, ରମେଶ ଚନ୍ଦ୍ର ବାଗ, ବସୁଦେବ ସାହୁ, ବିଭୂତି ଚୁହାନ ପ୍ରମୁଖ ଉପସ୍ଥିତ ଥିଲେ।

### ବୋଡେନରେ ଖୋଲିଲା ଧାନମଣ୍ଡି

ବୋଡେନ,୩୦।୧୧(ଡି.ଏନ.ଏ.)

ବୋଡେନ ସମବାୟ କୃଷି ସମିତି ଦ୍ୱାରା ମଣ୍ଡି ଖୋଲାଯାଇ ଧାନକିଣା ଶୁଭାରମ୍ଭ କରାଯାଇଛି। ବୋଡେନ ସମବାୟ ସମିତି ମୁଖ୍ୟକାର୍ଯ୍ୟ ନିର୍ବାହୀ ପ୍ରଜେଶ କୁମାର ହଂସଙ୍କ ଉପସ୍ଥିତିରେ ପୂର୍ବତନ ସମବାୟ ସମିତି ସଭାପତି ଲଛମନ ମାଝିଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟନ ହୋଇଥିଲା। ଡାଟା ଅପରେଟର ଜ୍ୟୋତିବଲ୍ଲଭ ବାଗ, ଆଲୋକ ରଞ୍ଜନ ବେହେରା, ପ୍ରଜାପତି ବାଗ, ଧନୁର୍ଯ୍ୟ ମାଝି ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସମସ୍ତ ଚାଷୀମାନଙ୍କୁ ଟୋକନ ଓ ତାରିଖ ନିର୍ଦ୍ଧାରିତ ଅନୁସାରେ ୭ଟାରୁ ୧ ପର୍ଯ୍ୟନ୍ତ ଧାନ ଆଣିବା ପାଇଁ କହିଥିଲେ। ଏଫଏ କ୍ୟୁ ମାନର ଧାନ ଆଣିବା ପାଇଁ ଚାଷୀମାନଙ୍କୁ କୁହାଯାଇଛି। ସେହିଭଳି ବୋଡେନ ବ୍ଲକ ଖଇରା ସମବାୟ ସମିତି ଓ କରଙ୍ଗାମାଲ ସମବାୟ ସମିତରେ ମଧ୍ୟ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି।

# ଅଶ୍ୱିନୀ ହତ୍ୟାକାଣ୍ଡ: ଜଣେ ଗିରଫ

ନୂଆପଡା ଅଫିସ/ଖଡିଆଳ, ୩୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଅଧୀନ ବରପଦର ଗାଁର ଅଶ୍ୱନୀ ବେହେରା ହତ୍ୟାକାଣ୍ଡର ପର୍ଦ୍ଦାଫାଷ କରିଛି ଖଡିଆଳ ପୋଲିସ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଖଡିଆଳ ଶାନ୍ତି ନଗରର ମାନସ ଦାସ(୩୪)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ବ୍ୟବହୃତ ଲୁହା ଅସ୍ତ୍ର, ବାଉଁଶ ଲାଠି, ମୋବାଇଲ ଓ ଏକ ମୋଟରସାଇକେଲ ଜବତ କରାଯାଇଥିବା ଏକ ଖବରଦାତା ସମ୍ମିଳନୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଖଡିଆଳ ବ୍ଲକ ଚନାବେଡା ପଞ୍ଚାୟତ ବରପଦର ଗାଁର ଅଶ୍ୱନୀ ବେହେରାଙ୍କୁ କେତେଜଣ ଦୁର୍ବୃତ୍ତ ଘରେ ଖାଉଥିବା ବେଳେ ଗତ ୨୦୨୧ ଅକ୍ଟୋବର ୧୯ ତାରିଖ ରାତିରେ ଡାକି ନେଇ ହତ୍ୟା କରି ତିଖାଲି କେନାଲ ପାଖରେ ଫିଙ୍ଗି ଦେଇଥିଲେ। ଏ ନେଇ ଅଶ୍ୱନୀଙ୍କ ମା' କୁମାରୀ ବେହେରା ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ସନ୍ଧାନି କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ବରପଦର ଗ୍ରାମବାସୀ ଓ ଖଡିଆଳ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ପଦଯାତ୍ରା ବାହରି ଖଡିଆଳ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ୧୦ ଦିନର ସମୟ ଦେଇଥିଲେ। ଖଡିଆଳ ପୋଲିସ ଘଟଣା ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଧରିବାକୁ ଚେଷ୍ଟା କରି ଶେଷରେ ଗିରଫ କରିଛି।

# ନୂତନ ଶିକ୍ଷାନୀତି ଉପରେ ଆଲୋଚନା

ବଲାଙ୍ଗୀର ଅଫିସ, ୩୦।୧୧

ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ(ଇଟିଇଆଇ)ରେ ଦୁଇଦିନିଆ ମୌଳିକ ସାକ୍ଷରତା ଓ ନୂତନ ଶିକ୍ଷାନୀତି-୨୦୨୦ ଉପରେ ଆଲୋଚନା ଓ ଭାବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରାଘବଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ନୂତନ ଶିକ୍ଷାନୀତି-୨୦୨୦ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଡିଜିଟାଲ ମାଧ୍ୟମରେ ଗଠନମୂଳକ ପାଠ୍ୟତଥ୍ୟ ସଂଗ୍ରହ ଓ ସଂରକ୍ଷଣ ଉପରେ ମୁଖ୍ୟଅତିଥି ପାରିଗ୍ରାହୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଟିଇଆଇ ଅଧକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକ ଓ ଡାଏଟ ଅଧକ୍ଷ ବୃନ୍ଦାବନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ମୌଳିକ ସାକ୍ଷରତାର ବର୍ତ୍ତମାନ ଜରୁରୀ ଓ ଆବଶ୍ୟକତା ଉପରେ କହିଥିଲେ। ଶିକ୍ଷକ ପ୍ରଶିକ୍ଷିକା ଡ. ସୁଧାଂଶୁବାଳା ତ୍ରିପାଠୀ ଦୈନନ୍ଦିନ ଜୀବନରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଆରତୀ ସାହୁ ଜାତୀୟ ଶିକ୍ଷାନୀତିର ମୂଳତତ୍ତ୍ୱ ଓ ରୂପରେଖ ବିଷୟରେ ତଥା ଡ. ମନ୍ଦରଧର ସାହୁ ମୌଳିକ ସାକ୍ଷରତାର ରୂପରେଖ ଓ ଷ୍ଟିୟରମେନଙ୍କ ଦ୍ୱିପାକ୍ଷିକ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏବିଇଓ କୈଳାଶ କୁମାର ପ୍ରଶିକ୍ଷାର୍ଥୀଙ୍କଠାରୁ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିକ୍ରିୟା ମାଗିଥିଲେ। ୩୬ଜଣ କାର୍ଯ୍ୟରତ ଶିକ୍ଷକଙ୍କ ସହ ଶିକ୍ଷକ ପ୍ରଦୀପ ମାଝୀ, ଶିକ୍ଷୟିତ୍ରୀ କଶ୍ମୀରା ନାୟକ, କୁନୀ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆଲୋଚନା ଓ ଭାବ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧନକର୍ମୀ ଓ ଶିକ୍ଷକ।

# କମ୍ ଦରରେ ଧାନ ବିକୁଛନ୍ତି ଚାଷୀ



ଚାଷୀ ଧାନ ଅମଳ ପରେ ଶୁଖାଇଛନ୍ତି।

**ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିନି**

ପଦ୍ମପୁର,୩୦।୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଏଯାଏ ମଣ୍ଡି ଆରମ୍ଭ ହୋଇନାହିଁ। ଫଳରେ ଚାଷୀମାନେ ଧାନ ବିକ୍ରି ପାଇଁ ଚାତକ ଭଳି ଚାହିଁଛନ୍ତି। ବିଗତ ବର୍ଷ ଗୁଡିକରେ ନଭେମ୍ବର ପ୍ରଥମ ସପ୍ତାହରେ ଧାନ ମଣ୍ଡି ଆରମ୍ଭ ହୋଇଥିଲା। ଚଳିତବର୍ଷ କେବଳ ଜଳସେଚିତ ବରଗଡ଼ ଅଞ୍ଚଳରେ ଗତ ୨୫ତାରିଖରେ ମଣ୍ଡି ଖୋଲିଛି। ମାତ୍ର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ୬ଟି ବ୍ଲକରେ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଫଳରେ ଚଳିତ ଖରିଫ ଋତୁରେ ଅନିୟମିତ ବୃଷ୍ଟିପାତ ଓ ରୋଗପୋକ ପ୍ରାଦୁର୍ଭାବ ଭଳି ପ୍ରତିକୂଳ ପରିସ୍ଥିତିରେ ଚାଷୀ ଯାହା କିଛି ଧାନ ସଂଗ୍ରହ କରିଛି ତାକୁ ଅଣ୍ଡର ରେଟ୍‌ରେ ବିକ୍ରି କରିବାକୁ ବାଧ ହେଉଛି। ଅକ୍ଟୋବରରୁ ଛୋଟ ଓ ମଧ୍ୟମ କିସମ ଧାନ ଅମଳ ସରିଛି। ମାତ୍ର ମଣ୍ଡି ଖୋଲି ନ ଥିବାରୁ ଚାଷୀ କୁଇଣ୍ଟାଲ ପ୍ରତି ୧୨ରୁ ୧୩ଶହ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଦିବ୍ୟସିଂହ ବଡମାଲିଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ସେ ଫୋନ ରିସିଭ ନ କରିବାରୁ ମତାମତ ନେବା ସମ୍ଭବ ହୋଇନାହିଁ। ପଦ୍ମପୁର ଉପଖଣ୍ଡରେ ତୁରନ୍ତ ମଣ୍ଡି ନ ଖୋଲିଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଟାଲ ଗ୍ରାମର ଅନନ୍ତ ମିଶ୍ର, ପ୍ରହ୍ଲାଦ ସାହୁ, ଦର୍ଲିଗୁଡାର ନୀଳାମ୍ବର ସାହା, ବିନୋଦ ବରିହା, ବୁବୁଡାର ଗଜାନନ ବୁଡେକ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ପୋଷଣ ଟ୍ରାକର ତାଲିମ କାର୍ଯ୍ୟକ୍ରମ

ଅମରପାଲି,୩୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହରାଜପୁର ବ୍ଲକ୍ ଖଣ୍ଡହଥା ପଞ୍ଚାୟତ ଅଙ୍ଗନବାଡି କେନ୍ଦ୍ର ୧ ପରିସରରେ ପୋଷଣ ଟ୍ରାକର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବୀରାମହରାଜପୁର ଅଧୀନରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଉକ୍ତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁର୍ଷୁଣ୍ଡୀ ଜନସେବା କେନ୍ଦ୍ରର ଗ୍ରାମ୍ୟସ୍ତରୀୟ ଉଦ୍ୟୋଗୀ ଅକ୍ରୁର ନାଏକ ତାଲିମଦାତାଭାବେ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶିକା ସମ୍ୟାସୀମା ସାହୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ମୋବାଇଲ ଆପ ମାଧ୍ୟମରେ କିଭଳି ଗର୍ଭବତୀ, ପ୍ରସୂତି, ଶିଶୁ ଓ କିଶୋରୀ ବାଳିକା ସହଉପସ୍ଥାନ ଆଦି ବିଭିନ୍ନ ତଥ୍ୟ ଠିକ ଭାବେ ପଞ୍ଜୀକରଣ କରାଯାଇପାରିବ ତାହା ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ମୁର୍ଷୁଣ୍ଡୀ, ଜଟେସିଂହା, ସୁବଳୟା, ବହଳପଦର, କେନଝିରିଆପାଲିରେ ମଧ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।